# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଡିସେମ୍ବର ୨୭/୨୦୨୦ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, December 27/2020 | ★★★★★★

୪୭ଶ ଭାଗ ୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଟେଷ୍ଟ ପଦାର୍ପଣରେ ସିରାଜଙ୍କୁ ଉଇକେଟ**

ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିବା ଭାରତୀୟ ବୋଲର ମହମ୍ମଦ ସିରାଜ ଶନିବାର ୨ଟି ଉଇକେଟ ଅକ୍ତିଆର କରିଛନ୍ତି।

୧୬

୧୪

**ଖ୍ରୀଷ୍ଟମାସ୍ ଗୀତରେ ଡ୍ୟାନ୍ସ କଲେ ଅଦା**

ବଲିଉଡ୍ ଅଭିନେତ୍ରୀ ଅଦା ଶର୍ମା ନିଜ ଘର ଛାତ ଉପରେ ଖ୍ରୀଷ୍ଟମାସ୍ ଗୀତରେ ଡ୍ୟାନ୍ସ କରୁଥିବା ଦେଖିବାକୁ ମିଳିଛି।



# ମହିଳା ସଂରକ୍ଷଣକୁ ଜୋର୍

**ଭୁବନେଶ୍ୱର,୨୬।୧୨(ବ୍ୟୁରୋ)**

## ବିଜେଡି ପ୍ରତିଷ୍ଠା ଦିବସ

- ବିଧାନସଭା, ପାର୍ଲାମେଣ୍ଟର ପ୍ରତି ଅଧିବେଶନରେ ଉଠାଯିବ ଏହି ପ୍ରସଙ୍ଗ
- ମହିଳା ସଶକ୍ତୀକରଣ ମୋର ସବୁଠାରୁ ପ୍ରିୟ କାର୍ଯ୍ୟକ୍ରମ: ନବୀନ



ପାର୍ଲାମେଣ୍ଟ ଓ ବିଧାନସଭାରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବା ପାଇଁ ବିଜୁ ଜନତା ଦଳ (ବିଜେଡି) ସ୍ୱରକୁ ଆହୁରି ଜୋର୍‌ଦାର କରିବ। ଲୋକ ସଭା, ରାଜ୍ୟ ସଭା ଏବଂ ବିଧାନସଭାର ପ୍ରତି ଅଧିବେଶନରେ ବିଜେଡି ମହିଳା ସଂରକ୍ଷଣ ବିଷୟ ଜାତୀୟ ଦଳଙ୍କୁ ମନେପକାଇ ଦେବ। ପ୍ରତ୍ୟେକ ପ୍ଲାଟଫର୍ମରେ ଏ ବିଷୟ ଉଠାଯିବ। ମହିଳାମାନଙ୍କୁ ସେମାନଙ୍କ ହକ୍ ମିଳିବା ପର୍ଯ୍ୟନ୍ତ ଦଳ ଉଭୟ ରାଜ୍ୟ ଓ ଜାତୀୟ ସ୍ତରରେ ଲଢେଇ ଜାରି ରଖିବ। ଶନିବାର ରାଜ୍ୟ ମୁଖ୍ୟାଳୟଠାରେ ଅନୁଷ୍ଠିତ ବିଜେଡିର ୨୪ତମ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନିର୍ବାଚନ ଆସିଗଲେ ଜାତୀୟ ଦଳଗୁଡିକ ସେମାନଙ୍କ ଇସ୍ତାହାରରେ ମହିଳା ସଂରକ୍ଷଣ ବିଷୟରେ ବଡ଼ବଡ଼ କଥା କହୁଛନ୍ତି। କିନ୍ତୁ ନିର୍ବାଚନ ସରିଗଲେ ଆରାମରେ ସେକଥା ଭୁଲି ଯାଉଛନ୍ତି। ଆମେ କେବେ ଆମ ଜନସଂଖ୍ୟାର ଅଧାଲୋକଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିପାରିବୁ ନାହିଁ। ମହିଳାମାନେ ଦେଶର ରାଜନୈତିକ କ୍ଷେତ୍ରରେ ସେମାନଙ୍କର ନ୍ୟାଯ୍ୟ ଅଧିକାର ପାଇବାକୁ ହକ୍‌ଦାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମହିଳା ସଶକ୍ତୀକରଣ ହେଉଛି ମୋର ସବୁଠାରୁ ପ୍ରିୟ କାର୍ଯ୍ୟକ୍ରମ। ମା' ଆଗେଇଲେ ଦେଶ ଆଗେଇବ, ସମାଜ ଆଗେଇବ। ବିଜୁବାବୁଙ୍କ ପଂକ୍ତିକୁ ଉଦ୍ଧାର କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଜୁବାବୁ କହୁଥିଲେ, ''ମୁଁ ନିଶ୍ଚିତ ଯେ ଦକ୍ଷତାର ସହ ଘର ଚଳାଉଥିବା ମା' ଓ ଭଉଣୀମାନେ ପଞ୍ଚାୟତ ସମିତି ଓ ଜିଲାପରିଷଦକୁ ସମାନ ଦକ୍ଷତାରେ ଚଲାଇ ପାରିବେ।'' ମା'ମାନେ ହେଉଛନ୍ତି ସମାଜ ଚକର ଅଖ। ସେମାନଙ୍କ ବିନା ପ୍ରଗତିର ରଥ ଗଡ଼ିବ ନାହିଁ। ଭାରତର ସବୁ ମହିଳାଙ୍କ ନିକଟରେ ଏହି ଆହ୍ୱାନ ପହଞ୍ଚାଇବୁ। ଗାଁ ଗାଁରେ ଘରେ ଘରେ ମା'ମାନଙ୍କୁ ସଚେତନ କରାଇବୁ ଓ ଏହାକୁ ଏକ ଆନ୍ଦୋଳନର ରୂପ ଦେବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୧୯୯୨ରେ ବିଜୁବାବୁ ମହିଳାଙ୍କ ପାଇଁ ପଞ୍ଚାୟତ, ପୌର ପରିଷଦ ଏବଂ ସରକାରୀ ଚାକିରିରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରି ସାରା ଦେଶରେ ଇତିହାସ ସୃଷ୍ଟି କରିଥିଲେ। ବିଜୁବାବୁଙ୍କ ଆଦର୍ଶରେ ଚାଲିଥିବା ଆମ ସରକାର ପଞ୍ଚାୟତ ଓ ପୌର ପରିଷଦରେ ମା'ମାନଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ କରିଛନ୍ତି। କେବଳ ସେତିକି ନୁହେଁ, ବିଜୁ ଜନତା ଦଳ ପାର୍ଲାମେଣ୍ଟ ଓ ବିଧାନସଭାରେ ମହିଳାମାନଙ୍କୁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ଦେବାକୁ ଲଢେଇ କରୁଛି। ଆମେ କଥାରେ ନୁହେଁ, କାମରେ ବିଶ୍ୱାସ କରୁ। ବିଜେଡି ଦେଶର ଏକମାତ୍ର ଦଳ, ଯିଏ କି ୨୦୧୯ ସାଧାରଣ ନିର୍ବାଚନରେ ୩୩ ପ୍ରତିଶତ ମହିଳାଙ୍କୁ ଟିକେଟ ଦେଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସମାଜରେ ନାରୀର ଗୁରୁତ୍ୱ କେତେ ତାହା ଆମ ଲକ୍ଷ୍ମୀ ପୁରାଣ ହିଁ କହିଥାଏ। ନିଜେ ମହାପ୍ରଭୁ ମଧ୍ୟ ଏହା ସ୍ୱୀକାର କରିଛନ୍ତି। ଓଡ଼ିଶାରେ ୮୦ ଲକ୍ଷ ମହିଳା ମିଶନ ଶକ୍ତି ଆନ୍ଦୋଳନରେ ସାମିଲ ହେଲେଣି। ସେମାନେ ବିଭିନ୍ନ କ୍ଷେତ୍ରରେ ଯେପରି ଦକ୍ଷତାର ସହ ସେମାନଙ୍କ ଦାୟିତ୍ୱ ତୁଲାଉଛନ୍ତି ନ ଦେଖିଲେ ବିଶ୍ୱାସ କରିହେବ ନାହିଁ। ମହିଳାମାନେ ସଶକ୍ତ ହେଲେ ଦେଶ ସଶକ୍ତ ହେବ। କୌଣସି ଘର, ସମାଜ, ରାଜ୍ୟ କିମ୍ବା ଦେଶ ମହିଳା ସଶକ୍ତ ବିନା ଆଗକୁ ଯାଇପାରିବ ନାହିଁ। ଯଦି ଆମକୁ ଆଗୁଆ ଦେଶଗୁଡ଼ିକ ସହ ପ୍ରତିଦ୍ୱନ୍ଦ୍ୱିତା କରିବାର ଅଛି ତେବେ ମା'ମାନଙ୍କୁ ସେମାନଙ୍କର ହକ୍ ଦେବାକୁ ହେବ। ଏ ଦିଗରେ ବିଜେଡି ସବୁ ବେଳେ ଆଗରେ ରହିଛି ଏବଂ ରହିବ।

ବିଜୁବାବୁଙ୍କ ଆଦର୍ଶକୁ ନେଇ ଗଠିତ ସାଢ଼େ ୪ କୋଟି ଓଡ଼ିଆଙ୍କ ପ୍ରିୟ ଦଳ ବିଜେଡି ଓଡ଼ିଶାବାସୀଙ୍କ ବିଶ୍ୱାସ ଓ ଲକ୍ଷ ଲକ୍ଷ କର୍ମୀ ଭଉଣୀଭାଇଙ୍କ ପରିଶ୍ରମ ଯୋଗୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି। ମା'ମାନେ ହେଉଛନ୍ତି ଏହି ସାମାଜିକ ଆନ୍ଦୋଳନର ଆତ୍ମା। ଏକ ସଶକ୍ତ ମହିଳା ସମାଜ ହିଁ ଏକ ସଶକ୍ତ ଓଡ଼ିଶା ଗଠନ କରି ପାରିବ। ଏହି ସାମାଜିକ ଆନ୍ଦୋଳନରେ ସାମିଲ ହେବା ପାଇଁ ନବୀନ ମହିଳାମାନଙ୍କୁ ଆହ୍ୱାନ ଦେଇଛନ୍ତି।

# ଜଗା ଦର୍ଶନ କଲେ ପୁରୀବାସୀ



**ପୁରୀ ଅଫିସ,୨୬।୧୨**

- ପ୍ରଥମ ଦିନରେ ୯,୮୩୨ ଦର୍ଶନ କଲେ
- ଶୃଙ୍ଖଳିତ ଦର୍ଶନ, ଭାବବିହ୍ୱଳ ପରିବେଶ

ଶ୍ରୀମନ୍ଦିର ଖୋଲିବାର ୩ଦିନ ପରେ ଶନିବାର ସ୍ଥାନୀୟ ଲୋକେ ଦର୍ଶନ କରିବାର ସୁଯୋଗ ପାଇଛନ୍ତି। ପ୍ରଥମ ଦିନରେ ୩ଟି ପର୍ଯ୍ୟାୟରେ ପୁରୀବାସୀ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଛନ୍ତି। ସକାଳ ବେଳା ୬ ଓ ୯ ନମ୍ବର, ଅପରାହ୍ନରେ ୧୨ ଓ ୧୫ ନମ୍ବର ଓ ସନ୍ଧ୍ୟାରେ ୧୧,୨ ଓ ୩ ନମ୍ବର ୱାର୍ଡର ଲୋକଙ୍କୁ ଏହି ଦର୍ଶନ ସୁବିଧା ମିଳିଥିଲା। ରାତ୍ର ସାଢ଼େ ୯ଟାରେ ପହଡ଼ ଶେଷ ହୋଇଥିଲା। ପ୍ରଥମ ଦିନରେ ୯,୮୩୨ଜଣ ଭକ୍ତ ଦର୍ଶନ କରିଛନ୍ତି। ସକାଳ ୭.୩୦ରେ ପୂର୍ବରୁ ନିର୍ଦ୍ଧାରିତ ୱାର୍ଡର ଲୋକେ ବହୁ ସଂଖ୍ୟାରେ ଏକାଠି ହୋଇଥିଲେ। ପ୍ରଥମେ ଜଗନ୍ନାଥ ବଲ୍ଲଭଠାରୁ ଆରମ୍ଭ ହୋଇଥିବା ବ୍ୟାରିକେଡରେ ନିଜ ପରିଚୟ ପତ୍ର ଓ ଟୋକନ୍ ଦେଖାଇ କରିଡର ମଧ୍ୟରେ ପ୍ରବେଶ କରିଥିଲେ। ଯେଉଁ ବ୍ୟକ୍ତିମାନଙ୍କୁ ପୌରସଂସ୍ଥା ପକ୍ଷରୁ ଟୋକନ୍ ମିଳି ନ ଥିଲା, ସେମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ଆସି ଜଗନ୍ନାଥ ବଲ୍ଲଭ ଟୋକନ୍ କାଉଣ୍ଟରରୁ ନିଜ ନିଜ ଟୋକନ୍ ସଂଗ୍ରହ କରିଥିଲେ। କରିଡର ଶେଷ କରିବା ପରେ ଭକ୍ତମାନେ ଶ୍ରୀମନ୍ଦିର ☞ପୃଷ୍ଠା-୧୧

**ଆଜିର ସମ୍ପାଦକୀୟ** | ଠିକ୍ ବାଟ ଧରନ୍ତୁ

# ଯେତେ ଖୋଜିଲେ ସେତେ ମିଳୁଛି

## ଧଳସାମନ୍ତ ଭ୍ରାତାଙ୍କ ଘରୁ ବିପୁଳ ଟଙ୍କା, ଅସ୍ତ୍ର ଜବତ

**କଟକ ଅଫିସ,୨୬।୧୨**



ଜବତ ବନ୍ଧୁକ, ଗୁଳି ଓ ଟଙ୍କା।

ଗ୍ୟାଙ୍ଗଷ୍ଟାର ଧଳସାମନ୍ତ ଭ୍ରାତାଙ୍କ ଘରେ ପୋଲିସ ଯେତେ ଖୋଜୁଛି ସେତେ ମିଳୁଛି ବନ୍ଧୁକ, ଗୁଳି ଓ ଟଙ୍କା। ଦୁଇଦିନର ତନାଘନା ପରେ କମିଶନରେଟ ପୋଲିସ ୩ ବନ୍ଧୁକ, ୫ ମାଗାଜିନ, ୧୭୫ ଗୁଳି ଓ ୧୬ ଲକ୍ଷ ୫୦ ହଜାର ଟଙ୍କା ଜବତ କରିଛି। ସୁଶାନ୍ତ ଓ ସୁଶୀଲ ଜେଲ୍‌ରେ ଥିଲେ ମଧ୍ୟ ସହଯୋଗୀଙ୍କ ସହାୟତାରେ ଆପରାଧିକ କାର୍ଯ୍ୟକଳାପ ଚାଲୁ ରଖିଥିଲେ। ବନ୍ଧୁକ ଚୋରାକାରବାର ସହ ବାଲିଘାଟ ଓ ମଦ ଦୋକାନରୁ ନିୟମିତ ଦାଦାବଟି ଆଦାୟ କରୁଥିଲେ। ନିଜ ପତିଆରା ବୃଦ୍ଧି କରିବା ପାଇଁ ଏହି ସବୁ ଆପରାଧିକ କାର୍ଯ୍ୟ କରୁଥିଲେ ଜଣାପଡ଼ିଛି। ଜାମିନରେ ଫେରିଥିବା ସହଯୋଗୀ ଓ ନୂଆ କରି ଅପରାଧ ଦୁନିଆରେ ପାଦ ଥାପୁଥିବା ଯୁବପିଢିଙ୍କୁ ଗ୍ୟାଙ୍ଗରେ ସାମିଲ କରାଯାଉଥିଲା। ସେମାନଙ୍କ ହାତରେ ବନ୍ଧୁକ, ଗୁଳି ଧରାଇ ଦେଇ ବିଭିନ୍ନ ସଂଗଠିତ ଅପରାଧ ଘଟା ଯାଉଥିଲା। ଖାସ କରି ବାଲିଘାଟ ଓ ମଦ ଦୋକାନରୁ ମାସିକିଆ ବଟି ଆଦାୟ କରିବା ମୁଖ୍ୟ କାମ ଥିଲା। ଗ୍ୟାଙ୍ଗଷ୍ଟର ସୁଶୀଲ ଓ ସୁଶାନ୍ତ ଧଳସାମନ୍ତ ଭ୍ରାତାଙ୍କୁ ୨ଦିନିଆ ରିମାଣ୍ଡରେ ଆଣି ଖୋଳତାଡ଼ କରିବା ପରେ ଏଭଳି ତଥ୍ୟ ପୋଲିସ ଜାଣିବାକୁ ପାଇଛି। ଶୁକ୍ରବାର ଓ ଶନିବାର ୨ଦିନ ଧରି ଚଢ଼ାଉ କରିବା ପରେ ରିମାଣ୍ଡର ଶେଷ ଦିନରେ ପୁଣି ତାଙ୍କ ଘରୁ ୩ବନ୍ଧୁକ, ୫ ମାଗାଜିନ ଓ ୧୭୫ ରାଉଣ୍ଡ ଜୀବନ୍ତ ଗୁଳି ଜବତ ହୋଇଛି। ସେହିପରି ଦାଦାବଟି ବାବଦରେ ଆଦାୟ ହୋଇଥିବା ନଗଦ ୧୬ ଲକ୍ଷ ୫୦ ହଜାର ଟଙ୍କା ମଧ୍ୟ ଜବତ ହୋଇଥିବା ଶନିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ ସିଂହ ସୂଚନା ଦେଇଛନ୍ତି।

ଗତ ୯ ତାରିଖରେ ପ୍ରକାଶ ବେହେରା ଧରାପଡ଼ିବା ପରେ ଧଳସାମନ୍ତ ଭ୍ରାତାଙ୍କ ବନ୍ଧୁକ, ଗୁଳି କାରବାର ଘଟଣା ସାମ୍ନାକୁ ଆସିଥିଲା। ପ୍ରକାଶଙ୍କ ସୂଚନା ଆଧାରରେ ପୋଲିସ ମର୍କତନଗରସ୍ଥିତ ଧଳସାମନ୍ତ ଭ୍ରାତାଙ୍କ ଘରେ ଚଢ଼ାଉ କରିଥିଲା। ଏହି ସମୟରେ ଘରେ ବିଭିନ୍ନ ଗୁପ୍ତସ୍ଥାନରେ ଲୁଚାଇ ରଖାଯାଇଥିବା ୧୬ ବନ୍ଧୁକ, ୧୦୯୫ ଜୀବନ୍ତ ଗୁଳି ଓ ୨୪ ମାଗାଜିନ ଜବତ କରାଯାଇଥିଲା । ଏହି ଲିଙ୍କ୍‌ରେ କଟକ ପୋଲିସ ଗତ ୧୬ରେ ଜିଲା ବାହାରୁ ପୁଣି ୭ଟି ବନ୍ଧୁକ, ୩୫ ଜୀବନ୍ତ ଗୁଳି ଜବତ କରିଥିଲା। ସମସ୍ତ ଅସ୍ତ୍ରଶସ୍ତ୍ର କାରବାରର ମୂଳଉତ୍ସ ଜେଲ୍‌ରେ ଥିବା ଡି-ବ୍ରଦର୍ସ ବୋଲି ତଦନ୍ତରୁ ଜଣାପଡ଼ିଥିଲା। କାରବାରର ଚେର ଖୋଜିବା ଲାଗି ପୋଲିସ ସୁଶାନ୍ତ ଓ ସୁଶୀଲଙ୍କୁ ୨ଦିନିଆ ରିମାଣ୍ଡରେ ଆଣି ମାରାଥନ ଜେରା କରିଥିଲା । ଏମିତିକି ଦୁଇ ଭାଇଙ୍କୁ ପୃଥକ ପୃଥକ ଭାବେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ସିଡିଏ ମର୍କତନଗରସ୍ଥିତ ଘରକୁ ନିଆଯାଇଥିଲା। ଘର ଭିତରେ ଥିବା କାଚ ଶୋ' କେସ୍, ଛାତ ଉପର ସିଲିଂ, ଫର୍ନିଚର ର୍ୟାକ ଆଦିକୁ ଭାଙ୍ଗିବା ପରେ ସେଠାରୁ ପୁଳାପୁଳା ଗୁଳି ମିଳିଥିଲା। ସେହିପରି ଛାତ ଉପରେ ଥିବା ପାଣି ଟାଙ୍କି ଓ ଅଣ୍ଡର ଗ୍ରାଉଣ୍ଡ ଗ୍ୟାରେଜରେ ଥିବା ଏକ ସିକ୍ରେଟ ଚାମ୍ବରରୁ ୩ଟି ବନ୍ଧୁକ ମିଳିଥିଲା। ମୋଟାମୋଟି ଭାବେ ଘରର ୫୦ ପ୍ରତିଶତ କାନ୍ଥ ଓ ଛାତର ଇଣ୍ଟିରିଅର ଡେକୋରେଶନକୁ ଭାଙ୍ଗିବା ପରେ ☞ପୃଷ୍ଠା-୪




# କଣ୍ଟାପଡ଼ା ନୂଆସାହି କଣ୍ଟେନମେଣ୍ଟ ଜୋନ୍

**କଣ୍ଟାପଡ଼ା, ୨୬।୧୨(ଡି.ଏନ୍.ଏ.)**

କିଛିଦିନର ବ୍ୟବଧାନ ପରେ କଟକ ଜିଲା କଣ୍ଟାପଡା ବ୍ଲକର ଝାରପଡା ଓ ପାଟସୁନ୍ଦରପୁର ପଞ୍ଚାୟତରେ ଶୁକ୍ରବାର ୧୭ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପାଟସୁନ୍ଦରପୁର ପଞ୍ଚାୟତ ଅଧୀନ ଖଣ୍ଡସାଇଲୋ ଗ୍ରାମର ନୂଆସାହିକୁ ଶନିବାର ସକାଳ ୬ଟାରୁ ଆସନ୍ତା ଜାନୁୟାରୀ ୪ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରିଛି। ଉକ୍ତ ସାହିକୁ ସାଧାରଣ ଲୋକଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଝାରପଡା ପଞ୍ଚାୟତରେ ଗୋଟିଏ ପରିବାରର ୩ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ☞ପୃଷ୍ଠା-୪



ଦିଲ୍ଲୀ-ଉତ୍ତରପ୍ରଦେଶ ସୀମାରେ ଆନ୍ଦୋଳନରତ ଚାଷୀ।

# ୨୯ରେ କେନ୍ଦ୍ର-କୃଷକ ଆଲୋଚନା

**ନୂଆଦିଲ୍ଲୀ, ୨୬।୧୨**

ନୂଆ କୃଷି ଆଇନ ବିରୋଧରେ ଚାଷୀଙ୍କ ଆନ୍ଦୋଳନ ମାସେ ଅତିକ୍ରମ କରିଥିବାବେଳେ ଅଚଳାବସ୍ଥା ଦୂର ଲାଗି ସରକାରଙ୍କ ସହ ଆଲୋଚନା ପାଇଁ କୃଷକ ନେତାମାନେ ଶନିବାର ରାଜି ହୋଇଛନ୍ତି। ଆସନ୍ତା ୨୯ ତାରିଖ ପୂର୍ବାହ୍ନ ୧୧ଟାରେ ପରବର୍ତ୍ତୀ ବୈଠକ ପାଇଁ କୃଷକ ସଂଗଠନ ସରକାରଙ୍କୁ ପ୍ରସ୍ତାବ ଦେଇଛି। ୪୦ କୃଷକ ୟୁନିୟନକୁ ନେଇ ଗଠିତ ସଂଗଠନ ସଂଯୁକ୍ତ କିଷାନ ମୋର୍ଚ୍ଚା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ୩ କୃଷି ଆଇନ ପ୍ରତ୍ୟାହାର ପ୍ରକ୍ରିୟା ଏବଂ ଏମ୍‌ଏସ୍‌ପି ଉପରେ ଆଇନଗତ ଗ୍ୟାରେଣ୍ଟି ଆଲୋଚନାରେ ସ୍ଥାନ ପାଇବା ଆବଶ୍ୟକ ବୋଲି କୃଷକ ନେତାମାନେ କହିଛନ୍ତି।

ପୂର୍ବରୁ ଚାଷୀ ସଂଗଠନ ସହ ସରକାରଙ୍କ ୫ ପର୍ଯ୍ୟାୟ ଆଲୋଚନା ବିନା ନିଷ୍କର୍ଷରେ ଶେଷ ହୋଇଥିଲା। ଆଇନ ପ୍ରତ୍ୟାହାର ଦାବିରେ ଚାଷୀମାନେ ଅଟଳ ରହିଥିବାବେଳେ କେତେକ ସଂଶୋଧନ ପାଇଁ ସରକାର ପ୍ରସ୍ତାବ ଦେଇଥିଲେ। ପୁନର୍ବାର ଆଲୋଚନା ପାଇଁ ସରକାର କୃଷକ ନେତାମାନଙ୍କୁ ଆମନ୍ତ୍ରଣ କରିବା ସହ ବୈଠକ ତାରିଖ ସ୍ଥିର କରିବାକୁ କହିଥିଲେ। ଅନ୍ୟ କେଉଁ ପ୍ରସଙ୍ଗ ଉପରେ ଆଲୋଚନା ଚାହୁଁଛନ୍ତି ସବିଶେଷ ଜଣାଇବା ପାଇଁ କୃଷି ମନ୍ତ୍ରଣାଳୟର ଯୁଗ୍ମ ସଚିବ ବିବେକ ଅଗ୍ରୱାଲ କୃଷକ ସଂଗଠନଗୁଡ଼ିକୁ ପତ୍ର ଲେଖିଥିଲେ। ପତ୍ରର ଉତ୍ତରରେ ଚାଷୀମାନେ ୪-ସୂତ୍ରୀ କାର୍ଯ୍ୟସୂଚୀ ପଠାଇଛନ୍ତି।

ଦିଲ୍ଲୀ ସୀମାର ବିଭିନ୍ନ ସ୍ଥାନରେ ଚାଷୀମାନେ ଶୀତ କାକରରେ ମାସେ ହେଲା ପଡ଼ିରହିଥିବାବେଳେ ସେମାନଙ୍କ ସହ ଅଧିକରୁ ଅଧିକ ଲୋକ ସାମିଲ ହେବାରେ ଲାଗିଛନ୍ତି। ପଞ୍ଜାବରୁ ଆଉ କେତେକ ବ୍ୟାଚ୍ ଚାଷୀ ସାଙ୍ଗରେ ରାଶନ ଓ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଧରି ଶନିବାର ଆନ୍ଦୋଳନ ସ୍ଥଳ ଅଭିମୁଖେ ବାହାରିଛନ୍ତି। ସାଙ୍ଗୁର, ଅମୃତସର, ତରନତାରନ, ଗୁରୁଦାସପୁର ଏବଂ ବଠିଣ୍ଡା ଜିଲାରୁ ଏହି ଚାଷୀମାନେ ସିଙ୍ଘୁ ଓ ଟିକ୍ରି ସୀମା ଅଭିମୁଖେ ଯାଉଛନ୍ତି।

## ଏନ୍‌ଡିଏ ଛାଡ଼ିଲା ଆର୍‌ଏଲ୍‌ପି

**ଜୟପୁର, ୨୬।୧୨**

ନୂଆ କୃଷି ଆଇନ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ଓ ଚାଷୀ ଆନ୍ଦୋଳନର ସମାଧାନ କରିବାରେ ବିଫଳତାକୁ ନେଇ ଭାଜପା ସହଯୋଗୀ ରାଷ୍ଟ୍ରୀୟ ଲୋକତାନ୍ତ୍ରିକ ପାର୍ଟି (ଆର୍‌ଏଲ୍‌ପି) ଶନିବାର ଏନ୍‌ଡିଏ ମେଣ୍ଟରୁ ଓହରିଯାଇଛି। ନୂଆ କୃଷି ଆଇନକୁ ବିରୋଧ କରି ସେ ମେଣ୍ଟ ଛାଡୁଥିବା ଆର୍‌ଏଲ୍‌ପି ମୁଖ୍ୟ ହନୁମାନ ବେନିୱାଲ କହିଛନ୍ତି। ☞ପୃଷ୍ଠା-୪

## ଦିଲ୍ଲୀ ପୋଲିସଙ୍କୁ ଟିକା ଖୁବ୍‌ଶୀଘ୍ର

ଦିଲ୍ଲୀ ପୋଲିସଙ୍କୁ କୋଭିଡ୍ ଟିକାଦାନ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଟିକାଦାନ ତାରିଖ, ସମୟ ଓ ସ୍ଥାନ ସମ୍ପର୍କରେ ସେମାନଙ୍କୁ ଏସ୍‌ଏମ୍‌ଏସ୍ ଯୋଗେ ଜଣାଇଦିଆଯିବ। ଟିକାକରଣ ପାଇଁ ନୋଡାଲ ଅଫିସର ଥିବା ବରିଷ୍ଠ ପୋଲିସ ଅଧିକାରୀ ମୁକେଶ ଚନ୍ଦର ଏହି ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବିସ୍ଫୋରଣରେ ୪ ନିହତ

**କାବୁଲ, ୨୬।୧୨ (ଆଇଏଏନ୍‌ଏସ୍):** ଆଫଗାନିସ୍ତାନ ରାଜଧାନୀ କାବୁଲର ବିଭିନ୍ନ ସ୍ଥାନରେ ଶନିବାର ସକାଳେ ସିରିଜ୍ ବିସ୍ଫୋରଣ ଘଟି ୨ ପୋଲିସଙ୍କ ସମେତ ୪ ଜଣ ନିହତ ହୋଇଛନ୍ତି। ଏଥିରେ ଅନ୍ୟ ୪ ଜଣ ଆହତ ହୋଇଥିବା ଜଣାପଡ଼ିଛି। ବିସ୍ଫୋରଣରେ ଆଇଇଡି ବ୍ୟବହାର କରାଯାଇଥିଲା। କୌଣସି ସଂଗଠନ ବିସ୍ଫୋରଣ ପାଇଁ ନିଜକୁ ଦାୟୀ କରିନାହାନ୍ତି। ମଙ୍ଗଳବାର କାବୁଲସ୍ଥିତ ଦେଶର ସର୍ବବୃହତ୍ ଜେଲ ପରିସରରେ ହୋଇଥିବା ବିସ୍ଫୋରଣରେ ୨ ମହିଳା ଡାକ୍ତରଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିଦିନ କାବୁଲ ସାମରିକ ବିଶ୍ୱବିଦ୍ୟାଳୟରେ ଗୁଳିକାଣ୍ଡ ଘଟି ଜଣେ କଲୋନେଲ ଓ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଥିଲା। ଡିସେମ୍ବର ୧୭ରୁ ୨୦ ମଧ୍ୟରେ ଆଫଗାନିସ୍ତାନରେ ବିଭିନ୍ନ ବିସ୍ଫୋରଣରେ ୨୮ ଜଣଙ୍କ ଜୀବନ ଯାଇଥିବାବେଳେ ୪୭ ଜଣ ଆହତ ହୋଇଥିବା ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ମଡର୍ନାର ପାର୍ଶ୍ୱ ପ୍ରତିକ୍ରିୟା

**ୱାଶିଂଟନ, ୨୬।୧୨:** ଆମେରିକାର ବୋଷ୍ଟନଠାରେ ମଡର୍ନା କୋଭିଡ୍ ଟିକା ନେଇଥିବା ଜଣେ ଡାକ୍ତରଙ୍କଠାରେ ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଛି। ବୋଷ୍ଟନ ମେଡିକାଲ ସେଣ୍ଟରର ଜେରିଆଟ୍ରିକ୍ ଅନ୍‌କୋଲୋଜି ଡାକ୍ତର ହୋସେନ୍ ସଦରଜାଦେ ମଡର୍ନା ଟିକା ନେଇଥିଲେ। ଏହାର କିଛି ସମୟ ପରେ ତାଙ୍କଠାରେ ଆଲର୍ଜି ଦେଖାଦେଇଥିଲା। ତାଙ୍କ ମୁଣ୍ଡ ବୁଲେଇବା ସହ ହୃଦ୍‌ସ୍ପନ୍ଦନ ବଢ଼ିଯାଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା କରାଯାଇଥିଲା। ଆମେରିକାରେ ମଡର୍ନା ଟିକାକରଣ କାର୍ଯ୍ୟକ୍ରମ ସପ୍ତାହେ ହେଲା ଚାଲିଥିବାବେଳେ ଏହା ପ୍ରଥମ ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟା ବୋଲି କୁହାଯାଉଛି।

### 'ମାଫିଆଙ୍କୁ ପୋତିଦେବି'


ଶିବରାଜ ସିଂ ଚୌହାନ

**ଭୋପାଳ, ୨୬।୧୨ :** ମଧ୍ୟପ୍ରଦେଶରେ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ମାଫିଆମାନଙ୍କୁ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ କଡ଼ା ଚେତାବନୀ ଦେଇଛନ୍ତି। ଯଦି ସେମାନେ ରାଜ୍ୟ ଛାଡ଼ି ନ ଯାଆନ୍ତି, ତେବେ ୧୦ ଫୁଟ ଗଭୀରରେ ପୋତିଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମବାର୍ଷିକୀକୁ ସ୍ମରଣୀୟ କରିବା ଲାଗି ଆୟୋଜିତ ସୁଶାସନ ଦିବସ ଉତ୍ସବ ଅବସରରେ ଉଦ୍‌ବୋଧନ ଦେଇ ଶିବରାଜ କହିଥିଲେ, ମାଫିଆମାନେ ତୁରନ୍ତ ରାଜ୍ୟ ଛାଡ଼ି ପଳାଇଯାଆନ୍ତୁ। ନହେଲେ ସେମାନଙ୍କୁ ୧୦ ଫୁଟ ଗଭୀର ଗାତରେ ପୋତିଦିଆଯିବ ଓ ସେମାନଙ୍କ ପତ୍ତା ମିଳିବ ନାହିଁ।

### ୨ ଆତଙ୍କବାଦୀ ନିହତ

**ଶ୍ରୀନଗର, ୨୬।୧୨:** ଜମ୍ମୁ-କଶ୍ମୀରର ସୋପିଆନ ଜିଲାରେ ସୁରକ୍ଷା କର୍ମୀଙ୍କ ଗୁଳିରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଶୁକ୍ରବାର ରାତିରେ ତଲାସି ଅଭିଯାନ ବେଳେ ସୁରକ୍ଷା କର୍ମୀଙ୍କ ଉପରେ ଆତଙ୍କବାଦୀମାନେ ଗୁଳିଚାଳନା କରିଥିଲେ। ଭାରତୀୟ ଯବାନଙ୍କ ପାଲଟା ଗୁଳିରେ ଉଭୟଙ୍କ ମୃତ୍ୟୁ ଘଟିଛି। ସେହିପରି ଆତଙ୍କବାଦୀ ସଙ୍ଗଠନ ଦି ରେଜିଷ୍ଟାନ୍ସ ଫୋର୍ସର ୨ ସଦସ୍ୟଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ସେମାନଙ୍କଠାରୁ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଜବତ ହୋଇଛି।

## ୨୧ ବର୍ଷୀୟା ମେୟର



**ଥିରୁଭାନନ୍ତପୁରମ୍, ୨୬।୧୨:** ମାତ୍ର ୨୧ ବର୍ଷ ବୟସରେ ଥିରୁଭାନନ୍ତପୁରମର ମେୟର ହେବାକୁ ଯାଉଛନ୍ତି ଆର୍ଯ୍ୟା ରାଜେନ୍ଦ୍ରନ। ଦାୟିତ୍ୱ ନେବା ପରେ ସେ ଦେଶର ସର୍ବକନିଷ୍ଠା ମେୟର ହେବାରେ ରେକର୍ଡ କରିବେ। ଗଣିତରେ ସ୍ନାତକ କରୁଥିବା ଆର୍ଯ୍ୟା ସିପିଆଇ(ଏମ୍) ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ସହର ନିଗମର ମୁଦାଭାନମୁଗଲ ୱାର୍ଡରୁ ଲଢ଼ି ବିପକ୍ଷ ୟୁଡିଏଫ୍ ପ୍ରାର୍ଥୀ ଶ୍ରୀକାଲାଙ୍କୁ ସେ ୨୮୭୨ ଭୋଟରେ ପରାସ୍ତ କରିଛନ୍ତି। ଅଲ୍ ସେଣ୍ଟସ୍ କଲେଜର ଏହି ଛାତ୍ରୀ ବାଲାସଙ୍ଗମ୍ ରାଜ୍ୟ ସଭାପତି ରହିବା ସହ ଷ୍ଟୁଡେଣ୍ଟ୍ସ ଫେଡେରେଶନ ଅଫ୍ ଇଣ୍ଡିଆ(ଏସ୍‌ଏଫ୍‌ଆଇ)ର ରାଜ୍ୟ କାର୍ଯ୍ୟାଳୟ ଦାୟିତ୍ୱରେ ରହିଥିଲେ। ମେୟର ପଦବୀ ପାଇଁ ଜଣେ ଯୁବ ଚେହେରା ଖୋଜା ଚାଲିଥିବାବେଳେ ସିପିଏମ୍ ପକ୍ଷରୁ ଏଥିପାଇଁ ଆର୍ଯ୍ୟାଙ୍କୁ ବଛାଯାଇଥିଲା। ଆର୍ଯ୍ୟାଙ୍କ ବାପା ରାଜେନ୍ଦ୍ରନ ଜଣେ ଇଲେକ୍ଟ୍ରିସିଆନ ହୋଇଥିବାବେଳେ ମା' ଶ୍ରୀଲତା ଜଣେ ଏଲ୍‌ଆଇସି ଏଜେଣ୍ଟ। କାର୍ଯ୍ୟରେ ଯୋଗ ଦେବାପରେ ତାଙ୍କୁ ଯେଉଁ ଦାୟିତ୍ୱ ମିଳିବ ତାହାକୁ ସୁଚାରୁରୂପେ ତୁଲାଇବାକୁ ସେ ପ୍ରାଥମିକତା ଦେବେ ବୋଲି କହିଛନ୍ତି।

## ଓସ୍କାର ଦୌଡ଼ରେ ସୁଦାନ ଫିଲ୍ମ



**କାଇରୋ,୨୬।୧୨:** ଅନ୍ତର୍ଜାତୀୟ ପୁରସ୍କାର ଦୌଡ଼ରେ ଦୀର୍ଘଦିନରୁ ବାଦ୍ ପଡିଥିବା ସୁଦାନ ଏବେ ଏଥିରେ ପ୍ରବେଶ ପାଇଁ ପଦକ୍ଷେପ ନେଇଛି। ଓସ୍କାର ପୁରସ୍କାର ପାଇବାକୁ ସୁଦାନର ଫିଲ୍ମ ଇଣ୍ଡଷ୍ଟ୍ରି ପ୍ରଥମ ଥର ପାଇଁ ନିଜକୁ ତାଲିକାଭୁକ୍ତ କରିଛି। ୟୁରୋପୀୟ ଏବଂ ଇଜିପ୍ଟ କମ୍ପାନୀ ଦ୍ୱାରା ନିର୍ମିତ ଫିଲ୍ମ 'ୟୁ ଉଇଲ୍ ଡାଏ ଆଟ ଟ୍ୱେଣ୍ଟି' ଶ୍ରେଷ୍ଠ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବ। କାହାଣୀଟି ଜଣେ ଯୁବକଙ୍କ ଉପରେ ଆଧାରିତ ଯାହାଙ୍କ ମୃତ୍ୟୁ ୨୦ ବର୍ଷରେ ହୋଇଯିବ ବୋଲି ଭବିଷ୍ୟବାଣୀ ହୋଇଛି। ଜଣେ ଧର୍ମଗୁରୁ ଏହି ଭବିଷ୍ୟବାଣୀ କରିବା ପରେ କିପରି ସମ୍ପୃକ୍ତ ଶିଶୁଙ୍କ ସହ ମହିଳାଙ୍କୁ ତାଙ୍କ ସ୍ୱାମୀ ଛାଡ଼ି ଦେଇଛନ୍ତି ଏବଂ ୨୦ ବର୍ଷ ପର୍ଯ୍ୟନ୍ତ ପିଲାଟି ଉପରେ କିପରି ମହିଳା ଜଣକ ନଜର ରଖି ତାଙ୍କୁ ବଡ଼ କରିଛନ୍ତି ତାହା ଅତି ରୋଚକ ଢଙ୍ଗରେ ଦର୍ଶାଯାଇଛି। ଏଥିସହ ସୁଦାନରେ ଯୁବପିଢି କିପରି ଦୁର୍ଦ୍ଦଶାର ସହ ବଞ୍ଚୁଛନ୍ତି ତାହା ଗଭୀର ଭାବେ ଦେଖାଯାଇଛି।

# ଚିନ୍ତା ବଢ଼ାଇଲା ନୂଆ ରୂପ

**ନୂଆଦିଲ୍ଲୀ/ଥିରୁଭାନନ୍ତପୁରମ୍/ଜୟପୁର, ୨୬।୧୨**

ବ୍ରିଟେନରେ କରୋନାର ନୂଆ ରୂପ ଦ୍ରୁତ ସଂକ୍ରମିତ ହେଉଥିବାରୁ ସାରା ବିଶ୍ୱ ପାଇଁ ଏହା ଚିନ୍ତାର କାରଣ ହୋଇଥିବାବେଳେ ଭାରତ ସମେତ ବିଭିନ୍ନ ଦେଶ ସେଠାକୁ ବିମାନ ଚଳାଚଳ ବନ୍ଦ କରିଛନ୍ତି। ତେବେ ଏହି କଟକଣା ପୂର୍ବରୁ ଯେଉଁମାନେ ଭାରତ ଫେରିଥିଲେ ସେମାନଙ୍କ ମଧ୍ୟରୁ ଅନେକଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହେଲାଣି। ବିଭିନ୍ନ ଅନ୍ତର୍ଜାତୀୟ ବିମାନବନ୍ଦରରେ ବ୍ରିଟେନ ଫେରନ୍ତାଙ୍କର କୋଭିଡ୍ ପରୀକ୍ଷା କରାଯାଉଛି। ବ୍ରିଟେନରୁ ଫେରିଥିବା ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କର ନମୁନା

- ୫୦ ବ୍ରିଟେନ୍ ଫେରନ୍ତାଙ୍କ ନମୁନା ଜିନୋମ୍ ପରୀକ୍ଷା ପାଇଁ ଗଲା
- କେରଳରେ ୮ ବ୍ରିଟେନ ଫେରନ୍ତା ଆକ୍ରାନ୍ତ
- ରାଜସ୍ଥାନରେ ୮୦୦ ବ୍ରିଟିଶ ପର୍ଯ୍ୟଟକ

ଜିନୋମ୍ ସିକ୍ୱେନ୍ସିଂ ପାଇଁ ପଠାଯାଇଛି। ସେମାନଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା। ତେବେ ବ୍ରିଟେନରେ ସଂକ୍ରମିତ ହୋଇଥିବା ଭୂତାଣୁର ନୂଆ



ଷ୍ଟ୍ରେନ୍ ସେମାନଙ୍କଠାରେ ଅଛି କି ନାହିଁ ଉପରୋକ୍ତ ପରୀକ୍ଷାରୁ ଜଣାପଡ଼ିବ। ଏନ୍‌ସିଡିସି ନୂଆଦିଲ୍ଲୀ ଅଧୀନରେ ଜିନୋମିକ୍ ସର୍ଭିଲାନ୍ସ କନ୍‌ସୋର୍ଟିୟମ ଗଠନ କରାଯାଇଛି। ଦିଲ୍ଲୀ ବ୍ୟତୀତ କନ୍‌ସୋର୍ଟିୟମର ଅନ୍ୟ ଲାବରେଟୋରି ହାଇଦ୍ରାବାଦ, ଭୁବନେଶ୍ୱର, କଲ୍ୟାଣୀ, ବେଙ୍ଗାଲୁରୁ ଓ ପୁଣେରେ ରହିଛି।

ନିକଟରେ କେରଳ ଫେରିଥିବା ୮ ଜଣଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛି। ଅଧିକ ପରୀକ୍ଷା ପାଇଁ ସେମାନଙ୍କ ନମୁନା ପୁଣେର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିକୁ ପଠାଯାଇଥିବା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ କେ.କେ. ଶୈଳଜା କହିଛନ୍ତି। ନିକଟରେ ସେଠାରେ ପଞ୍ଚାୟତ ଓ ପୌର ନିର୍ବାଚନ ଶେଷ ହୋଇଥିବାରୁ ସଂକ୍ରମଣ ଅଧିକ ବ୍ୟାପିବା ଆଶଙ୍କା କରାଯାଉଛି।

ସେହିପରି ରାଜସ୍ଥାନକୁ ଗତ ସପ୍ତାହରେ ୮୦୦ରୁ ଅଧିକ ବ୍ରିଟିଶ ପର୍ଯ୍ୟଟକ ଆସିଥିବାରୁ ରାଜ୍ୟ ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ସେମାନଙ୍କୁ ଖୋଜି ବାହାର କରିବା କଷ୍ଟକର ହୋଇପଡ଼ିଛି। ଜୟପୁରକୁ ୩୩୩ ବ୍ରିଟିଶ ପର୍ଯ୍ୟଟକ ଆସିଥିବାବେଳେ ଯୋଧପୁରକୁ ୭୩, ଆଜମେରକୁ ୭୦, ଅଲୱରକୁ ୪୮, ଉଦୟପୁରକୁ ୪୩, କୋଟାକୁ ୩୯, ଝୁନ୍‌ଝୁନୁକୁ ୨୪, ଗଙ୍ଗାନଗରକୁ ୩୮ ଏବଂ ରାଜସମନ୍ଦକୁ ୩୫ ପର୍ଯ୍ୟଟକ ଆସିଥିଲେ। ଏମାନେ ନୂଆ ଭୂତାଣୁର ସଂକ୍ରମଣ କରିପାରନ୍ତି ବୋଲି ଆଶଙ୍କା କରାଯାଉଛି। ସେମାନଙ୍କୁ ଖୋଜି ବାହାର କରିବା ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଜୟପୁର ମୁଖ୍ୟ ମେଡିକାଲ ସ୍ୱାସ୍ଥ୍ୟ ଅଧିକାରୀ ନରୋତ୍ତମ ଶର୍ମା କହିଛନ୍ତି। ସେମାନଙ୍କୁ ଅଲଗା ରଖିବା ସହ କୋଭିଡ୍ ପରୀକ୍ଷା କରାଇବାକୁ ସମ୍ପୃକ୍ତ ଜିଲାପାଳମାନଙ୍କୁ କୁହାଯାଇଛି।

## ଭାରତରେ ଦେଖାଦେଇଥିଲା ଭୂତାଣୁର ଭିନ୍ନ ଷ୍ଟ୍ରେନ୍

**ନୂଆଦିଲ୍ଲୀ, ୨୬।୧୨**



ବ୍ରିଟେନରେ କରୋନା ଭୂତାଣୁର ନୂଆ ରୂପ ସାରା ବିଶ୍ୱରେ ଚିନ୍ତା ବଢ଼ାଇଛି। କୋଭିଡ୍-୧୯ ଭୂତାଣୁର ବିଭିନ୍ନ ଭାରିଆଣ୍ଟ ଦେଖିବାକୁ ମିଳୁଛି। ଭାରତରେ ମଧ୍ୟ ଏପରି ପରିବର୍ତ୍ତନ ଦେଖାଗଲାଣି। ବ୍ରିଟେନରେ ନୂଆ ଷ୍ଟ୍ରେନ୍ ଯେଭଳି ଦ୍ରୁତ ସଂକ୍ରମଣ ହେଉଛି, ଭାରତରେ ମାର୍ଚ୍ଚରୁ ମେ' ମଧ୍ୟରେ ସେଭଳି ସ୍ଥିତି ଉପୁଜିଥିଲା ବୋଲି ବିଶେଷଜ୍ଞମାନେ କହିଛନ୍ତି। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଜେନୋମିକ୍ସ ଆଣ୍ଡ ଇଣ୍ଟିଗ୍ରେଟିଭ୍ ବାୟୋଲୋଜିର ନିର୍ଦ୍ଦେଶକ ଅନୁରାଗ ଅଗ୍ରୱାଲଙ୍କ କହିବା ଅନୁଯାୟୀ ଭାରତରେ ଗତ ମାର୍ଚ୍ଚରୁ ମେ' ମଧ୍ୟରେ ନୂଆ କରୋନା ଭୂତାଣୁର ସଂକ୍ରମଣ ଦେଖିବାକୁ ମିଳିଥିଲା। ଏହି ପରିବର୍ତ୍ତିତ ଭୂତାଣୁର ନାଁ ରଖାଯାଇଥିଲା ଏ୪। ସେହି ସମୟରେ ଭାରତର ବିଭିନ୍ନ ମେଟ୍ରୋ ସହରରେ କୋଭିଡ୍-୧୯ ଦ୍ରୁତ ସଂକ୍ରମଣର କାରଣ ଏହି ଭୂତାଣୁର ଏହି ନୂଆ ରୂପ ଥିଲା ବୋଲି ଆଇଜିଆଇବି ଅଧିକାରୀ କହିଛନ୍ତି। ଦକ୍ଷିଣପୂର୍ବ ଏସିଆରୁ ଏ୪ ଭାରିଆଣ୍ଟ ଆରମ୍ଭ ହୋଇ ସୁପରସ୍ପ୍ରେଡରରେ ପରିଣତ ହୋଇଥିଲା। ଦିଲ୍ଲୀ, ହାଇଦ୍ରାବାଦ ଓ କର୍ଣ୍ଣାଟକରେ ଏହା ବ୍ୟାପିଥିଲା। ତେବେ ଜୁନ୍ ସୁଦ୍ଧା ଉକ୍ତ ଭୂତାଣୁ ଆପେ ମରିଯାଇଥିଲା ବୋଲି ଅଗ୍ରୱାଲ କହିଛନ୍ତି।

## ୫୩ ନାଗା ଉଗ୍ରପନ୍ଥୀଙ୍କ ଆତ୍ମସମର୍ପଣ

**ନୂଆଦିଲ୍ଲୀ, ୨୬।୧୨ (ଆଇଏଏନ୍‌ଏସ୍)**



ନାଗାଲାଣ୍ଡର ନ୍ୟାଶନାଲ ସୋସିଆଲିଷ୍ଟ କାଉନ୍‌ସିଲ୍ (କେ-ୟୁଙ୍ଗ ଅଙ୍ଗ୍) ଉଗ୍ରପନ୍ଥୀ ସଂଗଠନର ଶୀର୍ଷ ନେତା ୫୨ ଜଣ କ୍ୟାଡରଙ୍କ ସହ ଆତ୍ମସମର୍ପଣ କରିଛନ୍ତି। ଫଳରେ ନାଗା ଶାନ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଭାରତୀୟ ସେନା, ଆସାମ ରାଇଫଲ୍ସ ଏବଂ ମ୍ୟାନ୍‌ମାର ସେନା ପାଇଁ ଏହା ଏକ ବଡ଼ ସଫଳତା ବୋଲି କୁହାଯାଉଛି। ଏନ୍‌ଏସ୍‌ସିଏନ୍(କେ-ୱାଇଏ)ର ଷ୍ଟାରସନ୍ ଲାମକାଙ୍ଗ ଓ ଅନ୍ୟ ୫୨ଜଣ ଶୁକ୍ରବାର ଆତ୍ମ ସମର୍ପଣ କରିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହା ଏକମାତ୍ର ଗୋଷ୍ଠୀ ଯିଏ ସୁରକ୍ଷା ବଳ ସହ ଅସ୍ତ୍ରବିରତି ରାଜିନାମା ସ୍ୱାକ୍ଷର କରି ନ ଥିଲା କି ଶାନ୍ତି ଆଲୋଚନାରେ ଭାଗ ନେଉ ନ ଥିଲା।

## ଲଭ୍ ଜିହାଦ ବିଲ୍‌କୁ ଏମ୍‌ପି କ୍ୟାବିନେଟ୍‌ର ମଞ୍ଜୁରୀ

**ଭୋପାଳ, ୨୬।୧୨ (ପି.ଟି.)**

ମଧ୍ୟପ୍ରଦେଶ କ୍ୟାବିନେଟ ଶନିବାର ଧର୍ମୀୟ ସ୍ୱାଧୀନତା ବିଲ୍ ୨୦୨୦ (ଲଭ୍ ଜିହାଦ ବିଲ୍)କୁ ଅନୁମୋଦନ କରିଛି। ଖୁବ୍‌ଶୀଘ୍ର ଏହାକୁ ରାଜ୍ୟ ବିଧାନସଭାରେ ଆଗତ କରାଯିବ। ଉକ୍ତ ଆଇନର ଉଲ୍ଲଂଘନ କରି ବିବାହ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଧର୍ମ ପରିବର୍ତ୍ତନ କରାଇଲେ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ସାଙ୍ଗକୁ ୧ ଲକ୍ଷ ଟଙ୍କା ଜରିମାନା ବ୍ୟବସ୍ଥା କରାଯାଇଛି। ଏହା କାର୍ଯ୍ୟକାରୀ ହେଲେ ଧର୍ମାନ୍ତରୀକରଣ ବିରୋଧରେ ସବୁଠୁ କଠୋର ଆଇନ ହେବ। ପ୍ରସ୍ତାବିତ ବିଧେୟକ ଅନୁଯାୟୀ ଧର୍ମ ପରିବର୍ତ୍ତନ ଉଦ୍ଦେଶ୍ୟରେ ବିବାହ କରାଯାଇଥିଲେ ଏହାକୁ ଅମାନ୍ୟ କରାଯିବ। ଯେଉଁମାନେ ଧର୍ମ ପରିବର୍ତ୍ତନ କରିବାକୁ ଚାହିଁବେ, ସେମାନଙ୍କୁ ଦୁଇମାସ ପୂର୍ବରୁ ଜିଲା ପ୍ରଶାସନ ନିକଟରେ ଆବେଦନ କରିବାକୁ ପଡ଼ିବ।

ଉତ୍ତରପ୍ରଦେଶରେ ଲଭ୍ ଜିହାଦ ଅଧ୍ୟାଦେଶ ଲାଗୁ ହେବାର ମାସେ ମଧ୍ୟରେ ୩୫ ଜଣଙ୍କୁ ଗିରଫ କରାଗଲାଣି। ବଳପୂର୍ବକ ଧର୍ମ ପରିବର୍ତ୍ତନ ଅଭିଯୋଗରେ ଅନେକ ମାମଲା ରୁଜୁ ହେଲାଣି। ସେଠାରେ ନଭେମ୍ବର ୨୭ରେ ବେଆଇନ ଧର୍ମ ପରିବର୍ତ୍ତନ ଅଧ୍ୟାଦେଶ ଲାଗୁ ହୋଇଥିଲା।

## ପାକିସ୍ତାନକୁ ୫୦ ଡ୍ରୋନ୍ ବିକିଲା ଚାଇନା

**ନୂଆଦିଲ୍ଲୀ, ୨୬।୧୨**

ଭାରତ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଚାଇନା ପାକିସ୍ତାନର ପ୍ରତିରକ୍ଷା ବ୍ୟବସ୍ଥା ଦୃଢ଼ କରିବା ପାଇଁ ଆଗେଇଛି। ଏକ ପ୍ରତିରକ୍ଷା ଚୁକ୍ତି ଅନୁସାରେ ଚାଇନା ୫୦ ଡ୍ରୋନ ପାକିସ୍ତାନକୁ ବିକ୍ରି କରିଛି। ଚଳିତ ମାସରେ ଚାଇନା ୫୦ ୱିଙ୍ଗ ଲୋଙ୍ଗ-୨ ସଶସ୍ତ୍ର ଡ୍ରୋନ ଯୋଗାଇବା ପାଇଁ ଘୋଷଣା କରିଥିଲା। ପାକିସ୍ତାନ ଏହି ଅତ୍ୟାଧୁନିକ ଡ୍ରୋନ ଦ୍ୱାରା ଆକ୍ରମଣ କଲେ ଭାରତ ଜବାବ ଦେବାରେ ସକ୍ଷମ ହୋଇପାରିବନି ବୋଲି ଚାଇନାର ସରକାରୀ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଲିବ୍ୟା, ସିରିଆ ଏବଂ ଆଜରବୈଜାନରେ ଡ୍ରୋନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ଏହି ରିପୋର୍ଟରେ ଦର୍ଶାଯାଇଛି। ଭାରତୀୟ ବାୟୁସେନାର ଜଣେ ପୂର୍ବତନ ମୁଖ୍ୟ କହିଛନ୍ତି, ଜମ୍ମୁ-କଶ୍ମୀରରେ ଲାଇନ୍ ଅଫ୍ କଣ୍ଟ୍ରୋଲ୍, ଲଦାଖରେ ଥିବା ଲାଇନ୍ ଅଫ୍ ଆକ୍ଚୁଆଲ୍ କଣ୍ଟ୍ରୋଲ୍‌ରେ ରାଡାର ଦ୍ୱାରା ତୀକ୍ଷ୍ଣ ନଜର ରଖାଯାଇଥାଏ। କୌଣସି ଡ୍ରୋନ ସୀମା ଅତିକ୍ରମ କଲେ ଏହାକୁ ଖସାଇବାରେ ଭାରତ ବେଶ ସକ୍ଷମ ବୋଲି ସେ ପ୍ରକାଶ କରିଛନ୍ତି।

## ନେପାଳକୁ ଟିମ୍ ପଠାଇଲେ ଜିନ୍‌ପିଙ୍ଗ୍


ପୁଷ୍ପ କମଲ ଦହଲ ଶି ଜିନ୍‌ପିଙ୍ଗ୍ କେ.ପି. ଶର୍ମା ଓଲି

**ନୂଆଦିଲ୍ଲୀ, ୨୬।୧୨**

ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଦେଶର ପାର୍ଲାମେଣ୍ଟ ଭଙ୍ଗ କରି ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ଘୋଷଣା କରିବା ପରେ ଶାସକ ଦଳ ନେପାଳ କମ୍ୟୁନିଷ୍ଟ ପାର୍ଟି (ଏନ୍‌ସିପି) ବିଭାଜନ ଆଡ଼କୁ ମୁହାଁଉଛି। ଯେକୌଣସି ସ୍ଥିତିରେ ନେପାଳରେ କମ୍ୟୁନିଷ୍ଟ ଶାସନ ଚାହୁଁଥିବା ଚାଇନା ଦଳ ବିଭାଜନ ରୋକିବାକୁ ପ୍ରୟାସ ଜାରି ରଖିଛି। ଏଥିପାଇଁ ଉଦ୍ୟମ କରି ଚାଇନା ରାଷ୍ଟ୍ରଦୂତ ହୁ ୟାନ୍‌କି ବିଫଳ ହେବା ପରେ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ତାଙ୍କ ଦଳର ଏକ ଉଚ୍ଚ କ୍ଷମତାସମ୍ପନ୍ନ ଟିମ୍‌କୁ କାଠମାଣ୍ଡୁ ପଠାଇଛନ୍ତି। ଚାଇନା କମ୍ୟୁନିଷ୍ଟ ପାର୍ଟି କେନ୍ଦ୍ରୀୟ କମିଟିର ଅନ୍ତର୍ଜାତୀୟ

### ଦଳ ବିଭାଜନ ରୋକିବାକୁ ଉଦ୍ୟମ

ବିଭାଗ ଭାଇସ୍ ମିନିଷ୍ଟର ଥିବା ଗୁଓ ୟେଚାଉଙ୍କ ନେତୃତ୍ୱରେ ୪ ଜଣିଆ ଟିମ୍ ରବିବାର କାଠମାଣ୍ଡୁରେ ପହଞ୍ଚି ସେଠାରେ ୪ ଦିନ ରହିବ। ରାଷ୍ଟ୍ରଦୂତ ହୋଉ ନେପାଳ ଶାସକ ଦଳର ପ୍ରମୁଖ ନେତାମାନଙ୍କ ସହ ସେମାନଙ୍କର ବୈଠକ ଲାଗି କାର୍ଯ୍ୟସୂଚୀ ସ୍ଥିର କରିଛନ୍ତି। ତେବେ ପ୍ରଧାନମନ୍ତ୍ରୀ ଓଲି ଚାଇନା ପ୍ରତିନିଧି ଦଳଙ୍କୁ ଭେଟିବେ କି ନାହିଁ ଜଣାପଡ଼ିନି। ପୂର୍ବରୁ ସେ ରାଷ୍ଟ୍ରଦୂତଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ।


କୃଷି ଆଇନ ପ୍ରତିବାଦରେ ପଞ୍ଜାବର କୃଷକମାନେ ଦିଲ୍ଲୀ ଅଭିମୁଖେ ଯାଉଛନ୍ତି।

## କଶ୍ମୀର ପାଇଁ ଆୟୁଷ୍ମାନ୍ ଭାରତ ଯୋଜନା

**ନୂଆଦିଲ୍ଲୀ, ୨୬।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଜମ୍ମୁ-କଶ୍ମୀରବାସୀଙ୍କ ପାଇଁ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ କରିଛନ୍ତି।ଏହି ଯୋଜନା କଶ୍ମୀରୀମାନଙ୍କୁ ବିନା ମୂଲ୍ୟରେ ସାର୍ବଜନିକ ସ୍ୱାସ୍ଥ୍ୟ ବୀମା ଯୋଗାଇବା ସହ ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇଦେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହି ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ଜମ୍ମୁ-କଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନା ମଧ୍ୟ ଉଦ୍‌ବୋଧନ ଦେଇଥିଲେ।



### ଡିଡିସି ନିର୍ବାଚନ ନୂଆ ଅଧ୍ୟାୟ ସୃଷ୍ଟି କରିଛି: ମୋଦି

ଜମ୍ମୁ-କଶ୍ମୀରରେ ସଦ୍ୟସମାପ୍ତ ଡିଡିସି ନିର୍ବାଚନ ଉକ୍ତ ଅଞ୍ଚଳରେ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ଏବଂ ମତଦାନ ଲାଗି ଲୋକଙ୍କ ମନରେ ଯେଉଁଭଳି ଆଗ୍ରହ ଦେଖାଦେଇଥିଲା, ତାହା ଭାରତ ପାଇଁ ଗର୍ବର ମୁହୂର୍ତ୍ତ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପୁଡୁଚେରୀରେ ପଞ୍ଚାୟତ ଓ ପୌର ନିର୍ବାଚନ କରାଇପାରୁ ନ ଥିବା କଂଗ୍ରେସ ତାଙ୍କୁ ଗଣତନ୍ତ୍ର ଉପରେ ଶିକ୍ଷା ଦେବାକୁ ଉଦ୍ୟମ କରୁଛି ବୋଲି ମୋଦି କହିଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୮,୦୪,୦୧,୦୭୫ | ୧୭,୬୦,୭୩୮ | ୫,୬୬,୫୫,୪୪୩ |
| ଭାରତ | ୧,୦୧,୮୩,୪୭୮ | ୧,୪୭,୫୫୭ | ୯୭,୫୬,୪୬୪ |
| ଓଡ଼ିଶା | ୩,୨୮,୨୦୧ | ୧୮୫୭(+୫୩) | ୩,୨୩,୭୪୯ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ବିଜେଡିର ୨୪ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଦଳୀୟ ନେତା ଏବଂ ଭିଡିଓ କନ୍‌ଫରେନ୍ସରେ ଯୋଗଦେଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ।

# ‘ନବୀନଙ୍କ ଜୀବନଶୈଳୀକୁ ଅନୁସରଣ କର’

## ବିଜେଡି ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୨୬।୧୨(ବ୍ୟୁରୋ)

ବିଜୁ ଜନତା ଦଳର ୨୪ତମ ପ୍ରତିଷ୍ଠା ଦିବସ ରାଜ୍ୟ କାର୍ଯ୍ୟାଳୟରେ ଭୁବନେଶ୍ୱର ଜିଲା ସଭାପତି ତଥା ବିଧାୟକ ସୁଶାନ୍ତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରଳ, ନିରାଡ଼ମ୍ବର ଏବଂ ସମୟାନୁବର୍ତ୍ତୀ ଜୀବନଶୈଳୀକୁ ଅନୁସରଣ କରି କିପରି ଆଗକୁ ବଢ଼ିବା ପାଇଁ ହେବ, ସେନେଇ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି। ମୁଖ୍ୟାଳୟ ସମ୍ପାଦକ ସଞ୍ଜୟ କୁମାର ଦାସବର୍ମା ଭାଷା ସାହିତ୍ୟ ନେଇ ଯେଉଁ ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା, ତାହାର ଅସ୍ମିତା ବଞ୍ଚି ରହିବା ପାଇଁ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଦିବ୍ୟାଙ୍ଗ, ଅସହାୟ, ବୃଦ୍ଧାବୃଦ୍ଧମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଉପରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଆଲୋକପାତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ରାଜ୍ୟସଭା ଏମ୍‌ପି ଅମର ପଟ୍ଟନାୟକ, ସସ୍ମିତ ପାତ୍ର, ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ଓଡ଼ିଶା ମୋ ପରିବାର ଅଧ୍ୟକ୍ଷ ଅରୂପ ପଟ୍ଟନାୟକ, ମାନସ ମଙ୍ଗରାଜ, ରଘୁନାଥ ସାହୁ, ବିମ୍ବାଧର କୁଅଁର, ପ୍ରିୟଦର୍ଶୀ ମିଶ୍ର, ରବି ସାମଲ, ସଂଗ୍ରାମ କେଶରୀ ପାଇକରାୟ, ସୁଲତା ଦେଓ, କସ୍ତୁରୀ ମହାପାତ୍ର, ମୀରା ପରିଡ଼ା, ଭାରତୀ ସିଂ, ମହାମାୟା ସ୍ୱାଇଁ, ସୁମିତ୍ରା ଜେନା, ଅମରେଶ ପତ୍ରୀ, ଦୁର୍ଗା ସାମନ୍ତରାୟ, ସମରେନ୍ଦ୍ର ସାହୁ, ଅମରଜିତ ସେନାପତି, ସମରେଶ ବେହୁରା ପ୍ରମୁଖ ଯୋଗ ଦେଇଥିଲେ।

# ‘ଓଡ଼ିଶା ଚାଷୀଙ୍କୁ ମିଳୁନି କେନ୍ଦ୍ରୀୟ ଅନୁଦାନ’

ଢେଙ୍କାନାଳ ଅଫିସ, ୨୬।୧୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୃଷି କ୍ଷେତ୍ର ପାଇଁ ଓଡ଼ିଶାକୁ ବିପୁଳ ଆର୍ଥିକ ଅନୁଦାନ ଦେଉଛନ୍ତି। ରାଜ୍ୟର ଚାଷୀଙ୍କ ପାଖରେ ଏହା ପହଞ୍ଚୁନାହିଁ। ନୂତନ କୃଷି ଆଇନ ଦ୍ୱାରା ଦେଶର ଚାଷୀ ଲାଭବାନ ହେବେ। ନଖ ଘଷୁଥିବା ଗୋଷ୍ଠୀ ଏହାକୁ ବିରୋଧ କରୁଛନ୍ତି ବୋଲି କହିଛନ୍ତି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଢେଙ୍କାନାଳ ମିନି ଷ୍ଟାଡିୟମରେ ଶନିବାର ଆୟୋଜିତ କୃଷକ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।

ନିଜ ବକ୍ତବ୍ୟରେ ଧର୍ମେନ୍ଦ୍ର କହିଲେ, ଗତ ୬ବର୍ଷରେ ଓଡ଼ିଶାର ଚାଷୀଙ୍କୁ ବିଭିନ୍ନ କୃଷି ଯୋଜନା ତଥା ଡିବିଟି ଜରିଆରେ ୬୦ହଜାର ୮୩୬.୯୭ କୋଟି ଟଙ୍କା ଦିଆଯାଇଛି। ୨୦୧୯-୨୦ ଆର୍ଥିକ ବର୍ଷରେ ଢେଙ୍କାନାଳ ଚାଷୀଙ୍କଠାରୁ କେନ୍ଦ୍ର ସରକାର ୧ଲକ୍ଷ ୨୮ହଜାର ୬୧୦ ମେଟ୍ରିକ ଟନ୍ ଏବଂ ଅନୁଗୋଳ ଚାଷୀଙ୍କଠାରୁ ୮୬ ହଜାର ୨୯୨ ମେଟ୍ରିକ ଟନ୍‌ର ଖାଦ୍ୟଶସ୍ୟ କିଣିଛନ୍ତି। ନୂଆ କୃଷି ଆଇନରେ ଚାଷୀମାନେ ଦେଶର ଯେ କୌଣସି ସ୍ଥାନରେ ଉତ୍ପାଦିତ ସାମଗ୍ରୀ ବିକ୍ରି କରିପାରିବେ। ଢେଙ୍କାନାଳର ଆମ୍ବ ବମ୍ବେ ଏବଂ ଅନୁଗୋଳର ଲିଚୁ ପଶ୍ଚିମବଙ୍ଗ ବଜାରରେ ବିକ୍ରି ହୋଇପାରିବ। ହେଲେ କୃଷି ଆଇନକୁ ନେଇ ଚାଷୀଙ୍କ ମନରେ ଭ୍ରମ ସୃଷ୍ଟି କରାଯାଉଛି ବୋଲି ସେ କହିଥିଲେ। ଓଡ଼ିଶାର ବରଗଡ଼ ପରେ ଢେଙ୍କାନାଳରେ କୃଷିବର୍ଜ୍ୟରୁ ଇଥାନଲ୍ ପ୍ରସ୍ତୁତ କରାଯିବା ବ୍ୟବସ୍ଥା କରାଯାଉଥିବା ଧର୍ମେନ୍ଦ୍ର ସୂଚନା ଦେଇଥିଲେ। ଆବାସ ଯୋଜନା ହଟଚମଟ ବିଷୟରେ ଗୁରୁତ୍ୱାରୋପ କରି ସେ କହିଲେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ଘର ଉପରେ ବିଜୁ ପକ୍କାଘର ଷ୍ଟିକର ମରାଯାଉଛି। ୨୦୨୦ ସୁଦ୍ଧା ସମସ୍ତଙ୍କ ମୁଣ୍ଡ ଉପରେ ପକ୍କାଘର ହେବା ନେଇ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଓଡ଼ିଶାରେ ଏହି କାର୍ଯ୍ୟକ୍ରମକୁ ଜଗିବା ଆବଶ୍ୟକ ବୋଲି ଧର୍ମେନ୍ଦ୍ର କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ପ୍ରଶାସନ ଓ ମଧ୍ୟସ୍ଥଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଛି। ରାଜ୍ୟ ସରକାରଙ୍କ କାଳିଆ ଟଙ୍କା ଏବଂ ୫୦୦୦ ନିଖୋଜ ଶିଶୁ କୁଆଡ଼େ ଗଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ସ୍ୱଚ୍ଛ ଭାରତ ଅଭିଯାନରେ ଓଡ଼ିଶାରେ ୭୭ ଲକ୍ଷ ୧୪ ହଜାରରୁ ଊର୍ଦ୍ଧ୍ୱ ଶୌଚାଳୟ ନିର୍ମାଣ ହୋଇଛି। କରୋନା ସମୟରେ ଉଜ୍ଜ୍ୱଳା ଯୋଜନାରେ ୪୭ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ବିନା ମୂଲ୍ୟରେ ୩ଟି ଲେଖାଏ ଏଲ୍‌ପିଜି ସିଲିଣ୍ଡର ଦିଆଯାଇଛି। ମହିଳା ଶକ୍ତିକେନ୍ଦ୍ର ପ୍ରତିଷ୍ଠା ପାଇଁ ୭.୭୫ କୋଟି ଟଙ୍କା ଦିଆଯାଇଥିବା ସମାବେଶରେ ଧର୍ମେନ୍ଦ୍ର ସୂଚନା ଦେଇଥିଲେ।

ଜିଲା ଭାଜପା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମନମୋହନ ସାମଲ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ, ରୁଦ୍ରନାରାୟଣ ପାଣି, କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ।




ଢେଙ୍କାନାଳ ମିନି ଷ୍ଟାଡିୟମଠାରେ କୃଷକ ସମ୍ମିଳନୀ।

# ନାବାଳକଙ୍କୁ ଦଳିଦେଲା ହାତୀ

- ଶୌଚ ହେବାକୁ ଯାଇ ଫେରିଲେନି
- ୪ ଘଣ୍ଟା ବନାଞ୍ଚଳ କାର୍ଯ୍ୟାଳୟ ଘେରାଉ
- କ୍ଷତିପୂରଣ ପରେ ହଟିଲା ଆନ୍ଦୋଳନ



ଗ୍ରାମବାସୀ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ଛେଣ୍ଡିପଦା, ୨୬।୧୨(ସ୍ୱ.ପ୍ର.)

ସାଙ୍ଗସାଥୀଙ୍କ ସହ ଶୌଚ ହେବାକୁ ଯାଇଥିଲେ ନାଳକୁ। ଘରେ ଅପେକ୍ଷା କରି ରହିଥିଲେ ପରିବାର ଲୋକେ। ହେଲେ ପୁଅ ବାହୁଡ଼ିଲାନି। ଫେରିବା ଆଗରୁ ମୃତ୍ୟୁ ରୂପରେ ବାଟ ଜଗିଥିବା ହିଂସ୍ର ଦନ୍ତା ଶୁଣ୍ଢରେ ଟେକିନେଇ ଦଳିଦେଲା। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ କମ୍ପସଲା ପଞ୍ଚାୟତ ଅନ୍ତର୍ଗତ ମଣ୍ଡୁଆ ଗ୍ରାମରେ। ମୃତକ ହେଲେ ଶୁଭକାନ୍ତ ରାଉତଙ୍କ ୧୩ ବର୍ଷର ପୁଅ ଶ୍ରୀକାନ୍ତ। ଏଥିରେ ରମେଶ ସାହୁଙ୍କ ପୁଅ ଚନ୍ଦନଙ୍କ ମେରୁଦଣ୍ଡରେ ଗଭୀର ଆଘାତ ଲାଗିଛି। ଅଞ୍ଚଳରେ ହାତୀ ଉପଦ୍ରବରେ ବ୍ୟାପକ ଧନଜୀବନ ହାନି ହେଉଥିବାବେଳେ ବନ ବିଭାଗ ନୀରବଦ୍ରଷ୍ଟା ସାଜିଛି। ଏହାର ପ୍ରତିବାଦରେ ଗ୍ରାମବାସୀ ଶନିବାର ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଥିଲେ।

ପରିବାର ଲୋକଙ୍କ କହିବା କଥା, ଶ୍ରୀକାନ୍ତ ଓ ଚନ୍ଦନଙ୍କ ସମେତ ଗ୍ରାମର ଅନ୍ୟ କେତେଜଣ ସ୍ଥାନୀୟ ନାଳକୁ ଶୁକ୍ରବାର ସନ୍ଧ୍ୟାରେ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ଏକ ଦନ୍ତା ବାହାରି ଆକ୍ରମଣ କରିଥିଲା। ଅନ୍ୟମାନେ ଜୀବନ ବିକଳରେ ପଳାଇ ଆସିଥିବାବେଳେ ଶ୍ରୀକାନ୍ତ, ଚନ୍ଦନ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ପ୍ରଥମେ କଣିହାଁ ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶ୍ରୀକାନ୍ତଙ୍କ ମୃତ୍ୟୁ ଘଟିଥିଲା। ଚନ୍ଦନଙ୍କ ମେରୁଦଣ୍ଡରେ ଗଭୀର ଆଘାତ ଲାଗିଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ଶୁକ୍ରବାର ସନ୍ଧ୍ୟାରୁ ଘଟଣା ଘଟିଥିଲେ ମଧ୍ୟ ବନ କର୍ମଚାରୀଙ୍କ ଦେଖା ମିଳି ନ ଥିଲା। ଡାକ୍ତରଖାନାରେ ପହଞ୍ଚି କେହି ସାମାନ୍ୟତମ ସମବେଦନା ମଧ୍ୟ ଜଣାଇ ନ ଥିଲେ। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ, ଆହତଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବା ଦାବିରେ ସେମାନେ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଛେଣ୍ଡିପଦା ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ସଦଳବଳ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଭାରପ୍ରାପ୍ତ ଡେପୁଟି ରେଞ୍ଜର ପ୍ରତାପ ରାଉଳ କହିଛନ୍ତି। ମୃତକଙ୍କ ପରିବାରକୁ ପ୍ରାଥମିକ ପର୍ଯ୍ୟାୟରେ ୪୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଅବଶିଷ୍ଟ କ୍ଷତିପୂରଣ ରାଶି ତୁରନ୍ତ ଦିଆଯିବ। ଗୁରୁତରଙ୍କ ଚିକିତ୍ସା ଖର୍ଚ୍ଚ ବହନ କରାଯିବ।




## ଚିକିତ୍ସା ଅଭାବରୁ କୃଷ୍ଣକାୟ ଡାକ୍ତରଙ୍କ ମୃତ୍ୟୁ



ଇଣ୍ଡିଆନାପଲିସ୍, ୨୬।୧୨

କୋଭିଡ୍-୧୯ରେ ପୀଡ଼ିତ ଜଣେ ମହିଳା କୃଷ୍ଣକାୟ ଡାକ୍ତରଙ୍କ ଚିକିତ୍ସାରେ ଅବହେଳା ଯୋଗୁ ମୃତ୍ୟୁ ଘଟିଛି। ଆମେରିକାର ଇଣ୍ଡିଆନା କାରମେଲସ୍ଥିତ ଏକ ହସ୍ପିଟାଲରେ ଡା. ସୁସାନ ମୋରେ(୫୨)ଙ୍କୁ ବର୍ଣ୍ଣବୈଷମ୍ୟତା ଭେଦଭାବ ଯୋଗୁ ଚିକିତ୍ସା ଯୋଗା ନ ଯିବା ଘଟଣା ସୋସିଆଲ ମିଡିଆରେ ସମାଲୋଚନାର ବିଷୟ ପାଲଟିଛି। ତାଙ୍କ ଗୁରୁତର ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଅବଗତ ଥିବା ସତ୍ତ୍ୱେ ଶ୍ୱେତବର୍ଣ୍ଣ ଡାକ୍ତର ତାଙ୍କ ଯନ୍ତ୍ରଣା ପ୍ରତି ଧ୍ୟାନ ଦେଇ ନ ଥିଲେ ବୋଲି ଡିସେମ୍ବର ୪ରେ ସେ ଫେସ୍‌ବୁକରେ ଏକ ଭିଡିଓ ଜାରି କରିଥିଲେ। ଡାକ୍ତରଖାନାରେ ତାଙ୍କୁ ଜଣେ ନିଶାଡ଼ି ଭଳି ବ୍ୟବହାର କରାଯାଉଥିଲା ବୋଲି ଭିଡିଓରେ ସେ କହିଛନ୍ତି। ଏହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।



**ଆଜିର ମନ୍ତବ୍ୟ**
"ଦିଲ୍ଲୀରେ ଥିବା କେତେଜଣ ଲୋକ ମୋତେ ଦୁର୍ବ୍ୟବହାର କରିବା ସହ ଗଣତନ୍ତ୍ରର ପାଠ ପଢ଼ାଉଛନ୍ତି।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## ଯେତେ ଖୋଜିଲେ ...


ଧଳସାମନ୍ତ ଭ୍ରାତାଙ୍କ ଘରେ ଇଣ୍ଟେରିୟର ଭଙ୍ଗାଯାଇ ଯାଞ୍ଚ କରାଯାଉଛି।

ଏହିସବୁ ଅସ୍ତ୍ରଶସ୍ତ୍ର ପୋଲିସ ହାତକୁ ଲାଗିଥିଲା। ଏହାଛଡ଼ା ସୁଶୀଲଙ୍କ ବେଡ୍‌ରୁମରୁ ନଗଦ ୧୬ ଲକ୍ଷ ୫୦ ହଜାର ଟଙ୍କା ମିଳିଥିଲା, ଯାହାକି ଦାଦାବଟି ବାବଦରେ ଆଦାୟ କରାଯାଇଥିବା ଜଣାପଡ଼ିଛି। ମୁଖ୍ୟ କଥା ହେଉଛି ଜେଲରେ ଥିଲେ ମଧ୍ୟ ଧଳସାମନ୍ତ ଭ୍ରାତା ସେମାନଙ୍କ ସହଯୋଗୀଙ୍କ ସହାୟତାରେ ତାଙ୍କ ଅପରାଧିକ କାର୍ଯ୍ୟକଳାପ ଚାଲୁ ରଖିଥିଲେ ବୋଲି ଖୋଦ୍ ଡିସିପି ସିଂ ସ୍ୱୀକାର କରିଛନ୍ତି । ଆବଶ୍ୟକ ହେଲେ ଆଗାମୀ ଦିନରେ ଦୁଇ ଭାଇଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଡିସିପି କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଙ୍ଗଳ ରାତି, ବୁଧ ପାହାନ୍ତି**
**ତେବେ ଅନୁକୂଳ କରି ଯାଆନ୍ତି।**

ମଙ୍ଗଳବାର ରାତ୍ରିର ଶେଷ ପ୍ରହର ତଥା ବୁଧବାରର ପାହାନ୍ତିଆ ସମୟ ସବୁଠାରୁ ଭଲ ବା ଶୁଭ ସମୟ ହୋଇଥାଏ। ଏହି ସମୟ ମଧ୍ୟରେ ଯେଉଁ କାମ କଲେ ବା ଯୁଆଡ଼େ ଗଲେ ଯଶ, ସମ୍ମାନ ପ୍ରାପ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମେଣ୍ଢାବାଳ ଜଡ଼ାତେଲ**
**ଭାଙ୍ଗି ଗଲେ ସମତୁଲ।**

ମେଣ୍ଢା ବାଳ ଛୋଟ ଓ ଫୁରଫୁରିଆ, ଜଡ଼ା ତେଲ ଭାରି ଅଠାଳିଆ। ମେଣ୍ଢା ବାଳରେ ଜଡ଼ା ତେଲ ଲାଗିଲେ ଅଠା ଧରି ବସିଯାଏ, ମୋଟେ ଛାଡ଼େ ନାହିଁ। ଅଭେଦ ପ୍ରୀତି ବା ଘନିଷ୍ଠ ବନ୍ଧୁତା। ପରନ୍ତୁ ଏହି ବନ୍ଧୁତାରେ ଥରେ ଯଦି କେବେ ଘୁଣ ଲାଗିଯାଏ ବା ଭାଙ୍ଗିଯାଏ ତା'ହେଲେ ଆଉ କେବେ ଯୋଡ଼ିହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**

**ପ୍ରଥମ ପୃଷ୍ଠାରୁ...**

## କଣ୍ଟାପଡ଼ା ନୂଆସାହି ...

କୋଭିଡ୍ କେୟାର ସେଣ୍ଟରକୁ ପଠାଯାଇଥିବାବେଳେ ଅନ୍ୟ ୨ଜଣଙ୍କୁ ଘରେ ସଙ୍ଗରୋଧରେ ରହିବା ପାଇଁ ପରାମର୍ଶ ଦିଆଯାଇଛି। ସେହିପରି ଖଣ୍ଡସାଇଲୋ ଗ୍ରାମର ନୂଆସାହିରେ ୧୪ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଏହି ସାହିକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରିଛି। କରୋନାରୁ ମୁକ୍ତି ପାଇଁ ଜନସାଧାରଣ ସଚେତନ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ବାହାରକୁ ବାହାରିଲେ ମାସ୍କ ପିନ୍ଧିବା ଅତ୍ୟନ୍ତ ଜରୁରୀ ବୋଲି ଅଡ଼ଶପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବାସୁଦେବ ମାରାଣ୍ଡି କହିଛନ୍ତି।

## ଏନ୍‌ଡିଏ ଛାଡ଼ିଲା ...

ଲୋକ ସଭାରେ ଏହି ଦଳରୁ ବେନିୱାଲ ଏକମାତ୍ର ଏମ୍‌ପି ଥିବାବେଳେ ରାଜସ୍ଥାନ ବିଧାନସଭାରେ ୩ ଜଣ ବିଧାୟକ ଅଛନ୍ତି। ବେନିୱାଲ କହିଛନ୍ତି, କୋଭିଡ୍ ପରୀକ୍ଷା ରିପୋର୍ଟ ପଜିଟିଭ୍ ଆସିବାରୁ ମୌସୁମୀ ଅଧିବେଶନରେ ସେ ଯୋଗଦେଇପାରି ନ ଥିଲେ। କୃଷି ବିଲ୍ ଆଗତ ବେଳେ ସେ ଉପସ୍ଥିତ ଥିଲେ ଏହାକୁ ଚିରି ଫିଙ୍ଗିଦେଇଥାନ୍ତେ। ଦିଲ୍ଲୀ ସୀମାରେ କୃଷକ ଆନ୍ଦୋଳନରେ ସାମିଲ ହେବା ଲାଗି ସେ ୨ ଲକ୍ଷ ଚାଷୀଙ୍କୁ ଆହ୍ୱାନ ଦେଇଛନ୍ତି। ଆଇନ ଚାଷୀ ବିରୋଧୀ ଓ ଏହା ବିରୋଧରେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ। ଶାହାଜାହାନପୁର ସୀମାରେ ହଜାର ହଜାର ଗାଡ଼ି ପହଞ୍ଚିବ। ତେବେ ସେ ଏନ୍‌ଡିଏ ଛାଡ଼ିଥିଲେ ମଧ୍ୟ କଂଗ୍ରେସ ସହ ମେଣ୍ଟ କରିବେ ନାହିଁ ବୋଲି କହିଛନ୍ତି। କୃଷକ ଆନ୍ଦୋଳନକୁ ସମର୍ଥନ ଜଣାଇ ଏନ୍‌ଡିଏ ଛାଡ଼ିବାରେ ଆର୍‌ଏଲ୍‌ପି ଦ୍ୱିତୀୟ ଦଳ। ପୂର୍ବରୁ ଭାଜପା ସହଯୋଗୀ ଅକାଳୀ ଦଳ ଏନ୍‌ଡିଏ ଛାଡ଼ିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ସ୍ୱଗୃହୀ ମଙ୍ଗଳ ହେତୁ ଆପଣଙ୍କୁ ସାମଗ୍ରିକ ସୁଖସୁବିଧା ସଙ୍ଗକୁ ଅର୍ଥ ଓ ସମ୍ମାନ ମିଳିବ। ସଭାସମିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ମିଳିବ। ଦୀର୍ଘଦିନ ହେଲା ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ । ଅଫିସ୍‌ରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

**ବୃଷ**
କର୍ମକ୍ଷେତ୍ରରେ ବିଭିନ୍ନ ଦିଗରୁ ସାହାଯ୍ୟ ଓ ସହଯୋଗ ଆପଣଙ୍କ କାମକୁ ତ୍ୱରାନ୍ୱିତ କରିବ। ଅଯଥା ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ପରିବାରର କୌଣସି ବ୍ୟକ୍ତିଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ବନ୍ଧୁଙ୍କ ସହାୟତାରେ ନିଜ ମନ ପସନ୍ଦର ଜିନିଷ କିଣି ଖୁସି ରହିବେ।

**ମିଥୁନ**
କର୍ମକ୍ଷେତ୍ରରେ ସମସ୍ୟା ବିଜଡିତ ରହିବା କାରଣରୁ ମନୋବଳ କ୍ରମଶଃ ହ୍ରାସ ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇପାରନ୍ତି। ମାନସିକ ଅସ୍ଥିରତା କାରଣରୁ ଅନ୍ୟମାନଙ୍କ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। ପରିବାରର ଲୋକମାନଙ୍କଠାରୁ ଆଦର, ଶ୍ରଦ୍ଧା ପାଇବେ।

**କର୍କଟ**
କର୍ମକ୍ଷେତ୍ରରେ ଆଶାନୁରୂପ ଅର୍ଥ, ସମ୍ମାନ ନ ପାଇ କ୍ଷୋଭପ୍ରକାଶ କରିପାରନ୍ତି । ପାରିବାରିକ ସ୍ତରରେ ପକ୍ଷପାତିତାକୁ ନେଇ ମାନସିକ ସ୍ତରରେ କଷ୍ଟ ପାଇ ପାରନ୍ତି। ବନ୍ଧୁଙ୍କ ସହ ଯୁକ୍ତିତର୍କ କରି କଥାକୁ ବେଶି ଦୋହରାଇବା ଠିକ୍ ହେବନି। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ।

**ସିଂହ**
କର୍ମକ୍ଷେତ୍ରର ପ୍ରତିଟି ପଦକ୍ଷେପରେ ସହମତି ଭିତରେ କାମ କଲେ ଉପକୃତ ହେବେ। ସଂଗଠନ, ରାଜନୀତି, ସଭାସମିତି, ପ୍ରଶାସନ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। କ୍ରୀଡା, ସଙ୍ଗୀତ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ପାରିବାରିକ ସମସ୍ୟା ଥିଲେ ମଧ୍ୟ କାମରୁ ଓହରି ପାରିବେ ନାହିଁ।

**କନ୍ୟା**
ନିଜର ମନେକରୁଥିବା ଲୋକମାନେ ହଠାତ୍ ସ୍ୱାର୍ଥବାଦୀ ହୋଇପଡିବେ। ଆଶାକରିଥିବା ଜିନିଷଟି ପାଇବାରେ ବିଳମ୍ବ ହୋଇପାରେ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି। ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିବେ। ଦୃଢତାର ସହ ଅଟକି ରହିଥିବା କାମଟିକୁ ସମ୍ପୂର୍ଣ୍ଣ କରିବେ।

**ତୁଳା**
ଆଜି ଆପଣଙ୍କୁ ଅନ୍ୟମାନଙ୍କ କଥା ଓ କାର୍ଯ୍ୟକଳାପ ଭଲ ଲାଗି ନ ପାରେ। ଆନୁଷ୍ଠାନିକ କ୍ଷେତ୍ରରେ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ନିର୍ମାଣ କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାମ ସମ୍ପୂର୍ଣ୍ଣ କରିବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ସକାଳୁ ସକାଳୁ ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ବିଳମ୍ବରେ ପାଇବେ।

**ବିଛା**
ଆଜି ମନ ଅନୁଯାୟୀ କାମଗୁଡିକ ହୋଇଯିବ, ବିଶେଷତଃ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। କିନ୍ତୁ ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଠକାମିରେ ପଡିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**ଧନୁ**
ଆଜି ଏହିପରି ଏକ ଚମକପ୍ରଦ ସ୍ଥିତିରେ ପହଞ୍ଚିବେ; ଯାହା କି ଆପଣଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଦେବ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବା କଷ୍ଟକର ହେବ। ସଭାସମିତି କିମ୍ବା ବନ୍ଧୁମାନଙ୍କଠାରୁ ବସ୍ତ୍ରଭୂଷଣ ଲାଭ କରିପାରନ୍ତି।

**ମକର**
ଈର୍ଷାପରାୟଣ ବ୍ୟକ୍ତିଙ୍କ ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି, ବିବାଦୀୟ ଘଟଣାରେ ବିଜୟୀ ଏବଂ ବ୍ୟବସାୟରେ ଲାଭବାନ୍ ହେବେ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କୁମ୍ଭ**
କର୍ମକ୍ଷେତ୍ରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ସ୍ୱାର୍ଥ ସାଧନ ପାଇଁ ସହକର୍ମୀ ଫାଇଦା ଉଠାଇବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝି ପାରିବେ, ଯାହା କି ଆପଣଙ୍କୁ ସାହାଯ୍ୟ କରିବ। ଧନିଷ୍ଠା ନକ୍ଷତ୍ର ସହଜରେ କାମ ହାସଲ କରି ଆନନ୍ଦିତ ହେବେ।

**ମୀନ**
ଆଜି ହଠାତ୍ କୌଣସି ନୂତନ କାମ ଆରମ୍ଭ କରିପାରନ୍ତି । କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବନ୍ଧୁମାନଙ୍କ ସାହାଯ୍ୟ ଦ୍ୱାରା ହିଁ ସମ୍ଭବ ହୋଇପାରେ। ଖଳ ଲୋକଙ୍କ ଦ୍ୱାର ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ସୃଷ୍ଟି ହୋଇପାରେ।

ଆଜି ମାର୍ଗଶିର ଶୁକ୍ଳପକ୍ଷର ଅନଙ୍ଗ ତ୍ରୟୋଦଶୀ ରବିବାର, ଡିସେମ୍ବର ୨୭ ତାରିଖ, ଦିବା ଘ.୧୧.୧୮ମି. ଗତେ ରୋହିଣୀ/ବୃଷ, ମେଷ ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୭.୦୬ମି. ଗତେ ଘ.୦୯.୧୬ମି. ମଧ୍ୟେ, ଘ.୦୧.୦୮ମି. ଗତେ ଘ.୦୩.୦୨ମି. ମଧ୍ୟେ, ଘ.୦୩.୪୫ମି. ଗତେ ଘ.୦୩.୫୦ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୩.୪୫ମି. ଗତେ ଘ.୦୪.୨୮ମି. ମଧ୍ୟେ ମାହେନ୍ଦ୍ର ବେଳା। ଘ. ୦୩.୫୧ମି. ଗତେ ଘ.୦୫.୧୨ମି. ମଧ୍ୟେ ରାହୁକାଳ।

# classifieds

**Everyday**
**0674-2580101, 2549302**




### BRIDE WANTED

ବ୍ରାହ୍ମଣ, ଖଣ୍ଡାୟତ, ଗଉଡ଼, ଗୁଡ଼ିଆ ଜାତିର ବରପାତ୍ର ପାଇଁ କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68264

ଖଣ୍ଡାୟତ ବରପାତ୍ର (ବୟସ 37) ପ୍ରାଇଭେଟ୍ କମ୍ପାନୀ ୱାର୍କର, (କଟକ ଆଠଗଡ଼) ପାଇଁ ଗରିବ କନ୍ୟାପାତ୍ରୀ ଆବଶ୍ୟକ। ବିଧବା ଛାଡ଼ପତ୍ର କନ୍ୟାପାତ୍ରୀ ଚଳିବ। ଯୋଗାଯୋଗ: 8249435207, 9173066545 95. D-19319

36, 5'6" Brahmin BE Mechanical groom working as Deputy Manager in reputed automobile company require professional, beautiful bride. Contact: 9437560347/ 9861022788. D-19327

Son Age 31 B.Tech M.Tech NIT Hamirpur currently Working in mnc company Bangalore salary 20-lakhs 6372748613. D-19376

Son Age 30 B.Tech IGIT Sarang MBA XIMB Bbsr work in govt of India as assistant manager RBI grade B manager cast no bar 8144589551. D-19377

Karan 45/170cm, B.Com, PGDCA, Businessman having bright social and financial background. Contact No.- 9178112177 and 9078746644. D-19350

### GROOM WANTED

44ବୟସ୍କା Govt. Teacher widow ସୁନ୍ଦର Brahmin ଝିଅଙ୍କୁ married/ unmarried ପୁଅ ଦରକାର। 7681060810. D-67965

Age-32 ବର୍ଷ, ପାଟରା ଜାତିର ଝିଅଙ୍କ ପାଇଁ ପୁଅ ଦରକାର। ଯୋଗାଯୋଗ:- 08269207019, 07587880435. D-69035

ବୟସ-28, Nurse ଥିବା ଦରମା 27000/- divorcee ବ୍ରାହ୍ମଣ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7077495623. D-19375

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




### SALE

BBSR ସୁନ୍ଦରପଦାରେ 1150/- KEC ପାଖରେ 1250/- ପିପିଲି NHକୁ ଲାଗି 800/-ରେ 30ft. road ଘରବାରି plot ବାଉଣ୍ଡରୀ ଥାଇ କିଣନ୍ତୁ। 7978641199. D-69599

**Book 2/3 BHK Flat, Near Sum Hospital, Bhubaneswar, Contact: 8114860043.** D-67775

**Plot For Sale, 2000sqft (10nos) per Sq.ft.- 1700, Gharabari Plot and Sarada-2 (15nos) per sqft- 1500 main road side, infront of Tata Ariana, Mouza- Sankarpur, Ghatikia, BBSR. Electricity, Supply Water available. Contact: 8114744495, 8328943165.** D-19368

Riverside Gharabari Plots at Balianta 4 Km. from Hanspal Square. 9437277532. D-19366

**New construction individual house sale near Gita Engg. College, Bhubaneswar, land area- 2300sqft built up area- 3000sqrft cost @ 80lakhs. Mob: 9938867397.** D-19351

Bank Approved Plot, Saivihar Colony, Rangabazar 1500 Sq.ft. @ 6,75,000/- 9437522338, 9437522339. D-19367

**Hanspal Canalroadରେ Gharabari, Electricity, Boundary ଥାଇ Plot ବିକ୍ରି ହେଉଛି। ଯେଉଁମାନେ Immediate ଘର କରିବେ ସେମାନେ Call କରନ୍ତୁ। Sq.ft. 750/-. 9437005434** D-70136

**Immediate construction with ଘରବାରି ବାଉଣ୍ଡ୍ରିୱାଲ, ଇଲେକ୍ଟ୍ରିସିଟି ଥାଇ ହଂସପାଳ କେନାଲ ରୋଡ୍ ପାଖରେ ଜାଗା ବିକ୍ରିହେବ। 7978998868.** D-70135

**Bhubaneswar Khordha NH sideରେ plot ମିଳୁଅଛି। Direct Owner-9090963952.** D-70132

For sale, Industrial land with building at Mancheswar, near Rasulgarh Square for instant transfer and possession. Electronics/Lighting/IT base/others preferred. Call 8093737945. D-19320

**Booking open for 3BHK/ 2BHK luxurious & premium flat at Surya Nagar, Bhubaneswar, genuine buyer please Contact- (D.K.ASSOCIATES). 9937329999.** D-69951

Plot of 2601sqft. with boundarywall behind GIET, Gangapatna, BBSR, Contact Mobile: 9337203568. D-19325

**One BHK semi-furnished flat near DAV school Pokhariput for immediate sale. 24 hours security, power back-up, inter-com, lift etc. Contact -9937079628/ 7008661684.** D-19353

**Bhubaneswar Sum Hospital Gurukul ପାଖରେ yellowzone gharabari plot ବିକ୍ରି କରାଯାଉଅଛି। 9439206202.** D-70128

Prime property at Khandagiri (Land & building) 2 storyed with underground cost Rs. 1.20/ crore (negotiable) Pho. No.- 9338579645. D-67773

**Plot for sale nearest Railway Station, Bhawanipatna, Kalahandi. Contact No. 9437738769.** D-19282

Infosys-II ପାଖରେ 200' ରୋଡ୍‌କୁଲାଗି ପାଚେରିହୋଇ plot ବିକ୍ରି କରାଯାଉଛି। 9439864322. D-70137

**Gharabadi Plot with Boundarywall sale at Bankual near Tankapani Road. Rate 1300/- per sqft. Plot size 1200/2000. Call for Details : 9438109040/ 8144658008.** D-19321

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70133

**ଭୁବନେଶ୍ୱର ଗୋଠପାଟଣା IIIT, Birla Global University ପାଖରେ ଘରବାରି yellowzone, 30' road, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। 1st possession/ registration. 9937819395.** D-70125

**Ready to move Duplex for sale at DHPL Villa One Kalarahanga. Contact: 9937059891.** D-19208

**Immediate registration & possession with demarcated boundary wall 30'wide road, plot for sale @650/- per sqft. at Gudiapokhari near Krupajal Engineering College and at Uttara Chhak, Bhubaneswar. 8917528470, 7008328766.** D-19150

### PURCHASE

Land requires for plotting project in around Bhubaneswar, 9937816565, 9937568585. D-70123




**Don't hurry for construction or renovation compare quality and price from others before start your work talk with engineering experts for latest techniques call OHM Construction & research centre. 9938640133, 9938709146.** D-70068




Furnished Office space available on Janpath behind Kalsi Petrolpump 850sqft full furnished office with pantry toilet, 26 workstations, lift facility also availble on 3rd floor. Contact: 9437001845 D-69666

House at Nayapalli near DAV/ Stewart School, Family. 9438490107, 8895096862. D-69597

**Fully furnished 3BHK flat at Saheed Nagar, Bhubaneswar for company guesthouse. Contact: 9437255444 (9AM to 9PM).** D-69949

Ground floor One roomed independent house, Laxmi Sagar, Bhubaneswar. 9625392682, 9437557580. D-69465

House for residence available at Jayadev Vihar, Bhubaneswar on rent (Car space available). Contact: 9437158292. D-19370

Two BHK with Car Parking available for family at Palasuni. Contact: 9425275445. D-19373




Newly open full body massage ladies and gents. 9337349409. D-69596

Revitalize your self with our ayurvedic massage and refreshment, Call: 7381239385. D-70063

Christmas Offer@ 899/- all types massage gives by Swarna SPA. 9556978408. D-70069

Rejuvenate and Ayurvedic full body massage by smart therapist. 9348123330. D-70071

Get refreshment body massage by expert therapist contact for 7205084157. D-70070

Experience full body massage with expert therapists. Call: 7377048581. D-70064

Newly open evergreen SPA Offer @799/- Jaydev Vihar. 7846814019. D-59973

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Offering Bedsheets Stitching and Packing contract only for experienced Tailors. 9438804164, 8260052422. D-19372

**AB roadlinesର new project ପାଇଁ ହାଇୱା ଆବଶ୍ୟକ। Mo-: 9337731351, 7077061630.** D-19336

### LOST

I, Sujata Nayak, D/o- Suresh Chandra Nayak, At-70, Chakradharpur, Mundulí, P.S- Barang, Dist.- Cuttack, lost my Class-12th Migration Certificate somewhere on transit on 15.12.2020. If anybody found the Certificate, kindly inform to Mobile: 8328962530. D-19374

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**ଫ୍ରାନ୍ସକୁ ବ୍ୟାପିଲା ନୂଆ ଷ୍ଟ୍ରେନ୍**

ପ୍ୟାରିସ୍: ବ୍ରିଟେନରେ ବ୍ୟାପିଥିବା କରୋନା ଭୂତାଣୁର ନୂଆ ଷ୍ଟ୍ରେନ୍ ଏବେ ଫ୍ରାନ୍ସରେ ପ୍ରବେଶ କରିଛି। ଲଣ୍ଡନରୁ ଫେରିଥିବା ଜଣେ ଫରାସୀଙ୍କଠାରେ ଭୂତାଣୁର ନୂଆ ରୂପ ଚିହ୍ନଟ ହୋଇଥିବା ସେଠାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେ ୧୯ ତାରିଖରେ ଲଣ୍ଡନରୁ ଫେରିଥିଲେ। ତାଙ୍କୁ ଆଇସୋଲେଶନରେ ରଖାଯାଇଛି।

## ସଂକ୍ଷେପରେ

### ୩୦ରୁ ଶୀତ କମିବ

**ଭୁବନେଶ୍ୱର,୨୬।୧୨(ବ୍ୟୁରୋ):** ରାଜ୍ୟରେ ଶୀତର ପ୍ରକୋପ ହ୍ରାସ ପାଇବାରେ ଲାଗିଛି। ଗତ ଦୁଇ ତିନି ଦିନ ହେବ ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରୀ ସେଲ୍ସିୟସ ଉପରେ ରହୁଛି। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଶୀତ ଏଭଳି ସ୍ୱାଭାବିକ ଅବସ୍ଥାରେ ରହିବ। ଡିସେମ୍ବର ୩୦ରୁ ଶୀତ କମିବ। ବଙ୍ଗୋପସାଗରରୁ ସ୍ଥଳଭାଗକୁ ବାୟୁ ପ୍ରବାହ ହେବ। ଫଳରେ ସର୍ବନିମ୍ନ ତାପମାତ୍ରା ୪ରୁ ୫ ଡିଗ୍ରୀ ଉପରକୁ ଉଠିଯିବ। ଆସନ୍ତା ଜାନୁୟାରୀ ୩ ତାରିଖ ଯାଏ ଶୀତ କମିବା ସହିତ କେତେକ ସ୍ଥାନରେ କୁହୁଡ଼ି ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନୟାଗଡ଼, ମୟୂରଭଞ୍ଜ, ବୌଦ୍ଧ, ମାଲକାନଗିରି, କୋରାପୁଟ, ବଲାଙ୍ଗୀର, କଟକ ଏବଂ ସୁନ୍ଦରଗଡ଼ ଜିଲ୍ଲାର କେତେକ ସ୍ଥାନରେ କୁହୁଡ଼ି ହୋଇପାରେ। ଶନିବାର ରାଜ୍ୟର ୧୦ଟି ସ୍ଥାନରେ ପାରଦ ୧୦ ଡିଗ୍ରୀ ସେଲ୍ସିୟସ ତଳେ ରହିଛି। ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୫.୫ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡି ୬, କୋରାପୁଟ ୮.୨, ଭବାନୀପାଟଣା ୯, ସୁନ୍ଦରଗଡ ୮.୫, କେନ୍ଦୁଝର ୯.୮, ଝାରସୁଗୁଡା ୮.୫, ବାରିପଦା ୧୦, ବଲାଙ୍ଗୀର ୧୦.୬, ବୌଦ୍ଧ ୧୦, ସୋନପୁର ୧୧, ଟିଟିଲାଗଡରେ ସର୍ବନିମ୍ନ ତାପମାତ୍ରା ୧୧.୫, କଟକ ୧୨, ଭୁବନେଶ୍ୱର ୧୩.୮ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଛି।

### ବନ୍ଧୁକ ଦେଖାଇ ୨ ଲକ୍ଷ ଲୁଟ୍

ଖଲ୍ଲିକୋଟ,୨୬।୧୨(ଡି.ଏନ.ଏ.)-ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଜାତୀୟ ରାଜପଥ ନଂ ୧୬ ବଡ଼ଘାଟି ନିକଟରେ ଶନିବାର ବନ୍ଧୁକ ଦେଖାଇ ଜଣେ ବ୍ୟକ୍ତିଙ୍କଠାରୁ ୨ ଲକ୍ଷ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ପିଣ୍ଟୁ ବେହେରା ବାଣପୁରଠାରେ ଥିବା ମଣିପୁରମ ଗୋଲ୍ଡ ଲୋନ ସଂସ୍ଥାରେ ଟଙ୍କା ଡିପୋଜିଟ କରିବା ପାଇଁ ବ୍ୟାଗରେ ୨ ଲକ୍ଷ ୧୧ ହଜାର ଟଙ୍କା ନେଇ ଯାଉଥିଲେ। ତିନିଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ପିଣ୍ଟୁଙ୍କୁ ପିଛା କରି ବଡ଼ଘାଟିରେ ଅଟକାଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଦୁର୍ବୃତ୍ତ ପିଣ୍ଟୁଙ୍କୁ ବନ୍ଧୁକ ଏବଂ ଧାରୁଆ ଅସ୍ତ୍ର ଦେଖାଇ ବ୍ୟାଗ ମାଗିଥିଲେ। ପିଣ୍ଟୁ ଜୀବନ ଭୟରେ ବ୍ୟାଗ୍ ଦେଇଥିବା ପ୍ରକାଶ କରିଛନ୍ତି। ଖବର ପାଇ ଖଲ୍ଲିକୋଟ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ଛତ୍ରପୁର ଏସ୍‌ଡିପିଓ ଗୌତମ କିସାନ ଘଟଣାସ୍ଥଳରେ ଅନୁସନ୍ଧାନ ଜାରି ରଖିଛନ୍ତି।

### ଅଳିଆଗଦାରୁ ନବଜାତ ଶିଶୁ ମୃତଦେହ ଜବତ

**ବ୍ରହ୍ମପୁର ଅଫିସ,୨୬।୧୨:** ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଏମ୍‌କେସିଜି ମେଡିକାଲ ପରିସରରେ ଶନିବାର ଏକ ନବଜାତ ଶିଶୁର ମୃତଦେହ ଅଳିଆ ଗଦାରେ ପଡିଥିବା ଦେଖିବାକୁ ମିଳିଥିଲା। ଖବର ଜଣାପଡିବା ପରେ ସେଠାରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। କେହି ଜଣେ ମହିଳା ଶିଶୁଟିକୁ ଜନ୍ମ ଦେବା ପରେ ଖତ ଗଦାରେ ଫୋପାଡି ଦେଇଥିବା କୁହାଯାଉଛି। ଶିଶୁଟିର ବାମ ଗୋଡକୁ କୁକୁର ଖାଇଦେଇଛି। ଅନ୍ୟପଟେ ଏଭଳି ଘଟଣା ନେଇ କୌଣସି ଖବର ନ ଥିବା ବୈଦ୍ୟନାଥପୁର ଥାନା ଅଧିକାରୀ ସାରଦା ପ୍ରସନ୍ନ ଦାସ କହିଛନ୍ତି।



ଶ୍ରୀଲିଙ୍ଗରାଜ ମନ୍ଦିର ଖୋଲିବା ପୂର୍ବରୁ ଶନିବାର ଶ୍ରଦ୍ଧାଳୁମାନେ ବାହାରୁ ଭକ୍ତି ନିବେଦନ କରି ଫେରୁଛନ୍ତି। (ଫଟୋ: ବିକାଶ)

# ଆଜିଠୁ ଖୋଲିବ ଶ୍ରୀଲିଙ୍ଗରାଜ ମନ୍ଦିର

**ଭୁବନେଶ୍ୱର(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର(ଡି.ଏନ୍.ଏ.), ୨୬।୧୨**

**୯ ମାସ ଅପେକ୍ଷାର ଅନ୍ତ**
- ୩୧ ଯାଏ ଦର୍ଶନ କରିବେ ସେବାୟତ, ପୂଜକ
- ୩ରୁ ୫ ରାଜଧାନୀବାସୀଙ୍କୁ ସୁଯୋଗ
- ୬ରୁ ସର୍ବସାଧାରଣ ଦର୍ଶନ
- କୋଭିଡ୍ ନେଗେଟିଭ୍ ରିପୋର୍ଟ, ପରିଚୟପତ୍ର ବାଧ୍ୟତାମୂଳକ

ପୁରୀ ଶ୍ରୀମନ୍ଦିର ପରେ ରବିବାରଠାରୁ ଭକ୍ତଙ୍କ ପାଇଁ ଖୋଲୁଛି ଶ୍ରୀଲିଙ୍ଗରାଜ ମନ୍ଦିର। ଏଥିପାଇଁ ଏକାମ୍ରକ୍ଷେତ୍ର ପୂରା ପ୍ରସ୍ତୁତ ରହିଥିବାବେଳେ ଦୀର୍ଘମାସ ପରେ ପ୍ରଭୁଙ୍କ ଦର୍ଶନ ପାଇଁ ଉତ୍କଣ୍ଠାରେ ଶ୍ରଦ୍ଧାଳୁ। ଶନିବାର ଅପରାହ୍ନରେ ଅଗ୍ନିଶମ ବିଭାଗ ପକ୍ଷରୁ ଲିଙ୍ଗରାଜ ମନ୍ଦିର ପରିସର ଓ ଚର୍ତୁପାର୍ଶ୍ୱକୁ ବିଶୋଧନ କରାଯାଇଛି। ଏହାସହ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

କରୋନା ସଂକ୍ରମଣ ଲାଗି ଗତ ମାର୍ଚ୍ଚରୁ ଲିଙ୍ଗରାଜ ମନ୍ଦିର ବନ୍ଦ ରହିଥିଲା। ଦୀର୍ଘ ୯ ମାସ ପରେ ସର୍ବସାଧାରଣଙ୍କ ପାଇଁ ମନ୍ଦିର ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ କେବଳ ସେବାୟତ ଓ ପୂଜକ ପରିବାରର ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ। ନୂଆବର୍ଷ ଅଥାତ୍ ଜାନୁଆରୀ ୧ ଓ ୨ରେ ସମ୍ଭାବ୍ୟ ଅଧିକ ଭିଡ଼କୁ ନଜରରେ ରଖି ମନ୍ଦିରକୁ ସର୍ବସାଧାରଣଙ୍କ ପାଇଁ ବନ୍ଦ ରଖାଯିବ। ଏହାପରେ ୩ରୁ ୫ ତାରିଖ ମଧ୍ୟରେ ରାଜଧାନୀବାସୀଙ୍କୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ପାଇଁ ସୁଯୋଗ ମିଳିବ। ଜାନୁୟାରି ୬ରୁ ୩୧ ପର୍ଯ୍ୟନ୍ତ ରାଜ୍ୟ ଓ ବାହାରୁ ସର୍ବସାଧାରଣ ଦର୍ଶନ ହେବ। ମନ୍ଦିର ପରିସରରେ ଏକକାଳୀନ ସର୍ବାଧିକ ୫୦୦ ଲୋକ ରହିପାରିବେ। ଦର୍ଶନ ନିମନ୍ତେ କୋଭିଡ୍ ନେଗେଟିଭ ରିପୋର୍ଟ ସାଙ୍ଗରେ ଆଣିବାକୁ ପଡ଼ିବ। ମନ୍ଦିରକୁ ପ୍ରବେଶ ଓ ଦର୍ଶନ ସମୟରେ କୋଭିଡ୍ ନିୟମର କଡ଼ାକଡ଼ି ପାଳନ କରାଯିବ। ପ୍ରବେଶ ଦ୍ୱାରରେ ସମସ୍ତ ଶ୍ରଦ୍ଧାଳୁଙ୍କ ସ୍କ୍ରିନିଂ ପରେ ଦର୍ଶନ ପାଇଁ ଭିତରକୁ ଛଡ଼ାଯିବ। ପୁରୀ ଭଳି ଲିଙ୍ଗରାଜ ମନ୍ଦିରରେ ମଧ୍ୟ ଦର୍ଶନ ପାଇଁ ପରିଚୟପତ୍ର ବାଧ୍ୟତାମୂଳକ କରାଯାଇଛି। ସେହିଭଳି ମାସ୍କ ପରିଧାନ, ସାନିଟାଇଜେଶନ ସହ ସାମାଜିକ ଦୂରତ୍ୱ ନିୟମ ମାନିବାକୁ ହେବ। ଗର୍ଭଗୃହରେ ଦର୍ଶନ ଲାଗି ଅନୁମତି ଦିଆଯିବନାହିଁ। ଆଡ଼ପ ମଣ୍ଡପ ନିକଟରେ ରହି ଶ୍ରଦ୍ଧାଳୁ ପ୍ରଭୁ ଲିଙ୍ଗରାଜଙ୍କୁ ଦର୍ଶନ କରିବେ।

# ମା’ ଆଗରେ ଭାସିଗଲେ ନାବାଳକ

## ସମୁଦ୍ରରେ ସେଲ୍‌ଫି ନେବା କାଳ ହେଲା

**ପାରାଦୀପ/କୁଜଙ୍ଗ,୨୬।୧୨ (ସ୍ୱ.ପ୍ର./ଡି.ଏନ୍.ଏ.)**

ପାରାଦୀପ ଉପକଣ୍ଠ ତୈଳ ବିଶୋଧନାଗାର ସାଉଥଗେଟ୍ ସୀମା ସମୁଦ୍ରରେ ଶନିବାର ସନ୍ଧ୍ୟାରେ ଜଣେ ନାବାଳକ ସମୁଦ୍ରରେ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ତ୍ରିଲୋଚନପୁରସ୍ଥିତ ଡମପଡ଼ାର ଅଶୋକ ପ୍ରଧାନଙ୍କ ପୁଅ ସିଦ୍ଧାନ୍ତ(୧୦)। ଅପରାହ୍ନ ସମୟରେ ସେ ୫ ଜଣ ସାଙ୍ଗଙ୍କ ସହ ମା’ଙ୍କୁ ନେଇ ସମୁଦ୍ରକୂଳକୁ ବୁଲିବାକୁ ଆସିଥିଲେ। ସମସ୍ତେ ପାଣିରେ ଖେଳିବା ସହ ମୋବାଇଲରେ ସେଲ୍‌ଫି ଫଟୋ ଉଠାଉଥିଲେ। ଏହି ସମୟରେ ସିଦ୍ଧାନ୍ତ ଅଜାଣତରେ ପାଣିରେ ପଶି ବୁଡ଼ି ଯାଇଥିଲେ। ଅନ୍ୟଜଣେ ସାଙ୍ଗ ତାଙ୍କୁ ଉଦ୍ଧାର କରିବା ପାଇଁ ଯାଇ ପାଣି ଭିତରକୁ ଟାଣି ହୋଇଯାଇଥିଲେ। ଏହି ସମୟରେ ପାଖରେ ମାଛ ଧରୁଥିବା ଜଣେ ଲୋକ ତାଙ୍କ ପାଖକୁ ଜାଲ ପକାଇବାରୁ ସେ ବର୍ତ୍ତି ଯାଇଥିଲେ। ମାତ୍ର ସିଦ୍ଧାନ୍ତ ସମୁଦ୍ରରେ ନିଖୋଜ ହୋଇଯାଇଥିଲେ। ଖବରପାଇ ସ୍ଥାନୀୟ ଲୋକେ ଓ ଜଟାଧାର ମୁହାଣ ସାମୁଦ୍ରିକ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଛନ୍ତି। ମାତ୍ର ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳି ନ ଥିଲା।

# ବନ୍ଧୁକ ଦେଖାଇ ୪୦ ଭରି ସୁନା ଲୁଟ୍

**କୋକସରା, ୨୬।୧୨ (ଡି.ଏନ.ଏ)**

## ବୁଲେଟ ଧରି ଚମ୍ପଟ ମାରିଲେ ଦୁର୍ବୃତ୍ତ

କଳାହାଣ୍ଡିଜିଲା କୋକସରା ଥାନା ମୋଟେର ଗ୍ରାମ ଶାନ୍ତିନଗର ପଡାରେ ରହୁଥିବା ଶିକ୍ଷକ ଯଯାତି ପାଟଯୋଷୀଙ୍କ ଘରୁ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଲୁଟ୍ ହୋଇଛି। ପ୍ରାୟ ୫ରୁ ୭ଜଣ ମୁଖାପିନ୍ଧା ଦୁର୍ବୃତ୍ତ ପାଟଯୋଶୀଙ୍କ ଘରେ ପଶି ପରିବାର ଲୋକଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ଏହାପରେ ସେମାନେ ଘରେ ଥିବା ପ୍ରାୟ ୪୦ ଭରି ସୁନା ଗହଣା, ନଗଦ ଟଙ୍କା, ଏକ ବାଇକ୍, ଟିଭି ଏବଂ ୨ଟି ମୋବାଇଲ ନେଇ ପଳାଇଥିଲେ। ଯିବାବେଳେ ସେମାନେ ପରିବାର ଲୋକଙ୍କୁ ଏକ କୋଠରୀରେ ବନ୍ଦ କରିଦେଇଥିଲେ ବୋଲି ପାଟଯୋଷୀ କହିଛନ୍ତି। ଦୁର୍ବୃତ୍ତମାନେ ହିନ୍ଦୀ ଓ ଓଡ଼ିଆ ଭାଷାରେ କଥା ହେଉଥିବା ପରିବାର ଲୋକେ କହିଛନ୍ତି। ପରେ କୌଣସି ମତେ କବାଟ ଭାଙ୍ଗି ସେମାନେ ବାହାରକୁ ଆସି ପୋଲିସକୁ ଖବର ଦେଇଥିଲେ। ଶନିବାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରୁଛି। ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀ ନାରାୟଣ ନାୟକ ମଧ୍ୟ ଘଟଣାର ତଦନ୍ତ କରିଛନ୍ତି।

# ମେଡିକାଲରେ ଡାକ୍ତରଙ୍କ ଧୂମପାନ ଫଟୋ ଭାଇରାଲ

**ପାତ୍ରପୁର,୨୬।୧୨(ଡି.ଏନ୍.ଏ.)**



ଡାକ୍ତରମାନେ ଧୂମପାନ କରୁଛନ୍ତି।

ଗଞ୍ଜାମ ଜିଲା ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୪ଜଣ ଡାକ୍ତର ଏକାଠି ହୋଇ ଧୂମପାନ (ସିଗାରେଟ) କରୁଥିବା ଏକ ଫଟୋ ଶନିବାର ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଫଟୋଟି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ପ୍ରେକ୍ଷାଳୟ ପରିସରରେ ଉଠାଯାଇଥିବା ଜଣାପଡୁଛି। ଶୁକ୍ରବାର ରାତିରେ ବଡଦିନ ପାଳନ ବେଳେ ଏହା ଉଠାଯାଇଥିବାବେଳେ ଶନିବାର ବିଭିନ୍ନ ମୋବାଇଲ୍‌ରୁ ମୋବାଇଲ ଘୂରି ବୁଲୁଥିଲା। ଏହାକୁ ନେଇ ଲୋକେ ନାନା କଥା କହୁଥିବାବେଳେ କେତେଜଣ ସାମାଜିକ କର୍ମୀ ଗଞ୍ଜାମ ଜିଲାପାଳ, ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ସର୍ବସାଧାରଣ ସ୍ଥାନରେ ଧୂମପାନ ପାଇଁ ବାରଣ କରାଯାଉଥିବାବେଳେ କରୋନା କଟକଣା ସତ୍ତ୍ୱେ ମେଡିକାଲ ପରିସରରେ ଖୋଦ୍ ଡାକ୍ତର ସିଗାରେଟ୍ ଟାଣିବାକୁ ବୁଦ୍ଧିଜୀବୀମାନେ ନିନ୍ଦା କରିଛନ୍ତି।

ଏନେଇ ସିଡିଏମ୍‌ଓ ଉମାଶଙ୍କର ମିଶ୍ରଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଘଟଣା ସମ୍ପର୍କରେ ଅଭିଯୋଗ ପାଇଛି। ଏନେଇ ଏଡିପିଏଚ୍‌ଓଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି।

# ୧୦୯୨ କର୍ମଚାରୀଙ୍କୁ ମିଳିବ ଏଏସ୍‌ଆଇ ତାଲିମ

**କଟକ ଅଫିସ, ୨୬।୧୨**

## ଡିଜିପିଙ୍କ ଅନୁମୋଦନ

କନଷ୍ଟେବଳ, ଲାନ୍ସ ନାଏକ, ହାବିଲଦାର ଓ ସିଆଇ ହାବିଲଦାର ପଦବୀରୁ ଏଏସ୍‌ଆଇ ପଦବୀକୁ ପଦୋନ୍ନତି ଦିଆଯିବ। ଏହି ପଦୋନ୍ନତି ନିମନ୍ତେ ଆବଶ୍ୟକ ତାଲିମ ପାଇଁ ଡିଜିପି ଅଭୟ ଅନୁମୋଦନ କରିଛନ୍ତି। ମନୋନୀତ ପ୍ରାର୍ଥୀଙ୍କ ମଧ୍ୟରେ ୮୪୯ ଜଣ ଅଣସଂରକ୍ଷିତ ବର୍ଗର ଓ ୨୪୩ ଜଣ ଅନୁସୂଚିତ ଜନଜାତି ବର୍ଗର। ଓଡ଼ିଶା ପୋଲିସ ପକ୍ଷରୁ ଏଥିପାଇଁ ଲିଖିତ ପରୀକ୍ଷା କରାଯାଇଥିଲା। ଏଥିରେ ଏଏସ୍‌ଆଇ ପଦବୀ ପାଇଁ ସମୁଦାୟ ମାର୍କର ୪୦ ପ୍ରତିଶତ ରଖିବା ବାଧ୍ୟତାମୂଳକ ଥିଲା। ମନୋନୀତ ପ୍ରାର୍ଥୀମାନଙ୍କୁ ୪ ମାସର ଏଏସ୍‌ଆଇ ପାଠ୍ୟ ଖସଡାରେ ପ୍ରଶିକ୍ଷଣ ଦିଆଯିବ। ଏହି ପ୍ରଶିକ୍ଷଣ ୨୦୨୧ ଫେବୃୟାରୀ ୧୫ରୁ ଆରମ୍ଭ ହେବ। ପରେ ସେମାନଙ୍କୁ ଥାନାରେ ୨ ମାସର ବ୍ୟବହାରିକ ପ୍ରଶିକ୍ଷଣ ଦିଆଯିବ। ଏହାପରେ ନିୟମିତ ଏଏସ୍‌ଆଇ ଭାବେ ସମସ୍ତଙ୍କୁ ନିଯୁକ୍ତି ଦିଆଯିବ। ପରେ ସେମାନଙ୍କୁ ମାମଲା ଅନୁସନ୍ଧାନ ଓ ତଦନ୍ତ କରିବାକୁ କ୍ଷମତା ପ୍ରଦାନ କରାଯିବ ବୋଲି ପୋଲିସ ମୁଖ୍ୟାଳୟ ପକ୍ଷରୁ ଶନିବାର ଏକ ପ୍ରେସ୍ ନୋଟ୍ ଜରିଆରେ ଅବଗତ କରାଯାଇଛି।

# ଫ୍ରକ୍‌ରେ ରହିଛି ସିମେନ୍ ଦାଗ, ଗ୍ରୁପ୍ ଚିହ୍ନଟ ହୋଇପାରୁନି

**ନୟାଗଡ ଅଫିସ,୨୬।୧୨**

## ପରୀ ହତ୍ୟାକାଣ୍ଡ

ନୟାଗଡ଼ର ବହୁଚର୍ଚ୍ଚିତ ପରୀ ହତ୍ୟାକାଣ୍ଡରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଉଦ୍ଧାର ହୋଇଥିବା ପରୀର ଫ୍ରକ୍‌ରେ ସିମେନ୍‌ର ଦାଗ ରହିଥିବା ଫରେନ୍‌ସିକ୍ ରିପୋର୍ଟରୁ ଜଣାପଡୁଛି। କିନ୍ତୁ ସେହି ସିମେନ୍ କାହାର ତାହା ଜଣାପଡୁନାହିଁ। କାରଣ ତାହା ଏଭଳି ନଷ୍ଟ ହୋଇଛି ଯେ, ଗ୍ରୁପିଂ ଚିହ୍ନଟ କରାଯାଇପାରୁନାହିଁ। ସେହିଭଳି ଜବତ ଝୋଟ ଅଖାରେ ସିମେନ୍ କିମ୍ବା ବ୍ଲଡ ଚିହ୍ନଟ ହୋଇ ପାରୁ ନ ଥିବା ଫରେନ୍‌ସିକ୍ ରିପୋର୍ଟରେ ଉଲ୍ଲେଖ ରହିଛି। ଏଣୁ କୋର୍ଟରେ ଏହା ଗ୍ରହଣଯୋଗ୍ୟ ହେବକି ନାହିଁ ସନ୍ଦେହ ଉପୁଜିଛି। ବିଶେଷଜ୍ଞମାନଙ୍କ ମତରେ କୋର୍ଟରେ ପ୍ରମାଣ ନ ହୋଇ ପାରିଲେ ଅଭିଯୁକ୍ତ ଖସିଯିବେ। ପରୀ ଜୁଲାଇ ୧୪ରେ ନିଖୋଜ ହୋଇଥିଲା। ଜୁଲାଇ ୨୩ରେ ପରୀର ଘର ପଛ ପାଖ ପୋଖରୀ କୂଳରେ ଅଖା ଭିତରୁ କିଛି ହାଡ, ଏକ ଫ୍ରକ୍ ଜବତ ହୋଇଥିଲା। ନୟାଗଡ ସଦର ଥାନା ପୋଲିସ ଅଗଷ୍ଟ ୧୪ରେ ଜବତ ଖପୁରି, ହାଡ଼, ଦାନ୍ତକୁ ପରୀକ୍ଷଣ ପାଇଁ ପଠାଇଥିଲା। ଅଗଷ୍ଟ ୨୯ରେ ପୋଲିସ ଏସ୍‌ଏଫ୍‌ଏସ୍‌ଏଲ ଭୁବନେଶ୍ୱରକୁ ଏକ୍ସପର୍ଟ ଓପିନିୟନ ମାଗିଥିଲା। କିନ୍ତୁ ପୋଲିସ ପରୀର ଫ୍ରକ୍‌କୁ ପରୀକ୍ଷଣ ପାଇଁ ପଠାଇ ନ ଥିଲା। ପରୀର ମା’ବାପା ନଭେମ୍ବର ୨୪ରେ ବିଧାନସଭା ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିବା ପରେ ୨୫ ନଭେମ୍ବରରେ ଫ୍ରକ୍‌କୁ ଫରେନସିକ୍ ଲାବରେଟୋରିକୁ ପଠାଇଥିଲା। ୯୫ ଦିନ ପର୍ଯ୍ୟନ୍ତ ପକାଇ ରଖିବା ଯୋଗୁ ପୋଲିସର କାର୍ଯ୍ୟ ସନ୍ଦେହ ଘେରକୁ ଆସିଥିଲା। ଡିସେମ୍ବର ୧ରେ ଏସ୍‌ଆଇଟି ତଦନ୍ତ ଆରମ୍ଭ କରିଥିଲା।

### ସିବିଆଇ ତଦନ୍ତ ହେଉ: ଧର୍ମେନ୍ଦ୍ର

ପରୀ ହତ୍ୟାକାଣ୍ଡର ତଦନ୍ତ ସିବିଆଇ ଦ୍ୱାରା କରିବାକୁ ଦାବି କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଥମ ଥର ପାଇଁ ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି। ଏ ଘଟଣାରେ ରାଜ୍ୟ ସରକାର ନିଜ ଦୋଷ ଦୁର୍ବଳତା ନ ଲୁଚାଇବା ଉଚିତ। ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ହାଥରସ୍ ମାମଲାରେ ନିରପେକ୍ଷ ତଦନ୍ତ ଲାଗି ଯେଉଁଭଳି ସିବିଆଇ ହାତକୁ ଦାୟିତ୍ୱ ଟେକିଦେଲେ, ସେପରି କରାଯିବା ଦରକାର। ଅଭିଯୁକ୍ତ କଲେଜ ଛାତ୍ରକୁ ଏସ୍‌ଆଇଟି ଗିରଫ କରିଛି। କିନ୍ତୁ ଏସ୍‌ଆଇଟି ତଦନ୍ତରେ ପରୀର ମା’ବାପା ସନ୍ତୁଷ୍ଟ ନୁହନ୍ତି। ପରୀର ମା’ବାପାଙ୍କ କଥାକୁ ସମ୍ମାନ ଜଣାଇଲେ ପ୍ରକୃତ ହତ୍ୟାକାରୀ ଧରାପଡ଼ନ୍ତା ବୋଲି ଧର୍ମେନ୍ଦ୍ର କହିଛନ୍ତି। ସୂଚନାଥାଉ କି ପରୀ ହତ୍ୟା ଘଟଣାର ଅଭିଯୁକ୍ତଙ୍କୁ ମନ୍ତ୍ରୀ ଅରୁଣ ସାହୁ ସୁରକ୍ଷା ଦେଉଥିବା ଏବଂ ଏସ୍‌ଆଇଟି ଗପ କହି ଜଣେ ନିର୍ଦ୍ଦୋଷ ଛାତ୍ରକୁ ଫସାଇଥିବା ପରୀ ମା’ବାପା ଓ ଭାଜପା ପକ୍ଷରୁ ଅଭିଯୋଗ କରାଯାଉଛି। ଭାଜପା ପକ୍ଷରୁ ନୟାଗଡ଼ ଜିଲାପାଳଙ୍କ ଅଫିସ ସମ୍ମୁଖରେ ରିଲେ ଅନଶନ ଓ ରାଜ୍ୟ ସାରା ପଦଯାତ୍ରା ମାଧ୍ୟମରେ ମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା ଓ ସିବିଆଇ ତଦନ୍ତ ଦାବି କରାଯାଇଛି। କିନ୍ତୁ ପରୀ ହତ୍ୟା ଘଟଣାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ନୀରବ ଥିଲେ।

# ନବୀନ ଜମିଦାର, ଆମେ ଗୁମାସ୍ତା

**ଖୋର୍ଦ୍ଧା ଅଫିସ,୨୬।୧୨**

ନବୀନବାବୁ ଦୟା, ମମତାର ସାଗର। ତାଙ୍କ ମଧ୍ୟରେ ଏକ ନିର୍ମଳ ହୃଦୟ ରହିଛି। ସାଧାରଣ ଜନତାଙ୍କ ପ୍ରତି ତାଙ୍କ ମନରେ ଅଶେଷ କରୁଣା ରହିଛି। କୌଣସି ସ୍ଥାନକୁ ଗଲାବେଳେ ଗରିବ ଲୋକଙ୍କୁ ଦେଖିଲେ ହାତ ହଲାଇ ତାଙ୍କୁ ଶୁଭେଚ୍ଛା ଜଣାଇଥାନ୍ତି। ନବୀନ ପଟ୍ଟନାୟକ ସାଢେ ୪କୋଟି ଜନତାଙ୍କ ମଉଡ଼ମଣି। ନବୀନ ଜମିଦାର, ଆମେ ସବୁ ଗୁମାସ୍ତା ବୋଲି ବିଜେଡିର ୨୪ତମ ପ୍ରତିଷ୍ଠା ଦିବସ ଅବସରରେ ଶନିବାର ବିଜେଡି ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ପକ୍ଷରୁ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ‘ଓଡ଼ିଶା ମୋ ପରିବାର’ର ରାଜ୍ୟ ଅଧ୍ୟକ୍ଷ ଅରୂପ ପଟ୍ଟନାୟକ କହିଛନ୍ତି। ସ୍ଥାନୀୟ ବିଡିଏ କଲ୍ୟାଣ ମଣ୍ଡପଠାରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ପଟ୍ଟନାୟକ କହିଲେ ଯେ, ‘ଓଡ଼ିଶା ମୋ ପରବାର’ ରାଜନୀତିରୁ ଊର୍ଦ୍ଧ୍ୱରେ। ଲୋକଙ୍କୁ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଏହା ଗଠନ ହୋଇଛି। ଆଗାମୀ ଦିନରେ ରାଜ୍ୟ ସମସ୍ତ ମେଡିକାଲରେ ଓଡ଼ିଶା ମୋ ପରିବାର ପକ୍ଷରୁ ଏକ ହେଲ୍ପ ଡେସ୍କ ବ୍ୟବସ୍ଥା କରାଯିବା ଯୋଜନା ରହିଛି। ସେଠାରେ ସ୍ୱେଚ୍ଛାସେବୀ ମାନଙ୍କୁ ନିୟୋଜିତ କରାଯିବ। ଯାତ୍ରୀ ଗୁମାସ୍ତା ନ ଥିଲେ ପୁରୀ ଶ୍ରୀମନ୍ଦିରରେ ଭକ୍ତ ହଇହଟା ହେଲା ଭଳି ମେଡିକାଲ ଏବଂ ଥାନାରେ କୌଣସି ଚିହ୍ନା ମୁହଁ ନ ଥିଲେ ଅସୁବିଧାର ସମ୍ମୁଖୀନ ହେବା ସୁନିଶ୍ଚିତ। ଚିହ୍ନା ପରିଚୟ ନଥିଲେ ମେଡିକାଲରେ ଗୋଟିଏ ଗୋଡ ପରିବର୍ତ୍ତେ ଅନ୍ୟ ଗୋଡ଼ ଅପରେଶନ କରିଦେବେ। ସେପରି ପରିଚୟ ନ ଥିଲେ ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ଲୋକ ନିଜେ ବନ୍ଧା ହୋଇଯିବେ। ଏଣୁ ସାଙ୍ଗରେ ଜଣେ ଚିହ୍ନା ମୁହାଁ ଦରକାର। ଓଡ଼ିଶାରେ କର୍କଟ ରୋଗ ଚିକିତ୍ସା ଉପଲବ୍ଧ ନାହିଁ। ଫଳରେ ଲୋକେ ଟାଟା ମୋମେରିଆଲ ହସ୍ପିଟାଲ ଏବଂ ମୁମ୍ବାଇ ଯିବାକୁ ବାଧ୍ୟ ହେଉଛନ୍ତି। କୌଣସି କର୍କଟରୋଗୀ ସାହାଯ୍ୟ ଆବଶ୍ୟକ କଲେ, ମୋ ପରିବାର ତାଙ୍କୁ ସହଯୋଗର ହାତ ବଢାଇବ ବୋଲି କହିଥିଲେ। ନବୀନ ହେଉଛନ୍ତି ଆମ ମାଲିକ ଆମେ ହଳିଆ। ସେ ଯାହା କହିବେ, ଆମେ ତାହା କରିବୁ। ଲୋକେ କହୁଛନ୍ତି ମୁଁ ଡେଲାଙ୍ଗରେ ସମୟ ଦେଉଛି। ମୁଁ କୌଣସି ଦୌଡ଼ରେ ନାହିଁ। ରାଜନୀତିରେ ଛଳନା, ପ୍ରତାରଣା ଅଛି। ଏଣୁ ମୁଁ ରାଜନୀତି ଅପେକ୍ଷା ସେବା କରିବାକୁ ପସନ୍ଦ କରୁଛି। ଆଗକୁ ମଧ୍ୟ ଲୋକଙ୍କ ସେବା କରି ଚାଲିବି ବୋଲି ସେ କହିଥିଲେ।




ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳେଇ, ଓଡ଼ିଶା ମୋ ପରିବାର ଜିଲା ସଂଯୋଜକ ଦୀପକ ହୋତା, ବିଜୟ ଜେନା, ସ୍ୱଦେଶ ରାଉତରାୟ, ଗୀତା ପାଟଶାଣୀ, ଏମ୍.ଆରିଫ୍, ଆର୍.ଏନ୍. ସିଂ, ବିଭୁ ପ୍ରସାଦ ସାହୁ, ରୀତେଶ ସାହୁ, ବାସନ୍ତୀ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଖୋର୍ଦ୍ଧା ପୌରାଞ୍ଚଳ ସମେତ ଖୋର୍ଦ୍ଧା ଓ ଟାଙ୍ଗି ବ୍ଲକର ଶତାଧିକ ମହିଳା,ପୁରୁଷ କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବାହ୍ନରେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ସହ କଲ୍ୟାଣ ମଣ୍ଡପରେ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା।

ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି– କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା– ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡ଼ାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। –ଶ୍ରୀଅରବିନ୍ଦ



# ଠିକ୍ ବାଟ ଧରନ୍ତୁ

ଆକାର ପଟେଲ

କୃଷକମାନଙ୍କ ଆୟ ଦୁଇଗୁଣ କରିବାକୁ ଚାହାନ୍ତି ବୋଲି ପ୍ରଧାନମନ୍ତ୍ରୀ କହୁଛନ୍ତି, କିନ୍ତୁ ସରକାର ଏହା କରନ୍ତୁ ତାହା ସେ ଚାହୁଁନାହାନ୍ତି। ମୋଦିଙ୍କ ବିଶ୍ୱାସ ଯେ, ସେ ଆଣିଥିବା କୃଷି ଆଇନଗୁଡ଼ିକ କୃଷକମାନଙ୍କ ପାଇଁ କୃଷି ବଜାରକୁ ବ୍ୟାପକ କରିବାରେ କର୍ପୋରେଟଗୁଡ଼ିକୁ ସହାଯ୍ୟ କରିବ। କିନ୍ତୁ କିପରି ଏହା ହୋଇପାରିବ ତାହା ସେ ସ୍ପଷ୍ଟ କରିନାହାନ୍ତି। କର୍ପୋରେଟଗୁଡ଼ିକ ଭାରତୀୟମାନଙ୍କୁ ଅଧିକ ଖାଦ୍ୟ ଖୁଆଇବା ଲାଗି ଯାଉନାହାନ୍ତି। ଭାରତ ଏବେ ବଳକା ଶସ୍ୟ ଓ କ୍ଷୀର ଉତ୍ପାଦକ ଦେଶ ହୋଇସାରିଲାଣି। କିନ୍ତୁ ସମସ୍ୟା ହେଉଛି ଅଧିକାଂଶ ଭାରତୀୟ ଗରିବ ହୋଇଥିବାରୁ ଅର୍ଥାଭାବ ଯୋଗୁ ସେମାନେ ଅଧିକ ଏବଂ ଭଲ ଖାଦ୍ୟ କିଣି ଖାଇବାକୁ ସକ୍ଷମ ହୋଇପାରୁନାହାନ୍ତି। ଏଣୁ କେନ୍ଦ୍ର ସରକାର ଏହା କରିବା ଉଚିତ। କିନ୍ତୁ ନରେନ୍ଦ୍ର ମୋଦି ଗରିବମାନେ ପାଉଥିବା ଖାଦ୍ୟ ସବ୍‌ସିଡ୍ ଟଙ୍କାର ପରିମାଣ କମ୍ କରିଛନ୍ତି। ୨୦୨୦ ବଜେଟ୍‌ରେ ଏହି ସବ୍‌ସିଡ୍ ୧.୮ ଲକ୍ଷ କୋଟି ଟଙ୍କାରୁ କମି ୧.୧୫ କୋଟି ଟଙ୍କା ରହିଥିଲା। ଯଦି ଭାରତର ଗରିବମାନଙ୍କ ମଧ୍ୟରୁ ଅଧା ଏହା ପାଆନ୍ତି, ତେବେ ମାସକୁ ମୁଣ୍ଡ ପିଛା ସବ୍‌ସିଡ୍ ୧୫୦ ଟଙ୍କାରୁ କମ୍ ହେବ। ସରକାର କୃଷକମାନଙ୍କଠାରୁ କୃଷି ଉତ୍ପାଦ କିଣି ଆମ ଦେଶର ଗରିବମାନଙ୍କୁ ଯଦି ନ ଖୁଆଇବେ ତେବେ କୃଷକମାନଙ୍କ ଆୟ ଦୁଇଗୁଣ ହେବ କିପରି ?

ଭାରତ କେତେ କୃଷି ଓ ଡାଇରି ଉତ୍ପାଦ ରପ୍ତାନି କରିବ ସେ ଦାୟିତ୍ୱ କର୍ପୋରେଟଗୁଡ଼ିକର ନୁହେଁ। ଏହା ସରକାରଙ୍କ ଦାୟିତ୍ୱ। ଅନ୍ୟ ଦେଶରେ ଆମ କୃଷକମାନଙ୍କ ପାଇଁ ମାର୍କେଟ ଖୋଲିବାକୁ ସେହି ଦେଶଗୁଡ଼ିକୁ ସରକାର ବାଧ୍ୟ କରିବା ଦରକାର। କିନ୍ତୁ ମୋଦିଙ୍କ ଶାସନ କାଳରେ ଭାରତର କୃଷିଜାତ ଉତ୍ପାଦର ରପ୍ତାନି ହ୍ରାସ ପାଇଛି। ପ୍ରତ୍ୟେକ ଦେଶ ସେମାନଙ୍କ କୃଷକମାନଙ୍କର ତଥା କୃଷି ଉତ୍ପାଦଗୁଡ଼ିକର ରପ୍ତାନିର ସୁରକ୍ଷା ତଥା ବୃଦ୍ଧି କରିବାକୁ ଚାହାନ୍ତି। ଏହା କଷ୍ଟକର ବ୍ୟାପାର ହେଲେ ମଧ୍ୟ ଏଥିରୁ ମୁକୁଳିବା ଲାଗି ବାଟ ରହିଛି। ଭିଏତ୍‌ନାମ୍ ଲଗାତର ଭାବେ ଏହାର ମୂଲ୍ୟଯୁକ୍ତ ଦ୍ରବ୍ୟଗୁଡ଼ିକର ରପ୍ତାନୀ ବୃଦ୍ଧି କରି ଏହା ପ୍ରମାଣ କରିଦେଇଛି। କିନ୍ତୁ ମୋଦି ସରକାର କ୍ଷମତାକୁ ଆସିବା ପୂର୍ବରୁ ଭାରତର କୃଷିଜାତ ଦ୍ରବ୍ୟର ରପ୍ତାନି ପରିମାଣ ଯାହା ଥିଲା ତାହା ହାସଲ କରିବାରେ ସଫଳ ହୋଇ ପାରିନାହିଁ। ମୋଦି ସରକାରଙ୍କ ପୂର୍ବରୁ ୨୦୧୩ରେ କୃଷିଭିତ୍ତିକ ରପ୍ତାନି ଥିଲା ୪୩ ବିଲିୟନ ଡଲାର, କିନ୍ତୁ ଗତ ବର୍ଷ ଏହା ହ୍ରାସ ପାଇ ପହଞ୍ଚିଛି ୩୮ ବିଲିୟନ ଡଲାରରେ। ଅପରପକ୍ଷେ କୃଷିଜାତ ସାମଗ୍ରୀର ଆମଦାନୀ ବଢ଼ିଛି। ୨୦୧୩–୧୪ରେ ଏହା ୧୫ ବିଲିୟନ ଡଲାର ରହିଥିବାବେଳେ ୨୦୧୬–୧୭ରେ ଏହା ପହଞ୍ଚିଛି ୨୫ ବିଲିୟନ ଡଲାରରେ। ସମଗ୍ର ବିଶ୍ୱରେ ମୋଟ କୃଷି ବ୍ୟବସାୟ ୨୦୦୦ ବିଲିୟନ ଡଲାର। ଭାରତର ଏଥିରେ ଏକ କ୍ଷୁଦ୍ର ଅଂଶ ରହିଥିବା ବୁଝାପଡୁଛି। ଏହା ସୂଚାଉଛି କି, ଏବେ ବି ବିଶ୍ୱରେ ମାର୍କେଟ ବୃଦ୍ଧି କରିବାକୁ ଭାରତ ପାଇଁ ଏକ ବଡ଼ ସୁଯୋଗ ରହିଛି। କିନ୍ତୁ ଗତ ୭ ବର୍ଷ ମଧ୍ୟରେ ମୋଦିଙ୍କ ଶାସନ କାଳରେ ଭାରତ କୃଷି ସାମଗ୍ରୀର ମାର୍କେଟ ସୃଷ୍ଟି କରିବାରେ ବିଫଳ ହୋଇଛି। ଆମର କୌଣସି ମୁକ୍ତ ବାଣିଜ୍ୟ ଚୁକ୍ତି ବ୍ୟବସ୍ଥା ନାହିଁ, ଯେଉଁଥିରେ କୃଷକମାନେ ସେମାନଙ୍କ ଉତ୍ପାଦଗୁଡ଼ିକୁ ବାହାରକୁ ପଠାଇପାରିବେ।

କୌଣସି ନୀତି ନିୟମ ଉପରେ ଭଲ ଭାବେ ବିଚାର କରି ଲାଗୁ କରିବାରେ ମୋଦି ଦକ୍ଷ ନୁହନ୍ତି। ସେ ଲାଗୁ କରିଥିବା ଲକ୍‌ଡାଉନ କେବଳ ଅରାଜକତା ଓ ଦୁଃଖ ଆଣିଲା ଏବଂ କୋଭିଡ୍‌କୁ ଅଟକାଇ ପାରିଲେ ନାହିଁ। ସେ ଯେଉଁ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ କଲେ ସେଥିରେ ହଜାର ହଜାର ଶିଳ୍ପ ଧରାଶାୟୀ ହୋଇଗଲା। ବିମୁଦ୍ରୀକରଣ ଦେଲା ଆଉ ଏକ ଝଟକା। ଏଥିରେ କଳାଟଙ୍କା, ଦୁର୍ନୀତି କିମ୍ବା ସନ୍ତ୍ରାସବାଦ ଶେଷ ହୋଇପାରିଲା ନାହିଁ। ସରକାରଙ୍କ ତଥ୍ୟ ଅନୁସାରେ ବିମୁଦ୍ରୀକରଣ ଅର୍ଥବ୍ୟବସ୍ଥାକୁ ଏତେ କ୍ଷତି କଲା ଯେ,ଭାରତୀୟମାନଙ୍କର ବ୍ୟୟ ଓ ଖାଇବା ୨୦୧୩ରେ ଯାହାଥିଲା ୨୦୧୮ରେ ତା'ଠାରୁ କମ୍ ରହିଲା। ଏହା ହେଉଛି ଆମ ଦକ୍ଷ ନେତାଙ୍କ କୀର୍ତ୍ତିମାନ। କୃଷକମାନେ ଏବେ ତାଙ୍କୁ ବିଶ୍ୱାସକୁ ନିଅନ୍ତୁ ବୋଲି ପ୍ରୟାସ କରୁଛନ୍ତି। ତାଙ୍କ ବିଜ୍ଞତା ଚାଷୀମାନଙ୍କ ଜୀବିକା ପାଇଁ ଯଥେଷ୍ଟ ବୋଲି ଜଣାଇ ଦେବାକୁ ଚାହାନ୍ତି। କିନ୍ତୁ କୋଟି କୋଟି ଭାରତୀୟଙ୍କୁ ସଙ୍କଟରେ ପକାଇବା ଉପରେ ସେ କୌଣସି ସ୍ପଷ୍ଟୀକରଣ ଦେଇ ନାହାନ୍ତି କି କ୍ଷମାଯାଚନା କରିନାହାନ୍ତି। କୃଷକମାନେ ତାଙ୍କୁ କୃଷି ବିଷୟରେ ଅଧିକ ଜାଣିଛନ୍ତି ବୋଲି ସେ କେଉଁ ଆଧାରରେ ଭାବୁଛନ୍ତି? ସେମାନେ ସଚେତନ ଅଛନ୍ତି ଯେ, ସେମାନଙ୍କ ପାଇଁ ଆଞ୍ଚଳିକ ବଜାର କି ବିଦେଶୀ ବଜାର ନାହିଁ। କାରଣ ସେମାନେ ପିଢ଼ି ପିଢ଼ି ଧରି କୃଷି ଉତ୍ପାଦ କେମିତି ବିକ୍ରି କରି ଆସୁଛନ୍ତି, ତାହା ଭଲ ଭାବେ ଜାଣନ୍ତି। ତେବେ ସରକାର ତଥା କୃଷକମାନଙ୍କ ପାଇଁ ଗୋଟିଏ ବାଟ ରହିଛି। ଏଥିରେ ସରକାର ସମସ୍ତ ଶସ୍ୟଲାଗି ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)ର ବିଧିସମ୍ମତ ଗ୍ୟାରେଣ୍ଟି ଦେବେ। ଭାରତରେ ୮୦ ଭାଗ ଚାଷୀ ସେମାନଙ୍କ ସ୍ୱଳ୍ପ ଜମିରେ ଯାହା ଉତ୍ପାଦନ କରନ୍ତି ତାହା ସେମାନେ ଖାଇଥାନ୍ତି। ବିକ୍ରି କରିବା ପାଇଁ ସେମାନଙ୍କ ପାଖରେ କିଛି ବି ବଳକା ଶସ୍ୟ ରହେନାହିଁ। ଏଣୁ ସରକାର ଅନ୍ୟ ଚାଷୀମାନଙ୍କ ଠାରୁ ବଳକା ଶସ୍ୟ କିଣି ଗରିବମାନଙ୍କୁ ବାଣ୍ଟିବା ଆବଶ୍ୟକ। ମୋଦିଙ୍କ ଦକ୍ଷତା ଉପରେ ମୋର ବିଶ୍ୱାସ ନାହିଁ, କିନ୍ତୁ ଯଦି ବି ତାଙ୍କ ପାଖରେ ଦକ୍ଷତା ରହିଛି, ତେବେ ଠିକ୍ ବାଟ ଧରନ୍ତୁ ଓ କର୍ପୋରେଟ ଇଣ୍ଡିଆକୁ ରପ୍ତାନୀ ପାଇଁ ଖାଦ୍ୟ ପ୍ରକ୍ରିୟାକରଣରେ ପ୍ରଚୁର ନିବେଶ କରିବାକୁ ପ୍ରେରିତ କରନ୍ତୁ।

କୃଷକମାନେ ଅନ୍ୟ ଦ୍ୱାରା ଭୁଲ୍ ବାଟରେ ପରିଚାଳିତ ହେଉଛନ୍ତି ବୋଲି କହିବା ବ୍ୟତୀତ ମୋଦିଙ୍କ ପାଖରେ ଆନ୍ଦୋଳନକୁ ପ୍ରତିରୋଧ କରିବା ପାଇଁ ଆଉ କିଛି ନାହିଁ। କୃଷକମାନଙ୍କ ଅଧିକାର ସମ୍ପର୍କିତ ଦାବି ଏବଂ ଗଣମାଧ୍ୟମରେ ସେମାନଙ୍କ ସାକ୍ଷାତ୍‌କାରକୁ ଲକ୍ଷ୍ୟ କଲେ ଜଣାଯାଏ ଯେ, ଏଭଳି କହିବାରେ କିଛି ବାସ୍ତବତା ନାହିଁ। ଏମାନେ ସେହି ଲୋକ ଯେଉଁମାନେ କ'ଣ କରୁଛନ୍ତି ଓ କ'ଣ ଚାହୁଁଛନ୍ତି ତାହା ଭଲଭାବେ ଜାଣନ୍ତି। ସେମାନେ ଯଦି ପ୍ରତିବାଦ ନ କରନ୍ତି, ତେବେ ଏହି ଘଟଣାରେ କ'ଣ ନିଷ୍କର୍ଷ ସାମନାକୁ ଆସିବ ସେ ସମ୍ପର୍କରେ ମଧ୍ୟ ସେମାନେ ଅବଗତ। ସେଥିପାଇଁ ଏବେ କୃଷକମାନଙ୍କ ଆନ୍ଦୋଳନ ଧିମା କିମ୍ବା ଶେଷ ହୋଇଯିବା ଭଳି ପରିସ୍ଥିତି ଦେଖାଯାଉନାହିଁ।

Email:aakar.patel@gmail.com

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 6 | | 3 | | | 0 | | B | | 7 | | 1 |
| | | 3 | | | | | 2 | | 8 | 5 | 1 | | | |
| B | 2 | | 9 | | | | | A | D | | | | | |
| | C | | 1 | | | | 4 | B | | | | | | |
| | E | | | D | | 5 | 1 | | | 3 | | 0 | 8 | |
| | | | | 0 | | | | | | | 6 | C | 9 | |
| C | 7 | | 5 | | | | 9 | | E | A | | B | | |
| | | | 7 | 6 | | | 8 | | | | 0 | | | |
| | | | | 9 | A | | | 4 | | 8 | 3 | | | 5 |
| | 5 | B | E | C | 4 | | | 1 | | | | | | |
| 2 | | A | | | | | | | | E | | | | 0 |
| | | | D | | 5 | | | | 1 | C | 4 | | | 9 |
| | 8 | 7 | | B | 2 | E | | | | 6 | | | | |
| | | 0 | 8 | | | 1 | 6 | 7 | | | | | 5 | |
| 6 | | | 0 | E | | | | | | 9 | 8 | | | B |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 0 | 7 | C | A | 1 | B | D | 3 | 2 | 8 | 9 | 4 | 5 | 6 |
| B | 1 | 2 | 4 | 3 | 8 | C | 9 | A | 5 | E | 6 | 7 | D | 0 |
| D | A | 4 | 6 | E | 7 | 5 | 2 | 0 | 3 | 1 | B | C | 8 | 9 |
| 8 | 9 | 6 | 2 | 5 | 0 | E | 7 | 1 | C | D | 4 | B | 3 | A |
| 3 | C | 5 | B | 9 | D | 4 | 8 | 6 | A | 0 | 7 | 1 | E | 2 |
| 6 | 2 | 0 | D | 7 | 3 | 9 | A | 5 | 4 | B | C | E | 1 | 8 |
| 5 | 7 | 9 | 1 | 0 | C | 2 | 6 | 8 | D | A | E | 3 | 4 | B |
| 1 | 8 | D | 9 | B | A | 7 | 4 | E | 6 | 3 | 2 | 0 | C | 5 |
| A | B | C | E | 4 | 6 | 0 | 3 | D | 1 | 5 | 8 | 9 | 2 | 7 |
| 4 | 3 | E | 5 | 8 | 2 | 1 | B | C | 7 | 9 | 0 | 6 | A | D |
| 2 | 4 | 3 | A | D | B | 6 | 0 | 9 | E | C | 5 | 8 | 7 | 1 |
| 0 | D | B | 7 | C | 5 | A | E | 4 | 8 | 6 | 1 | 2 | 9 | 3 |
| C | 6 | A | 8 | 2 | E | D | 1 | B | 9 | 7 | 3 | 5 | 0 | 4 |
| 7 | E | 8 | 0 | 1 | 9 | 3 | 5 | 2 | B | 4 | D | A | 6 | C |
| 9 | 5 | 1 | 3 | 6 | 4 | 8 | C | 7 | 0 | 2 | A | D | B | E |

ଗତକାଲିର ଉତ୍ତର

# ଟାଇମ୍ ବ୍ୟାଙ୍କ

ଡ. ମୌସୁମୀ ପରିଡ଼ା

'ଟାଇମ୍ ବ୍ୟାଙ୍କ' ଯୋଜନାରେ ସମୟକୁ ଜମା ରଖି ଆବଶ୍ୟକବେଳେ ସେହି ନିର୍ଦ୍ଦିଷ୍ଟ ସମୟକୁ ନିଜ ପାଇଁ ବିନିଯୋଗ କରାଯାଇପାରେ। ଏହି ଯୋଜନା ସୁଇଜରଲାଣ୍ଡରେ ସର୍ବପ୍ରଥମେ କାର୍ଯ୍ୟକାରୀ ହୋଇ ଆଦୃତିଲାଭ କରିପାରିଥିଲା। ଉକ୍ତ ଯୋଜନାଟି ବୟସ୍କ ବା ବୃଦ୍ଧମାନଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନଙ୍କ ବୟସ ଷାଠିଏ ବା ତଦୂର୍ଦ୍ଧ୍ୱ। ସୁଇଜରଲାଣ୍ଡରେ ଏହାକୁ ଅବସରକାଳୀନ ଯୋଜନା ହିସାବରେ ନିଆଯାଏ। ଏହି ଯୋଜନାଟିର ଲୋକପ୍ରିୟତା ଦେଖି ଅନ୍ୟଦେଶ ଏହାକୁ କାର୍ଯ୍ୟକାରୀ କରି ଏକ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ଲକ୍ଷ୍ୟ କରିଥିଲେ। ମୋଟାମୋଟି ଭାବେ କହିବାକୁ ଗଲେ ଏହାର ସଫଳତା ବେଶ୍ ଉତ୍ସାହଜନକ ଥିଲା।

ଏହା କହିବା ନିଷ୍ପ୍ରୟୋଜନ ଯେ ବୟସ୍କମାନଙ୍କର ବିଭିନ୍ନ ସମସ୍ୟା ଥାଏ ; ବାର୍ଦ୍ଧକ୍ୟଜନିତ ଅସୁସ୍ଥତା, ଅକ୍ଷମତା, ସାମାଜିକ, ପାରିବାରିକ ଅବା ମାନସିକ। ସାରା ପୃଥିବୀରେ ସେମାନଙ୍କ ଅସହାୟତା, ଅକ୍ଷମତା, ଅସୁସ୍ଥତାକୁ ନେଇ ଅନେକ ପ୍ରକାରର ଯୋଜନା ହୋଇଥିଲେ ମଧ୍ୟ ସେମାନଙ୍କ ପ୍ରକୃତ କଷ୍ଟ ଯନ୍ତ୍ରଣା ପ୍ରଶମିତ ହୋଇପାରିବାର ଦୃଷ୍ଟାନ୍ତମୂଳକ ଉଦାହରଣ କିଛି ଲୋକଲୋଚନକୁ ଆସିପାରି ନ ଥିଲା 'ଟାଇମ୍ ବ୍ୟାଙ୍କ' ଯୋଜନା ପୂର୍ବରୁ। ଏହି ଯୋଜନାର ଲୋକପ୍ରିୟତା ସୂଚାଇଦେଲା ଗୋଟେ ସନ୍ତୁଳିତ ସମ୍ପର୍କର ସେତୁବନ୍ଧ କିପରି ଶକ୍ତ ହୋଇପାରେ !

ଆମ ଦେଶରେ ବୟସ୍କମାନେ ଖୁବ୍ ଅସହାୟ। ସେମାନଙ୍କ ସ୍ଥାନ ଘର ଅପେକ୍ଷା ବେଶି ଜରାଶ୍ରମରେ। ସେମାନଙ୍କ ଭିତରୁ ଅଧିକାଂଶ ଏକାକୀ ଓ ଅବହେଳିତ ଜୀବନ ଅତିବାହିତ କରୁଥାନ୍ତି ପରିବାର ବିଚ୍ୟୁତ ହୋଇ। ଶେଷ ସମୟରେ ସେମାନଙ୍କୁ ସେବା ଶୁଶ୍ରୂଷା ମିଳିବା କଷ୍ଟକର ହୋଇଯାଏ। ସ୍ୱାଭାବିକ ଭାବେ କାର୍ଯ୍ୟକ୍ଷମ ହେବାର କ୍ଷମତା ହରେଇଥିବା ଏ ବୟସ୍କମାନେ ଅନ୍ୟର ସାହାଯ୍ୟକୁ ଆକୁଳତାର ସହ ଅପେକ୍ଷା କରିଥାନ୍ତି, ଯାହା ସହଜରେ ମିଳେନା।

କିନ୍ତୁ 'ଟାଇମ୍ ବ୍ୟାଙ୍କ' ଅନୁଯାୟୀ ବୟସ୍କମାନଙ୍କୁ ନିହାତି ଆବଶ୍ୟକ ସମୟରେ ସ୍ୱେଚ୍ଛାକୃତ ଭାବେ ସେବା ଯତ୍ନ ଓ ବିଭିନ୍ନ ପ୍ରକାରର ସାହାଯ୍ୟ ସହଯୋଗ ଯୋଗାଇ ନିଜ ଆକାଉଣ୍ଟରେ ସେ ସମୟକୁ ଜମାକରିବା ହେଉଛି ଏହାର ପ୍ରକୃତ ଉଦ୍ଦେଶ୍ୟ। ଫଳରେ ନିଜେ ସେପରି ଅସହାୟ ସ୍ଥିତିରେ ପଡ଼ିଲେ ନିଜର ସଞ୍ଚିତ ସମୟରୁ ସାହାଯ୍ୟ କିମ୍ବା ସେବା ଯତ୍ନ ହାସଲ କରିହେବ ସହଜରେ। ଏଭଳି ଏକ ଯୋଜନା ଦ୍ୱାରା ଭାରତ ପରି ଜନବହୁଳ ଦେଶ ବେଶ୍ ଉପକୃତ ହୋଇପାରିବ। କାରଣ ଆମର ଏହି ଜନବହୁଳ ରାଷ୍ଟ୍ରରେ ଶତକଡା ଷାଠିଏ ଭାଗ ବୟସ୍କ ଅବହେଳିତ, ଲାଞ୍ଛିତ ଓ ପରିବାରରୁ ବିତାଡିତ। ଏସବୁ ପାଇଁ ୫୭% ଭାଗ ପୁଅମାନେ ଦାୟୀ ରହୁଥିବାବେଳେ ୩୮% ଭାଗ ବୋହୂମାନେ ଦାୟୀ।

ପରିବାରରେ ଥାଇ ମଧ୍ୟ ନା ସେମାନେ ଆତ୍ମୀୟଙ୍କଠାରୁ ଉପଯୁକ୍ତ ସ୍ନେହ, ଶ୍ରଦ୍ଧା ଓ ଆଦର ଯତ୍ନ ପାଇପାରନ୍ତି ନା ଆବଶ୍ୟକ ସ୍ୱାସ୍ଥ୍ୟସେବା। ଜୀବନ ଅତିବାହିତ କରିବା କଷ୍ଟକର ହୋଇଯାଏ ବିଭିନ୍ନ ପ୍ରକାରର ନିର୍ଯାତନାରେ। ଗାଳିମନ୍ଦ କରିବାଠୁ ଆରମ୍ଭକରି ଶାରୀରିକ, ମାନସିକ ଅବା ଆର୍ଥିକ ସ୍ତରରେ ନିର୍ଯାତିତ ହେବା ପର୍ଯ୍ୟନ୍ତ ସେମାନଙ୍କୁ ସହିବାକୁ ହୁଏ ବିଭିନ୍ନ ଯନ୍ତ୍ରଣା। ଅନେକେ ଏହାକୁ ଲୋକଲଜ୍ଜା ଭାବି ସଙ୍କୋଚ କରି ବାହାରେ ପ୍ରକାଶ ନ କରି ନିଜଘରର ଚାରିକାନ୍ଥ ଭିତରେ ଅବହେଳିତ ଜୀବନ ବଞ୍ଚିବାକୁ ବାଧ୍ୟ ହୁଅନ୍ତି। ଅନେକ ସମୟରେ ଦାରିଦ୍ର୍ୟର କଷାଘାତରେ ମଧ୍ୟ ବୟସ୍କମାନଙ୍କ ଜୀବନ ଦୁର୍ବିଷହ ହୋଇପଡେ।

ଭାରତରେ ଅକ୍ଷମ ଓ ବୟସ୍କମାନଙ୍କ ମଙ୍ଗଳସାଧନ ନିମନ୍ତେ ରାଷ୍ଟ୍ରୀୟ ମାନବ ଅଧିକାର ଆୟୋଗର କେତେ ଜଣ ବିଶେଷଜ୍ଞ 'ଟାଇମ୍ ବ୍ୟାଙ୍କ' ଯୋଜନା ସୁପାରିସ କରିଛନ୍ତି। ଏକ ଦୈନିକ ଇଂରାଜୀ ଖବରକାଗଜର ତଥ୍ୟ ଅନୁଯାୟୀ ଭାରତରେ ପ୍ରାୟତଃ ଦଶ କୋଟି ବୟସ୍କଙ୍କ ମଧ୍ୟରୁ ପ୍ରାୟ ଦେଢକୋଟି ବୟସ୍କ ଏକାକୀ ବସବାସ କରନ୍ତି। ସେ ଦେଢକୋଟିଙ୍କ ଭିତରୁ ମାତ୍ର କୋଡିଏ ଲକ୍ଷ ବୟସ୍କ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପ୍ରତିପାଳିତ ହେଉଥିଲେ ବି ବାକିମାନେ ନିଜ କଥା ନିଜେ ବୁଝୁଛନ୍ତି ଅର୍ଥାତ୍ ଅବହେଳିତ ଭାବେ ଜୀବନ ବିତାଉଛନ୍ତି। ବାର୍ଦ୍ଧକ୍ୟ ଭତ୍ତା ଆଦି ଅନେକ ଯୋଜନା କାର୍ଯ୍ୟକାରୀ ଥିବାବେଳେ ମଧ୍ୟ ଏତେ ସଂଖ୍ୟକ ବୟସ୍କ ଅବହେଳିତ ଜୀବନ ବିତାଇବା ଏହା ପ୍ରମାଣିତ କରେ ଯେ ବୟସ୍କମାନେ କେବଳ ଅର୍ଥ ଆବଶ୍ୟକ କରନ୍ତିନି, ଶାରୀରିକ କ୍ଷମତାର ହ୍ରାସ ଘଟୁଥିବାରୁ ସେବା ଶୁଶ୍ରୂଷା ସହ ଆଦର ଯତ୍ନ ମଧ୍ୟ ଆବଶ୍ୟକ କରନ୍ତି।

ଟାଇମ୍ ବ୍ୟାଙ୍କ ଅନୁଯାୟୀ ଏଥିପାଇଁ ଉତ୍ସାହିତ ସ୍ୱେଚ୍ଛାସେବୀମାନେ ଏହି ଅସହାୟ ବୟସ୍କମାନଙ୍କୁ ନିଜ ମନମୁତାବକ ସାହାଯ୍ୟ ଯୋଗାଇପାରିବେ। ଯେତିକି ସମୟ ଜଣେ ବୟସ୍କଙ୍କ ସେବାରେ ନିୟୋଜିତ କରିବ ସେତିକି ସମୟ ସେ ମଧ୍ୟ ସେବା ପାଇପାରିବ ତା'ର ଆବଶ୍ୟକ ସମୟରେ। ଅବଶ୍ୟ ଏହି ସେବା ଯୋଗେଇଦେବାବେଳେ ସ୍ୱେଚ୍ଛାସେବୀ ଜଣକ କିଛି ଆର୍ଥିକ ଲାଭ ମଧ୍ୟ ପାଇପାରିବେ। ସୁଇଜରଲାଣ୍ଡ ବ୍ୟତୀତ ଇଂଲଣ୍ଡ ଏହି ଟାଇମ୍ ବ୍ୟାଙ୍କ୍ ଯୋଜନାକୁ କାର୍ଯ୍ୟକାରୀ କରିଥିବାବେଳେ ସିଙ୍ଗାପୁର ଏହାକୁ ନିଜ ଯୋଜନାରେ ସାମିଲ୍ କରିଛି। ଆମ ଦେଶର ମଧ୍ୟପ୍ରଦେଶରେ ଏହାକୁ କାର୍ଯ୍ୟକାରୀ କରିବାର ଯୋଜନା ପ୍ରସ୍ତୁତ ହୋଇଛି। ଅନ୍ୟ ଏକ ତଥ୍ୟରୁ ଜଣାପଡିଛି ଯେ. କମଳନାଥ ସରକାରଙ୍କ 'ଅଧ୍ୟାତ୍ମ ବିଭାଗ' ୨୦୧୯, ନଭେମ୍ବରରେ ଆଦେଶ ଜାରିକରିଥିଲେ ଟାଇମ୍ ବ୍ୟାଙ୍କ୍ ମାଧ୍ୟମରେ ଜନଜାଗରଣ ସୃଷ୍ଟି କରି ଏକ ସୁସ୍ଥ ପରମ୍ପରା ଗଢ଼ିତୋଳିବାକୁ। ଫଳରେ ମଣିଷଭିତରର ମାନବିକତା ଜାଗ୍ରତ ହେବ ଓ ଆବଶ୍ୟକ ସ୍ଥଳେ ପାରସ୍ପରିକ ସାହାଯ୍ୟ ସହଯୋଗ ଲାଭ କରିହେବ ବିଭିନ୍ନ ବର୍ଗଙ୍କ ଜରିଆରେ।

ଭାରତରେ 'ଯୋଗ' ଲୋକପ୍ରିୟତା ହାସଲ କରିଥିବାବେଳେ ସୁଇଜରଲାଣ୍ଡରେ 'ଟାଇମ୍ ବ୍ୟାଙ୍କ' ସଫଳତାର ସୋପାନ ଚଢ଼ିପାରିଛି। ବିଭିନ୍ନ ବର୍ଗର ଲୋକେ ଉତ୍ସାହିତ ହୋଇ ବୟସ୍କମାନଙ୍କ ପାଇଁ ସମୟ ବିନିଯୋଗ କରୁଛନ୍ତି। ସେମାନଙ୍କୁ ବଜାର ଯିବାଠୁ ଆରମ୍ଭକରି ଘରକାମ, ରୋଷେଇ, ଆଦର ଯତ୍ନ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର କାମରେ ସାହାଯ୍ୟ କରିବାକୁ ଆଗେଇ ଆସୁଛନ୍ତି। ସୁଇଜରଲାଣ୍ଡର ଜଣେ ଛାତ୍ର ନିଜ ସ୍କୁଲ୍ ପାଖ ସତଷଠି ବର୍ଷ ବୟସର ଜଣେ ଅବସରପ୍ରାପ୍ତ ମହିଳାଙ୍କ ଘରେ ଭଡ଼ା ରହୁଥିଲେ। ଯଦିଓ ସେଠାରେ ଅବସର ପରେ ଅର୍ଥାଭାବର ସମ୍ଭାବନା ନ ଥାଏ ତେବେ ବି ବୃଦ୍ଧାଜଣକ ସ୍ୱତଃପ୍ରବୃତ୍ତ ଭାବେ ସତାଅଶୀ ବୟସର ଜଣେ ବୃଦ୍ଧଙ୍କ ସେବା ଯତ୍ନ କରୁଥିଲେ। ସେ ସେବା ଅର୍ଥରୋଜଗାର ପାଇଁ ନ ଥିଲା, ଥିଲା ନିଜ ଅସମୟ ପାଇଁ ସମୟ ରୋଜଗାର କରିବା, ଯାହା ମାଧ୍ୟମରେ ସେ ଯେତେବେଳେ ଅକ୍ଷମ ହୋଇଯିବେ ଏହି ସମୟକୁ ନିଜ ଜମାପୁଞ୍ଜିରୁ ବିନିଯୋଗ କରିପାରିବେ। ମହିଳା ଜଣକ ସପ୍ତାହକୁ ଦୁଇଦିନ ଯାଇ ଦୁଇଘଣ୍ଟା ଲେଖାଏ ତାଙ୍କୁ ବଜାର ସଉଦାଠୁ ଆରମ୍ଭ କରି ଘରସଫା ସହିତ ସେବା ଯତ୍ନ ଯୋଗାଇ ଫେରୁଥିଲେ। ଚୁକ୍ତି ଅନୁସାରେ ବର୍ଷକ ପରେ ଯେବେ ତାଙ୍କ ସେବାକାର୍ଯ୍ୟ ସମାପ୍ତ ହେବ ଟାଇମ୍ ବ୍ୟାଙ୍କ୍ ସେ ବୃଦ୍ଧଙ୍କ ସହ ବିତେଇଥିବା ସମୟକୁ ହିସାବ କରି ତାଙ୍କୁ ଟାଇମ୍ ବ୍ୟାଙ୍କ୍ କାର୍ଡ ଯୋଗାଇଦେବେ। ତଥ୍ୟକୁ ଭିତ୍ତିକରି ଜଣେ ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତ କରାଯିବ ତାଙ୍କ ଦାୟିତ୍ୱ ନେବାକୁ।

ଦିନେ ସେ ଘରମାଲିକାଣୀ ଝର୍କା ପୋଛୁଥିବାବେଳେ ଷ୍ଟୁଲ୍‌ରୁ ତଳକୁ ଖସିପଡିଲେ। ପିଲାଟି ତାଙ୍କୁ ନେଇ ହସ୍ପିଟାଲ୍‌କୁ ଗଲା। ଘରମାଲିକାଣୀଙ୍କର ପାଦଗଣ୍ଠି ଭାଙ୍ଗିଯାଇଥିବାରୁ ତାଙ୍କୁ କିଛି ସପ୍ତାହ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବିଶ୍ରାମ ପାଇଁ ପରାମର୍ଶ ଦିଆଗଲା। ସେ ଟାଇମ୍ ବ୍ୟାଙ୍କର ଜମାପୁଞ୍ଜିରୁ କିଛି ସମୟ ପ୍ରତ୍ୟାହାର ପାଇଁ ଅନୁରୋଧ କଲେ। ତତ୍‌କ୍ଷଣାତ୍ ତାଙ୍କ ପାଇଁ ଜଣେ ସେବାକର୍ମୀ ନିୟୋଜିତ ହୋଇ ତାଙ୍କୁ ଘରେ ସବୁପ୍ରକାରର ସାହାଯ୍ୟ ଯୋଗାଇଦେଲେ। ଖୁବ୍‌ଶୀଘ୍ର ସେ ସୁସ୍ଥ ହୋଇ ପୁଣି ନିଜ କାମକୁ ଫେରିଲେ ଆଉ କିଛି ସମୟ ଜମା କରିବାକୁ ନିଜ ଜମାଖାତାରେ। ଏ ଘଟଣାରେ ଉତ୍ସାହିତ ହୋଇ ସେଠାକାର ଯୁବ ପିଢ଼ି ମଧ୍ୟ ବୟସ୍କମାନଙ୍କ ସେବାରେ ଯୋଗ ଦେଉଛନ୍ତି। ଫଳରେ ସାମାଜିକ ଅନୁକୂଳତା ବଜାୟ ରହିପାରୁଛି।

'ଦେଇଥିଲେ ପାଇ' – କଥାଟି ଏଠି ଖୁବ୍ ଉପାଦେୟ ମନେହୁଏ। ବୟସ୍କମାନଙ୍କୁ ଦେଇଥିବା ସମୟ ବିନିମୟରେ ନିଜେ ମଧ୍ୟ ସେତିକି ସମୟର ସେବା ହାସଲ କରିପାରିବ, ଫଳରେ ବାର୍ଦ୍ଧକ୍ୟଜନିତ ବିଭିନ୍ନ ଶାରୀରିକ ଓ ସ୍ୱାସ୍ଥ୍ୟଗତ ସମସ୍ୟାର ନିଦାନ ସମ୍ଭବ ହୋଇପାରିବ। ଏହି ଯୋଜନା ମାଧ୍ୟମରେ ମାନବିକତା ପୁନଃନିର୍ମାଣ ହେବା ସହିତ ସମୟର ସଦୁପଯୋଗ ହୋଇପାରିବ। ଫଳରେ ସନ୍ତାନ ସନ୍ତତିହୀନ ବା ପରିବାରଠାରୁ ଅବହେଳିତ, ଅସହାୟ ଅଥବା ଦାରିଦ୍ର୍ୟ ନିପୀଡ଼ିତ ବୟସ୍କ ଲୋକେ, ପରିଣତ ବୟସରେ ଅସୁବିଧା ଭୋଗ କରିବେ ନାହିଁ। ଅତି ଆବଶ୍ୟକ ହେଲେ ଟାଇମ୍ ବ୍ୟାଙ୍କ୍‌ରୁ ନିଜ ଭାଗର ଜମା ସମୟକୁ ବିନିଯୋଗ କରି ସେବା ଯତ୍ନ ପାଇପାରିବେ।

ଏହି ବ୍ୟବସ୍ଥା ଆମ ଦେଶରେ ଲାଗୁହେଲେ ବାର୍ଦ୍ଧକ୍ୟଜନିତ ସମସ୍ୟାର ଅନ୍ତ ଘଟିପାରନ୍ତା। ଅନାଥାଶ୍ରମ ବା ଜରାଶ୍ରମରେ ମାଆବାପାମାନେ ନିଜକୁ ଏକାକୀ ମଣନ୍ତେନି। ବୟସର ଅପରାହ୍ନରେ ଜୀବନର ଫିକା ରଙ୍ଗକୁ ମନଭରି ବଞ୍ଚିବାର ଆଗ୍ରହ ରଖିପାରନ୍ତେ ସେମାନେ। ସହାନୁଭୂତି, ଆଦର, ଯତ୍ନର ଶୀତଳ ଜଳରେ ଶୁଖିଲା ଡାଳଟି ଯେତେବେଳେ ସବୁଜ ଦିଶିବ ନିଶ୍ଚିତ ଭାବେ ପ୍ରକୃତିର ରଙ୍ଗ ବଦଳିଯିବ। ସେହିପରି ଭାବ ବିନିମୟରେ ମଣିଷ ବାର୍ଦ୍ଧକ୍ୟଜନିତ ଅସହାୟତାକୁ ବୁଝି ନିଜ ଘରକୁ ବି ସଜାଡନ୍ତା, ନିଜ ଘରର ବୟସ୍କମାନଙ୍କୁ ସହାନୁଭୂତି ଦେଖାଇବାରେ କାର୍ପଣ୍ୟ କରନ୍ତା ନାହିଁ। ସ୍ୱେଚ୍ଛାକୃତ ଭାବେ ଲୋକମାନେ ଆଗେଇ ଆସିଲେ ଏ ଯୋଜନା ଆମ ଦେଶରେ ମଧ୍ୟ ଲୋକପ୍ରିୟତା ହାସଲ କରିପାରିବ। ବୟସର ଅପରାହ୍ନରେ ସଂସାର ସୁନ୍ଦର ମନେହେବ ଓ ସମ୍ପର୍କ ଦୃଢ଼ ହେବ। ସୁଇଜରଲାଣ୍ଡ ସହ ସାରା ବିଶ୍ୱ ଏସବୁ ସଫଳତାକୁ ଅନୁଭବ କରି ଗ୍ରହଣ କରିନେବା ଉଚିତ।

mousumi.mama7@gmail.com

# କଲେଜପଢ଼ୁଆ ମେୟର

ବ୍ୟକ୍ତିତ୍ୱ

ଆର୍ଯ୍ୟା ରାଜେନ୍ଦ୍ରନ୍

ଜଣେ ୨୧ ବର୍ଷ ବୟସରେ ମେୟର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ବସିବା ବିଷୟ ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। କଲେଜପଢ଼ୁଆ ଝିଅ ଆର୍ଯ୍ୟା ରାଜେନ୍ଦ୍ରନ୍‌ଙ୍କ ନାମ କେରଳ ରାଜଧାନୀ ଥିରୁଭାନନ୍ଥପୁରମ୍‌ର ମେୟର ଭାବେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାର ଶୀର୍ଷରେ ପହଞ୍ଚିଛି। ସହରାଞ୍ଚଳ ନିର୍ବାଚନରେ ଆର୍ଯ୍ୟାଙ୍କ ବିଜୟ ପରେ ସିପିଆଇ(ଏମ୍) ଥିରୁଭାନନ୍ଥପୁରମ୍ ଜିଲା ସେକ୍ରେଟାରିଏଟ୍ ତାଙ୍କ ନାମ ମେୟର ଲାଗି ସୁପାରିସ କରିବା ପରେ ଷ୍ଟେଟ୍ ସେକ୍ରେଟାରିଏଟ୍ ତାହାକୁ ମଞ୍ଜୁର କରିଥିବା ଜଣାପଡ଼ିଛି। ଆର୍ଯ୍ୟା ମେୟର ଘୋଷଣା ହୋଇଥିବାରୁ ତାଙ୍କ ନିକଟକୁ ଅଜସ୍ର ଶୁଭେଚ୍ଛା ପହଞ୍ଚିବାରେ ଲାଗିଛି। ମୁଦାଭାଙ୍କୁଲସ୍ଥିତ ଭଡ଼ାଘରେ ରହୁଥିବା ଆର୍ଯ୍ୟା ଅତି ବିନମ୍ରତାର ସହିତ କହିଛନ୍ତି ଯେ, ତାଙ୍କ ନୂଆ ଦାୟିତ୍ୱ ବିଷୟରେ ସରକାରୀ ସ୍ୱୀକୃତିକୁ ଅପେକ୍ଷା ରହିଛି। ତେବେ ସବୁକିଛି ଠିକ୍‌ଠାକ୍ ରହିଲେ ଆର୍ଯ୍ୟା କେବଳ ଯେ କେରଳ ରାଜଧାନୀର ନୂଆ ମେୟର ହେବେ ତାହା ନୁହେଁ, ସେ ଦେଶର ସର୍ବକନିଷ୍ଠା ମେୟର ହେବାକୁ ଯାଉଛନ୍ତି।

ଖାଣ୍ଟି ବାମପନ୍ଥୀ ପରିବାରରେ ଆର୍ଯ୍ୟାଙ୍କ ଜନ୍ମ। ପିତା ସିପିଆଇ(ଏମ୍) କାର୍ଯ୍ୟକର୍ତ୍ତା ତଥା ବୃତ୍ତିରେ ଇଲେକ୍ଟ୍ରିସିଆନ୍ କେ. ରାଜେନ୍ଦ୍ରନ୍ ଓ ମାତା ଶ୍ରୀଲଥା ହେଉଛନ୍ତି ଜଣେ ଏଲ୍‌ଆଇସି ଏଜେଣ୍ଟ। ଆର୍ଯ୍ୟା ଏବେ ଅଲ୍ ସେଣ୍ଟସ୍ କଲେଜରେ ବି.ଏସ୍‌ସି. ଗଣିତର ଦ୍ୱିତୀୟ ବର୍ଷର ଛାତ୍ରୀ। ପିଲାଟି ବେଳୁ ସେ ପିତାଙ୍କ ବାମପନ୍ଥୀ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହୋଇ ଆସିଛନ୍ତି। ଭାରତୀୟ ଛାତ୍ର ମହାସଂଘ (ଏସ୍‌ଏଫ୍‌ଆଇ) ରାଜ୍ୟସ୍ତରୀୟ କମିଟିର ସେ ସଦସ୍ୟ ଅଛନ୍ତି। ଏଥିସହିତ ବାମପନ୍ଥୀ ଦଳର ଶିଶୁ ଶାଖା 'ବାଲ୍‌ସଙ୍ଘମ୍'ର ସେ ରାଜ୍ୟ ସଭାପତି ଭାବେ କାର୍ଯ୍ୟ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ଆର୍ଯ୍ୟାଙ୍କୁ ଯେତେବେଳେ ମାତ୍ର ଛ' ବର୍ଷ ହୋଇଥିଲା ସେ ବାଲ୍‌ସଙ୍ଘମ୍ ସହିତ ଜଡ଼ିତ ହୋଇଥିଲେ। ତାଙ୍କ ରାଜନୈତିକ ଆଦର୍ଶ ବ୍ୟକ୍ତିତ୍ୱ କହିଲେ ସେ ମୁଖ୍ୟମନ୍ତ୍ରୀ ପିନରୟୀ ବିଜୟନ୍‌ଙ୍କୁ ଗୁରୁ ଭାବେ ଗ୍ରହଣ କରିଥାଆନ୍ତି। ଦଳରେ ନିଷ୍ଠା ରଖି କାର୍ଯ୍ୟ କରୁଥିବାର ପ୍ରମାଣ ପାଇବା ପରେ ତାଙ୍କୁ ପୌର ନିର୍ବାଚନରେ ଭାଗ ନେବାର ସୁଯୋଗ ଦିଆଯାଇଥିଲା। ସେ ସେହି ସୁଯୋଗକୁ ଗୁରୁଜ୍ଞାନ କରି ମୁଦାଭାଙ୍କୁଲ ୱାର୍ଡରୁ ରାଜନୈତିକ ଭାଗ୍ୟ ପରୀକ୍ଷା କରିଥିଲେ। ପ୍ରଚାରରେ ଅକ୍ଳାନ୍ତ ପରିଶ୍ରମ ଓ ଭାଗ୍ୟଦେବୀଙ୍କ ଆଶୀର୍ବାଦ ତାଙ୍କୁ ୨,୮୭୨ ଭୋଟ ଦେଇପାରିଥିଲା, ଯାହା କଂଗ୍ରେସ ପ୍ରାର୍ଥୀଠାରୁ ୫୪୯ ଖଣ୍ଡ ଅଧିକ ଥିବା ଜଣାପଡ଼ିଛି। ଖୁବ୍ କମ୍ ବୟସରେ ମେୟର ହେବାକୁ ଯାଉଥିବାରୁ ଓ ଏବେ କଲେଜପଢ଼ା ଥିବାରୁ ସେ କିଭଳି ସମୟ ପରିଚାଳନା କରି ଦୁଇଟି ଦିଗକୁ ନ୍ୟାୟ ଦେଇପାରିବେ ବୋଲି ପଚରା ହେବାରୁ ଆର୍ଯ୍ୟା ତାହାର ସରଳ ଉତ୍ତର ଦେଇଛନ୍ତି। ଯେତେ ଯାଏ ପଢ଼ି ହେବ ସେତେଯାଏ ସେ ପଢ଼ିବେ ବୋଲି କହିଛନ୍ତି। କଲେଜ ଅଧ୍ୟାପକ ଓ ତାଙ୍କ ବନ୍ଧୁମାନେ ରାଜନୀତିରେ ପ୍ରବେଶ କରିବା ଲାଗି ସବୁ ପ୍ରକାର ସମର୍ଥନ ଦେଇ ଆସିଛନ୍ତି ବୋଲି ସେ କହିଛନ୍ତି।

କୁହାଯାଇଥାଏ ଯିଏ ୧୦ଟା କାର୍ଯ୍ୟ କରିପାରେ ସେ ଆଉ ଗୋଟିଏ କାର୍ଯ୍ୟ ସୁରୁଖୁରୁରେ କରିପାରିବେ। ଅର୍ଥାତ୍ ଉତ୍ସାହୀ ଓ ଉଦ୍ୟମୀଙ୍କ ପାଇଁ କାର୍ଯ୍ୟ କରିବା ସର୍ବଦା ସନ୍ତୋଷ ଦେଇଥାଏ। କଲେଜପଢ଼ୁଆ ଝିଅ ମେୟର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ବସି ଲୋକଙ୍କ ସେବା କରିବା ନିଶ୍ଚିତ ଭାବେ କିଶୋରୀମାନଙ୍କ ପାଇଁ ପ୍ରେରଣାଦାୟକ ହୋଇପାରିବ। ନାରୀ ସଶକ୍ତୀକରଣର ଏହା ହେଉଛି ଏକ ପରିପୂର୍ଣ୍ଣ ଉଦାହରଣ। ଆର୍ଯ୍ୟାଙ୍କ ଦୃଢ଼ ଇଚ୍ଛାଶକ୍ତି ଓ ସମାଜରେ କିଛି କରି ଦେଖାଇବାର ମନୋବଳ ଯୋଗୁ ଏହା ସମ୍ଭବ ହୋଇପାରିଛି। ମେୟର ଭାବେ ଦାୟିତ୍ୱ ଗ୍ରହଣ କଲେ ସେ ରାଜଧାନୀ ନଗରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା କରିବା ତାଙ୍କ ପ୍ରଧାନ ଲକ୍ଷ୍ୟ ରହିବ ବୋଲି କହିଛନ୍ତି। ତାଙ୍କ ପୂର୍ବସୂରୀମାନଙ୍କ ପାଇଁ ବର୍ଜ୍ୟବସ୍ତୁ କଠିନ କାର୍ଯ୍ୟ ରହିଆସିଥିବାରୁ ତାହାକୁ ସେ ପ୍ରଥମ କାର୍ଯ୍ୟ ଭାବେ ହାତକୁ ନେବେ ବୋଲି ପ୍ରକାଶ କରିଛନ୍ତି। ଥିରୁଭାନନ୍ଥପୁରମ୍ ଏକ ସୁନ୍ଦର ସହର। ବୈଜ୍ଞାନିକ ଉପାୟରେ ବର୍ଜ୍ୟବସ୍ତୁ ସଫା ହୋଇଗଲେ ଏହାର ସୌନ୍ଦର୍ଯ୍ୟ ଆହୁରି ବୃଦ୍ଧି ପାଇବ। ସେଥିପାଇଁ ଜନସାଧାରଣ ରାସ୍ତାକଡ଼ରେ ମଇଳା ନ ଫିଙ୍ଗିବାକୁ ସେ ଅନୁରୋଧ କରିଛନ୍ତି। କାଉନ୍‌ସିଲର ଭାବେ ତାଙ୍କ ୱାର୍ଡରେ ଏକ ପରିବାର ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବାକୁ ସେ ଲକ୍ଷ୍ୟ ରଖିଛନ୍ତି, ଯଦ୍ୱାରା ପିଲାମାନଙ୍କ ଚାପ କମିପାରିବ। ବିଶ୍ୱର ସର୍ବବୃହତ୍ ସଙ୍ଗଠନ ଭାବେ ବିବେଚନା କରାଯାଉଥିବା 'ବାଲ୍‌ସଙ୍ଘମ୍'ର ସଭାପତି ହୋଇଥିବାରୁ ପିଲାଙ୍କ ଚାପକୁ ସେ ଭଲ ଭାବେ ଅନୁଭବ କରିଛନ୍ତି। ଭଡ଼ାଘରେ ରହୁଥିବା ଏକ ନିମ୍ନ ମଧ୍ୟବିତ୍ତ ପରିବାରରୁ ଆସିଥିବା ଝିଅ ମନରେ ସ୍ୱାସ୍ଥ୍ୟ ଓ ପରିମଳ ଭଳି ମୌଳିକ ଭିତ୍ତିଭୂମିର ଉନ୍ନତି ଚିନ୍ତା ଆସିବା ତାଙ୍କ ସେବା ମନୋବୃତ୍ତିର ପରିଚୟ ଦେଉଛି ବୋଲି କୁହାଯାଇପାରେ। ସ୍ୱପ୍ନ ସାକାର ପାଇଁ ଯିଏ ଛୋଟିଆ ବିଷୟକୁ ସର୍ବାଧିକ ଗୁରୁତ୍ୱ ଦେଇ କାମ କରିଥାଆନ୍ତି, ତାଙ୍କୁ ସଫଳତା ମିଳିବା ନିଶ୍ଚିତ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କେବଳ ଦକ୍ଷତା ନୁହେଁ, ନିଷ୍ଠା ବଳରେ ସବୁକିଛି ସମ୍ଭବ ବୋଲି ପ୍ରମାଣ କରିଛନ୍ତି ଝାଡ଼ଖଣ୍ଡର ଆଇଏଫ୍‌ଏସ୍ ଅଧିକାରୀ ବିକାଶ ଉଜ୍ଜ୍ୱାଲ। ସେ ୪ ବର୍ଷରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଗଛ ଲଗାଇ ୫୦୦୦ ହେକ୍ଟର ଜମିରେ ଜଙ୍ଗଲ ଠିଆ କରିପାରିଛନ୍ତି। ବିକାଶ ଝାଡ଼ଖଣ୍ଡର ଲୋହାରଦାଗା ଫରେଷ୍ଟ ଡିଭିଜନରେ ୨୦୧୬ରେ ନିଯୁକ୍ତି ପାଇବା ପରେ ଏହି ଅଭିଯାନ ଆରମ୍ଭ କରିଥିଲେ। ଏବେ ସେ ବ୍ୟାପକ ଜଙ୍ଗଲ ସୃଷ୍ଟି କରିବା ସହ ସ୍ଥାନୀୟ ଅଞ୍ଚଳରେ ଆଣିଛନ୍ତି ନିଯୁକ୍ତି ସୁଯୋଗ। କେବଳ ଏତିକି ନୁହେଁ ,ବିକାଶ ମଧ୍ୟ ପରିବେଶ ଭିତ୍ତିକ ପର୍ଯ୍ୟଟନର ଉନ୍ନତି କରିବାରେ ପ୍ରମୁଖ ଭୂମିକା ନେଇଛନ୍ତି। ଜଙ୍ଗଲର ଆଖପାଖ ଗ୍ରାମଗୁଡ଼ିକର ଅଧିବାସୀଙ୍କୁ ବାଉଁଶ କାରିଗରି ଉପରେ ପ୍ରଶିକ୍ଷଣ ଦେଇ ରୋଜଗାର କରିବାର ବାଟ ଦେଖାଇଛନ୍ତି। ଜଙ୍ଗଲ ପାଇଁ ବର୍ଷାପାଣି ଅଟକାଇବା ଲାଗି ୨୦ଟି ଚେକ୍‌ଡ୍ୟାମ୍ ନିର୍ମାଣ କରିବା ସହ ବହୁ ପୋଖରୀ ମଧ୍ୟ ଖୋଳାଇଛନ୍ତି। ଏହି ଅଞ୍ଚଳକୁ ଏବେ ସୁଦ୍ଧା ୨.୫ ଲକ୍ଷ ପର୍ଯ୍ୟଟକ ଆସିସାରିଲେଣି। ପର୍ଯ୍ୟଟକଙ୍କ ଆଗମନ ଓ ପୋଲିସ ଉପସ୍ଥିତି ଏହି ମାଓପ୍ରବଣ ଅଞ୍ଚଳରୁ ୯୦% ଅପରାଧ କମାଇ ଦେଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଡିସେମ୍ବର ୧୯୯୫

- ହେବ୍ରନ ସହରର ନିକଟବର୍ତ୍ତୀ କେତେକ ଗ୍ରାମକୁ ପାଲେଷ୍ଟାଇନ୍ ପୋଲିସ ଇସ୍ରାଏଲ ସୈନ୍ୟଙ୍କଠାରୁ ନିଜ ଅଧୀନକୁ ନେଇଛି।
- ଓଡ଼ିଶାର ଅନ୍ୟତମ ବିଶିଷ୍ଟ ଶିଳ୍ପସଂସ୍ଥା ଇମ୍ଫା ଗୋଷ୍ଠୀର କ୍ରୋମାଇଟ୍ ଖଣି ଏହାର ଗୁଣାତ୍ମକ ମାନ ପାଇଁ ଭାରତରେ ଦ୍ୱିତୀୟ କ୍ରୋମାଇଟ୍ ଖଣି ଭାବରେ ସମ୍ମାନଜନକ ଆଇ.ଏସ୍.ଓ.–୯୦୦୨ ପ୍ରମାଣପତ୍ର ହାସଲ କରିଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଅନ୍‌ଲାଇନ ଏବଂ ଅଫ୍‌ଲାଇନରେ ପଢ଼ା ସମସ୍ୟା

ମହାଶୟ,

ଆମ ରାଜ୍ୟରେ ସ୍କୁଲ ଏବଂ ଗଣଶିକ୍ଷା ବିଭାଗର ନିକଟରେ ଅଫଲାଇନରେ ମାଟ୍ରିକ, ଯୁକ୍ତ ୨ ପରୀକ୍ଷା ପାଇଁ ହୋଇଥିବା ନିଷ୍ପତ୍ତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ମହାମାରୀ କରୋନାର ପ୍ରାଦୁର୍ଭାବ ଯୋଗୁ ଦୀର୍ଘଦିନ ଧରି ବନ୍ଦ ହୋଇ ରହିଥିବା ଉକ୍ତ ଶିକ୍ଷା ଅନୁଷ୍ଠାନଗୁଡିକରେ ଉପଯୁକ୍ତ ଭାବେ ଅଫଲାଇନ ମାଧ୍ୟମରେ ପାଠପଢ଼ାର ମଧ୍ୟ ଗୁରୁତ୍ୱ ରହିଛି। ଏହାର କାରଣ ବହୁ ମେଧାବୀ ଛାତ୍ରୀଛାତ୍ର ସେମାନଙ୍କର ପାରିପାର୍ଶ୍ୱିକ ତଥା ଆର୍ଥିକ ସମସ୍ୟା ଯୋଗୁ ଅନଲାଇନ ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି। ତେଣୁ ସମୟର ବ୍ୟବଧାନକୁ ଗୁରୁତ୍ୱ ନ ଦେଇ ଛାତ୍ରୀଛାତ୍ରମାନଙ୍କର ଅଫଲାଇନ ପାଠପଢ଼ା ପ୍ରତି ସରକାର ବିଶେଷ ଧ୍ୟାନ ଦିଅନ୍ତୁ। ଏହା ପରେ ସମସ୍ତ ଛାତ୍ରୀଛାତ୍ର ତଥା ଅଭିଭାବକଙ୍କର ମତାମତ ଅନୁଯାୟୀ ପରୀକ୍ଷାର ସମୟସୀମା ଧାର୍ଯ୍ୟ କରିବା ନିହାତି ଆବଶ୍ୟକ ମନେହୁଏ। ଏହା ଦ୍ୱାରା ଶିକ୍ଷା ବ୍ୟବସ୍ଥାର ଉପଯୁକ୍ତ ପରିଚାଳନା ସମ୍ଭବ ହୋଇପାରିବ ବୋଲି ଦୃଢ଼ ଆଶା ଓ ବିଶ୍ୱାସ। ସରକାର ଏଥିପ୍ରତି ସ୍ୱତନ୍ତ୍ର ଭାବେ ବିଚାର କରି ନିଷ୍ପତ୍ତି ନେବାକୁ ଅନୁରୋଧ।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, ଭୁବନେଶ୍ୱର

## ଚିରନ୍ତନୀ

ବରଷା ଜଳେ ଚରଣ ଭିଜେ
ନଳିନୀଦଳ ଭୂମିରେ କି ଯେ !
ପଡ଼ିଛି ଛିଡ଼ି, ପରଶ ତାର ସୁନ୍ଦର,
ଧରଣୀ ତଳେ ହସିଲା କେଉଁ ଚନ୍ଦର।
(ବର୍ଷା ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମହାପ୍ରଭୁଙ୍କ ଖୋଲା ଦର୍ଶନ ଅତୁଳନୀୟ



**ପୁରୀ ଅଫିସ,୨୬।୧୨:**

ଦୀର୍ଘ ୯ମାସ ପରେ ଭକ୍ତଙ୍କ ପାଇଁ ଖୋଲିଛି ଶ୍ରୀମନ୍ଦିର । ରତ୍ନବେଦୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେ ଅଲୌକିକ ଦୃଶ୍ୟକୁ ନିକଟରୁ ଦେଖିବାକୁ ଶନିବାରଠାରୁ ସୁଯୋଗ ପାଇଛନ୍ତି ଶ୍ରୀକ୍ଷେତ୍ରବାସୀ। ସକାଳୁ ଟୋକନ ଧରି ପୁରୀବାସୀ ଧାଡିରେ ଯାଇ ପ୍ରଭୁଙ୍କୁ ଦର୍ଶନ କରି ପରମତୃପ୍ତି ଲାଭ କରିଛନ୍ତି । ଶ୍ରୀକ୍ଷେତ୍ରରେ ଘର ଥାଇ ମଧ ମହାପ୍ରଭୁଙ୍କୁ ଦର୍ଶନ କରି ନ ପାରି ବ୍ୟାକୁଳ ହୋଇଥିବା ଭକ୍ତମାନେ କଟକଣା ଉଠିବା ପରେ ଯେପରି କ୍ଷଣିକ ଦର୍ଶନ ପାଇ ବେଶ୍ ଆନନ୍ଦିତ ହୋଇଛନ୍ତି । ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସହରରେ ବ୍ୟବସ୍ଥା କରାଯାଇଛି। କାଳିଆ ଠାକୁରଙ୍କ ଦର୍ଶନ କରି ସ୍ମୃତି ସାଉଁଟିଥିବା ଭକ୍ତଙ୍କ ମୁହଁରୁ କିଛି କଥାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା ।



" ଜଗା ଦର୍ଶନ ପରେ ଅନେକ ଦିନର ଅସନ୍ତୋଷ ଅନ୍ତ ଘଟିଛି। ସଂସାରର ଭିତରେ ଛନ୍ଦି ହୋଇ ଅଣନିଃଶ୍ୱାସୀ ହୋଇପଡ଼ିଲେ ମହାପ୍ରଭୁଙ୍କ କଥା ମନେ ପଡ଼େ। ହେଲେ କରୋନା ସେସବୁ ଛଡ଼ାଇ ନେଇଥିଲା। ଶ୍ରୀଜଗନ୍ନାଥଙ୍କ ଦର୍ଶନ ବିନା ମନରେ ଶାନ୍ତି ନ ଥିଲା। ଶନିବାର ଦର୍ଶନ ପରେ ଆତ୍ମତୃପ୍ତି ମିଳିଲା। ମହାପ୍ରଭୁଙ୍କର ଏଭଳି ଖୋଲା ଦର୍ଶନ ଖୁବ୍ କମ୍ ସମୟରେ ମିଳେ। ଠାକୁରଙ୍କ ଦର୍ଶନ ପରେ ଯେଉଁ ଶାନ୍ତି ମିଳିଲା, ସେସବୁ ଶବ୍ଦରେ ବର୍ଣ୍ଣନା କରିପାରିବି ନାହିଁ। ମନରେ ଥିବା ଅଭିଯୋଗ ଓ ଅଭିମାନ ମହାପ୍ରଭୁଙ୍କୁ ଜଣାଇଛି।

**ସୁଲୋଚନା ମହାପାତ୍ର (ବାସେଳିସାହି)**



" ମନ୍ଦିର ପାଖରେ ଘର ଥିଲେ ସୁଦ୍ଧା ୯ ମାସ ଧରି ମହାପ୍ରଭୁଙ୍କୁ ଦର୍ଶନ କରି ନ ଥିଲି। ସେବାୟତ ପ୍ରଥମେ ଦର୍ଶନ କରିବା କଥା ଶୁଣି ମନରେ ଅଭିମାନ ହେଲା। ହେଲେ ସବୁ ଅଭିମାନ ଆଜି ହିଁ ସରିଛି। ତାଙ୍କୁ ଦର୍ଶନ କରିବା ପରେ ଅନେକ ଦିନର ଇଚ୍ଛା ପୂରଣ ହୋଇଛି। ମୋ ଘରେ କିଛି ଦିନ ପୂର୍ବରୁ ଏକ ବିବାହ ଉତ୍ସବ ହୋଇଥିଲା। ଜଗନ୍ନାଥଙ୍କୁ ନିମନ୍ତ୍ରଣ ନିମନ୍ତେ ମୁଁ ନିଜେ ଯିବା ପାଇଁ ବହୁ ପୂର୍ବରୁ ଭାବିଥିଲି। ହେଲେ କରୋନା ଯୋଗୁ ନିମନ୍ତ୍ରଣ ପତ୍ରଟିଏ ଦେବା ପାଇଁ ସଶରୀରରେ ପହଞ୍ଚିପାରି ନ ଥିଲି। ସେ ଯାହା ବି ହେଉ, ମହାପ୍ରଭୁଙ୍କୁ ଖୋଲା ଦର୍ଶନ କରିବାର ସୁଯୋଗ ପାଇ ନିଜକୁ ଧନ୍ୟ ମନେ କରୁଛି।

**ଶକୁନ୍ତଳା ମହାପାତ୍ର (ବାସେଳିସାହି)**



" ରତ୍ନବେଦିରେ ମହାପ୍ରଭୁଙ୍କୁ କେବେ ଦେଖିବୁ ସେଇ କଥା ଭାବି ଦିନ କାଟୁଥିଲୁ। ମୁଁ ପ୍ରତିଦିନ ମନ୍ଦିର ଆସେ। ହେଲେ ଶ୍ରୀମନ୍ଦିର ବନ୍ଦ ହେବା ପରେ ମହାପ୍ରଭୁ ଓ ମୋ ଭିତରେ ବାଡ଼ ପଡ଼ିଥିଲା। କର୍ମରୁ ଯିବା ପୂର୍ବରୁ ତାଙ୍କୁ ସବୁ ଦୁଃଖ, ସଂଘର୍ଷ ଓ ବେଦନା ଜଣାଇ ଦେଇ ଯାଏ। ହେଲେ ଆଜି ଦର୍ଶନ ପରେ ମୋ ଖୁସିର ସୀମା ନାହିଁ। ମହାପ୍ରଭୁଙ୍କ ଖୋଲା ଦର୍ଶନ ସତରେ ବଡ଼ ଅତୁଳନୀୟ। ପୂରା ପରିବାର ସହ ଜଗା ଦର୍ଶନ କଲି। କି ଅପୂର୍ବ ସେ କଳା ବଦନ, ସେସବୁ ବର୍ଣ୍ଣନା ପାଇଁ ଶବ୍ଦ ଯୋଗାଡ଼ିବାକୁ ମୁଁ କିଏ। ମୁଁ ଅତି ସାମାନ୍ୟ। ପୂରା ଜଗତକୁ ମହାପ୍ରଭୁ ଶାନ୍ତି ଦିଅନ୍ତୁ, ଏତିକି କାମନା କରୁଛି।

**ବିଶ୍ୱଭୂଷଣ ବାରିକ**



" ବହୁତ ଖୁସି ଲାଗୁଛି ଯେ, ବାଇଶି ପାହାଚରେ ପାଦସ୍ପର୍ଶ କଲି। କେତେ ଦିନ ହେଲା ଏହି ଆଶା ମନ ଭିତରେ ଥିଲା। ପୁରୀଲୋକ ବୋଲି ସବୁବେଳେ ଗର୍ବ କରି କହୁ। ହେଲେ ଜଗାଦର୍ଶନ ନ ଥିଲେ, କାହା ପାଇଁ ଆଉ କ'ଣ ହେବ ସେ ଅଭିମାନ। ଏବେ ଲାଗୁଛି ମୋ ମହାପ୍ରଭୁ ମୋ ସହ ଅଛନ୍ତି। ବାହାର ବାଡ଼ ପାଖେ ଠିଆ ହୋଇ ଏତେ ସୁନ୍ଦର ଦର୍ଶନ କେବେ କରି ନ ଥିଲି। ପ୍ରଶାସନ ଓ ସେବାୟତ ଭାଇମାନଙ୍କୁ ହୃଦୟରୁ ଧନ୍ୟବାଦ।

**ଅରୁଣା ମିଶ୍ର**



" ଅନେକଦିନ ପରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କଲି। ମନ୍ଦିର ଭିତରର ଯେଉଁ ଶାନ୍ତି ମନକୁ ପବିତ୍ର କରେ ତାହାକୁ ଅନୁଭବ କଲି। ମହାପ୍ରଭୁଙ୍କ ଏତେ ସୁନ୍ଦର ଦର୍ଶନ କେବେ ଏତେ ନିକଟରୁ ଦେଖି ନ ଥିଲି। ସାଧାରଣତଃ ଅଧିକାଂଶ ସମୟ ଗହଳି ଥାଏ। ହେଲେ ଆଜି ପୂରା ଖୋଲା ଦର୍ଶନ। ସେବାୟତ ଭାଇମାନେ ସବୁ ପ୍ରକାର ସହଯୋଗ କରୁଥିଲେ। ଠାକୁରଙ୍କୁ ସାମ୍ନାରୁ ଦେଖିବାରେ କୌଣସି ଅସୁବିଧା ହୋଇନି। ମନ୍ଦିର ପ୍ରଶାସନ ଓ ସେବାୟତ ଭାଇମାନେ ଶୃଙ୍ଖଳିତ ଭାବେ ନିଜ କାମ କରୁଛନ୍ତି।

**ଅଭିଷେକ ସାହୁ**

## ସଂକ୍ଷେପରେ

### ନୂଆବର୍ଷରେ କାଳିଜାଈ ପୀଠକୁ ଶ୍ରଦ୍ଧାଳୁଙ୍କୁ ମନା

**କୃଷ୍ଣପ୍ରସାଦ,୨୬।୧୨(ଡି.ଏନ୍.ଏ.):** ନୂଆବର୍ଷରେ ଚିଲିକାର ଅଧିଷ୍ଠାତ୍ରୀ ଦେବୀ ମା' କାଳିଜାଈଙ୍କ ଦର୍ଶନ ଶ୍ରଦ୍ଧାଳୁମାନେ କରିପାରିବେନି। କିନ୍ତୁ ବିଧି ମୁତାବକ ମା'ଙ୍କ ପୂଜାର୍ଚ୍ଚନା କରାଯିବ। ଏନେଇ କୃଷ୍ଣପ୍ରସାଦ ତହସିଲଦାର ଉଲ୍ଲାସ ଚନ୍ଦ୍ର ସେଠୀ ଏକ ନିର୍ଦ୍ଦେଶନାମା ମା' କାଳିଜାଈଙ୍କ ମାର୍ଫତଦାରଙ୍କୁ ଜାରି କରିଛନ୍ତି। ଏଥିସହ ପୁରୀ ଉପଜିଲାପାଳ ଓ ଏସ୍‌ଡିପିଓ ଏବଂ କୃଷ୍ଣପ୍ରସାଦ ଆଇଆଇସିଙ୍କୁ ଅବଗତ କରାଯାଇଛି।

### ସ୍ୱଚ୍ଛ ଶାସନ ପାଇଁ ବିଜେଡି ଦୀର୍ଘସ୍ଥାୟୀ ଆଞ୍ଚଳିକ ଦଳ

**ବାଲିପାଟଣା/ବାଳକାଟୀ,୨୬।୧୨ (ଡି.ଏନ୍.ଏ.):** ବାଲିପାଟଣାସ୍ଥିତ ଗିରିଙ୍ଗେଶ୍ୱରୀ ପୀଠରେ ଶନିବାର ବିଜେଡିର ୨୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ପାଇଁ ବିଜେଡି ଦୀର୍ଘସ୍ଥାୟୀ ଆଞ୍ଚଳିକ ଦଳ ହୋଇପାରିଛି। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସରକାରଙ୍କ ଜନହିତକାରୀ ଯୋଜନାରୁ ଯେପରି କେହି ବଞ୍ଚିତ ନ ହେବେ, ସେଥିପ୍ରତି ସଚେତନତା ସୃଷ୍ଟି କରିବାକୁ କର୍ମୀଙ୍କୁ ସେଆହ୍ୱାନ ଦେଇଥିଲେ। ଜିଲାପରିଷଦ ଉପାଧକ୍ଷା ସୁମିତ୍ରା ରାଉତରାୟ, ପ୍ରତାପ ନାୟକ, କୁଶ ପାତ୍ର, ଜିଲା ପରିଷଦ ସଭ୍ୟ ଭାଗ୍ୟଲକ୍ଷ୍ମୀ ମିଶ୍ର, ଅଶୋକ ରାଉତରାୟ, ମିର୍ ନାସିର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବାଲିଅନ୍ତା ଗଡ଼ଶ୍ରୀରାମପୁରସ୍ଥିତ ଆମ ସଙ୍ଗଠନ କାର୍ଯ୍ୟାଳୟ ପରିସରରେ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ବାଲିପାଟଣା ବିଜେଡି ସଭାପତି କିଶୋର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ପୂର୍ବତନ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଯୋଗଦେଇଥିଲେ। ଟଙ୍କପାଣି ସେତୁ ପାଖରୁ ଆମ ସଙ୍ଗଠନ ଅଧକ୍ଷ କମଳ କୁମାର ପାତ୍ରଙ୍କ ନେତୃତ୍ୱରେ ଶୋଭାଯାତ୍ରା ବାହାରିଥିଲା। ବାଲିଅନ୍ତା ସଭାପତି ପ୍ରଦୀପ୍ତ ଜେନାମଣି, ବାଲିଅନ୍ତା ଓ ବାଲିପାଟଣା ଛାତ୍ର ବିଜେଡି ସଭାପତି ଜ୍ୟୋତିରଞ୍ଜନ ନାୟକ, ପ୍ରୀତମ ପ୍ରଧାନ ଉପସ୍ଥିତ ଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ପୁରୁଣା ଭୁବନେଶ୍ୱର,୨୬।୧୨ (ଡି.ଏନ୍.ଏ.):** ପୁରୁଣା ଭୁବନେଶ୍ୱର ହାଟସାହି ଅଞ୍ଚଳର ଧର୍ମପରାୟଣା ହାରାମଣି ସମର୍ଥାଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୪ ବର୍ଷ ହୋଇଥିଲା। ସେ ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥାଙ୍କ ମା'। ହାରାମଣିଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଓଡ଼ିଶା ମୋ ପରିବାରର ରାଜ୍ୟ ଅଧକ୍ଷ ଅରୂପ ପଟ୍ଟନାୟକ, ବିଧାୟକ ସୁଶାନ୍ତ ରାଉତ, ମଧ ବିଧାୟକ ଅନନ୍ତ ଜେନା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ନରେନ୍ଦ୍ର ସମର୍ଥା ମୁଖାଗ୍ନି ଦେଇଥିଲେ।

## କାଠଚୋରଙ୍କ ଆଡ୍ଡାସ୍ଥଳୀ ବରବରା ଜଙ୍ଗଲ

**ବାଲୁଗାଁ,୨୬।୧୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବାଲୁଗାଁ ବନବିଭାଗ ଅନ୍ତର୍ଗତ ବରବରା ଜଙ୍ଗଲ ଏବେ କାଠଚୋରଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ବନ ବିଭାଗ କର୍ମଚାରୀଙ୍କ ଅବହେଳା ଯୋଗୁ କାଠ ମାଫିଆମାନେ ଅବାଧରେ ଗଛ କାଟି ଚାଲାଣ କରୁଛନ୍ତି। ବନ ବିଭାଗ ପକ୍ଷରୁ ଆବଶ୍ୟକ ସୁରକ୍ଷା ଦିଆ ନ ଗଲେ ଶାଳ, ଶାଗୁଆନ ଗଛ ଭର୍ତ୍ତି ଏହି ଜଙ୍ଗଲ ଲୋପ ପାଇଯିବ ବୋଲି ଆଶଙ୍କା ଉପୁଜିଛି।

୬୦୦ ବର୍ଗ କିଲୋମିଟର ପରିବ୍ୟାପ୍ତ ଏହି ଜଙ୍ଗଲ ମଧ୍ୟରୁ ଶାଳ, ଶାଗୁଆନ ସଂରକ୍ଷିତ ୨୩୦ ବର୍ଗକିଲୋମିଟର ରହିଛି। ଏଥିସହ ବହୁ ମୂଲ୍ୟବାନ ଗଛ ସମେତ ୪୦୦ରୁ ଊର୍ଦ୍ଧ୍ୱ ପ୍ରକାରର ଔଷଧୀୟ ଗଛ ରହିଛି। ଏହା ବ୍ୟତୀତ ହରିଣ, ଶମ୍ବର, ବାଘ୍ୱା, ମୟୂର, ହାତୀ ମଧ ଏଠାରେ ରହିଛନ୍ତି। ବ୍ରିଟିଶ୍ ସରକାର ପ୍ରାୟ ୧୦୦ବର୍ଷ ପୂର୍ବରୁ ବରବରା ଜଙ୍ଗଲକୁ ସଂରକ୍ଷିତ ଭାବେ ଘୋଷଣା କରିଥିଲେ। ଜଙ୍ଗଲଟି ଯେପରି ଧ୍ୱଂସ ଅଭିମୁଖେ ଗତି ନ କରେ ଓଡ଼ିଶା ସରକାରଙ୍କ ସୁପାରିସକ୍ରମେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୯୯୪ରେ ଏଠାରେ ୧୩୨ ସିଆରପିଏଫ ଯବାନଙ୍କୁ ନିୟୋଜିତ କରାଯାଇଥିଲା। ଯବାନଙ୍କ ପ୍ରହରା ଯୋଗୁ ଜଙ୍ଗଲରେ କାଠ ଚୋର କିମ୍ବା ପ୍ରାଣୀ ଶିକାରୀ ପଶିବାକୁ ସାହସ କରୁ ନ ଥିଲେ। ଫଳରେ ଜଙ୍ଗଲ ସୁରକ୍ଷିତ ରହିଥିଲା। ୪ବର୍ଷ ପୂର୍ବେ ଯବାନମାନଙ୍କୁ ଏଠାରୁ ପ୍ରତ୍ୟାହାର କରି ନିଆଯିବା ପରେ ମାତ୍ର ୩୦ଜଣ ଓଏସ୍ଏସ୍ଏଫଙ୍କୁ ଏହି ଜଙ୍ଗଲର ସୁରକ୍ଷା ଦାୟିତ୍ୱ ଦିଆଯାଇଥିଲା। ଅନ୍ୟପଟେ ବନପାଳ ୧୫ଜଣ ଆବଶ୍ୟକ ଥିବାବେଳେ ୯ଜଣ ଅଛନ୍ତି । ସେହିପରି ବନରକ୍ଷୀ ୩୫ଜଣଙ୍କ ମଧ୍ୟରୁ ୨୧ଜଣ ଏବଂ ୱାଚର ୪୦ ପରିବର୍ତ୍ତେ ୩୦ଜଣ ସୁରକ୍ଷା ପାଇଁ ନିୟୋଜିତ ରହିଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି। କମ୍ ସଂଖ୍ୟକ କର୍ମଚାରୀ ଏହି ଜଙ୍ଗଲକୁ କିପରି ସୁରକ୍ଷା ଦେବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୁରକ୍ଷା ଅଭାବରୁ ଜଙ୍ଗଲ ଏବେ କାଠଚୋରଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସରକାର ଏହାର ସୁରକ୍ଷା ଦିଗରେ ପଦକ୍ଷେପ ନ ନେଲେ ଭବିଷ୍ୟତରେ ପଦା ହୋଇ ଭୌଗୋଳିକ ମାନଚିତ୍ରରୁ ନିଶ୍ଚିହ୍ନ ହେବାର ସମ୍ଭାବନା ରହିଛି। ଏ ସମ୍ପର୍କରେ ବାଲୁଗାଁ ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି କହିଛନ୍ତି, ପୂର୍ବାପେକ୍ଷା ବର୍ତ୍ତମାନ ଜଙ୍ଗଲର ସୁରକ୍ଷା ନିମନ୍ତେ ବିଭାଗ ପକ୍ଷରୁ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି। ଜଙ୍ଗଲ ମଧରେ ବସବାସକରୁଥିବା ୧୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକଙ୍କୁ ନେଇ ଜଙ୍ଗଲ ସୁରକ୍ଷା କମିଟି ଗଠନ କରାଯାଇଛି। ଉକ୍ତ କମିଟି ବନ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି। ଜଙ୍ଗଲରୁ କାଠ ଚୋରି ହେଉଥିବା ନେଇ ସେ ଅସ୍ୱୀକାର କରିଛନ୍ତି।



- ଅବାଧରେ ଚାଲିଛି କାଠ ଚାଲାଣ
- ନୀରବଦ୍ରଷ୍ଟା ସାଜିଛି ବନ ବିଭାଗ
- ସୁରକ୍ଷା କରା ନ ଗଲେ ସତ୍ତା ହରାଇବ

## ଧାନ ଜମିରେ ହାତୀପଲ, ଲୋକେ ଭୟଭୀତ

**କଣାସ,୨୬।୧୨ (ଡି.ଏନ.ଏ.)**

କଣାସର ଗଡ଼ଖାରଦ ପଞ୍ଚାୟତ ଓ ନିରାକାରପୁର ସମେତ ଆଖପାଖ ଅଞ୍ଚଳରେ ଦୁଇ ଦିନ ହେବ ହାତୀପଲ ପଶି ଉତ୍ପାତ କରୁଛନ୍ତି। ରାତିରେ ଧାନ ଜମିରେ ପଶି ଧାନ ଫସଲ ଖାଇବା ସହ ଧାନ ନଷ୍ଟ କରିଦେଉଛନ୍ତି। ସକାଳ ହେବା ପୂର୍ବରୁ ସେମାନେ ନିକଟସ୍ଥ ଚିତ୍ରକୁଟ ମୁଣ୍ଡିଆ କିମ୍ବା ପାଖ ଜଙ୍ଗଲକୁ ଚାଲିଯାଉଛନ୍ତି। ହାତୀ ଭୟରେ ଲୋକେ ରାତିରେ ଜମିରେ ଥିବା ପାଳରେ ନିଆଁ ଲଗାଇ ହାତୀଙ୍କୁ ଡରାଇବା ପାଇଁ ଚେଷ୍ଟା କରୁଛନ୍ତି। ଶୁକ୍ରବାର ରାତିରେ ହାତୀପଲ ଜଗନ୍ନାଥପୁରରୁ ବିରିତୋଇ ଗ୍ରାମ ଦେଇ କାଶୀପୁର ଜଙ୍ଗଲକୁ ଯାଇଥିବା ଅନୁମାନ କରାଯାଉଛି। ବିରିତୋଇ ଗ୍ରାମର ଅଭିମନ୍ୟୁ ପ୍ରଧାନ ଓ ଶରତ ସାହୁଙ୍କ ଜମିରେ ହାତୀପଲ ପଶି ଧାନ ଖାଇବା ସହ ଫିଙ୍ଗା ଫୋପଡ଼ା କରିଛନ୍ତି। ଅନ୍ୟ କିଛି ଚାଷୀଙ୍କର ମଧ୍ୟ ଧାନ ନଷ୍ଟ ହୋଇଛି। ଚାଷୀଙ୍କୁ କ୍ଷତିପୂରଣ ଦେବା ସହ ହାତୀଙ୍କୁ ଘଉଡ଼ାଇବା ପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି।

## ପ୍ଲାଜ୍ମା ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ସମ୍ମିଳନୀ ଉଦ୍‌ଘାଟିତ

**କଟକ ଅଫିସ,୨୬।୧୨–**ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ତ୍ରୟୋଦଶ ପ୍ଲାଜ୍ମା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସମ୍ପର୍କିତ ଆନ୍ତର୍ଜାତିକ ସମ୍ମିଳନୀ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓ ଏସିଆ ଆଫ୍ରିକାନ ଆସୋସିଏଶନ ଫର ପ୍ଲାଜ୍ମା ଟ୍ରେନିଂର ମିଳିତ ଆନୁକୂଲ୍ୟରେ ଭର୍ଚୁଆଲ ମୋଡ୍‌ରେ ଉକ୍ତ ସମ୍ମିଳନୀ ୩ ଦିନ ଧରି ଚାଲିବ। ଏଥିରେ ମୁଖ୍ୟଅତିଥି ଭାବେ ଭାବା ଆଣବିକ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ଅଜିତ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ଓଡ଼ିଶା ଉଚ୍ଚଶିକ୍ଷା ପରିଷଦର ଉପସଭାପତି ଡ. ଅଶୋକ କୁମାର ଦାସ ଯୋଗଦେଇଥିଲେ। ଏସିଆ ଆଫ୍ରିକାନ ଆସୋସିଏଶନ ଫର ପ୍ଲାଜ୍ମା ଟ୍ରେନିଂର ସମ୍ପାଦକ ଡ. ପଲ୍ ଲିଟୁନକିଟ୍ ଓ ସଂସ୍ଥାର ସଭାପତି ଡ. ରାଜଦୀପ ସିଂ ରାୱତ ସଂସ୍ଥାର ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ଇଶାନ କୁମାର ପାତ୍ର ଦେଶ ବିଦେଶର ସମସ୍ତ ଅଂଶଗ୍ରହଣକାରୀ ବୈଜ୍ଞାନିକମାନଙ୍କୁ ସ୍ୱାଗତ କରିଥିଲେ। ପ୍ରଫେସର ସ୍ମୃତିପ୍ରଭା ଦାସ ଅତିଥି ପରିଚୟ ପ୍ରଦାନ ଓ ଅମିତା ତ୍ରିପାଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।


**ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି (ଗଜପତି)**
**କପା ବିକ୍ରୟ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ଗଜପତି ଜିଲ୍ଲାର ଗୋଷାଣୀ, ଗୁମ୍ମା, ରାୟଗଡ଼ା ଓ କାଶୀନଗର ବ୍ଲକ ଅଧୀନରେ ଥିବା ସମସ୍ତ କପା ଚାଷୀ ଭାଇ ଓ ଭଉଣୀମାନଙ୍କୁ ଜଣାଇଦିଆଯାଉଅଛି ଯେ, ଚଳିତ ୨୦୨୦-୨୧ ବର୍ଷ ପାଇଁ ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି ଦ୍ୱାରା ଆସନ୍ତା ତା୦୯।୧୨।୨୦୨୦ରୁ କପା ବଜାର ପ୍ରାଙ୍ଗଣ, ପାରଳାଖେମୁଣ୍ଡିରେ ସରକାରଙ୍କ ଧାର୍ଯ୍ୟ ଦରରେ କପା CCI ମାଧ୍ୟମରେ କ୍ରୟ ପାଇଁ ବ୍ୟବସ୍ଥା କରାଯାଇଅଛି।

**କପା ବିକ୍ରି ପାଇଁ ୨୦୨୦-୨୧ ବର୍ଷ ପାଇଁ ନିର୍ଦ୍ଧାରିତ କପାର ଗୁଣାତ୍ମକ ମାନ (FAQ FOR SEED COTTON) ଓ ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟ (କୁଇଣ୍ଟାଲ) ପ୍ରତି**

| କ୍ର.ନଂ. | କିସମ | ତନ୍ତୁର ଲମ୍ବା (ମି.ମି.) | ମାଇକ୍ରୋନିୟର୍ ମାତ୍ରା | ଆର୍ଦ୍ରତା | ସମର୍ଥନ ମୂଲ୍ୟ |
|---|---|---|---|---|---|
| ୧ | ବନ୍ନି/ବ୍ରହ୍ମା | ୨୯.୫-୩୦.୫ | ୩.୫-୪.୩ | ୮% | ୫,୮୨୫/- |
| ୨ | ଏମ.ଇ.ସି.ଏଚ୍. | ୨୭.୫-୨୮.୫ | ୩.୫-୪.୭ | ୮% | ୫,୭୨୫/- |

ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି

ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି


## ବନ୍ଦ କୋଠରିରୁ ଗଳିତ ମୃତଦେହ ଜବତ

**ହତ୍ୟା ସନ୍ଦେହ**

**ଭୁବନେଶ୍ୱର,୨୬।୧୨(ବ୍ୟୁରୋ)**

ବଡଗଡ ଥାନା ଅନ୍ତର୍ଗତ ବ୍ରହ୍ମେଶ୍ୱର ପାଟଣା ଅଞ୍ଚଳର ଏକ ବନ୍ଦ ଘରୁ ଶନିବାର ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ କରାଯାଇଛି। ମୃତବ୍ୟକ୍ତି ଜଣକ ହେଲେ ବିଭୂତି ଭୂଷଣ ଦାନି(୪୮)। ବିଭୂତିଙ୍କ ଘରୁ ଦୁର୍ଗନ୍ଧ ଆସିବାରୁ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ଭିତରକୁ ପଶିଥିଲା। ଖଟ ଉପରେ ବିଭୂତିଙ୍କ ଗଳିତ ମୃତଦେହ ପଡିଥିଲା। ଘରସାରା ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହିଥିଲା। ପୋଲିସ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିବା ସହ ମୃତଦେହ ଜବତକରି ତଦନ୍ତ ଆରମ୍ଭ କରିଛି। ମୃତଦେହର ସ୍ଥିତିରୁ ୪ରୁ ୫ ଦିନ ପୂର୍ବରୁ ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଛି। ସ୍ଥାନୀୟ ଲୋକେ ହତ୍ୟା ସନ୍ଦେହ କରିଛନ୍ତି। ସେମାନଙ୍କ କହିବାନୁସାରେ, ବିଭୂତି ମାନସିକ ରୋଗୀ ଥିଲେ। ତାଙ୍କର ବିପୁଳ ସମ୍ପତ୍ତି ଥିବାବେଳେ କେହି ଉତ୍ତରାଧିକାରୀ ନ ଥିଲେ। ସମ୍ପତ୍ତି ଲୋଭରେ କେହି ଏପରି ଘଟଣା ଘଟାଇପାରିଥାନ୍ତି। ଘର ପଛପଟେ ରହୁଥିବା କେୟାର ଟେକରଙ୍କ ସହ ତାଙ୍କର ବହୁ ସମୟରେ ଝଗଡ଼ା ହେଉଥିଲା। ତେବେ ପ୍ରାଥମିକ ତଦନ୍ତରୁ ମୃତ୍ୟୁର କାରଣ ଜଣାପଡିନି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଏଥିସହ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ବିଭୂତିଙ୍କ ପୈତୃକ ଘର ଜଗତ୍‌ସିଂହପୁରରେ ହୋଇଥିବାବେଳେ ସେ ଦୀର୍ଘବର୍ଷ ହେବ ବ୍ରହ୍ମେଶ୍ୱର ପାଟଣା ୱାର୍ଡ ନଂ.୫୮ରେ ଏକ ୨ମହଲା ଘର କରି ରହୁଥିଲେ। ତାଙ୍କର ସ୍ତ୍ରୀ ଓ ପିଲାପିଲି କେହି ନ ଥିବାବେଳେ ଭାଇ ଓ ପରିବାର ସଦସ୍ୟ ଭୁବନେଶ୍ୱରର ଅନ୍ୟ ସ୍ଥାନରେ ରୁହନ୍ତି। ବିଭୂତିଙ୍କ ଘର ପରିସର ପଛ ପାର୍ଶ୍ୱରେ କେୟାର ଟେକର ରହୁଥିଲେ। ୫ରୁ ୬ ଦିନ ହେବ ବିଭୂତି ଘରୁ ବାହାରି ନ ଥିଲେ। ଘରର କବାଟ ବନ୍ଦ ରହିଥିଲା। ପଡୋଶୀ ଓ ସ୍ଥାନୀୟ ବ୍ୟବସାୟୀମାନେ ତାଙ୍କୁ ନ ଦେଖି କେୟାର ଟେକରଙ୍କୁ ପଚାରିଥିଲେ ମଧ କିଛି ସୂଚନା ପାଇପାରି ନ ଥିଲେ। ଏହାକୁ ନେଇ ଲୋକଙ୍କ ମଧରେ ସନ୍ଦେହ ହୋଇଥିଲା। ଶନିବାର ଉକ୍ତ ଘରୁ ପ୍ରବଳ ଦୁର୍ଗନ୍ଧ ଆସିବା ପରେ ସନ୍ଦେହ ଆହୁରି ବଢ଼ିଯାଇଥିଲା। ପଡୋଶୀ ଲୋକେ ସ୍ଥାନୀୟ କର୍ପୋରେଟର ପୁଷ୍ପା ଦାସଙ୍କୁ ଖବର ଦେଇଥିଲେ। କର୍ପୋରେଟରଙ୍କଠାରୁ ସୂଚନା ପାଇ ବଡଗଡ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। କର୍ପୋରେଟରଙ୍କ ସହଯୋଗରେ ପ୍ରଦୀପ୍ତ ଟ୍ରଷ୍ଟ ବୋର୍ଡର ଶବବୁହା ଗାଡ଼ିରେ ମୃତଦେହ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା।



ମୃତ ବିଭୂତିଙ୍କ ଘରେ ପଡ଼ି ରହିଥିବା ସାମଗ୍ରୀ।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

All India Tower Group
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍‌ରେ 4G, 5G ଟାୱାର ଲଗାନ୍ତୁ । ଅଗ୍ରିମ 90 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପ୍‌ଟପ୍ । ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894677450
7325861595

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଖେଳିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

GALLERY TOWER COMPANY
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍ ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିସ୍ଫୋରଣ




ନୂଆ ଆଶା ନେଇ ଆସିଥିଲା ୨୦୨୦। ହେଲେ ହତାଶା, ନିରାଶାରେ ବିତିଥିଲା ପୂରା ବର୍ଷ। କରୋନା କଷଣ ଭିତରେ ବଡ଼ ବଡ଼ ଦୁର୍ଘଟଣା ଓ ଅପରାଧ ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ପୋଲିସ ଓ ସରକାରଙ୍କୁ ଧନ୍ଦି ଦେଇଥିଲା। ଭୁବନେଶ୍ୱର ପେଟ୍ରୋଲ ପମ୍ପ ବିସ୍ଫୋରଣ ହେଉ କି ବ୍ୟାଙ୍କ ଲୁଟ୍, ଆଦିତ୍ୟ ଦାସ ମୃତ୍ୟୁ ରହସ୍ୟରୁ ବିଦ୍ୟାଶ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ, ପୁରୀ ହାଜତ ମୃତ୍ୟୁ, କଟକର ଆଇଆଇଏଫ୍ଏଲ୍ ଲୁଟ୍‌ଠାରୁ ଖୋର୍ଦ୍ଧା ଲୁଟ୍, ବାଙ୍କୀ ଡବଲ ମର୍ଡର ଆଦି ପ୍ରମୁଖ ଘଟଣା ସ୍ମୃତି ହୋଇ ରହିଗଲା।

## ଥରିଗଲା ରାଜଧାନୀ

ଅକ୍ଟୋବର ୭ରେ ରାଜଧାନୀରେ ଘଟିଥିଲା ଭୟଙ୍କର ବିସ୍ଫୋରଣ। ରାଜଭବନ ନିକଟ ପେଟ୍ରୋଲ ପମ୍ପ ସିଏନ୍‌ଜି ୟୁନିଟ୍‌ର ଏଲ୍‌ପିଜି ଟାଙ୍କିରେ ବିସ୍ଫୋରଣ ପରେ ସେଠାରେ ନିଆଁ ଲାଗିଯାଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ପ୍ରାୟ ଦେଢ କିଲୋମିଟର ପର୍ଯ୍ୟନ୍ତ ଭୂକମ୍ପ ଭଳି ଅନୁଭୂତ ହୋଇଥିଲା। ସାରା ଅଞ୍ଚଳ ପ୍ରଚଣ୍ଡ ଶବ୍ଦରେ ଥରି ଉଠିଥିଲା। ପେଟ୍ରୋଲ ପମ୍ପ ଛାରଖାର ହୋଇପଡ଼ିଥିବାବେଳେ ଘର, ଦୋକାନ, ପାଚେରି, ବାଇକ୍, କାର୍ ଆଦି କ୍ଷତିଗ୍ରସ୍ତ ହୋଇଥିଲା। ବହୁ ଦୂର ପର୍ଯ୍ୟନ୍ତ ଲୁହାଖଣ୍ଡ ସହ ହାଡ଼ମାଂସ ଓ ମଣିଷ ଶରୀରର ବିଭିନ୍ନ ଅଂଶ ବିଚ୍ଛୁରିତ ହୋଇପଡିଥିଲା। ଏଥିରେ ୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୫ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଥିଲେ। ରାଜଭବନ ପରିସର ପାର୍କରେ କେତେକ ହରିଣଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ତେବେ ଏହି ଲୋମଟାଙ୍କୁରା ଘଟଣାରେ ଆଇଓସିଏଲ୍, ପେସୋ ଓ କମିଶନରେଟ ପୋଲିସ ପକ୍ଷରୁ ତଦନ୍ତ ଚାଲିଥିଲେ ମଧ୍ୟ ଏଯାଏ କାରଣ ଓ ମୃତ୍ୟୁର ବାସ୍ତବ ଚିତ୍ର ସ୍ପଷ୍ଟ ହୋଇନାହିଁ।



## ଗ୍ରେନେଡ୍ ବିସ୍ଫୋରଣ, ଯବାନ ଶହୀଦ



ଭୁବନେଶ୍ୱର ଚନ୍ଦକାସ୍ଥିତ ଏସ୍‌ଓଜି (ସ୍ପେଶାଲ ଅପରେଶନ ଗ୍ରୁପ୍) ଟ୍ରେନିଂ ସେଣ୍ଟରରେ ଏପ୍ରିଲ ୭ରେ ଟ୍ରେନର କ୍ୟାଡର ସର୍ଜେଣ୍ଟମାନଙ୍କ ପ୍ରଶିକ୍ଷଣ ଚାଲିଥିବାବେଳେ ଗ୍ରେନେଡ ବିସ୍ଫୋରଣ ହୋଇଥିଲା। ଏଥିରେ କ୍ୟାଡର ଟ୍ରେନର ତଥା ଏସ୍‌ଓଜି ହାବିଲଦାର ବରଗଡ଼ ଜିଲା ସଦର ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମର ପ୍ରକାଶ ସାହୁ ଶହୀଦ ହୋଇଥିଲେ।

## ହତ୍ୟା



### ମା'ଙ୍କୁ ହତ୍ୟାକଲେ ଦୁଇ ନାବାଳକ ପୁଅ

ସେପ୍ଟେମ୍ବର ୧୭ରେ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଧୀନ ସୁନ୍ଦରପଦାସ୍ଥିତ ଅର୍ଚିଡ୍ ରେସିଡେନ୍ସ ଆପାର୍ଟମେଣ୍ଟରେ ଦୁଇ ନାବାଳକ ପୁଅ ତାଙ୍କ ମା'ଙ୍କୁ ଶାବଳରେ ପିଟି ହତ୍ୟା କରିଥିଲେ। ମୃତା ମହିଳା ପୁରୀର ବିନୋଦିନୀ ମିଶ୍ର(୪୦)। ଦୁଇ ଅଭିଯୁକ୍ତଙ୍କ ମଧରେ ବଡ଼ପୁଅ ଦଶମ ଶ୍ରେଣୀରେ ପଢୁଥିବା ବେଳେ ସାନପୁଅ ଅଷ୍ଟମ ଶ୍ରେଣୀର ଛାତ୍ର ଥିଲେ।

### ରାଜଧାନୀରେ ମିଠାଦୋକାନୀଙ୍କୁ ହତ୍ୟା

ଅକ୍ଟୋବର ୪ରେ ଲିଙ୍ଗରାଜ ଥାନା ଅଧୀନ ସାମନ୍ତରାପୁର ଛକରେ ମିଠାଦୋକାନୀ ବୌଦ୍ଧ ଜିଲାର ପ୍ରଭାକର ବେହେରା ଦୁଇଜଣ ଦୁର୍ବୃତ୍ତ ସର୍ବସମ୍ମୁଖରେ ଗୋଡ଼ାଇ ଗୋଡ଼ାଇ ହତ୍ୟା କରିଥିଲେ। ପୂର୍ବ ବିବାଦକୁ ନେଇ ରାଜଧାନୀ ରାଜରାସ୍ତାରେ ଦିନଦ୍ୱିପ୍ରହରରେ ଏହି ଲୋମଟାଙ୍କୁରା ଘଟଣା ଘଟିଥିଲା।




### ବାପାଙ୍କୁ ହତ୍ୟାକଲେ ଡାକ୍ତର ପୁଅ

ବାପାଙ୍କୁ ବିଧା ମାରି ହତ୍ୟା କରିଥିଲେ ଡାକ୍ତର ପୁଅ। ଜୁଲାଇ ୧୬ରେ ଭୁବନେଶ୍ୱର ଜଗମୋହନ ନଗରରେ ଏହି ଦୁଃଖଦ ଘଟଣା ଘଟିଥିଲେ ମଧ୍ୟ ୩ ଦିନ ପରେ ବ୍ୟବଚ୍ଛେଦ ରିପୋର୍ଟରୁ ଏହା ଜଣାପଡିଥିଲା। ବାଣପୁରରେ ଆୟୁଷ ଡାକ୍ତର ଭାବେ କାର୍ଯ୍ୟ କରୁଥିବା ଅଭିଯୁକ୍ତ ପୁଅ ରଞ୍ଜନ ଲକ୍‌ଡାଉନ୍‌ରେ ଛୁଟିରେ ଆସି ବହୁଦିନ ଧରି ଘରେ ରହିବାରୁ ମାନସିକ ଚିନ୍ତା ବଢିଯାଇଥିଲା। କୌଣସି କଥାକୁ ନେଇ ବଚସା ହେବାରୁ ରଞ୍ଜନ ଉତ୍ତେଜିତ ହୋଇ ବାପାଙ୍କ ଛାତିକୁ ୩ଟି ବିଧା ମାରିବାରୁ ତାଙ୍କର ଜୀବନ ଛାଡ଼ିଯାଇଥିଲା।

### ବାଙ୍କୀରେ ଡବଲ ମର୍ଡର

ଫେବୃୟାରୀ ୧୫ରେ କଟକ ଜିଲା ବାଙ୍କୀ ନିକଟରେ ଡବଲ ମର୍ଡର ଘଟିଥିଲା। ବରପୁଟ ପଞ୍ଚାୟତର ଜୋକଲାଞ୍ଜିସ୍ଥିତ ଏକ ପ୍ରକଳ୍ପ ନିକଟରେ ନୂଆଗାଁ ସରପଞ୍ଚଙ୍କ ସ୍ୱାମୀ ଭଗବାନ ସ୍ୱାଇଁ (୩୯) ଓ ଖବରଦାତା ଆଦିତ୍ୟ ରଣସିଂ (୩୯)ଙ୍କୁ ଦୁର୍ବୃତ୍ତମାନେ ଗୋଡ଼େଇ ହତ୍ୟା କରିଥିଲେ। ଉଭୟଙ୍କ ଘର ନୂଆଗାଁ ଖଜୁରିପଡ଼ାରେ।

## ଆଦିତ୍ୟଙ୍କ ମୃତ୍ୟୁ ରହସ୍ୟ



ପ୍ରେରଣାଦାୟୀ ଭାଷଣ ଦେଇ ଅନେକଙ୍କ ଜୀବନ ବଞ୍ଚାଉଥିବା ମାନବପ୍ରେମୀ ଆଦିତ୍ୟ ଦାଶଙ୍କ ରହସ୍ୟଜନକ ମୃତ୍ୟୁ ଘଟିଥିଲା। ଜୁଲାଇ ୭ ସକାଳେ ଭୁବନେଶ୍ୱର ଲିଙ୍ଗରାଜ ଷ୍ଟେଶନ ଟ୍ରେନ୍ ଲାଇନ୍‌ରୁ ତାଙ୍କ ମୃତଦେହ ଥିଲା। ଘଟଣାକୁ ନେଇ ସାରା ରାଜ୍ୟରେ ବିକ୍ଷୋଭ ଓ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ପ୍ରଥମେ ଜିଆର୍‌ପି ଓ ପରେ ତଦନ୍ତଭାର କ୍ରାଇମବ୍ରାଞ୍ଚ ନେଇଥିଲେ ମଧ୍ୟ ଏଯାଏ ତାହା ରହସ୍ୟ ହୋଇ ରହିଛି। ଏପଟେ ସୋସିଆଲ ମିଡିଆରେ ହେଉଥିବା ଅପବାଦ ସହିନପାରି ଡିସେମ୍ବର ୧୬ରେ ଆଦିତ୍ୟଙ୍କ ସ୍ତ୍ରୀ ବିଦ୍ୟାଶ୍ରୀ ଫେସ୍‌ବୁକ୍‌ରେ ଲାଇଭ କରି ଆତ୍ମହତ୍ୟା ଉଦ୍ୟମ କରିଥିଲେ। କଟକସ୍ଥିତ ବାପଘରୁ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା।

### ଠକିନେଲେ କୋଟିକୋଟି

ଲକ୍‌ଡାଉନ୍ ସମୟରେ ସାଇବର ଠକମାନେ ଲୋକଙ୍କ ଆକାଉଣ୍ଟରୁ କୋଟି କୋଟି ଟଙ୍କା ଠକି ନେଇଥିଲେ। ସେହିଭଳି ରାଜ୍ୟରେ ଶହଶହ କୋଟିର ବହୁ ଜିଏସ୍‌ଟି ଠକେଇ ଧରିଥିଲା ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍। ୨୦୨୦ରେ ଏହା ଅନ୍ୟତମ ଚର୍ଚ୍ଚିତ ଘଟଣା ଥିଲା।

### ଆତ୍ମାହୁତିର ତାତି

ପୋଲିସ ଓ ପ୍ରଶାସନଠାରୁ ନ୍ୟାୟ ନ ପାଇ ବହୁ ଲୋକ ରାଜଧାନୀକୁ ଆସି ଧାରଣା ଦେବାଠୁ ଆରମ୍ଭ କରି ଆତ୍ମାହୁତି ଉଦ୍ୟମ କରିଥିଲେ। ତେବେ ନଭେମ୍ବର ୨୫ ଘଟଣା ସାରା ରାଜ୍ୟକୁ ଦୋହଲାଇ ଦେଇଥିଲା। ନୟାଗଡ଼ ଯଦୁପୁରର ଶିଶୁକନ୍ୟା ପରୀ ହତ୍ୟା ଘଟଣାରେ ନ୍ୟାୟ ନ ମିଳିବାରୁ ତାଙ୍କ ମା' ବାପା ବିଧାନସଭା ଆଗରେ ଆତ୍ମାହୁତି ଉଦ୍ୟମ କରିଥିଲେ। ସେହିଭଳି ଋଣ ଜାଲିଆତି ଅଭିଯୋଗର ନ୍ୟାୟ ଦାବିରେ ୨୭ରେ ୩ଜଣ ଚାଷୀ ଆତ୍ମାହୁତି ଉଦ୍ୟମ କରିଥିଲେ। ଇଞ୍ଜିନିୟର ପୁଅ ହତ୍ୟାର ନ୍ୟାୟ ନ ପାଇବାରୁ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଅଞ୍ଚଳର ମା' ଏବଂ ଅନ୍ୟ ଜଣେ ପୁଅ ସେହି ମାସ ୨୮ରେ ବିଧାନସଭା ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିଲେ। ବିଧାନସଭା ଶୀତ ଅଧିବେଶନ ଚାଲିଥିବାବେଳେ ଏସବୁ ଘଟଣାକୁ ନେଇ ଗୃହ ଅଚଳ ହୋଇପଡିଥିଲା।

### ହାଜତ ମୃତ୍ୟୁ, ଥାର୍ଡ ଡିଗ୍ରୀ ନିଆଁ

ନଭେମ୍ବର ୧୮ ରାତିରେ ପୁରୀ ବାସେଲିସାହି ଥାନା ହାଜତରେ ପୋଲିସ ମାଡ଼ରେ କେ. ରମେଶ ନାମକ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ପୁରୀରେ ଅସନ୍ତୋଷର ନିଆଁ ଜଳିଥିଲା। ସାଧାରଣ ଜନତାଙ୍କ ସମେତ ବିଭିନ୍ନ ସଙ୍ଗଠନ, ଭାଜପା, କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇଥିଲେ। ୨୦ ତାରିଖରେ ରାଜ୍ୟ ସରକାର ତତ୍କାଳୀନ ଏସ୍‌ପି ଅଖିଳେଶ୍ୱର ସିଂଙ୍କୁ ବଦଳି ସହ ୨ଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରିଥିଲେ। ସେହିପରି ଥାନା ହାଜତରେ ୫ଜଣ ଅଭିଯୁକ୍ତଙ୍କୁ ୭ଦିନ ରଖି ନିର୍ଯାତନା ଦିଆଯାଇଥିବା ନେଇ ୨୨ ତାରିଖରେ ଜଣାପଡିବା ପରେ ପିପିଲି ଥାନା ବିବାଦକୁ ଆସିଥିଲା। ଦୁଇ ଘଟଣାକୁ ନେଇ ବିଧାନସଭା ସମେତ ସାରା ରାଜ୍ୟରେ ତୁମ୍ବିତୋଫାନ ହୋଇଥିଲା।



### ସେକ୍ସ ର୍‍ୟାକେଟ, ବାଂଲାଦେଶୀ ଚାଲାଣ

ଓଡ଼ିଶାରେ ବାଂଲା ସେକ୍ସ ର୍‍ୟାକେଟ ଧରାପଡିବା ପରେ ବାଂଲାଦେଶୀ ରୂପଜୀବୀ ଚାଲାଣ ର୍‍ୟାକେଟର ବଡ଼ ଗୁମର ଫିଟିଥିଲା। ର୍‍ୟାକେଟର କିଙ୍ଗପିନ୍ ଅଞ୍ଜଳି ଦିଦି ଓ ସ୍ୱାମୀ ଶେଖ୍ ଇବ୍ରାହିମଙ୍କୁ ଜାନୁୟାରୀ ୨୧ରେ ପିପିଲି ନିକଟରୁ ଗିରଫ କରାଯିବା ସହ ଭୁବନେଶ୍ୱରରୁ ୬ ବାଂଲା ରୂପଜୀବୀଙ୍କୁ ଧରାଯାଇଥିଲା। ପିପିଲି-ଡେଲାଙ୍ଗ ରାସ୍ତାରେ ଥିବା ଦିଦିଙ୍କ ବହୁ କୋଟିର ଆଲିଶାନ ବଙ୍ଗଳାକୁ ସିଲ୍ କରାଯିବା ସହ କୋଲକାତା ଯାଇ ତଦନ୍ତ କରିଥିଲା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ଜାଲ୍ କାଗଜପତ୍ରରେ ବାଂଲାଦେଶୀଙ୍କୁ ଓଡ଼ିଶାକୁ ଚାଲାଣ କରାଯାଇ ସେକ୍ସ ର୍‍ୟାକେଟରେ ନିୟୋଜିତ କରାଯାଉଥିବା ଜଣାପଡିବା ପରେ କଟକଣା ଲାଗୁ ହୋଇଥିଲା।

## କାର୍ ଦୁର୍ଘଟଣା ନେଇଥିଲା ୪ ଜୀବନ



ଅଗଷ୍ଟ ୨୬ ବିଳମ୍ବିତ ରାତିରେ ଭୁବନେଶ୍ୱର ନାଲ୍‌କୋ ଛକରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା। ଦୁଇ କାର୍ ପ୍ରାୟ ୫ଶହ ଫୁଟର ଦୂରକୁ ଛିଟିକିପଡି ଚୁର୍‌ମାର୍ ହୋଇଥିଲା। ଗୋଟିଏ କାର୍‌ରେ ଥିବା ଗୋଟିଏ ପରିବାରର ୪ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଦୁଇ କାର୍‌ର ମୋଟ ୩ଜଣ ଗୁରୁତର ଆହତ ହୋଇଥିଲେ।

## ଋଣ ଶୁଝିବାକୁ ବ୍ୟାଙ୍କ ଲୁଟ୍

ସେପ୍ଟେମ୍ବର ୭ରେ ଇନ୍‌ଫୋସିଟି ଥାନାଞ୍ଚଳରେ ଥିବା ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା ଓ ୨୮ରେ ମଞ୍ଚେଶ୍ୱର ଥାନା ବରିମୁଣ୍ଡ ଶାଖାରୁ ବନ୍ଧୁକ ମୁନରେ ପାଖାପାଖି ୧୨ ଲକ୍ଷଟଙ୍କା ଲୁଟ୍ ହୋଇଥିଲା। ଏହି ଦୁଇ ଘଟଣାରେ ସମ୍ପୃକ୍ତ ଯୁବ ବ୍ୟବସାୟୀ ସୌମ୍ୟରଞ୍ଜନ ଜେନା ଗିରଫ ହେବା ପରେ ବ୍ୟାଙ୍କ୍ ଋଣ ଶୁଝିବାକୁ ଏପରି ପନ୍ଥା ଆପଣାଇଥିବା କହିଥିଲେ। ସେହିପରି ଅକ୍ଟୋବର ୧୦ରେ ଇନ୍‌ଫୋସିଟି ଥାନାଞ୍ଚଳର ପିଏନ୍‌ବି ଏଟିଏମ୍ କାଟି ୨୮ ଲକ୍ଷ ଲୁଟି ବିମାନରେ ପଳାଇଥିଲେ ଲୁଟେରା। ଦୁଇ ଅଣଓଡ଼ିଆ ଲୁଟେରାଙ୍କୁ ନଭେମ୍ବର ୬ରେ ଭାଇଜାଗ ପୋଲିସ ଧରିବା ପରେ ଡିସେମ୍ବର ୧୨ରେ କମିଶନରେଟ ପୋଲିସ ରିମାଣ୍ଡରେ ଆଣିଥିଲା।

## ବନ୍ଧୁକ ମୁନରେ ୨୩.୬୮ ଲକ୍ଷ ଲୁଟ୍

ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ମଙ୍ଗଳାନଗରସ୍ଥିତ ସାଇମନ୍ଦିର ନିକଟରୁ ଜାନୁୟାରୀ ୨୪ରେ ଏଲ୍‌ଆଇସିର ୨୩ଲକ୍ଷ ୬୮ ହଜାର ୩୫୮ ଟଙ୍କା ଲୁଟ୍ ହୋଇଥିଲା। ଖୋର୍ଦ୍ଧା ରଏଟର ସେଭ୍ ଗାର୍ଡ ସଂସ୍ଥାର ଏଟିଏମ୍ ଅପରେଟର ବାପୁଜୀ ମହାରଣା ସ୍ଥାନୀୟ ଏକ ବ୍ୟାଙ୍କ୍‌କୁ ଡିପୋଜିଟ୍ କରିବାକୁ ଯାଉଥିବାବେଳେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଟଙ୍କା ଲୁଟି ନେଇଥିଲେ।

## ଭେଜାଲ ସାମଗ୍ରୀର ସହର କଟକ

ବର୍ଷକରେ କଟକ ପାଲଟିଥିଲା ଭେଜାଲ ସାମଗ୍ରୀର ପେଣ୍ଠସ୍ଥଳ। ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଯୋଗୁ ସାରା ରାଜ୍ୟ ବନ୍ଦ ରହିଥିବାବେଳେ ସହର ଓ ଉପକଣ୍ଠରେ ଗଢ଼ିଉଠିଥିଲା ନକଲି କାରଖାନା। ବର୍ଷର ଶେଷ ଭାଗରେ ୧୬ରୁ ଊର୍ଦ୍ଧ୍ୱ ନକଲି ଘିଅ, ଗୁଟ୍‌ଖା, ମସଲା, ଇଞ୍ଜିନ୍ ଅଏଲ ଓ ସିମେଣ୍ଟ କାରଖାନା ଠାବ କରାଯାଇଥିବାବେଳେ ଜଗତ୍‌ପୁର ଶିଳ୍ପାଞ୍ଚଳ, ମାଲଗୋଦାମ, ପୀଠାପୁର, ଚାଉଳିଆଗଞ୍ଜ, ନୂଆବଜାର ଅଞ୍ଚଳରେ ଉପରେ ଚଢ଼ାଉ କରାଯାଇ ବିପୁଳ ଭେଜାଲ ସାମଗ୍ରୀ ଜବତ କରାଯିବା ସହ ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା।

## ୧୨ କୋଟିର ସୁନା ଲୁଟିନେଲେ କର୍ମଚାରୀ

ନଭେମ୍ବର ୧୯ରେ କଟକ ନୟାସଡ଼କସ୍ଥିତ ଅର୍ଥ ଲଗାଣ ସଂସ୍ଥା ଇଣ୍ଡିଆନ୍ ଇନ୍‌ଫୋଲାଇନ୍ ଫାଇନାନ୍ସ ଲିମିଟେଡ୍ (ଆଇଆଇଏଫ୍ଏଲ୍)ରୁ ୧୨କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଓ ଟଙ୍କା ଲୁଟ୍ ହୋଇଥିଲା। ୨୪ ତାରିଖରେ ପୋଲିସ ଏହି ଘଟଣାର ପର୍ଦ୍ଦାଫାଶ୍ କରିଥିଲା। ମାଷ୍ଟର ମାଇଣ୍ଡ ତଥା ସଂସ୍ଥାର କର୍ମଚାରୀ ଲାଲା ଅମ୍ରିତ ରାୟଙ୍କ ସମେତ ୭ ଅଭିଯୁକ୍ତଙ୍କୁ ଧରିଥିଲା। ସେମାନଙ୍କଠାରୁ ୨କିଲୋ ସୁନା ଓ ୨ଟି ବାଇକ୍ ଜବତ କରାଯାଇଥିଲା। ଡିସେମ୍ବର ୧୪ରେ ଆଉ ୪ଜଣଙ୍କୁ ପୋଲିସ ଗିରଫ କରିଥିଲା।



## ସୀମା ଟପିଥିଲା ଡ୍ରଗ୍ସ କାରବାର

କରୋନା ପାଇଁ ସାରା ରାଜ୍ୟ ଅଚଳ ହୋଇପଡିଥିବାବେଳେ ନିଶା ବେପାରି ସକ୍ରିୟ ହୋଇପଡିଥିଲେ। ବ୍ରାଉନସୁଗାର ଓ ଗଞ୍ଜେଇ କାରବାର ସୀମା ଟପିଥିଲା। ଟ୍ରକ୍ ଓ ଟ୍ରେନ୍‌ରେ ଚାଲାଣବେଳେ ବହୁ କୋଟି ଟଙ୍କାର ଡ୍ରଗ୍ସ ଜବତ କରିଥିଲା ପୋଲିସ। ବାଂଲାଦେଶରୁ ଜଳପଥ ଦେଇ ବ୍ରାଉନସୁଗାର ଆସିଥିଲା।

## ଜେଲରୁ ଡି' ବ୍ରଦର୍ସଙ୍କ ଆପରାଧିକ ସାମ୍ରାଜ୍ୟ

ବଟି ଆଦାୟ, ଟେଣ୍ଡର ଫିକ୍ସିଂ, ବାଲିଘାଟ ନିଲାମ ଓ ଅସ୍ତ୍ରଶସ୍ତ୍ର ଚୋରାଚାଲାଣ ଅଭିଯୋଗରେ ଗିରଫ ହୋଇ ଦୀର୍ଘ ୪ବର୍ଷ ହେଲା ଜେଲରେ ଥିବା ଡି' ବ୍ରଦର୍ସ ସୁଶାନ୍ତ ଏବଂ ସୁଶୀଲ ଧଳସାମନ୍ତଙ୍କ ଆପରାଧିକ ସାମ୍ରାଜ୍ୟର ଗୁମର ୨୦୨୦ରେ ପଦାକୁ ଆସିଥିଲା। ଜେଲରେ ଥାଇ ସେମାନେ ସହଯୋଗୀଙ୍କ ଜରିଆରେ ବନ୍ଧୁକ ଓ ଗୁଳି କାରବାର ଚଳାଇଥିଲେ। ଅଗଷ୍ଟରେ ଗିରଫ ହୋଇଥିବା ସହଯୋଗୀ ଶଶୀକାନ୍ତ ଖଣ୍ଡାଇଙ୍କ ବୟାନ ଆଧାରରେ ଡିସେମ୍ବର ୧୦ରେ ଧଳସାମନ୍ତ ଭ୍ରାତାଙ୍କ ସିଡିଏସ୍ଥିତ ଘର ଇଣ୍ଟେରିୟର ଡିଜାଇନ୍ ଭିତରୁ ୧୬ ବନ୍ଧୁକ. ୧୦୯୫ଟି ଗୁଳି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିଲା। ଏହି ଘଟଣାରେ ୮ଜଣ ଗିରଫ ହୋଇଥିବାବେଳେ ଏହା ପୂର୍ବରୁ କଟକର ପୂର୍ବତନ କର୍ପୋରେଟର ରଞ୍ଜିତା ବିଶ୍ୱାଳ, ରଞ୍ଜିତ ସିଂ ଓ ସୁଚିତ୍ର ରଞ୍ଜନ ମହାପାତ୍ର ଗିରଫ ହୋଇଥିଲେ।



*୨୦୨୦ ଛାଡ଼ିଯାଇଛି ଅନେକ ସ୍ମୃତି... । ମଠ, ମନ୍ଦିର କ୍ଷେତ୍ରରେ ଯେମିତି ଆଶା ଆଣିଥିଲା, ସେମିତି କିଛି ନିରାଶା ବି କରିଥିଲା । ଶ୍ରୀକ୍ଷେତ୍ର ଓ ଏକାମ୍ର କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଥିବାବେଳେ କରୋନା ଯୋଗୁ ଦୀର୍ଘ ୯ ମାସ ସମସ୍ତ ଧର୍ମାନୁଷ୍ଠାନ ବନ୍ଦ ରହିଥିଲା । ସେହିପରି ଶ୍ରଦ୍ଧାଳୁଶୂନ୍ୟ ରଥଯାତ୍ରା ଓ ନାଗାର୍ଜୁନ ବେଶ ଇତିହାସ ରଚିଥିବାବେଳେ ବଗଲା ଧର୍ମଶାଳା ବିକ୍ରିକୁ ନେଇ ବିବାଦ ସୃଷ୍ଟି ହୋଇଥିଲା ।*



## ଶ୍ରଦ୍ଧାଳୁଶୂନ୍ୟ ନାଗାର୍ଜୁନ ବେଶ

ଦୀର୍ଘ ୨୫ବର୍ଷ ପରେ ଚଳିତବର୍ଷ ପଡ଼ିଥିଲା ନାଗାର୍ଜୁନ ବେଶ । ନଭେମ୍ବର ୨୭ରେ ଶ୍ରୀମନ୍ଦିର ରତ୍ନସିଂହାସନରେ ମହାପ୍ରଭୁଙ୍କର ଏହି ଦୁର୍ଲଭ ବେଶ ଅନୁଷ୍ଠିତ ହୋଇଥିଲା । ତେବେ କୋଭିଡ୍ କଟକଣା ଯୋଗୁ ଏହି ବେଶ ଦେଖିପାରି ନ ଥିଲେ ଶ୍ରଦ୍ଧାଳୁ । ଫଳରେ ଶ୍ରୀମନ୍ଦିର ଇତିହାସରେ ଯୋଡ଼ି ହୋଇଥିଲା ଏକ ନୂଆ ଅଧ୍ୟାୟ । ଏହାପରେ ସର୍ବସାଧାରଣଙ୍କ ଦର୍ଶନ ଉପଲକ୍ଷେ ନାଗାର୍ଜୁନ ବେଶକୁ ଶ୍ରୀମନ୍ଦିର ପ୍ରଶାସନ ନୀଳାଦ୍ରି ବିହାର ମ୍ୟୁଜିୟମ୍‌ରେ ସାଇତି ରଖିଥିଲା । ରତ୍ନସିଂହାସନରେ ନାଗାର୍ଜୁନ ବେଶର ଫଟୋ ଜଣେ ସୁରକ୍ଷା କର୍ମଚାରୀ ମୋବାଇଲ ଫୋନରେ ଉଠାଇଥିବା ନେଇ ଚର୍ଚ୍ଚା ହୋଇଥିଲା ।



## ବେଶର ଅଂଶ ଗାଏବ

ନାଗାର୍ଜୁନ ବେଶରେ ଲାଗିଥିବା ଚନ୍ଦ୍ର, ସୂର୍ଯ୍ୟକୁ କେହି ନେଇଯିବା ଅଭିଯୋଗ ହୋଇଥିଲା । ନଭେମ୍ବର ୨୭ରେ ନାଗାର୍ଜୁନ ବେଶ ଥିବାବେଳେ ୨୮ତାରିଖରେ ଏହି ଘଟଣା । ଜଣାପଡ଼ିଥିଲା । ଏ ନେଇ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଥିଲା । ଶ୍ରୀମନ୍ଦିର ପ୍ରଶାସନ ଏହାର ତଦନ୍ତ କରିଥିଲା । ସମ୍ପୃକ୍ତ ଚନ୍ଦ୍ର-ସୂର୍ଯ୍ୟ ସୋଲ ତିଆରି ଓ ତାହା ନାଗାର୍ଜୁନ ବେଶର ଅଂଶବିଶେଷ ନୁହେଁ ବୋଲି ରିପୋର୍ଟରେ କୁହାଯାଇଥିଲା । ସେହିପରି ଜଣେ ସେବାୟତ ବାଘଛାଲ ଓ ୨ଟି ଓଳମାଳ ନେଇଯାଇଥିବା ଅଭିଯୋଗ ହୋଇଥିଲା । ଡିସେମ୍ବର ୧ରେ କଦମ୍ବ କାଠି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଜଣେ ସେବାୟତ ଏହି ଫଟୋକୁ ନିଜ ଫେସ୍‌ବୁକ୍ ଆକାଉଣ୍ଟରେ ପୋଷ୍ଟ କରିବା ପରେ ଏହା ଚର୍ଚ୍ଚାକୁ ଆସିଥିଲା ।

## ଅଦିନିଆ ରଥଯାତ୍ରାକୁ ବିରୋଧ

ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ରଥଯାତ୍ରା ହୋଇଥାଏ । କିନ୍ତୁ ଜାନୁୟାରୀ ୩୦ ଶ୍ରୀପଞ୍ଚମୀରେ ମୁମ୍ବାଇରେ ଇସ୍କନ ପକ୍ଷରୁ ରଥଯାତ୍ରା ହୋଇଥିଲା । ତେବେ ଏଥିପାଇଁ ଉକ୍ତଦିନ ପୁରୀରେ ରଥକାଠ ଅନୁକୂଳକୁ ନେଇ ତୀବ୍ର ବିରୋଧ ଓ ଅସନ୍ତୋଷ ପ୍ରକାଶ ପାଇଥିଲା । ଏହାପୂର୍ବରୁ ମଧ ଅଦିନିଆ ରଥଯାତ୍ରାକୁ ବିରୋଧ ଓ ଥାନାରେ ଏତଲା ଯୋଗୁ ୨୦୧୯ ନଭେମ୍ବର ୨୭ରେ ଲୁଧିଆନା ଓ ଡିସେମ୍ବର ୨୯ରେ ଉତ୍ତରପ୍ରଦେଶ ଗାଜିଆବାଦରେ ହେବାକୁ ଥିବା ରଥଯାତ୍ରା ବନ୍ଦ ହୋଇଥିଲା ।

# ଇତିହାସ ରଚିଲା ଘୋଷଯାତ୍ରା

ଆଶା ଆଶଙ୍କାର ଲୁଚକାଳି ଖେଳ ଶେଷରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା । ସୁପ୍ରିମକୋର୍ଟଙ୍କ ଅନୁମତି ପରେ ଜୁନ୍ ୨୩ରେ ବଡ଼ଦାଣ୍ଡରେ ଦାରୁଦିଅଁଙ୍କ ରଥ ଗଡ଼ିଥିଲା । ଜୁନ୍ ୨୨ରେ ପୂର୍ବ ରାୟର ପରିବର୍ତ୍ତନ କରି ସୁପ୍ରିମ୍‌କୋର୍ଟ ବିନା ଭକ୍ତରେ ରଥଯାତ୍ରା ପାଇଁ ଅନୁମତି ଦେଇଥିଲେ । ପ୍ରଧାନ ବିଚାରପତି ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ନିଜ ବାସଭବନରୁ ଏହି ମାମଲାର ଶୁଣାଣି କରିଥିଲେ । ମହାମାରୀ କରୋନାକୁ ଦୃଷ୍ଟିରେ ରଖି କେବଳ ସେବାୟତମାନେ ହିଁ ରଥ ଟାଣିପାରିବେ ବୋଲି କହିଥିଲେ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ କୋଭିଡ୍ ଟେଷ୍ଟ ହୋଇଥିବା ପ୍ରାୟ ୧୫ଶହ ସେବାୟତ ରଥଟଣା କାର୍ଯ୍ୟରେ ସାମିଲ ହୋଇଥିଲେ । କୋଭିଡ୍ କଟକଣା ଯୋଗୁ ସ୍ନାନଯାତ୍ରାରେ ଗଜପତି ମହାରାଜା

## ରଥ ଟାଣିଲେ ସେବାୟତ

ଛେରାପହଁରା କରିପାରି ନ ଥିଲେ । ମାତ୍ର ଘୋଷଯାତ୍ରାରେ ସେ ରଥରେ ଛେରାପହଁରା କରିଥିଲେ । ଅନ୍ୟପକ୍ଷରେ ଘୋଷଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରିବା ଲାଗି ପୁରୀ ଜିଲାକୁ ଶଟ୍‌ଡାଉନ ଘୋଷଣା କରାଯାଇଥିଲା । ବିନା ଭକ୍ତରେ ଚତୁର୍ଦ୍ଧାମୂର୍ତ୍ତି ଗୁଣ୍ଡିଚା ମନ୍ଦିର ଯାଇ ସେଠାରେ ନବଦିନାତ୍ମକ ଲୀଳାଖେଳା ସାରି ସ୍ୱମନ୍ଦିର ଫେରିଥିଲେ, ଯାହାକି ଇତିହାସ ରଚିଥିଲା ।







## ୯ ମାସ ପରେ ଖୋଲିଲା ଶ୍ରୀମନ୍ଦିର

ଶେଷରେ ଦୀର୍ଘ ୯ ମାସ ଧରି ପ୍ରତୀକ୍ଷାର ଅନ୍ତ ଘଟିଥିଲା । ଭକ୍ତ-ଭଗବାନଙ୍କ ମିଳନ ହୋଇଥିଲା । ଡିସେମ୍ବର ୨୩ରୁ ଶ୍ରୀମନ୍ଦିର ଖୋଲିଥିଲା । ପ୍ରଶାସନ ପକ୍ଷରୁ ଏସ୍‌ଓପି ଜାରି ପରେ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ବଡ଼ଦେଉଳ ଖୋଲାଯାଇଥିଲା । ଏଥିଯୋଗୁ ଶ୍ରଦ୍ଧାଳୁଙ୍କ ମୁହଁରେ ହସ ଫୁଟିଉଠିଥିଲା । ପ୍ରଥମେ ସେବାୟତ ପରିବାରର ସଦସ୍ୟ, ପରେ ପୁରୀ ସହରବାସୀ ଏବଂ ଶେଷରେ ସର୍ବସାଧାରଣଙ୍କୁ ଦର୍ଶନ ସୁଯୋଗ ମିଳିଥିଲା । ମନ୍ଦିର ଖୋଲିବାର ପ୍ରଥମ ଦିନରେ ଏକ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା । ସୁରକ୍ଷା ବଳୟ ଭେଦ କରି ଜଣେ ନାଗା ସାଧୁଙ୍କ ସମେତ ୩ ଜଣ ଅଣ ସେବାୟତ ମନ୍ଦିରକୁ ପ୍ରବେଶ କରିଥିଲେ ।

## ଶ୍ରୀମନ୍ଦିର ଭିତର ଫଟୋ, ଭିଡିଓ ଭାଇରାଲ

ଶ୍ରୀମନ୍ଦିର ଭିତର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଏଥିରେ ବାନା ବନ୍ଧାଯିବାର ଫଟୋ ଓ ଭିଡିଓ ରହିଥିଲା । ଜାନୁୟାରୀ ୧୨ରେ ଜଣେ ଯୁବତୀ ଏହାକୁ ନିଜ ଫେସ୍‌ବୁକ୍ ଆକାଉଣ୍ଟରେ ପୋଷ୍ଟ କରିବା ପରେ ଏହି ଘଟଣା ଚର୍ଚ୍ଚା ପରିସରକୁ ଆସିଥିଲା ।

## ଫେରିଲା

### ମହାପ୍ରଭୁଙ୍କ ୧୫୬ କୋଟି ଟଙ୍କା

ୟେସ୍ ବ୍ୟାଙ୍କରେ ଜମା ରହିଥିବା ମହାପ୍ରଭୁଙ୍କ ୫୪୫ କୋଟି ଟଙ୍କା ଫେରିବା ନେଇ ଆଶଙ୍କା ସୃଷ୍ଟି ହୋଇଥିଲା । ତେବେ ଗତ ୧୯ ତାରିଖରେ ୩୯୭ କୋଟି ୨୩ଲକ୍ଷ ୨୭ ହଜାର ୬୩୬ ଟଙ୍କା ପୁରୀ ଏସ୍‌ବିଆଇ ମୁଖ୍ୟ ଶାଖାରେ ଥିବା ଶ୍ରୀମନ୍ଦିର ଆକାଉଣ୍ଟକୁ ଫେରିଥିଲା । ଏଥିରେ ୩୯୮ କୋଟି ମୂଳ ଟଙ୍କା ରହିଥିଲା । ମାର୍ଚ୍ଚ ୩୦ରେ ବଳକା ୧୫୬ କୋଟି ମୂଳ ଓ ଏହାର ସୁଧ ୩କୋଟି ୩୫ଲକ୍ଷ ୩୮ହଜାର ୮୬୩ ଟଙ୍କା ଶ୍ରୀମନ୍ଦିର ଆକାଉଣ୍ଟକୁ ଫେରିଥିଲା ।

## ଶ୍ରୀମନ୍ଦିର ହେରିଟେଜ୍ କରିଡର

ପୁରୀକୁ ବିଶ୍ୱ ଐତିହ୍ୟ ସହରରେ ପରିଣତ କରିବା ପାଇଁ 'ଶ୍ରୀମନ୍ଦିର ହେରିଟେଜ୍ କରିଡର' ଘୋଷଣା କରିଥିଲେ ରାଜ୍ୟ ସରକାର । ଜାନୁୟାରୀ ୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀକ୍ଷେତ୍ର ଗସ୍ତ କରି ୭ ପ୍ରକଳ୍ପର ଶିଳାନ୍ୟାସ କରିବା ସହ ବଡ଼ଦାଣ୍ଡରେ ଐତିହ୍ୟ କରିଡରର ନକ୍ସା ଦେଖିଥିଲେ । ଏହାପରେ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିଲା ।

## ୧୫୪ କୋଟିର ବଜେଟ

୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଶ୍ରୀମନ୍ଦିର ଲାଗି ୧୫୪ କୋଟି ଟଙ୍କାର ବଜେଟ ଉପସ୍ଥାପନ କରାଯାଇଥିଲା । ନଭେମ୍ବର ୧୭ରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହି ବଜେଟ ଅନୁମୋଦନ ଲାଭ କରିଥିଲା । କରୋନା ପାଇଁ ଶ୍ରୀମନ୍ଦିରର ଆୟ କମିଥିବାରୁ ପୂର୍ବବର୍ଷଠାରୁ ଏହା ୫୨ କୋଟି ଅଧିକ ଥିଲା ।



## ମନ୍ଦିର ଖୋଲିବାକୁ ଘଣ୍ଟପିଟା, ଗୀତା ପାଠ

ଦୀର୍ଘମାସ ଧରି ମନ୍ଦିର ଓ ଧର୍ମାନୁଷ୍ଠାନ ବନ୍ଦ ଯୋଗୁ ସେବାୟତ, ପୂଜକଙ୍କ ସମେତ ଏହା ଉପରେ ନିର୍ଭର କରୁଥିବା ଲୋକେ ରୋଜଗାର ହରାଇ ନାନା ଦୁର୍ଦ୍ଦଶାରେ କାଳାତିପାତ କରିଥିଲେ । କରୋନାସ୍ଥିତି ସୁଧୁରୁଥିବାବେଳେ ସରକାର ହୋଟେଲ ଓ ପର୍ଯ୍ୟଟନ ଶିଳ୍ପକୁ ଖୋଲିବାକୁ ଅନୁମତି ଦେଇଥିଲେ । କିନ୍ତୁ କଟକଣା ଭିତରେ ମନ୍ଦିର ଖୋଲିବାକୁ ରାଜ୍ୟ ମନ୍ଦିର ସେବାୟତ ସଂଘ ଦାବି କରିଥିଲେ ମଧ୍ୟ ସରକାର ଚାହିଁ ନ ଥିଲେ । ଫଳରେ ସାରା ରାଜ୍ୟରେ ସେବାୟତମାନେ ବାରମ୍ବାର ମନ୍ଦିର ସମ୍ମୁଖରେ ଘଣ୍ଟ ବାଡ଼େଇ ଓ ଗୀତାପାଠ କରି ପ୍ରତିବାଦ କରିଥିଲେ । ୨୦୨୦ ବର୍ଷର ଏହା ଆଉ ଏକ ଚର୍ଚ୍ଚିତ ଘଟଣା ଥିଲା ।









ପୁରୀ ବଗଲା ଧର୍ମଶାଳା ବିବାଦ ଏପର୍ଯ୍ୟନ୍ତ ଥମିନାହିଁ । ବଗଲା ଜମି ବିକ୍ରି ପ୍ରସଙ୍ଗକୁ ନେଇ ଭାଜପା, କଂଗ୍ରେସ ଏବଂ ବାମଦଳ ନଭେମ୍ବର ୧୬ରେ ଆନ୍ଦୋଳନକୁ ଓହ୍ଲାଇ ଥିଲେ । ସରକାର ଏହାର ବିକ୍ରି କବଲା ରଦ୍ଦ ସହ ଉକ୍ତ ଧର୍ମଶାଳାରେ ଗରିବ ଭକ୍ତଙ୍କ ରହଣି ପାଇଁ ଶ୍ରୀଜଗନ୍ନାଥ ଆଶ୍ରୟସ୍ଥଳୀ ନିର୍ମାଣ କରିବାକୁ ଦଳଗୁଡ଼ିକ ଦାବି କରିଥିଲେ । ଭାଜପା ପକ୍ଷରୁ ଧର୍ମଶାଳା ସମ୍ମୁଖରେ ୨୭ଦିନ ଧରି ଧାରଣା ଦିଆଯାଇଥିଲା । ପରେ ମୁଖ୍ୟମନ୍ତ୍ରୀଙ୍କୁ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ ଲାଗି ସିଂହଦ୍ୱାରଠାରୁ ନବୀନ ନିବାସ ଅଭିମୁଖେ ବଗଲା ବଞ୍ଚାଅ ପଦଯାତ୍ରା ବାହାରିଥିଲା । ଅନ୍ୟପକ୍ଷରେ ଏହି ଜମି ବିବାଦ ମାମଲାରେ ହାଇକୋର୍ଟ ନଭେମ୍ବର ୧୬ରେ ସମସ୍ତ ୨୩ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଥିଲେ । ଏଥିସହ ପୁରୀ ଜିଲାପାଳ, ତହସିଲଦାର ଦାଖଲ କରିଥିବା ଜବାବର ପ୍ରତିଜବାବ ଦାଖଲ କରିବାକୁ ଆବେଦନକାରୀଙ୍କୁ କୁହାଯାଇଥିଲା । ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଓ ସାମାଜିକ କର୍ମୀ ଜଗନ୍ନାଥ ବସ୍ତିଆ କରିଥିବା ୨ଟି ପୃଥକ ମାମଲାର ଏକତ୍ର ଶୁଣାଣି କରି କୋର୍ଟ ଏହି ନୋଟିସ ଜାରି କରିଥିଲେ । ଆବେଦନରେ ଜମି ଫେରାଇ ଆଣିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ଜମି ଜାଲିଆତିର ସିବିଆଇ ତଦନ୍ତ ପାଇଁ କୋର୍ଟଙ୍କୁ ନିବେଦନ କରାଯାଇଥିଲା ।

## ଲିଙ୍ଗରାଜ ମନ୍ଦିର ପାଇଁ ସ୍ୱତନ୍ତ୍ର ଆଇନ

### ନୂଆ ରୂପ ପାଇଲା ଏକାମ୍ର କ୍ଷେତ୍ର

ଶ୍ରୀମନ୍ଦିର ଭଳି ଶ୍ରୀଲିଙ୍ଗରାଜ ମନ୍ଦିର ପରିଚାଳନା ପାଇଁ ଡିସେମ୍ବର ୧୪ରେ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଆଇନ ଆଣିଥିଲେ । ସେହିପରି ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱର ବିକାଶ ପାଇଁ 'ଏକାମ୍ର ଯୋଜନା' ଆରମ୍ଭ କରିଥିଲେ । ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଥିଲେ । ବାସଗୃହ, ମଠ ଓ ଦୋକାନ ଘର ହରାଇଥିବା ବ୍ୟକ୍ତିଙ୍କୁ କ୍ଷତିପୂରଣ ପ୍ରଦାନ ସହ ଜମିଦାତାଙ୍କ ପାଇଁ ବିଭିନ୍ନ ବ୍ୟବସ୍ଥା ହୋଇଥିଲା । ଏଥିସହ ଦେବୋତ୍ତର କମିଶନ ପକ୍ଷରୁ ଜାନୁୟାରୀ ୨୯ରେ ମନ୍ଦିରର ପୁରୁଣା ଟ୍ରଷ୍ଟବୋର୍ଡ ଭଙ୍ଗାଯାଇଥିଲା । ୨୦ବର୍ଷ ପରେ ଟ୍ରଷ୍ଟବୋର୍ଡକୁ ସମ୍ପୂର୍ଣ୍ଣ ଭାବେ ବଦଳାଯାଇଥିଲା ।

## ଅନ୍‌ଲାଇନ୍‌ରେ ନିର୍ମାଲ୍ୟ ବିକ୍ରି ନେଇ ବିବାଦ

ଶ୍ରୀମନ୍ଦିର ପ୍ରଶାସନର ବିନାନୁମତିରେ ଆମାଜନ୍ କମ୍ପାନୀ ଅନ୍‌ଲାଇନରେ 'ନିର୍ମାଲ୍ୟ' ବିକ୍ରି କରୁଥିବା ଅଭିଯୋଗ ଉଠିଥିଲା । ନଭେମ୍ବର ୩୦ରେ ଶ୍ରୀମନ୍ଦିର ସେବାୟତ ଶମ୍ଭୁନାଥ ଖୁଣ୍ଟିଆ ଓ ଡିସେମ୍ବର ୨ରେ ସୁଆର ମହାସୁଆର ନିଯୋଗ ସିଂହଦ୍ୱାର ଥାନାରେ ଏତଲା ଦେଇଥିଲେ । ଆମାଜନ୍ କର୍ତ୍ତୃପକ୍ଷଙ୍କୁ ଲିଗାଲ ନୋଟିସ ପଠାଯାଇଥିଲା । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଧ ଏତଲା ଦିଆଯାଇଥିଲା । ସେହିଭଳି ପିଣ୍ଟରେଷ୍ଟ କମ୍ପାନୀ ଅନ୍‌ଲାଇନ୍‌ରେ ମହାପ୍ରସାଦ ବିକ୍ରି କରୁଥିବା ନେଇ ସେବାୟତ ଶମ୍ଭୁନାଥ ଖୁଣ୍ଟିଆ ୮ତାରିଖରେ ଥାନାରେ ଏତଲା ଦେଇଥିଲେ ।

## ନୂଆ ରୂପରେ ସ୍ୱର୍ଗଦ୍ୱାର

ପୁରୀ ସ୍ୱର୍ଗଦ୍ୱାରକୁ ନବୀକରଣ କରାଯିବା ସହ ପ୍ରଶାସନ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯାଇଥିଲା ।





## ରୁପା ଛାଉଣି ହେବ ୮ ଦ୍ୱାର

ଶ୍ରୀମନ୍ଦିରର ଜୟ ବିଜୟ, କଳାହାଟ, ବେହେରଣ, ସାତ ପାହାଚ, ପଶ୍ଚିମ ଭୋଗ ମଣ୍ଡପ, ନୃସିଂହ ମନ୍ଦିର, ମା' ବିମଳା ଏବଂ ମା' ମହାଲକ୍ଷ୍ମୀ ମନ୍ଦିରର ଗର୍ଭଦ୍ୱାରକୁ ରୁପା ଛାଉଣି କରାଯିବ । ଏଥିପାଇଁ ସମସ୍ତ ଖର୍ଚ୍ଚ ଜଣେ ଭକ୍ତ ବହନ କରିବେ । ଏହି ୮ଟି ଦ୍ୱାର କବାଟରେ ପ୍ରାୟ ଅଢେଇ ଟନ୍ ରୁପା ଲାଗିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା ।

## ୨ବଖରା ଜଳିଗଲା

ଚୌଦ୍ୱାର,(ଡି.ଏନ.ଏ.): ଚୌଦ୍ୱାର ଥାନା ଅଧୀନ ଗୋଡଧୁଆ ଗ୍ରାମରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟି ଶିଖର ବାନରାଙ୍କ ୨ ବଖରା ଜଳିଯାଇଛି। ଖବରପାଇ ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚିବାବେଳକୁ ଘରର ଆସବାବପତ୍ର, ଟଙ୍କା ଓ ଅଳଙ୍କାର ପୋଡି ପାଉଁଶ ହୋଇଯାଇଥିଲା। ବିପନ୍ନ ପରିବାର ଗ୍ରାମର କୋଠଘରେ ରହିଛନ୍ତି। ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



**ସଂକ୍ଷେପରେ**

## ବସ୍ତିବାସୀଙ୍କ ଏକତା ମଞ୍ଚର କାର୍ଯ୍ୟକାରିଣୀ ବୈଠକ

**କଟକ ଅଫିସ, ୨୬।୧୨:** ବସ୍ତିବାସୀଙ୍କ ଏକତା ମଞ୍ଚର କାର୍ଯ୍ୟକାରିଣୀ ବୈଠକ କଟକସ୍ଥିତ ଗାନ୍ଧୀଭବନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକ୍ତାମାନେ ଯୋଗଦେଇ କହିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଦେଶକୁ ସିଏମ୍‌ସି କାର୍ଯ୍ୟକାରୀ କରୁନାହିଁ। ଏଣୁ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର୍ କରାଯିବ ଏବଂ ସିଏମ୍‌ସିର ଅପାରଗତା ବିରୋଧରେ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ମଞ୍ଚର ସଭାପତି ସେଖ୍ ଅବଦୁଲ୍ଲା ସଭାପତିତ୍ୱ କରିଥିବାବେଳେ ବସ୍ତି ଏକତା ମଞ୍ଚର ସମ୍ପାଦକ ହେମେନ୍ଦ୍ର ସାମଲ ବିବରଣୀ ପାଠ କରିଥିଲେ।

## ବାଜପେୟୀଙ୍କ ଜୟନ୍ତୀ ପାଳିତ

**ଖୁଣ୍ଟୁଣୀ,୨୬।୧୨(ଡି.ଏନ.ଏ.):** ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଖୁଣ୍ଟୁଣୀ ମଣ୍ଡଳ ଭାଜପା ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଅନ୍ଧାରଘର ବାଉତୀ ପୀଠରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଭାଜପା ନେତା ରାମ ନାରାୟଣ ମହାନ୍ତି, ମୁଖ୍ୟବକ୍ତା ସୁରେଶ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିକ୍ରମ ଦାଶ ଓ ଯୁବନେତା ତପନ ଲେଙ୍କା ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ କର୍ମମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ଲକ୍ଷ୍ମୀଧର ସାହୁ ଧନ୍ୟବାଦ ଦେଇଥିଲେ। ସେହିପରି ଆଠଗଡ଼ ନିର୍ବାଚନମଣ୍ଡଳୀର ରାଧାକୃଷ୍ଣପୁରଠାରେ ଖୁଣ୍ଟୁଣୀ ମଣ୍ଡଳ ଭାଜପା ପକ୍ଷରୁ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଖୁଣ୍ଟୁଣୀ ମଣ୍ଡଳ ସଭାପତି ସୁଶାନ୍ତ ଦଳେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଠଗଡ଼ ନିର୍ବାଚନମଣ୍ଡଳୀର ଭାଜପା ନେତା ବ୍ରଜେନ୍ଦ୍ର ରାୟ, ଜଳଧର ଜେନା, ବଂଶୀଧର ସେନାପତି, ପ୍ରତିମା ପ୍ରଧାନ, ନିଗମାନନ୍ଦ ପ୍ରଧାନ, ଅନ୍ତର୍ଯ୍ୟାମୀ ବେହେରା ଓ ପ୍ରତ୍ୟୁଷ ବେଉରା ପ୍ରମୁଖ ଯୋଗଦେଇଥିଲେ। ଲକ୍ଷ୍ମଣ ଗୋଛି କାର୍ଯ୍ୟକ୍ରମ ପରିଚାଳନା ଓ କୁମାରମଣି ଷଣ୍ଢ ଧନ୍ୟବାଦ ଦେଇଥିଲେ।

## ଅଲେଖ ସାଧୁଙ୍କୁ ଗୋଡ଼ରେ କୃତ୍ରିମ ଅଙ୍ଗ ପ୍ରତିରୋପଣ

**କଟକ ଅଫିସ, ୨୬।୧୨:** କଟକ ଜିଲା ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାର ହସ୍ପିଟାଲରେ ଜଣେ ଅଲେଖ ସାଧୁଙ୍କ ଚିକିତ୍ସା କରାଯିବା ସହ କୃତ୍ରିମ ଅଙ୍ଗ ପ୍ରତିରୋପଣ କରାଯାଇଥିଲା। ପ୍ରାୟ ୪ ବର୍ଷ ପୂର୍ବେ ଦୁର୍ଘଟଣାରେ ଅଲେଖ ନିରଞ୍ଜନଙ୍କ ଡାହାଣଗୋଡ କଟି ଯାଇଥିଲା। ଗୋଟିଏ ଗୋଡରେ ସେ ଭିକ୍ଷାବୃତ୍ତି କରୁଥିଲେ। ଏଭଳି ଅବସ୍ଥାରେ ଦିନେ ଉକ୍ତ ସାଧୁଙ୍କ ସହ କଟକ ନୂଆବଜାର ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ନେତାଜୀ ସୁଭାଷ ସେନାର ସଭାପତି ଅଜିତ୍ ଦାସଙ୍କ ସହ ସାକ୍ଷାତ ହୋଇଥିଲା। ସେ ସାଧୁଙ୍କର ଏପରି ଅବସ୍ଥା ଦେଖି କୃତ୍ରିମ ଅଙ୍ଗର ବ୍ୟବସ୍ଥା କରିବା ପାଇଁ ମନସ୍ଥ କରିଥିଲେ। ପରେ ତାଙ୍କୁ ଏସ୍‌ଭି ନିର୍‌ତାର ହସ୍ପିଟାଲରେ ଭର୍ତ୍ତି କରାଇବା ସହ କୃତ୍ରିମ ଅଙ୍ଗ ପ୍ରତିରୋପଣ କରାଇଥିଲେ। ଏହା ବ୍ୟତୀତ ସଂସ୍ଥା ତରଫରୁ ୩ଚକିଆ ସାଇକେଲ ଓ ଆଶାବାଡି ଯୋଗାଇ ଦିଆଯାଇଛି। ଏହି କାର୍ଯ୍ୟ ପାଇଁ ବି. ପ୍ରକାଶ ରାଓ ଓ ପାର୍ବତୀ ବାରିକ ସହଯୋଗ କରିଛନ୍ତି।

# ଯୁବଚାଷୀଙ୍କ ପ୍ରେରଣା ନୀଳକଣ୍ଠ

**ନିଶ୍ଚିନ୍ତକୋଇଲି,୨୬।୧୨(ସ୍ୱ.ପ୍ର.)**

ଦିନକୁ ଦିନ ଚାଷ ଜମି କମି ଯାଉଥିବାବେଳେ ପଲ୍ଲୀରୁ ଦିଲ୍ଲୀ ସବୁଠି କୋଠାବାଡ଼ି ଦେଖିବାକୁ ମିଳୁଛି। ଅପରପକ୍ଷେ ଅଧିକ ଲାଭ ଆଶାରେ କ୍ଷେତରେ ରାସାୟନିକ ସାର, କୀଟନାଶକ ବ୍ୟବହାର କରାଯାଉଛି। ଏହାକୁ ଖାଇ ଲୋକେ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହେଉଛନ୍ତି। ଏଭଳିସ୍ଥିତିରେ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପରିଣତ ବୟସରେ ଛାତ ଉପରେ କିଚେନ ଗାର୍ଡେନ କରି ଯୁବ ଚାଷୀଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ବଡ଼କ୍ଷୀର ପଞ୍ଚାୟତ ଅନ୍ତର୍ଗତ ଗୋପପୁର( ରଙ୍ଗମୁଣ୍ଡାଇ ) ଗ୍ରାମର ନୀଳକଣ୍ଠ ନନ୍ଦ ସରକାରୀ ଚାକିରିରୁ ଅବସର ନେବା ଘରେ ଛାତ ଉପରେ ପରିବା ଚାଷ ପାଇଁ ଇଚ୍ଛା କରିଥିଲେ। ଏନେଇ ବର୍ଜ୍ୟବସ୍ତୁ ଭାବେ ପରିଗଣିତ ପ୍ଲାଷ୍ଟିକ ଡବା, ଟିଣ ଓ ପଲିଥିନକୁ ଏକତ୍ର କରି ଛାତ ଉପରେ ପରିବା ଓ ଫୁଲ ଚାଷ ଆରମ୍ଭ କରିଥିଲେ। ରାସାୟନିକ ସାର ପ୍ରୟୋଗ ନ କରି ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ଚାଷ କରିଥିଲେ। ଏବେ ତାଙ୍କ ଘର ଛାତ ଉପରେ କ୍ଷେତ ଭଳି ପନିପରିବା ହୋଇଛି। ଭଲ ପନିପରିବା ହେବା ଯୋଗୁ ଲକ୍‌ଡାଉନ ସମୟରେ ପରିବା ଦର ହୁ ହୁ ହୋଇ ବଢ଼ିଥିବାବେଳେ ନୀଳକଣ୍ଠଙ୍କ ଉପରେ କୌଣସି ପ୍ରଭାବ ପଡ଼ି ନ ଥିଲା। ଏହି ସମୟରେ ସେ ପଡ଼ୋଶୀଙ୍କୁ ପନିପରିବା ଦେଇ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଥିଲେ। ତାଙ୍କଠାରୁ ଉତ୍ସାହିତ ହୋଇ ସ୍ଥାନୀୟ ଅଞ୍ଚଳରେ ବହୁ ଲୋକ ଏବେ ଛାତ ଉପରେ ପରିବା ଚାଷ କରିବା ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ନୀଳକଣ୍ଠ କୁହନ୍ତି, ଛାତ ଉପରେ ଜୈବିକ ପ୍ରଣାଳୀରେ ପରିବା ଚାଷ କଲେ ସତେଜ ପନିପରିବା ଖାଇ ସୁସ୍ଥ ଓ ନୀରୋଗ ରହିବା ସହ ନିଜ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରାଯାଇପାରିବ।



ନୀଳକଣ୍ଠ ଛାତ ଉପରେ ପରିବା ଚାଷ କରୁଛନ୍ତି।

### ଛାତ ଉପରେ କରିଛନ୍ତି କିଚେନ ଗାର୍ଡେନ

**ଆବଶ୍ୟକ ସାମଗ୍ରୀ**

ଛାତ ଉପରେ ଚାଷ ପାଇଁ ପଲିଥିନ ଚାଦର, ଗୋବରଖତ, ଜୈବିକ ସାର (ଅର୍ଗାନିକ)ମାଟି, ଅଗାଡି, ନିମପତ୍ର, ଅଣୁସାର ଓ ପଞ୍ଚଗବ୍ୟ ଆବଶ୍ୟକ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଛାତ ଉପରେ ପଲିଥିନ ଚାଦର ପକାଯିବ। ୩ ଝୁଡ଼ି ମାଟି, ୨ ଝୁଡ଼ି ଖତ, ଏକ ଝୁଡ଼ି ଅଗାଡି, ୫୦ ଗ୍ରାମ ନିମପତ୍ର, ୫୦ ଗ୍ରାମ ଅଣୁସାର ଓ ଜୀବାମୃତ ଦେଇ ଉର୍ବର ମାଟି ପ୍ରସ୍ତୁତ କରାଯିବ। ଏହି ଉର୍ବର ମାଟିକୁ ପଲିଥିନ ପ୍ୟାକ୍ କରି ମଞ୍ଜି ଲଗାଯିବ। ଆବଶ୍ୟକ ପାଣି ଦେବା ପରେ ୧୦ରୁ ୧୫ ଦିନ ମଧ୍ୟରେ ଗଛ ହେବ । ଏହାପରେ ସେଥିରେ ପଞ୍ଚଗବ୍ୟ ସିଞ୍ଚନ କରାଯିବ। ଯଦି କୌଣସି ପ୍ରକାର ପୋକ ଓ ରୋଗ ହୁଏ ତେବେ ୫ ଲିଟର ଗୋମୂତ୍ର, ୫ କିଲୋ ନିମପତ୍ର ଓ ୧୦୦ ଗ୍ରାମ ରସୁଣ ରସକୁ ମିଶାଇ ଗଛରେ ସିଞ୍ଚନ କରାଯିବ।

**ଉପକାରିତା**

ଛାତ ଉପରେ ଚାଷ କଲେ କମ୍ ପାଣି ଖର୍ଚ୍ଚ ହେବା ସହ ଭଲ ଫସଲ ଆମଦାନୀ ହୁଏ। ଏହାଦ୍ୱାରା ଚାଷ କ୍ଷେତର ଅଭାବ ଦୂର ହେବା ସହ ଛାତ ଉପରେ ଏକ ସବୁଜ ବଳୟ ସୃଷ୍ଟି କରିଥାଏ।



ବିଜେଡିର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଶନିବାର କଟକ ବିଜୁ ପଟ୍ଟନାୟକ ଛକଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବିଜେଡି ନେତୃବୃନ୍ଦ।

## ବିଜୁବାବୁ ବଳିଷ୍ଠ ରାଷ୍ଟ୍ରନୀତିଜ୍ଞ ଥିଲେ

**କଟକ ଅଫିସ, ୨୬।୧୨**

ବିଜେଡିର ପ୍ରତିଷ୍ଠା ଦିବସ ଦୋଳମୁଣ୍ଡାଇସ୍ଥିତ କଟକ ଜିଲା ବିଜେଡି କାର୍ଯ୍ୟାଳୟରେ ଶନିବାର ପାଳିତ ହୋଇଯାଇଛି। ଏଥିରେ ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୁବାବୁ ରାଜ୍ୟ ଓ ଦେଶରେ ଜଣେ ବଳିଷ୍ଠ ରାଷ୍ଟ୍ରନୀତିଜ୍ଞ ଥିଲେ ବୋଲି କହିଥିଲେ। ଯୁବକ, ଛାତ୍ର, ମହିଳାମାନେ ସଙ୍ଗଠିତ ହୋଇ ଦଳୀୟ କାର୍ଯ୍ୟକୁ ଆଗେଇ ନେବାକୁ ସାମନ୍ତରାୟ ଆହ୍ୱାନ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ପି ଭର୍ତ୍ତୃହରି ମହତାବ, ଏମ୍‌ପି ସୁବାସ ସିଂ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ରାଜ୍ୟ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ସିଂ, ରଞ୍ଜନ ବିଶ୍ୱାଳ, ଶିଶିର ପରିଜା, ଜିଲା ବିଜେଡି ଉପସଭାପତି ପ୍ରଫୁଲ୍ଲ ମହାପାତ୍ର, ପୂର୍ବତନ ମେୟର ସୌମେନ୍ଦ୍ର ଘୋଷ, ଅନିତା ବେହେରା, ସୁଭଦ୍ରା ଦାସ, ଅରିନ୍ଦମ ରାୟ, କୁନା ତ୍ରିପାଠୀ, ଯୁବ ବିଜେଡି ସଭାପତି ସ୍ମୃତିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ନୀତିମୁକ୍ତ ସମାଜ ଗଠନ ଆମ ଲକ୍ଷ୍ୟ

**କଣ୍ଟାପଡା/ନିଆଳି/କଟକ ସଦର/ଚୌଦ୍ୱାର/ ଆଠଗଡ଼/ବଡ଼ମ୍ବା /ମାହାଙ୍ଗା/ସାଲେପୁର/ଟିଗିରଆ ୨୬।୧୨(ଡି.ଏନ୍.ଏ./ସ୍ୱ.ପ୍ର)**

କଣ୍ଟାପଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଡିଆରେ ଶନିବାର ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କଣ୍ଟାପଡା ବ୍ଲକ ବିଜେଡି ସଭାପତି ପୀୟୁଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ନିଆଳି ବିଧାୟକ ପ୍ରମୋଦ ମଲ୍ଲିକ, ସମ୍ମାନିତ ଅତିଥି ଭାବେ କଣ୍ଟାପଡା ବ୍ଲକ ଚେୟାରମ୍ୟାନ ସ୍ମିତାରାଣୀ ସ୍ୱାଇଁ, ବାରଙ୍ଗ ବ୍ଲକ ଚେୟାରମ୍ୟାନ ସରୋଜ ସାହୁ ଯୋଗଦେଇଥିଲେ। ବିଜେଡି ନେତା ଅକ୍ଷୟ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ନିଆଳିସ୍ଥିତ ଅଚିହ୍ନା ପଡିଆରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ତ୍ରିଲୋଚନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରମୋଦ ମଲ୍ଲିକ, ଅନ୍ୟତମ ଅତିଥି ଭାବେ ନିଆଳି ବ୍ଲକ ଅଧ୍ୟକ୍ଷା କଳ୍ପନା ପାଣି, ସାମାଜିକ କର୍ମୀ ଆଦିତ୍ୟ ପାଣି, ଜିଲା ପରିଷଦ ସଦସ୍ୟ ଦେବାଶିଷ ଷଡଙ୍ଗୀ, ଅତୁଲ୍ୟ ଜେନା, ନାରୀନେତ୍ରୀ କବିତା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ଯୁବ ବିଜେଡି ସଭାପତି ବିଷ୍ଣୁଚରଣ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ ଓ ନିଆଳି ସରପଞ୍ଚ ପ୍ରଶାନ୍ତ ସିଂ ଧନ୍ୟବାଦ ଦେଇଥିଲେ।

କଟକ ସଦର ବ୍ଲକ ଅଧୀନ କିଶୋରନଗରଠାରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଉଠାଜଳସେଚନ ନିଗମ ଅଧ୍ୟକ୍ଷ ଅମରେଶ ପତ୍ରୀ, ଜିଲା ପରିଷଦ ସଭ୍ୟ ବିଳାସ ମଲ୍ଲିକ, ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର ଓ ସମର ବେହେରା ଯୋଗଦେଇଥିଲେ।

ଚୌଦ୍ୱାର ନଗର ବିଜେଡି ପକ୍ଷରୁ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସକାଳେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସମେତ ବହୁ କର୍ମୀ ବିରୂପା ନଦୀ କୂଳରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ନଗର ବିଜେଡ଼ି ସଭାପତି ବିଷ୍ଣୁ ଚରଣ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ମୋ ପରିବାର ରାଜ୍ୟ ଆବାହକ ଅରୂପ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପୌର ଟାଉନ୍‌ହଲରେ ଆୟୋଜିତ ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ୧୩୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

ବିଜେଡି ପ୍ରତିଷ୍ଠା ଦିବସରେ ଆଠଗଡ଼ ବ୍ଲକର ୨ ନମ୍ବର ଜୋନ୍‌ରେ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ୧ ନଂମ୍ବର ଜୋନ୍‌ରେ ତାଙ୍କ ପୁଅ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ୧ ନମ୍ବର ଜୋନ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ସଭାପତି ରବୀନ୍ଦ୍ରନାଥ ରାଉତ ଅଧ୍ୟକ୍ଷତା କରିଥିଲେ। ସେହିପରି ୨ ନମ୍ବର ଜୋନ୍‌ର ହନୁମାନ ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଠଗଡ଼ ଏନ୍‌ଏସିର ବିଜେଡ଼ି ସଭାପତି ଶିଶିର ପ୍ରସାଦ ମାନସିଂ ଅଧ୍ୟକ୍ଷତା କରିଥିଲେ।

ବିଜେଡ଼ି ପ୍ରତିଷ୍ଠା ଦିବସ ଅବସରରେ ବଡ଼ମ୍ବା ବ୍ଲକର ସୁନାପାଳସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ।

ମାହାଙ୍ଗା ବ୍ଲକ ସଦର ମହକୁମା କୁଆଁପାଳଠାରେ ଆୟୋଜିକ କାର୍ଯ୍ୟକ୍ରମରେ ଆଇନ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଦୁର୍ନୀତିମୁକ୍ତ ବିକାଶଶୀଳ ସମାଜଗଠନ କରିବା ଆମର ଲକ୍ଷ୍ୟ ବୋଲି କହିଥିଲେ।

ସାଲେପୁର ବ୍ଲକ୍ ଗୋପିନାଥପୁରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଆୟୋଜିକ କାର୍ଯ୍ୟକ୍ରମରେ ଆମ୍ବ ସଭାପତି ଦିଲ୍ଲୀପ କୁମାର ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ଯୋଗଦେଇଥିଲେ।

ଟିଗିରିଆ ବ୍ଲକରେ ବିଜେଡି ସଭାପତି ଅଜିତ ଧୀରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଆଦିତ୍ୟ ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ।




କଟକ ଖାନ୍‌ନଗର କାଳୀଭବନ ପରିସରରେ ପ୍ରଦୀପ ଦାସଙ୍କ ଗଳ୍ପ ସଙ୍କଳନ 'ଅଭିହତ ଅଭିଳାଷ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## କଟକ ଡିଭିଜନ ବୀମା କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସମ୍ମିଳନୀ

**କଟକ ଅଫିସ, ୨୬।୧୨**

କଟକ ଡିଭିଜନ ବୀମା କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସମ୍ମିଳନୀ ନୂଆପାଟଣାସ୍ଥିତ ମଣ୍ଡଳ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପାଟନାସ୍ଥିତ ଇଷ୍ଟ ସେଣ୍ଟ୍ରାଲ ଜୋନ୍ ଇନ୍‌ସ୍ୟୁରାନ୍ସ ଏମ୍ପ୍ଲଇଜ ଆସୋସିଏଶନର ସାଧାରଣ ସମ୍ପାଦକ ତ୍ରିନାଥ ଦୋରା ଉଦ୍‌ଘାଟନ କରିଥିଲେ। ଏଥିରେ ମଣ୍ଡଳ ପ୍ରବନ୍ଧକ ଅଶୋକ କୁମାର ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ କଟକ ଡିଭିଜନ ସର୍ବଭାରତୀୟ ସ୍ତରରେ ବ୍ୟବସାୟ ଓ ସେବାରେ ପ୍ରଥମ ସ୍ଥାନ ଅଧିକାର କରିଛି ବୋଲି କହିଥିଲେ। ସଙ୍ଗଠନର ସାଧାରଣ ସମ୍ପାଦକ ଅଭୟ କୁମାର ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉକ୍ତ ସମ୍ମିଳନୀରେ ଗଜେନ୍ଦ୍ର ନାଥ ମହାନ୍ତି, ରବିନାରାୟଣ ମଲ୍ଲିକ, ପ୍ରଦୀପ ଷଡଙ୍ଗୀ, ନିର୍ମଳ ଦାସ, ରବୀନ୍ଦ୍ର ଧଳ, ପି.କେ. ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଙ୍ଗଠନର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସଭାପତି ଭାବେ ମାନଗୋବିନ୍ଦ ବାରିକ, ସାଧାରଣ ସମ୍ପାଦକ ଅଭୟ କୁମାର ଦାସ ଓ କୋଷାଧ୍ୟକ୍ଷ ଭାବେ ପ୍ରଶାନ୍ତ କୁମାର ନାୟକ ନିର୍ବାଚିତ ହୋଇଥିଲେ। ଏଥିସହ ଅବସର ନେଇଥିବା ସଙ୍ଗଠନର ଉପସଭାପତି ସତ୍ୟବ୍ରତ ଦତ୍ତଗୁପ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମଣିଷର ଚରିତ୍ରରେ ସଂସ୍କାର ଆଣିବାରେ ଆଇନଜୀବୀଙ୍କ ପ୍ରମୁଖ ଭୂମିକା ଥାଏ

**କଟକ ଅଫିସ,୨୬।୧୨**

### ଦି ଲ କଲେଜ ପୁରାତନ ଛାତ୍ର ସଂଘର ବାର୍ଷିକ ସିମ୍ପୋଜିୟମ

ଦି ଲ କଲେଜ ପୁରାତନ ଛାତ୍ର ସଂଘର ବାର୍ଷିକ ସିମ୍ପୋଜିୟମ କ୍ରିମିନାଲ କୋର୍ଟସ ବାର୍ ଆସୋସିଏସନ କନ୍‌ଭେନ୍‌ସନ ହଲ୍‌ରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ପରିଷଦର ବରିଷ୍ଠ ସଭ୍ୟ ସୌରଚନ୍ଦ୍ର ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ତଥା ରାଜ୍ୟ ଖାଉଟି ସୁରକ୍ଷା ଆୟୋଗର ଅଧ୍ୟକ୍ଷ ଜଷ୍ଟିସ ଦୁର୍ଗାପ୍ରସନ୍ନ ଚୌଧୁରୀ, ସମ୍ମାନିତ ଅତିଥି ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ପୂର୍ବତନ ଅଧ୍ୟକ୍ଷ ଚିନ୍ମୟ ମହାନ୍ତି, ଅନ୍ୟତମ ଅତିଥି ଭାବେ କ୍ରିମିନାଲ କୋର୍ଟସ ବାର୍ ଆସୋସିଏସନର ଉପସଭାପତି ଟଙ୍କଧର ମିଶ୍ର, ସମ୍ପାଦକ ସ୍ମୃତିରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଡା. ଜୟନ୍ତ ପଣ୍ଡା କହିଥିଲେ, ମଣିଷର ଚରିତ୍ରରେ ସଂସ୍କାର ଆଣିବାରେ ଆଇନଜୀବୀଙ୍କ ପ୍ରମୁଖ ଭୂମିକା ଥାଏ । ଏଥିରେ ଆଇନଜୀବୀ ଟହଲି ଚରଣ ମହାନ୍ତି ସଭାପତିତ୍ୱ କରିଥିବାବେଳେ ପୁରାତନ ଛାତ୍ର ସଂଘର ଉପସଭାପତି ସୁବାସ ଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ, ଆଇନଜୀବୀ ବିଭୁ ପ୍ରସନ୍ନ ମହାପାତ୍ର ବିବରଣୀ ପାଠ ଓ ସୁମନ୍ତ କୁମାର ରାୟ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରସଂଘର ବାର୍ଷିକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ରଣଜିତ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଶ୍ରୀଜଗନ୍ନାଥ କଳାକାର ମହାସଂଘ ସମ୍ମିଳନୀ

**ଟିଗିରିଆ, ୨୬।୧୨ (ଡି.ଏନ.ଏ)**

ରାଜ୍ୟ ଶ୍ରୀଜଗନ୍ନାଥ କଳାକାର ମହାସଂଘ ଓଡ଼ିଶା ପକ୍ଷରୁ ଆଠଗଡ଼ ମଣ୍ଡଳ କଳାକାରଙ୍କର ଏକ ସମ୍ମିଳନୀ ଟିଗିରିଆ ବ୍ଲକ ନୂଆପାଟଣାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହାସଂଘ ସଭାପତି ଗଗନ ବିହାରୀ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ମଣ୍ଡଳ ମୁଖ୍ୟ ଉପଦେଷ୍ଟା ସୌରଭ ନାୟକ, ସମ୍ମାନିତ ଅତିଥିଭାବେ ସମ୍ପାଦକ ଅଜୟ କର, ଉପସଭାପତି ବିଜୟ କୁମାର ପାଢ଼ୀ, ସହ ସମ୍ପାଦକ ରଶ୍ମୀ ରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆଠଗଡ଼, ଟିଗିରିଆ, ବଡ଼ମ୍ବା, ନରସିଂହପୁର, ବାଙ୍କୀ ଅଞ୍ଚଳର ମଞ୍ଚ କଳାକାରମାନଙ୍କୁ ନେଇ ରାଜ୍ୟ ମହାସଂଘର ଆଠଗଡ଼ ମଣ୍ଡଳ ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ଭାଗିରଥି ବେହେରା, କାର୍ଯ୍ୟକାରୀ ସଭାପତି ଗୁରୁଦତ୍ତ ନାୟକ, ଉପସଭାପତି ଦେବୀଦତ୍ତ ବିଭୂତି ରାୟ, ସୋମନାଥ କର, ସାଧାରଣ ସମ୍ପାଦକ ଆଲୋକ କୁମାର କୁଣ୍ଠୁ, ସହ ସମ୍ପାଦକ ଡ. ନିଳାମ୍ବର ରାୟଗୁରୁ ଓ ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା।

## ପ୍ରବଚନ କାର୍ଯ୍ୟକ୍ରମ

**କଟକ ଅଫିସ, ୨୬।୧୨**

ଭାଗବତ ପୁନରୁଦ୍ଧାର କମିଟି (ପଶ୍ଚିମ କଟକ) ପକ୍ଷରୁ ଚାନ୍ଦିନୀଚୌକସ୍ଥିତ ଦୁବେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଗୀତାଯଜ୍ଞ ଓ ପ୍ରବଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରବଚନ କାର୍ଯ୍ୟକ୍ରମରେ ୧୯ ଦିଗ ଭାଗ ସର୍ବାଧିକାରୀ ବୀରେନ୍ଦ୍ର ସାହୁ, ସମିତିର ଉପଦେଷ୍ଟା କୈଳାସ ଚନ୍ଦ୍ର ଜେନାଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ।

## ଯୋଜନା, ବିକାଶର ପୂର୍ଣ୍ଣାଙ୍ଗତା ପାଇଁ ଜନଗଣନା ଆବଶ୍ୟକ

**କଟକ ଅଫିସ, ୨୬।୧୨**

### ୬୨ ଜନଗଣନା ଅଧିକାରୀ ସମ୍ବର୍ଦ୍ଧିତ

୨୦୧୧ ଜନଗଣନା ବର୍ଷରେ କଟକ ଜିଲାରେ ଉଲ୍ଲେଖନୀୟ କାର୍ଯ୍ୟ ତୁଲାଇଥିବା ପ୍ରାୟ ୬୨ ଜଣ ଅଧିକାରୀଙ୍କୁ ଜିଲା ପ୍ରଶାସନ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରି କହିଥିଲେ, ଯୋଜନା ଓ ବିକାଶର ପୂର୍ଣ୍ଣାଙ୍ଗତା ପାଇଁ ଜନଗଣନା ନିହାତି ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ଜିଲା ଜନଗଣନା ଉପନିର୍ଦ୍ଦେଶକ ଅଶୋକ ମିଶ୍ର, ମିଳିତା ଦତ୍ତ ଓ ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଜନଗଣନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପୂର୍ବତନ ଜିଲାପାଳ କିଶୋର କୁମାର ମହାନ୍ତି, ବୟନଶିଳ୍ପ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ, ସିଏମ୍‌ସି ଡେପୁଟି କମିଶନର ଅବିନାଶ ରାଉତ, ଡେପୁଟି କଲେକ୍ଟର ଅନିତାରାଣୀ ପାତ୍ରଙ୍କ ସମେତ ଅନ୍ୟ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜନଗଣନା ଅଧିକାରୀ ଅଳକାରାଣୀ ଦେବତା କାର୍ଯ୍ୟକ୍ରମ ସଂଯୋଜନା ଓ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଉଦ୍‌ବୋଧନ ଦେଉଛନ୍ତି।

## ନାଟ୍ୟକାର ଫକୀର ସିଂହ ଆଦିନାଟ୍ୟକାର ସମ୍ମାନ ପାଇଲେ

**କଟକ ଅଫିସ, ୨୬।୧୨**

### ଜଗନ୍ମୋହନ ଲାଲଙ୍କ ସ୍ମୃତି ଉତ୍ସବ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଆଦିନାଟ୍ୟକାର ସ୍ମୃତି ସଂସଦ ମିଳିତ ସହଯୋଗରେ କଟକ ଶ୍ରୀରାମଚନ୍ଦ୍ର ଭବନରେ ଆଦିନାଟ୍ୟକାର ଜଗନ୍ମୋହନ ଲାଲଙ୍କ ସ୍ମୃତି ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ନାଟ୍ୟକାର ରଣଜିତ୍ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଜଗନ୍ମୋହନ ଓଡ଼ିଆ ନାଟକର ପ୍ରଥମ ସ୍ରଷ୍ଟା ଓ ସାମାଜିକ ବିପ୍ଳବର ସୂତ୍ରଧର ଥିଲେ। ନାଟକ ମାଧ୍ୟମରେ ସାମାଜିକ ପରିବର୍ତ୍ତନ ପାଇଁ ଜଗନ୍ମୋହନ ଆହ୍ୱାନ ଦେଇଥିଲେ ବୋଲି ପଟ୍ଟନାୟକ କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ମନୋଜ ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ବୈଜୟନ୍ତୀ ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ନାଟ୍ୟକାର ଫକୀର ସିଂହଙ୍କୁ ଆଦିନାଟ୍ୟକାର ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ସ୍ମୃତି ସଂସଦର ସଭାପତି ପ୍ରଫେସର ବିଜୟାନନ୍ଦ ସିଂହ ସଭାପତିତ୍ୱ କରିଥିବାବେଳେ ଅଧ୍ୟାପକ କମଳ ମାହୁନ୍ତ ସ୍ୱାଗତ ଭାଷଣ, ସ୍ମୃତି ସଂସଦ ସମ୍ପାଦକ ସୁକାନ୍ତ ପ୍ରସାଦ ନନ୍ଦ ବିବରଣୀ ପାଠ, ଅରୁଣା ସାମନ୍ତରାୟ ମାନପତ୍ର ପାଠ ଓ ସେକ୍ ମସୁଦ୍ ଅଲି ଧନ୍ୟବାଦ ଦେଇଥିଲେ।




ଉତ୍ସବରେ ନାଟ୍ୟକାର ଫକୀର ସିଂହଙ୍କୁ ଆଦିନାଟ୍ୟକାର ସମ୍ମାନ ପ୍ରଦାନ କରାଯାଉଛି।

## ରାଜୀବ କୁମାରଙ୍କୁ ଜେରା ପାଇଁ ସୁପ୍ରିମକୋର୍ଟ ଗଲା ସିବିଆଇ

ନୂଆଦିଲ୍ଲୀ: ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତ କରୁଥିବା ସିବିଆଇ ପଶ୍ଚିମବଙ୍ଗର ବରିଷ୍ଠ ଆଇପିଏସ୍ ଅଫିସର ତଥା କୋଲକାତାର ପୂର୍ବତନ ପୋଲିସ କମିଶନର ରାଜୀବ କୁମାରଙ୍କୁ ଜେରା କରିବା ଲାଗି ସୁପ୍ରିମକୋର୍ଟରେ ଆବେଦନ କରିଛି। ଲକ୍ଷାଧିକ ଜମାକାରୀଙ୍କୁ ଠକିଥିବା ଉକ୍ତ ଚିଟ୍‌ଫଣ୍ଡ ସଂସ୍ଥା ବିରୋଧରେ ସିବିଆଇ ତଦନ୍ତ ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ରାଜୀବ କୁମାର ତଦନ୍ତରେ ସହଯୋଗ କରୁ ନ ଥିବା ଦର୍ଶାଇ ତାଙ୍କୁ ଜେରା କରିବା ଲାଗି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସର୍ବୋଚ୍ଚ ଅଦାଳତଙ୍କ ଅନୁମତି ଲୋଡ଼ିଛି।

## ସଂକ୍ଷେପରେ

### ଭଙ୍ଗାହେବ ଶ୍ରମଶକ୍ତି ଭବନ

ନୂଆଦିଲ୍ଲୀ, ୨୬।୧୨ : ସେଣ୍ଟ୍ରାଲ ଭିଷ୍ଟା ପୁନର୍ବିକାଶ ପ୍ରକଳ୍ପରେ ଏମ୍‌ପିମାନଙ୍କ ଚାମ୍ବର ନିର୍ମାଣ ଲାଗି ଶ୍ରମଶକ୍ତି ଭବନ ଏବଂ ଟ୍ରାନ୍ସପୋର୍ଟ ଭବନ ବିଲ୍ଡିଂକୁ ଭାଙ୍ଗିବା ନିମନ୍ତେ ଯୋଜନା ହୋଇଛି। ପ୍ରକଳ୍ପର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଥିବା ଏଚ୍‌ସିପି ଡିଜାଇନ, ପ୍ଲାନିଂ ଆଣ୍ଡ ମ୍ୟାନେଜ୍‌ମେଣ୍ଟ ପ୍ରା.ଲିଃର ଅଧିକାରୀଙ୍କ କହିବା ଅନୁଯାୟୀ ରଫି ମାର୍ଗ ଓ ସଂସଦ ମାର୍ଗରେ ଥିବା ଶ୍ରମଶକ୍ତି ଭବନ ଓ ଟ୍ରାନ୍ସପୋର୍ଟ ଭବନ ସ୍ଥାନରେ ଏମ୍‌ପିମାନଙ୍କ କାର୍ଯ୍ୟାଳୟ ସ୍ଥାପନ କରାଯିବ। ଚଳିତ ମାସ ଆରମ୍ଭରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟ ଭବନର ଶିଳାନ୍ୟାସ କରିଥିଲେ। ଏଥିରେ ୮୮୮ ଆସନ ବିଶିଷ୍ଟ ଲୋକ ସଭା ଓ ୩୮୪ ଆସନ ବିଶିଷ୍ଟ ରାଜ୍ୟ ସଭା ସଦନ ରହିବ। ଯୋଜନା ଅନୁଯାୟୀ ପାର୍ଲାମେଣ୍ଟ କମ୍ପ୍ଲେକ୍ସ ସହ ଏମ୍‌ପିମାନଙ୍କ ଚାମ୍ବରକୁ ଯୋଡ଼ିବା ପାଇଁ ଏକ ଟନେଲ ନିର୍ମାଣ କରାଯିବ।

### ୩୧ରେ ସିବିଏସ୍‌ଇ ବୋର୍ଡ ପରୀକ୍ଷା ତାରିଖ ଘୋଷଣା

ଭୁବନେଶ୍ୱର,୨୬।୧୨(ବ୍ୟୁରୋ): ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ(ସିବିଏସ୍‌ଇ) ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା-୨୦୨୧ ପାଇଁ ଆସନ୍ତା ୩୧ତାରିଖ ସନ୍ଧ୍ୟା ୬ଟାରେ ତାରିଖ ଘୋଷଣା ହେବ। ଏ ନେଇ ଶନିବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କ ଟୁଇଟ୍ କରି ସୂଚନା ଦେଇଛନ୍ତି। କରୋନା ପରିସ୍ଥିତି ପାଇଁ ଏଯାଏ ଶିକ୍ଷାନୁଷ୍ଠାନ ଖୋଲି ନ ଥିବାବେଳେ ସିବିଏସ୍‌ଇ ପରୀକ୍ଷାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଦ୍ୱନ୍ଦ୍ୱରେ ଅଛନ୍ତି। ଏପରିସ୍ଥିତିରେ ପରୀକ୍ଷା ନିଶ୍ଚିତ ହେବ ବୋଲି ଗତ ୨୨ ତାରିଖରେ ମନ୍ତ୍ରୀ ସ୍ପଷ୍ଟ କରିଥିଲେ। ସେ କହିଥିଲେ, ପରୀକ୍ଷା ବାତିଲ ହେଲେ ଭବିଷ୍ୟତରେ ପିଲାଙ୍କୁ କୋଭିଡ୍ ସମୟର ପିଲା ବୋଲି କୁହାଯାଇପାରେ। ଏହା ସେମାନଙ୍କୁ ଉଚ୍ଚ ଶିକ୍ଷା, ଚାକିରି ଆଦି କ୍ଷେତ୍ରରେ ସମସ୍ୟାରେ ପକାଇପାରେ। ତେଣୁ ପରୀକ୍ଷା କୌଣସି ପରିସ୍ଥିତିରେ ବି ରଦ୍ଦ କରାଯିବ ନାହିଁ କିନ୍ତୁ ଦେଶରେ କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତା ଫେବୃୟାରୀରେ ପରୀକ୍ଷା କରାଯିବ ନାହିଁ। ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ଅଫ୍‌ଲାଇନ୍ ମୋଡ୍‌ରେ ହେବ ବୋଲି ମଧ ମନ୍ତ୍ରୀ ପୂର୍ବରୁ ସ୍ପଷ୍ଟ କରିଥିଲେ।

### ଘାଟିରୁ ୩ଶହ ଫୁଟ ତଳକୁ ଖସିଲା ଟ୍ରାକ୍ଟର

ଚିତ୍ରକୋଣ୍ଡା,୨୬।୧୨(ଡି.ଏନ୍.ଏ.): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ହାନ୍ତାଳଗୁଡା ଘାଟିରୁ ୩ଶହ ଫୁଟ ତଳକୁ ଏକ ଟ୍ରାକ୍ଟର (ଓଡି ୩୦ ବି- ୮୭୭୮) ଶନିବାର ଭାରସାମ୍ୟ ହରାଇ ଖସି ପଡିଛି। ଟ୍ରାକ୍ଟରଟି ଚାଉଳ, ରଡ୍ ବୋଝେଇକରି ଚିତ୍ରକୋଣ୍ଡାରୁ ସ୍ୱାଭିମାନ ଅଞ୍ଚଳର କୁସୁମପୁଟକୁ ଯାଉଥିଲା। ଡ୍ରାଇଭର ସମେତ ଆଉ ୩ଜଣ ଟ୍ରାକ୍ଟରରେ ଥିଲେ।

# ରାସ୍ତା ଅଧାପନ୍ତରିଆ, ଠିକାଦାରଙ୍କ ଦେଖାନାହିଁ

ଯାଜପୁର ଅଫିସ,୨୬।୧୨

ଯାଜପୁର ଜିଲା ବଡ଼ଚଣା ବ୍ଲକର ବନ୍ଧାଲୋଠାରୁ ଏଣ୍ଡରପଦା ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ୨ ବର୍ଷ ହେଲା ଅଧାପନ୍ତରିଆ କାମ କରି ସମ୍ପୃକ୍ତ ଠିକାଦାରଙ୍କ ଦେଖାନାହିଁ। ୬ ନମ୍ବର ଜାତୀୟ ରାଜପଥରରୁ ବାହାରି ପଶ୍ଚିମ ବଡ଼ଚଣାର ୧୦ଟି ପଞ୍ଚାୟତ ଦେଇ ଢେଙ୍କାନାଳ ଜିଲା ଗଁଦିଆ ବ୍ଲକକୁ ସଂଯୋଗ କରୁଥିବା ଏହି ରାସ୍ତା ଏଥିଯୋଗୁ ବିପର୍ଯ୍ୟସ୍ତ ହୋଇପଡିଛି। ଫଳରେ ୫୦ ହଜାରରୁ ଊର୍ଦ୍ଧ୍ୱ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ତୁରନ୍ତ ଏହି ରାସ୍ତା କାର୍ଯ୍ୟ ଆରମ୍ଭ ନ କଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

୧୯୮୮ରେ ଏହି ରାସ୍ତା କାର୍ଯ୍ୟ ପ୍ରଥମେ ଆରମ୍ଭ ହୋଇଥିଲା। ସେତେବେଳେ ୧୬ କି.ମି. ପାଇଁ ୨୫ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ପ୍ରଥମେ ବନ୍ଧାଲୋ-ଏଣ୍ଡରପଦା ରାସ୍ତା ଜାତୀୟ ରାଜପଥ ପ୍ରାଧିକରଣ ଅଧୀନରେ ଥିଲାବେଳେ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ସ୍ଥାନାନ୍ତର ହୋଇଥିଲା। ଏହାପରେ ରାସ୍ତାର ସାତଣ୍ଡାଠାରେ ଜମି ଅଧିଗ୍ରହଣ କରାଯାଇ ରାସ୍ତା କାର୍ଯ୍ୟ ନିର୍ମାଣ ହୋଇଥିଲା। ଏହି ରାସ୍ତାରେ ତିନୋଟି ସେତୁ କରାଯାଇଥିଲା। ପ୍ରତିବର୍ଷ ମରାମତି ନାମରେ ଲକ୍ଷାଧିକ ଟଙ୍କା ମଞ୍ଜୁର ହୋଇ ହେରଫେର ହେଉଥିବା ଅଭିଯୋଗ ସେ ସମୟରେ ହେଉଥିଲା। ୨୦୧୮ରେ ଏହି ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଥିଲା। ୨୦୧୮ ଡିସେମ୍ବର ୭ରେ ୪କୋଟି ଟଙ୍କା ମଞ୍ଜୁର କରାଯାଇ ୫.୩ କି.ମି. ପର୍ଯ୍ୟନ୍ତ ରାସ୍ତାର ସମ୍ପ୍ରସାରଣ କରିବାକୁ ଧାର୍ଯ୍ୟ ହୋଇଥିଲା। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ରାସ୍ତାକୁ ଶୁଭ ଦେଇଥିଲେ। ରାସ୍ତା କାର୍ଯ୍ୟରେ ଅନିୟମିତତା ଓ ମନ୍ଥରତା ନେଇ ରାସ୍ତା କମିଟିର କର୍ମକର୍ତ୍ତା ଗନ୍ଧର୍ବ ବିଶ୍ୱାଳ ଓ କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଥିଲେ। ଇତିମଧ୍ୟରେ ଠିକାଦାର କାମ ବନ୍ଦ କରିଦେଇଛନ୍ତି। ଏ ସମ୍ପର୍କରେ ବଡଚଣା ପୂର୍ତ୍ତ ବିଭାଗ ଏସ୍‌ଡିଓ ରୋହିତ କୁମାର ବିଶ୍ୱାଳଙ୍କୁ ପଚାରିବାରେ ସେ କହିଛନ୍ତି, ଗତ ୧ ବର୍ଷ ହେଲା ଠିକାଦାର କାମ କରୁନାହାନ୍ତି ବୋଲି ସରକାରଙ୍କୁ ଜଣାଇ ଦେଇଛୁ। ନୂଆ ଟେଣ୍ଡର ମାଧ୍ୟମରେ କାମ କରିବାକୁ ସୁପାରିସ କରିଛୁ।



### ବନ୍ଧାଲୋ-ଏଣ୍ଡରପଦା ଆନ୍ତଃ ଜିଲା ସଂଯୋଗୀକରଣ ରାସ୍ତା

# ତଦନ୍ତ କଲେ ଜିଲା ଶିଶୁ ସୁରକ୍ଷା ଅଧିକାରୀ



ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିଖୋଜ ଶିଶୁପୁତ୍ରର ପରିବାର ସହ ଆଲୋଚନା କରୁଛନ୍ତି।

ଚଣ୍ଡିଖୋଲ,୨୬।୧୨(ଡି.ଏନ.ଏ.)

### ଶିଶୁପୁତ୍ର ନିଖୋଜ ଘଟଣା

ଯାଜପୁର ଜିଲା ବଡ଼ଚଣା ଥାନା ସୁଙ୍ଗୁଡ଼ା ପଞ୍ଚାୟତ ଖୋସାଲିପୁର ନିକଟରୁ ଶିଶୁପୁତ୍ର ନିଖୋଜ ହେବା ଘଟଣାର ଶନିବାର ତଦନ୍ତ କରିଛନ୍ତି ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର। କର ଶିଶୁପୁତ୍ରର ପରିବାର ସଦସ୍ୟଙ୍କୁ ଭେଟି କେଉଁ ପରିସ୍ଥିତିରେ ଶିଶୁପୁତ୍ର ନିଖୋଜ ହେଲା ସେ ସମ୍ପର୍କରେ ପଚାରି ବୁଝିଛନ୍ତି। ଏଥିସହିତ ଅନ୍ୟ ଦିଗ ଉପରେ ସେ ଶିଶୁପୁତ୍ର ମା'ବାପାଙ୍କୁ ପଚରାଉଚରା କରିଛନ୍ତି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜୟରାମ ଶତପଥୀ ଓ ଏସଡିପିଓ ଚିନ୍ମୟ ନାୟକ ପ୍ରମୁଖ ବଡ଼ଚଣା ଆସି ଘଟଣା ସମ୍ପର୍କରେ ଅନୁଧ୍ୟାନ କରିବା ସହ ଶିଶୁପୁତ୍ରକୁ ତୁରନ୍ତ ଉଦ୍ଧାର କରିବା ପାଇଁ ବଡ଼ଚଣା ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଜାରି ରଖିଥିବା ଏସଡିପିଓ ନାୟକ ଗଣାମାଧ୍ୟମକୁ ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ, ସମ୍ପୃକ୍ତ ୪ ବର୍ଷର ଶିଶୁପୁତ୍ର ଗୁରୁବାର ସ୍ଥାନୀୟ ରେଲୱେ ଲାଇନ୍ କଡ଼ରେ ଖେଳୁଥିବାବେଳେ ନିଖୋଜ ହୋଇ ଯାଇଥିଲା। ମା'ବାପା ବହୁ ଖୋଜାଖୋଜି କରି ନିରାଶ ହେବାପରେ ଥାନାରେ ଅଭିଯୋଗ କରିଥିଲେ। ତେବେ ଶିଶୁପୁତ୍ର ମିଳି ନ ଥିବାରୁ ମା'ବାପା ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

# ଫାର୍ମହାଉସରେ ପଶିଲେ ହାତୀପଲ

ଚିତ୍ରଡ଼ା,୨୬।୧୨ (ଡି.ଏନ.ଏ)

ହାତୀ ଉପଦ୍ରବ ଥମିବାର ନାଁ ଧରୁନି। ଗୋଟେ ହାତୀପଲ ଗଲା ବେଳକୁ ଆଉ ଗୋଟେ ହାତୀପଲ ପ୍ରବେଶ କରି ଚାଷୀମାନଙ୍କୁ ବାରମ୍ବାର ହଇରାଣ କରୁଛନ୍ତି। ହାତୀପଲଙ୍କ ଯୋଗୁ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହୁଛନ୍ତି। ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଛି। ଶୁକ୍ରବାର ବିଳମ୍ବିତ ରାତିରେ ବେତନଟୀ ରେଞ୍ଜ ଅଧୀନ ଦୁର୍ଗାପୁର ପଞ୍ଚାୟତ ଦୁର୍ଗାପୁର ଗ୍ରାମର ଅବସରପ୍ରାପ୍ତ ସବ୍‌ଇନ୍ସପେକ୍ଟର ଭଗବାନ ଜେନାଙ୍କ ଫାର୍ମ ହାଉସରେ ୮ ହାତୀ ପଶି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ କରିଥିବା ଦେଖିବାକୁ ମିଳିଛି। ତାଙ୍କ ଘର ପଛ ବାଡ଼ି ପ୍ରାୟ ୭ ଏକର ଜମିରେ ଫାର୍ମ ହାଉସ ପରିସରରେ ଥିବା କଦଳୀ, ସପୁରି ଓ ଖମ୍ବା ଆଳୁ ଆଦି ଗଛ ନଷ୍ଟ କରି ଦେଇଛନ୍ତି। ଏହାଛଡ଼ା ଫାର୍ମହାଉସର ଚତୁଃପାର୍ଶ୍ୱରେ ଥିବା ତାରବାଡ଼ ଓ ୬୫ଟି ସିମେଣ୍ଟ ଖୁଣ୍ଟ ନଷ୍ଟ କରିଛନ୍ତି। ଅବସରପ୍ରାପ୍ତ ସବ୍‌ଇନ୍ସପେକ୍ଟର ଜେନା ଏ ସମ୍ପର୍କରେ ଫରେଷ୍ଟ ଅଧିକାରୀଙ୍କୁ ଜଣାଇବା ପରେ ହାତୀମାନଙ୍କୁ ଘଉଡ଼ାଇଥିଲେ ମଧ ପୁଣି ୨ ହାତୀ ଆସି ଫାର୍ମହାଉସରେ ନଷ୍ଟ କରିଥିବା ସେ କହିଛନ୍ତି।



ହାତୀପଲ ଫାର୍ମହାଉସ ପରିସରରେ ଥିବା କଦଳୀ ଗଛ ଭାଙ୍ଗି ଦେଇଛନ୍ତି।

# ହିନ୍ଦୁ ଯୁବକଙ୍କୁ ବିବାହ କଲେ ୨ ମୁସଲମାନ

ବରେଲି, ୨୬।୧୨

ଉତ୍ତରପ୍ରଦେଶର ବରେଲି ଜିଲା ହାଫିଜଗଞ୍ଜ ଅଞ୍ଚଳରେ ୨ ମୁସଲମାନ ସମ୍ପ୍ରଦାୟର ମହିଳା ହିନ୍ଦୁଧର୍ମରେ ବିବାହ କରିଛନ୍ତି। ରାଜ୍ୟରେ ପ୍ରଚଳିତ ଧର୍ମାନ୍ତରୀକରଣ ଆଇନ ଅନୁଯାୟୀ ସେମାନେ ନିଜ ଧର୍ମ ବଦଳାଇବା ପରେ ବାହାଘର ସମ୍ପନ୍ନ ହୋଇଛି। ଉଭୟ ପକ୍ଷର ପରିବାର ଲୋକଙ୍କ ଉପସ୍ଥିତିରେ ସ୍ଥାନୀୟ ଥାନାରେ କୌଣସି ମାମଲା ରୁଜୁ ନ କରି ବିବାହ ସୁରୁଖୁରୁରେ କରାଇଥିବା ପୋଲିସ କହିଛି। ୨ ଯୁବକଙ୍କ ମଧ୍ୟରୁ ଜଣଙ୍କ ନାମରେ ପୂର୍ବରୁ ବାହେଡ଼ି ଅଞ୍ଚଳରେ ଯୁବତୀଙ୍କ ପରିବାର ପକ୍ଷରୁ ଅପହରଣ ଓ ଠକେଇ ଅଭିଯୋଗରେ ଏତଲା ଦିଆଯାଇଥିଲା। ଏକ ମନ୍ଦିରରେ ବାହାଘର ହୋଇଥିବାବେଳେ କେତେଜଣ ଭାଜପା କାର୍ଯ୍ୟକର୍ତ୍ତା ଏଥିରେ ଯୋଗ ଦେଇ ସେମାନଙ୍କୁ ଆଶୀର୍ବାଦ କରିଥିଲେ।

# ମଦ ପିଇବାକୁ ଯାଇ ବୃଦ୍ଧଙ୍କ ମୃତ୍ୟୁ

ପଟ୍ଟାଙ୍ଗୀ,୨୬।୧୨(ଡି.ଏନ୍.ଏ.)

### ଗ୍ରାମବାସୀ ଆଣିଲେ ହତ୍ୟା ଅଭିଯୋଗ

କୋରାପୁଟ ଜିଲା ପଟ୍ଟାଙ୍ଗୀ ଥାନା ଅନ୍ତର୍ଗତ ରାଲେଗଡ଼ା ପଞ୍ଚାୟତର ଇତାବାଲସା ଗ୍ରାମରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ନେଇ ଗ୍ରାମବାସୀ ହତ୍ୟା ଅଭିଯୋଗ ଆଣିଛନ୍ତି। ବୁଡ଼ିଆ ଧନଙ୍କୁ ଗ୍ରାମର ବୁଡ଼ିଆ ସୋମା ନିକଟସ୍ଥ ପାହାଡ଼ରେ ରନ୍ଧା ହେଉଥିବା ଦେଶୀ ମଦ ପିଇବାକୁ ଡାକି ନେଇଥିଲେ ବୋଲି ତାଙ୍କ ସ୍ତ୍ରୀ ବୁଡିଆ ଲାଛି ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ମୁଁ ମଦ୍ୟପାନ କରି ଗ୍ରାମକୁ ଫେରିଥିଲେ ମଧ ମୋ ସ୍ୱାମୀ ନ ଫେରିବାରୁ ତାଙ୍କୁ ଖୋଜିବାକୁ ଯାଇ ତାଙ୍କ ମୃତଦେହ ପାହାଡ ତଳେ ପଡିଥିବା ଦେଖିବାକୁ ପାଇଥିଲି। ଏ ସମ୍ପର୍କରେ ସେ ଗ୍ରାମବାସୀଙ୍କୁ ଜଣାଇ ଶନିବାର ଥାନାରେ ଅଭିଯୋଗ କରିବା ପରେ ଥାନା ଅଧିକାରୀ ବିଜୟରାଜ ମାଝି ଏବଂ ଏଏସ୍‌ଆଇ ସୁବାସ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହ ଜବତକରି ବ୍ୟବଚ୍ଛେଦ ଲାଗି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ମଦ୍ୟପାନ ଯୋଗୁ ତାଙ୍କ ବାପାଙ୍କ ମୃତ୍ୟୁ ହୋଇ ନ ଥିବା ତାଙ୍କ ଝିଅ ବୁଡିଆ ସୀତାମା କହିଛନ୍ତି। ତେବେ ମଦ୍ୟପାନ କରିବାକୁ ତାଙ୍କୁ ଡାକି ନେଇଥିବା ବୁଡିଆ ସୋମା ଫେରାର ହୋଇଯାଇଛନ୍ତି। ତାଙ୍କ ଫେରାର ହେବା ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ମାଝିଙ୍କୁ ପଚାରିବାରୁ ସେ କହିଲେ ଯେ, ବ୍ୟବଚ୍ଛେଦ ସମୟରେ ମୃତ ବ୍ୟକ୍ତିଙ୍କ ପେଟରୁ ପ୍ରାୟ ୩ ଲିଟର ମଦ ବାହାରିଛି। କେସ୍ ନଂ. ୨୩/୨୦ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ଗ୍ରାମବାସୀ ସନ୍ଦେହ କରୁଥିବା ବ୍ୟକ୍ତି ଧରିବା ପଡିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ମୃତ ଧନଙ୍କ ବଡ଼ଭାଇ ବୁଡିଆ ସିତ୍ରଙ୍କ ମୃତଦେହ ଏପରି ଗତ ୮ ତଳେ ବାଇଲିପାଡୁ ଗ୍ରାମ ନିକଟରୁ ମିଳିଥିଲା।

# ମୃତ୍ୟୁ ପରେ ପରିବାର ଲୋକେ ଶରୀର ଦାନ କଲେ

କଟକ ଅଫିସ, ୨୬।୧୨

ମୃତ୍ୟୁ ପରେ ଶରୀର ଦାନ କରି ସମାଜ ପାଇଁ ଜଣେ ମହିଳା ଉଦାହରଣ ସୃଷ୍ଟି କରିଛନ୍ତି। ସେ ହେଲେ ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ କୁମାରୀ ଗ୍ରାମର ପୂର୍ବତନ ଶିକ୍ଷୟିତ୍ରୀ ଶକୁନ୍ତଳା ପଣ୍ଡା। ସେ ଓ ତାଙ୍କ ଝିଅପୁଅ ଏବଂ ବୋହୂ ମୃତ୍ୟୁ ପରେ ମେଡିକାଲ ଛାତ୍ରୀଛାତ୍ରଙ୍କ ଅଧ୍ୟୟନ ନିମନ୍ତେ ଶରୀର ଦାନ କରିବାକୁ ୫ ବର୍ଷ ପୂର୍ବେ ନିଷ୍ପତ୍ତି ନେଇଥିଲେ । ଫଳରେ ଶନିବାର ତାଙ୍କ ମୃତ୍ୟୁ ହେବା ପରେ ପରିବାର ଲୋକେ ତାଙ୍କ ମରଶରୀରକୁ ଦାନ କରିଛନ୍ତି ।

### ଶକୁନ୍ତଳାଙ୍କ ଶେଷ ଇଚ୍ଛା ପୂରଣ ହେଲା



ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଶନିବାର ସକାଳେ ଶକୁନ୍ତଳା ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଫଳରେ ଚିକିତ୍ସାଲାଗି ତାଙ୍କୁ କଟକର ଏକ ବେସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅଧିକ ଚିକିତ୍ସା ପାଇଁ ଆଉ ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯିବାବେଳେ ବାଟରେ ଅପରାହ୍ନ ୧.୩୦ ମିନିଟ୍‌ରେ ମୃତ୍ୟୁ ଘଟିଥିଲା। ଏହାପରେ ତୁରନ୍ତ ତାଙ୍କ ଆଖିର ସ୍ୱଚ୍ଛ ପଟଳିକା(କରନିଆ)କୁ ଦଧିଚି ନାମକ ଏକ ଘରୋଇ ସଂସ୍ଥାକୁ ଦାନ କରାଯାଇଥିଲା। ସବୁ ପରେ ତାଙ୍କର ଶେଷଇଚ୍ଛା ଥିଲା ମୃତ୍ୟୁ ପରେ ଶରୀରକୁ ମେଡିକାଲ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଦାନ କରିବା। ତେଣୁ ତାଙ୍କ ମରଶରୀରକୁ ଦାନ କରିବା ପାଇଁ ପରିବାର ପକ୍ଷରୁ ପ୍ରଥମେ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ କରୋନା କଟକଣା ପାଇଁ ମେଡିକାଲ କର୍ତ୍ତୃପକ୍ଷ ମନା କରିବା ପରେ ଭୁବନେଶ୍ୱରର ଏକ ବେସରକାରୀ ମେଡିକାଲ କଲେଜକୁ ମରଶରୀର ଦାନ କରାଯାଇଛି। ଶକୁନ୍ତଳାଙ୍କ ଏଭଳି ମହାନୀୟତାକୁ ସବୁ ସ୍ତରରେ ପ୍ରଶଂସା କରାଯାଇଛି।

## ପ୍ରଥମ ପୃଷ୍ଠାରୁ

### ଜଗା ଦର୍ଶନ କଲେ ...

ମୁଖ୍ୟ ବ୍ୟାରିକେଡ୍‌ରେ ପ୍ରବେଶ କରିବା ପୂର୍ବରୁ କିଓସ୍କ ପାଖରେ ପହଞ୍ଚିଥିଲେ। ସେଠାରେ ପ୍ରଥମେ ଫଟୋ ଉତ୍ତୋଳନ କରାଯିବା ସହ ଆଧାର କାର୍ଡ ଓ ଟୋକନ୍ ଯାଞ୍ଚ କରାଯାଇଥିଲା। ଆଧାରକାର୍ଡର ଏକ ଫଟୋ କପି ମଧ ପ୍ରଶାସନ ପଞ୍ଜୀକରଣ ଉଦ୍ଦେଶ୍ୟରେ ନିଜ ପାଖରେ ରଖିଥିଲା। ଏହାପରେ ମୁଖ୍ୟ ବ୍ୟାରିକେଡ୍ ମଧ ଦେଇ ସହରବାସୀ ଜଗନ୍ନାଥ ଦର୍ଶନ ପାଇଁ ଯାଇଥିଲେ। ଜଗନ୍ନାଥ ମନ୍ଦିର ପାଖରେ ପହଞ୍ଚିବାପରେ ସ୍ଥାନୀୟ ଲୋକେ ଏତେ ଭାବବିହ୍ୱଳ ହୋଇପଡ଼ିଥିଲେ ଯେ, ତାହା ସେମାନଙ୍କ କାର୍ଯ୍ୟକଳାପରେ ଦେଖିବାକୁ ମିଳିଥିଲା। ସକାଳ ୮ଟାରୁ ୮.୩୦ରେ ଦର୍ଶନ ଆରମ୍ଭ ହୋଇଥିଲା। ସିଂହଦ୍ୱାର ଭିତରକୁ ଅନୁମତି ମିଳିବା ପରେ ପ୍ରଥମ ପର୍ଯ୍ୟାୟରେ ଆସିଥିବା ଭକ୍ତମାନେ ଦୌଡ଼ାଦୌଡ଼ି ହୋଇ ମନ୍ଦିର ଭିତରକୁ ପ୍ରବେଶ କରିଥିବା ଦେଖିବାକୁ ମିଳିଥିଲା। ପ୍ରଶାସନ ଭକ୍ତଙ୍କ ଏଭଳି ବ୍ୟବହାରରେ ଅପ୍ରସ୍ତୁତ ହୋଇପଡ଼ିଥିଲେ ମଧ ଏଭଳି ପରିସ୍ଥିତି କମ୍ ସମୟ ପାଇଁ ରହିଥିଲା। ଏହାପରେ ଦର୍ଶନ ସ୍ୱାଭାବିକ ହୋଇଥିଲା। ଲୋକେ କ୍ରମାଗତ ଭାବେ ଶ୍ରୀମନ୍ଦିରରେ ପ୍ରବେଶ କରୁଥିବାବେଳେ ଉତ୍ତର ଦ୍ୱାରରେ ପ୍ରସ୍ଥାନ ମଧ ସ୍ୱାଭାବିକ ହୋଇଥିଲା। ସେହିଭଳି ପୋଲିସ ପ୍ରଶାସନ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରିଥିଲା। ୧୮ପ୍ଲାଟୁନରୁ ଅଧିକ ଫୋର୍ସ ସୁରକ୍ଷା ବ୍ୟବସ୍ଥା ଦାୟିତ୍ୱରେ ଥିବାବେଳେ ଶୃଙ୍ଖଳିତ ଭାବେ ଦର୍ଶନ ଶେଷ ହୋଇଛି। ପୁରୀ ଏସ୍‌ପି, ୨ ଜଣ ଅତିରିକ୍ତ ଏସପି, ୬ ଜଣ ଡିଏସ୍‌ପି ତତ୍ତ୍ୱାବଧାନ ଦାୟିତ୍ୱରେ ରହିଥିଲେ। ତେବେ ସକାଳ ଓ ସନ୍ଧ୍ୟା ଦର୍ଶନ ସମୟରେ ସବୁଠାରୁ ଅଧିକ ଲୋକ ହୋଇଥିବା ଦେଖିବାକୁ ମିଳିଥିଲା। ଉତ୍ତର ଦ୍ୱାର ଦେଇ ପୁରୀବାସୀ ଅବଢ଼ା ଧରି ଘରକୁ ଫେରିଥିଲେ। ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, କୋଭିଡ୍ କଟକଣା ମଧ୍ୟରେ ପ୍ରଶାସନ ଦର୍ଶନକୁ ସରଳ କରିବା ପାଇଁ ସବୁ ପ୍ରକାର ପ୍ରଚେଷ୍ଟା କରିଛି। ପ୍ରଥମ ଦିନରେ ସାଧାରଣ ଲୋକଙ୍କୁ ନେଇ କୌଣସି ବଡ଼ ଧରଣର ଅବ୍ୟବସ୍ଥା ସାମ୍ନାକୁ ଆସିନାହିଁ। ପ୍ରଶାସନ ସୁରୁଖୁରୁରେ କାର୍ଯ୍ୟ ସମ୍ପାଦନ କରିଛି। କିଓସ୍କରେ ଫଟୋ ଉଠା ଓ ନାମ ପଞ୍ଜୀକରଣ, ସାମାଜିକ ଦୂରତା ରକ୍ଷା କରି ଦର୍ଶନ, ମନ୍ଦିର ଭିତରେ ଶୃଙ୍ଖଳିତ ଦର୍ଶନ ଓ ଟ୍ରାଫିକ ବ୍ୟବସ୍ଥାର ସୁପରିଚାଳନା ଭଳି ଦିଗରେ ପ୍ରଶାସନ ଯଥାସମ୍ଭବ ପ୍ରୟାସ କରିଛି। ପରୀକ୍ଷାମୂଳକ ଭାବେ ଏହି ଦର୍ଶନ ଚାଲୁ ରହିଛି। ଆଗାମୀ ଦିନରେ ପ୍ରତିଦିନ ଦର୍ଶନ ବ୍ୟବସ୍ଥାରେ ଯେପରି କୌଣସି ତ୍ରୁଟି ନ ରହିବ, ସେନେଇ ଜିଲା ପ୍ରଶାସନ ତତ୍ପର ରହିଛି ବୋଲି ଜିଲାପାଳ ସିଂ କହିଛନ୍ତି। ସେହିଭଳି ସେବାୟତଙ୍କଠାରୁ ଯେଉଁ ସହଯୋଗ ଆଶା କରିଥିଲୁ ତାହାଠାରୁ ଅଧିକ ସହଯୋଗ ଆମକୁ ମିଳିଛି। ପ୍ରତିହାରୀ ନିଯୋଗର ସେବାୟତମାନେ ଅତି ଶୃଙ୍ଖଳିତ ଭାବେ ପ୍ରଶାସନକୁ ସହଯୋଗ କରିଛନ୍ତି ବୋଲି ଜିଲାପାଳ କହିଛନ୍ତି। ପ୍ରକାଶ ଯେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ କେବଳ ପୁରୀବାସୀ ଜଗନ୍ନାଥଙ୍କ ଦର୍ଶନ ସୁବିଧା ପାଇବେ। ୩ତାରିଖରୁ ସର୍ବସାଧାରଣ ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ।

# ବନ୍ଦ କୋଠରିରୁ ମହିଳାଙ୍କ ମୃତଦେହ ଜବତ

ସାଲେପୁର, ୨୬।୧୨(ଡି.ଏନ୍.ଏ)

କଟକ ଜିଲା ସାଲେପୁର ଥାନା ଅନ୍ତର୍ଗତ ବାଲିସାହି ପଞ୍ଚାୟତର କଣ୍ଟାନାଳ କେନାଲ୍ କୂଳସ୍ଥିତ ଏକ ବନ୍ଦ କୋଠରିରୁ ଜଣେ ମହିଳାଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଅବସରପ୍ରାପ୍ତ ଇଞ୍ଜିନିୟର ଅଶୋକ କୁମାର ପରିଡ଼ାଙ୍କ ସ୍ତ୍ରୀ ମୀନାକ୍ଷୀ ପରିଡ଼ା(୫୮)। ଏନେଇ ଥାନାରେ ଅଶୋକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ଅପମୃତ୍ୟୁ ମାମଲା (ନଂ.୩୬/୨୦) ରୁଜୁ କରାଯାଇଛି। ଅଭିଯୋଗ ଅନୁଯାୟୀ, ଅଶୋକ ଅବସର ନେବା ପରେ କେନାଲ୍ କୂଳରେ ୩ ମହଲା ଘର କରି ସ୍ତ୍ରୀ ଓ ପିଲାଙ୍କ ସହ ରହୁଥିଲେ। ମାତ୍ର ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ମୀନାକ୍ଷୀ ଏହି ଘରର ୩ୟ ମହଲାରେ ଏକୁଟିଆ ରହୁଥିଲେ। ୧୫ ଦିନ ପୂର୍ବେ ତାଙ୍କ ପୁଅର ବିବାହ ହୋଇଥିଲା। ଏହାପରେ ପୁଅ ଓ ବୋହୂ ଭୁବନେଶ୍ୱରରେ ରହୁଥିଲେ। ଶନିବାର ସକାଳେ ସ୍ତ୍ରୀଙ୍କ କୋଠରିକୁ ଅଶୋକ ଯାଇଥିଲେ। କବାଟ ଭିତରପଟୁ ବନ୍ଦ ଥିବା ଦେଖି ଅଶୋକ ବହୁ ସମୟ ଧରି ଡାକିଥିଲେ। ମାତ୍ର କବାଟ ନ ଖୋଲିବାରୁ ସେ ପୁଅକୁ ଜଣାଇବା ସହ ପୋଲିସରେ ଖବର ଦେଇଥିଲେ। ପୋଲିସ ଅଧିକାରୀ ସଂଯୁକ୍ତା ଖିଲାର ଓ ସୁବାସ ଚନ୍ଦ୍ର ଉଦୟ ଭାନୁ ଘଟଣାସ୍ଥଳରେ ପହଞ୍ଚି କବାଟ ଖୋଲିଥିଲେ। ଏହି ସମୟରେ ସେମାନେ ମୀନାକ୍ଷୀଙ୍କୁ ରକ୍ତ ଜୁଡୁବୁଡୁ ହୋଇ ମୃତ ଅବସ୍ଥାରେ ପାଇଥିଲେ। ପୋଲିସ ସେଠାରୁ ମୃତଦେହ ସହ ଏକ ଡାଏରୀରୁ ୭ ପୃଷ୍ଠା ବିଶିଷ୍ଟ ସୁଇସାଇଡ୍ ନୋଟ୍ ଜବତ କରିଛି। ଏହାପରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଯାଇଛି।

# ଗୋବରୀ ନଦୀରେ ଭାସୁଛନ୍ତି ମଲା ମାଛ

ଚଣ୍ଡିଖୋଲ,୨୬।୧୨(ଡି.ଏନ.ଏ.)

କଟକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାଦେଇ ପ୍ରାବହିତ ହୋଇଛି ଗୋବରୀ ନଦୀ। ଏହି ନଦୀ ତିନିଟି ଜିଲାର ଜୀବନରେଖା ହୋଇଥିବାବେଳେ ଲକ୍ଷାଧିକ ଜନସାଧାରଣ ଏହା ଉପରେ ନିର୍ଭର କରିଥାନ୍ତି। ତେବେ ଏହି ନଦୀରୁ ମାଛ ଧରିବା ପାଇଁ କେତେଜଣ ଦୁର୍ବୃତ୍ତ ବିଷ ପକାଉଥିବାରୁ ଜଳ ଦୂଷିତ ହେବାସହ ମାଛ ମରି ଭାସୁଛନ୍ତି। ନଦୀଜଳକୁ ପଶୁପକ୍ଷୀଠାରୁ ଆରମ୍ଭ କରି ମଣିଷ ପର୍ଯ୍ୟନ୍ତ ବ୍ୟବହାର କରୁଥିବାରୁ ତାହା ବର୍ତ୍ତମାନ ବିପଦ ଯୁକ୍ତ ହୋଇଯାଇଛି। କିଛିଦିନ ହେବ ଓଳାଶୁଣୀ ପାହାଡ଼ ପାଦଦେଶ ଦେଇ ପ୍ରବାହିତ ହୋଇଥିବା ଗୋବରୀ ନଦୀ ମଧ୍ୟରେ ବଡ଼ବଡ଼ ମାଛ ମରି ଭାସୁଥିବା ଦେଖିବାକୁ ମିଳୁଛି। ଏକ କିଲୋରୁ ଆରମ୍ଭ କରି ୫ କିଲୋ ପର୍ଯ୍ୟନ୍ତ ବିଭିନ୍ନ ପ୍ରଜାତିର ମାଛ ନଦୀ ଜଳରେ ମରିଭାସୁଥିବା ଦେଖାଯାଇଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ଦୁର୍ବୃତ୍ତ ନଦୀ ଜଳରେ ବିଷ ପକାଇବା ହେତୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ନଦୀରେ ଗାଧୋଉଥିବା ଲୋକଙ୍କ ଦେହ ହାତ କୁଣ୍ଡାଇ ହେଉଛି। ଗୃହପାଳିତ ପଶୁଙ୍କଠାରେ ବିଭିନ୍ନ ପ୍ରକାର ରୋଗ ଦେଖାଯାଉଛି। ତେଣୁ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ଡ୍ରେନେଜ୍ ବିଭାଗ ସହକାରୀ ଯନ୍ତ୍ରୀ ପ୍ରିୟରଞ୍ଜନ ବେହେରା କହିଛନ୍ତି, ନଦୀର ଖନନ ଓ ସୁରକ୍ଷା ପ୍ରତି ଆମେ ଧ୍ୟାନ ଦେଉଛୁ। ମାଛ ଧରା ସମ୍ପର୍କରେ ଆମ ନିକଟରେ କୌଣସି ଖବର ନାହିଁ।



### ମାଛ ଧରିବାକୁ ବିଷ ପକାଉଛନ୍ତି ଦୁର୍ବୃତ୍ତ

# ଗଛରେ ପିଟି ହେଲା ବାଇକ୍ : ଜଣେ ମୃତ

ନରସିଂହପୁର,୨୬।୧୨(ସ୍ୱ.ପ୍ର.)

ନରସିଂହପୁର ବ୍ଲକ ଅଧୀନ ଶରଧାପୁର ଗ୍ରାମ ନିକଟ ରାସ୍ତା କଡ଼ରେ ଥିବା ଗୋଟିଏ ଚାକୁଣ୍ଡା ଗଛରେ ଶନିବାର ଏକ ବାଇକ୍ ଧକ୍କା ହୋଇ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ନୂଆଗାଁର ଗଣେଶ ସାହୁ(୨୫)। ଗୁରତର ଜଣକ ଉକ୍ତ ଗ୍ରାମର ପ୍ରଶାନ୍ତ ସାହୁ (୨୫)। ଉଭୟ ଏକ ବାଇକ୍‌ରେ ଘରକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନରସିଂହପୁର ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ଗଣେଶଙ୍କୁ ମୃତ ଘୋଷଣା କରିଥିଲେ। ଏଥିସହ ପ୍ରଶାନ୍ତଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ଡାକ୍ତରଖାନା ପଠାଇଦିଆଯାଇଛି। ଖବରପାଇ ନରସିଂହପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ହେମଦସ୍ତାରେ ପିଟି ଆଈଙ୍କୁ ହତ୍ୟାକଲେ ନାତୁଣୀ

ଭଣ୍ଡାରିପୋଖରୀ, ୨୬।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ନପଙ୍ଗ ଗ୍ରାମରେ ଶୁକ୍ରବାର ରାତିରେ ନାତୁଣୀର ହେମଦସ୍ତା ମାଡ଼ରେ ଆଈଙ୍କ ମୃତ୍ୟୁ ଘଟିଛି। ଗ୍ରାମର ଶଶୀ ଦାସ ନାମ୍ନୀ ବୃଦ୍ଧାଙ୍କ ମୁଣ୍ଡକୁ ୧୬ ବର୍ଷୀୟା ନାତୁଣୀ ଏକ ହେମଦସ୍ତାରେ ଆଘାତ ଦେବାରୁ ତାଙ୍କର ମୃତ୍ୟୁ ହୋଇଥିବା ବୋହୂ ପୂଜାରାଣୀ ଦାସ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ଏକ ହତ୍ୟା ମାମଲା (ନଂ.୨୬୬/୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲା।

ପୋଲିସ ସୂଚନା ଅନୁଯାୟୀ, ସମ୍ପୃକ୍ତ ନାବାଳିକାଙ୍କ ଘର କେନ୍ଦ୍ରାପଡ଼ା ଜିଲା ପୁରସ୍ତମପୁର ଗ୍ରାମରେ। ସେ ପ୍ରାୟ ମାସେ ହେଲା ନପଙ୍ଗ ଗ୍ରାମରେ ଆଈ ଶଶୀଙ୍କ ଘରେ ରହୁଥିଲେ। ସେ ମାନସିକ ଅନଗ୍ରସର ଥିବା ଯୋଗୁ ଆଈଙ୍କ ସହ ସବୁବେଳେ ପାଟିଗୋଳ କରୁଥିଲେ। ଶୁକ୍ରବାର ରାତିରେ ଶଶୀଙ୍କ ମୁଣ୍ଡକୁ ପିଟିଦେବା ପରେ ଦାଣ୍ଡରେ ଆସି ଚିତ୍କାର କରି କାନ୍ଦିଥିଲେ। ଗ୍ରାମବାସୀ କାନ୍ଦ ଶୁଣି ଦୌଡ଼ି ଆସି ଶଶୀଙ୍କ ମୃତ୍ୟୁ ଘଟିଥିବା ଦେଖିଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ରାତିରେ ଜଣାଇବା ପରେ ଭାରପ୍ରାପ୍ତ ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ, ଏଏସ୍‌ଆଇ ଅନୁରାଗ ମହାନ୍ତି ଓ ପୋଲିସ କର୍ମଚାରୀ ସେଠାରେ ପହଞ୍ଚି ନାବାଳିକାଙ୍କୁ ଥାନାକୁ ନେଇଯିବା ସହ ଉକ୍ତ ଗ୍ରାମରେ ପୋଲିସ ଜଗାଇଥିଲେ। ଶନିବାର ସକାଳେ ସାଇଣ୍ଟିଫିକ ଟିମ୍, ଭଦ୍ରକ ସଦର ଏସ୍‌ଡିପିଓ ସାର୍ଥକ ରାୟ ଏବଂ ପୋଲିସ ପହଞ୍ଚି ତଦନ୍ତ କରିଥିଲେ। ସମ୍ପୃକ୍ତ ନାବାଳିକା ହେମଦସ୍ତା ପୁଆରେ ଆଈ ମୁଣ୍ଡକୁ ପିଟି ମାରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ପୋଲିସ ହେମଦସ୍ତା ପୁଆକୁ ଜବତ କରିଥିବା ବେଳେ ଅପରାହ୍ନରେ ନାବାଳିକାଙ୍କୁ ଭଦ୍ରକ କୋର୍ଟରେ ହାଜର କରାଇଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ଇଞ୍ଜିନିୟରିଂ ଛାତ୍ର ମୃତ

ନିମାପଡ଼ା,୨୬।୧୨(ଡି.ଏନ୍.ଏ.)- ବଡ଼ଦିନ ଅବସରରେ କୋଣାର୍କ ବୁଲିବା ପାଇଁ ଯାଇଥିବା ୩ ଇଞ୍ଜିନିୟରିଂ ଛାତ୍ର ରାତିରେ ଭୁବନେଶ୍ୱର ଫେରୁଥିବାବେଳେ ନିମାପଡ଼ା-ପିପିଲି ରାସ୍ତାର ଏକମୋକୋଣା ଛକ ନିକଟରେ ଭାରସାମ୍ୟ ହରାଇ ପୋଲ ତଳକୁ ଖସିପଡ଼ିଯିବାରୁ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତ ହେଲେ ଛତିଶଗଡ଼ ରାଜ୍ୟର ଜୟଦୀପ ଇକ୍‌ବାଲ ଖାଁନ। ଆହତହ୍ୱୟ ହେଲେ ବିହାର ଅଞ୍ଚଳର ଅଭିନବ ଦେଶାଇ ଓ ସମ୍ବଲପୁରର ଧୀରେନ ପ୍ରଧାନ। ୩ଜଣ ଭୁବନେଶ୍ୱରରେ ରହି ପାଠ ପଢୁଥିଲେ। ସ୍ଥାନୀୟ ଲୋକେ ୩ଜଣଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ମେଡିକାଲରେ ଜୟଦୀପଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୨ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲ ପଠାଇ ଦିଆଯାଇଛି। ଖବରପାଇ ପୋଲିସ ଡାକ୍ତରଖାନାରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲ ପଠାଇଛି। ପରେ ପୋଲିସ ଦୁର୍ଘଟଣାସ୍ଥଳରୁ ବାଇକ୍ ଜବତ କରିବା ସହ ଏ ନେଇ ଏକ ମାମଲା(ନଂ.୩୧୫/୨୦) ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ମୃତ ଛାତ୍ରଙ୍କ ଭିଣୋଇ ଝାଡ଼ଖଣ୍ଡ ଜାମସେଦପୁର ଅଞ୍ଚଳର ମାହାଦ ଖାନ ଶନିବାର ଦୁର୍ଘଟଣା ସମ୍ପର୍କରେ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି।

### ଧାନମଣ୍ଡିରେ ଅସୁବିଧା ଦୂର ପାଇଁ ଦାବି

କଟକ ସଦର,୨୬।୧୨(ଡି.ଏନ୍.ଏ.): କଟକ ଜିଲାର ସମସ୍ତ ଚାଷୀଙ୍କୁ ପଞ୍ଜୀକୃତ କରି ଧାନବିକ୍ରିର ସୁଯୋଗ ଦେବା ପାଇଁ ଆଞ୍ଚଳିକ ବିକାଶ ପରିଷଦ, ଓଡ଼ିଶାର କର୍ମକର୍ତ୍ତାମାନେ ଦାବି କରିଛନ୍ତି। କଟକ ସଦର ଥାନା ଅଧୀନ କୁରାଙ୍ଗଶାସନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପରିଷଦର ସଭାପତି କେଦାର ନାଥ ଜେନା ଓ ଆଇନଜୀବୀ କୃଷ୍ଣଚନ୍ଦ୍ର ମଲ୍ଲିକ ୭ ଦଫା ଦାବି ସମ୍ପର୍କରେ ସୂଚନା ଦେଇ କଟକ ଜିଲା ପ୍ରଶାସନ ହସ୍ତକ୍ଷେପ କରିବାକୁ ଦାବି କରିଥିଲେ। ମଣ୍ଡିରେ ଜରିଆଖା ଗ୍ରହଣ କରିବା, ମିଲର ସଂଖ୍ୟା ବୃଦ୍ଧି, ମଣ୍ଡିରେ ମାସ୍କ ଓ ସାନିଟାଇଜର ଯୋଗାଇବା, ବେପାରୀମାନଙ୍କ ଧାନ ଗ୍ରହଣ ନ କରିବା, ଅଖା ବାବଦକୁ ୨୦ ଟଙ୍କା ଲେଖାଏ ଦେବା ଭଳି ଦାବି ରହିଛି। ଆସନ୍ତା ସୋମବାର ବିକାଶ ପରିଷଦର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେବା ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ସମ୍ମିଳନୀରେ କଳ୍ପତରୁ ଖୁଣ୍ଟିଆ, ହେମନ୍ତ ପ୍ରଧାନ, ନିମାଇଁ ରାଉତରାୟ ଓ ତପନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ୨୧ କେଜି ଗଞ୍ଜେଇ ଜବତ, ୨ ଗିରଫ

ଭୁବନେଶ୍ୱର,୨୬।୧୨(ବ୍ୟୁରୋ): ଖଣ୍ଡଗିରି ଥାନା ପୋଲିସ ଶନିବାର ୨୧ କେଜି ଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବିହାରର ବୀରେନ୍ଦ୍ର ପ୍ରସାଦ ସିଂହ ଓ ରାଧେଶ୍ୟାମ ଝା। ପୋଲିସ ଏକ ମାମଲା (ନଂ.୮୭୨/୨୦) ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି। ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧ଟାଏ ୪୫ ରେ ଅଭିଯୁକ୍ତ ଦ୍ୱୟ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଟାଟା ମୋଟର୍ସ ନିକଟରେ ଏକ ବଡ଼ ବସ୍ତାରେ କିଛି ଧରି ଛିଡା ହୋଇଥିଲେ। ଖବର ପାଇ ପୋଲିସ ଉକ୍ତ ସ୍ଥାନରେ କରି ଉଭୟଙ୍କୁ କାବୁ କରିଥିଲା।

# ୨୨୯ ଆତ୍ମହତ୍ୟା, ୪୦ ହତ୍ୟା

ଭୁବନେଶ୍ୱର,୨୬।୧୨(ବ୍ୟୁରୋ) :

**ଭୁବନେଶ୍ୱର କମିଶନରେଟ୍ ପୋଲିସର ବାର୍ଷିକ ଅପରାଧ ସମୀକ୍ଷା**

- ୧୫ହଜାରରୁ ଉର୍ଦ୍ଧ୍ୱ ମାମଲା ପଡ଼ି ରହିଛି
- ରାହାଜାନି ରୋକିବାରେ ପୋଲିସ ବିଫଳ
- ୧୬ଜଣ ଏନ୍‌ଏସ୍‌ଏରେ ବୁକ୍
- ୧୦୦କୁ ଡାଏଲ୍ କରିଛନ୍ତି ୮ ଲକ୍ଷ ଲୋକେ

ଚଳିତ ବର୍ଷ ଭୁବନେଶ୍ୱର କମିଶନରେଟ୍ ପୋଲିସ ଅଞ୍ଚଳରେ ବଢ଼ିଛି ଅପରାଧ। ବିଶେଷକରି ବିଗତବର୍ଷଠାରୁ ସହରର ବିଭିନ୍ନ ଥାନାରେ ସର୍ବାଧିକ ରାହାଜାନି, ଆତ୍ମହତ୍ୟା ଓ ହତ୍ୟା ମାମଲା ରୁଜୁ ହୋଇଛି। ୨୦୨୦ରେ ଘଟିଥିବା ଅପରାଧର ଫାଇଲ ଓଲଟାଇଛି କମିଶନରେଟ୍ ପୋଲିସ। ନଭେମ୍ବର ସୁଦ୍ଧା କେଉଁ ଥାନାରେ କେତେ ମାମଲା ରୁଜୁ ହୋଇଛି, କେତେଜଣଙ୍କୁ ଗିରଫ କରାଯାଇଛି ଓ କେତୋଟି ମାମଲାର ଚାର୍ଜଶିଟ୍ ଦାଖଲ ହୋଇଛି ସେ ସବୁର ସମୀକ୍ଷା କରିଛନ୍ତି ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ। ଶନିବାର ଏୟାରଫିଲ୍ଡ ଥାନା ପରିସରରେ ଅନୁଷ୍ଠିତ ଅପରାଧ ସମୀକ୍ଷା ବୈଠକରେ ଡିସିପି ଏହି ସୂଚନା ଦେଇଛନ୍ତି। ତେବେ କମିଶନରେଟ୍ ପୋଲିସର ବିଭିନ୍ନ ଥାନାରେ ୧୫ହଜାରରୁ ଅଧିକ ମାମଲା ପଡ଼ିରହିଥିବାବେଳେ ଏହାର ଦ୍ରୁତ ସମାଧାନ ନିମନ୍ତେ ଡିସିପି ସମସ୍ତ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରିପୋର୍ଟ ଅନୁଯାୟୀ, ଚଳିତବର୍ଷ କରୋନା ପାଇଁ ସହରରେ ସଡ଼କ ଦୁର୍ଘଟଣା ହାର କମିଛି। ଗତବର୍ଷ ସହରରେ ୬୫୦ ଦୁର୍ଘଟଣା ଘଟିଥିବାବେଳେ ଚଳିତବର୍ଷ ୪୫୨ ଦୁର୍ଘଟଣା ହୋଇଛି। ହେଲେ ରାହାଜାନି ଭଳି ଅପରାଧ ରୋକିବାରେ କମିଶନରେଟ୍ ପୋଲିସ ବିଫଳ ହୋଇଛି। ଗତ ୪ବର୍ଷରେ ୨୦୨୦ରେ ରାହାଜାନି ମାମଲା ସର୍ବାଧିକ। ଗତବର୍ଷ ସହରରେ ୨୬୬ଟି ରାହାଜାନି ମାମଲା ରୁଜୁ ହୋଇଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ୩୩୦ରେ ପହଞ୍ଚିଛି। ସେହିପରି ସର୍ବାଧିକ ୨୨୯ଜଣ ଆତ୍ମହତ୍ୟା କରିଛନ୍ତି। ସେହିଭଳି ୪୦ ହତ୍ୟା ମାମଲା ରୁଜୁ ହୋଇଛି। ଡକାୟତି ନେଇ ୩୨ଟି ମାମଲା, ସିନ୍ଧିଚୋରି ୩୧୯, ଚୋରି ୧୬୮୪, ଠକେଇ ୪୪୦, ଦଙ୍ଗା ୫୯, ବଳାତ୍କାର ୧୦୬ ଓ ଅନ୍ୟାନ୍ୟ ଅପରାଧ ନେଇ ୩୪୬୦ଟି ମାମଲା ରୁଜୁ ହୋଇଛି। ବିଗତ ବର୍ଷ ତୁଳନାରେ ବଳାତ୍କାର ମାମଲାରେ ହ୍ରାସ ଘଟିଛି। ସମୁଦାୟ ୬୯୨୨ଟି ମାମଲା ରୁଜୁ ହୋଇଥିବାବେଳେ ୩୧୦୧ ଜଣଙ୍କୁ ଗିରଫ କରାଯାଇଛି। ସେହିପରି କମିଶନରେଟ୍ ପୋଲିସ ଗତ ୫ବର୍ଷରେ ମାତ୍ର ୨ଜଣଙ୍କୁ ଜାତୀୟ ନିରାପତ୍ତା ଆଇନ (ଏନ୍‌ଏସ୍‌ଏରେ) ବୁକ୍ କରିଥିବାବେଳେ ଚଳିତବର୍ଷ ୧୬ ଜଣଙ୍କୁ ବୁକ୍ କରିଛି। 'ଦାଦାବଟିକୁ ନା' ଅଭିଯାନ ଯୋଗୁ କମିଶନରେଟ୍ ପୋଲିସକୁ ଏହି ସଫଳତା ମିଳିଛି। ଏଥର ୧୭୦ଜଣ ଅଭ୍ୟାସଗତ ଅପରାଧୀଙ୍କୁ ପୋଲିସ ୧୧୦ ସିଆର୍‌ପିସିରେ ବୁକ୍ କରି ଜେଲ ପଠାଇଛି। ଅନ୍ୟପକ୍ଷରେ ୨୬୦ ଅବକାରୀ ମାମଲାରେ ୨୫୩୫ ଲିଟର ବିଦେଶୀ ମଦ ଜବତ ହୋଇଥିବାବେଳେ ୨୧୮୭ଲିଟର ଦେଶୀ ମଦ ଜବତ ହୋଇଛି। ଏହି ଘଟଣାରେ ପୋଲିସ ୨୬୫ଜଣଙ୍କୁ ଗିରଫ କରିଛି। ଗଞ୍ଜେଇ ଓ ବ୍ରାଉନ୍‌ସୁଗାର କାରବାର ନେଇ ପୋଲିସ ୯୪ଟି ମାମଲା ରୁଜୁ କରିଥିବାବେଳେ ୮୫ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସହରାଞ୍ଚଳ ଅର୍ବାନ ପୋଲିସ ଆକ୍ଟ ଉଲ୍ଲଂଘନ କରି ୧ଲକ୍ଷ ୪୧ହଜାର ୫୧୬ଜଣ ଓ ନୂଆ ମୋଟର ଯାନ ଆଇନ ଖିଲାପ କରି ୩୪ ହଜାର ୪୮୧ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଛି।

ସେହିପରି ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ନେଇ ୯ ମାମଲା ରୁଜୁ ହୋଇଥିବାବେଳେ ୨୧ଜଣଙ୍କୁ ଗିରଫ କରାଯାଇଛି। ଚଳିତବର୍ଷ ଅନୈତିକ ଚାଲାଣ ନିବାରଣ ଆଇନରେ ପୋଲିସ ପକ୍ଷରୁ କୌଣସି ମାମଲା ରୁଜୁ ହୋଇନାହିଁ କି କାହାକୁ ଗିରଫ କରାଯାଇନାହିଁ। ପୂର୍ବବର୍ଷ ଆଇଟିପି ଆକ୍ଟରେ କମିଶନରେଟ୍ ପୋଲିସ ୧୦ଜଣଙ୍କୁ ଗିରଫ କରିଥିଲା ଓ ଏଥିରେ ୧୨ଜଣ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା।

# ଆଜିଠୁ ୬ଦିନ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିବେ ନର୍ସ

ଭୁବନେଶ୍ୱର, ୨୬।୧୨(ବ୍ୟୁରୋ)

**୨ରୁ ୪ ଟୋକନ ଷ୍ଟ୍ରାଇକ**

ସ୍ୱାସ୍ଥ୍ୟସେବା ଭଳି ଏକ ଅତ୍ୟାବଶ୍ୟକ କ୍ଷେତ୍ରରେ ନିୟୋଜିତ ନର୍ସମାନେ ଚାକିରିଜନିତ କେତେକ ଅସଙ୍ଗତି ଯୋଗୁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ରବିବାରଠାରୁ ୧ ତାରିଖ ପର୍ଯ୍ୟନ୍ତ ୬ ଦିନ ବ୍ୟାପୀ ରାଜ୍ୟର ସମସ୍ତ ନର୍ସିଂ କର୍ମଚାରୀ କଳାବ୍ୟାଜ୍ ପରିଧାନ କରିବେ। ସେହିପରି ୨ରୁ ୪ ତାରିଖ ପର୍ଯ୍ୟନ୍ତ ରୋଗୀ ସେବାରେ ଅବହେଳା ନ କରି ରାଜ୍ୟର ସମସ୍ତ ମେଡ଼ିକାଲ କଲେଜ ଓ ଡାକ୍ତରଖାନା ସମ୍ମୁଖରେ ପ୍ରତିବାଦ ସ୍ୱରୂପ ଟୋକନ ଷ୍ଟ୍ରାଇକ୍ କରିବେ ବୋଲି ଅଲ୍ ଓଡ଼ିଶା ନର୍ସିଂ ଏମ୍ପ୍ଲୋଇଜ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆସୋସିଏଶନର ସାଧାରଣ ସମ୍ପାଦିକା ପ୍ରଭାତୀ ମହାନ୍ତି କହିଛନ୍ତି, ନର୍ସମାନେ କରୋନାଠାରୁ ଆରମ୍ଭ କରି ସବୁ ସମୟରେ ଜୀବନକୁ ବାଜି ଲଗାଇ ଲୋକଙ୍କ ସେବା ସୁଶ୍ରୁଷା କରିଥାନ୍ତି। କିନ୍ତୁ ସେମାନଙ୍କ ସମସ୍ୟା ସରକାର ବୁଝନ୍ତି ନାହିଁ। ମୂଳ ଦରମା ସଂଶୋଧନଠାରୁ ଆରମ୍ଭ କରି ଠିକା ନିଯୁକ୍ତିକୁ ମିଶାଇ ୧୦ ବର୍ଷର ଏମ୍‌ଏସିପି ପ୍ରଦାନ, ନର୍ସିଂ ସ୍କିମ୍‌ରେ ଚାକିରି କରୁଥିବା ଆର୍‌ବିଏସ୍‌କେ ଷ୍ଟାଫ୍ ନର୍ସଙ୍କୁ ସ୍ଥାୟୀ ନିଯୁକ୍ତି ସହ ଅନ୍ୟାନ୍ୟ ସୁବିଧା ପ୍ରଦାନ ଓ ଓପିଏସ୍‌ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଠିକା କର୍ମଚାରୀ ଭାବେ ନିଯୁକ୍ତି ପାଉଥିବା ନର୍ସମାନଙ୍କୁ ଏଣିକି ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ଆଦି ଦାବି ନେଇ ଏହି ଆନ୍ଦୋଳନ କରାଯିବ। ଏହାସତ୍ତ୍ୱେ ସରକାର ଯଦି ସମସ୍ୟାର ସମାଧାନ ନ କରନ୍ତି ତା'ହେଲେ ପରବର୍ତ୍ତୀ ପଦକ୍ଷେପ ନେବାକୁ ବାଧ ହେବୁ ବୋଲି ମହାନ୍ତି ଚେତାବନୀ ଦେଇଛନ୍ତି। ସମ୍ମିଳନୀରେ ଆସୋସିଏଶନ ସଭାପତି ପ୍ରତିଭା ସାମନ୍ତରାୟ, କାର୍ଯ୍ୟନିର୍ବାହୀ ସଦସ୍ୟା ଲକ୍ଷ୍ମୀପ୍ରିୟା ଜେନା, ମାଳତି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରୀତି ପ୍ରିୟଙ୍କା 'ମିସ୍ ଇଣ୍ଡିଆ ନୟନତାରା ୱାର୍ଲଡ'

ଭୁବନେଶ୍ୱର,୨୬।୧୨(ବ୍ୟୁରୋ)

ବୟସର ରୋକ୍ ନାହିଁ କି ବର୍ଣ୍ଣକୁ ଗୁରୁତ୍ୱ ନାହିଁ। ଲିଙ୍ଗଗତ ଭେଦଭାବ ବି ଏଠାରେ ନାହିଁ। ପ୍ରଥମଥର ପାଇଁ ଓଡ଼ିଶା ମାଟିରୁ ଆରମ୍ଭ ହୋଇଛି ଏଭଳି ଏକ ସୌନ୍ଦର୍ଯ୍ୟ ପ୍ରତିଯୋଗିତା। ରୂପ, ରଙ୍ଗର ସୌନ୍ଦର୍ଯ୍ୟରୁ ଊର୍ଦ୍ଧ୍ୱକୁ ଯାଇ ବୌଦ୍ଧିକ ସୌନ୍ଦର୍ଯ୍ୟକୁ ମାପକାଠି ଭାବେ ବିଚାର କରି ଏସ୍‌ଜେ ପ୍ରଡକ୍ସନ ହାଉସ୍ ପକ୍ଷରୁ ପ୍ରଥମଥର ଆରମ୍ଭ ହୋଇଛି ଅନ୍ତର୍ଜାତୀୟସ୍ତରୀୟ ବିୟୁଟି ପ୍ୟାଜେଣ୍ଟ 'ମିସ୍ ଇଣ୍ଡିଆ ନୟନତାରା ୨୦୨୦'। ଶନିବାର ଅନୁଷ୍ଠିତ ଗ୍ରାଣ୍ଡ ଫିନାଲେରେ ଓଡ଼ିଶାର ପ୍ରୀତି ପ୍ରିୟଙ୍କା 'ମିସ୍ ଇଣ୍ଡିଆ ନୟନତାରା ୱାର୍ଲଡ' ଟାଇଟଲ୍ ପିନ୍ଧିଥିବାବେଳେ ପ୍ରଥମ ରନର୍ସଅପ୍ ସୂଚନା ସ୍ୱସ୍ତିକା 'ମିସ୍ ଇଣ୍ଡିଆ ନୟନତାରା ୟୁନାଇଟେଡ୍ କଣ୍ଟିନେଣ୍ଟାଲ' ଏବଂ ଦ୍ୱିତୀୟ ରନର୍ସଅପ୍ ପ୍ରିୟଦର୍ଶିନୀ ସିଂ 'ମିସ୍ ଇଣ୍ଡିଆ ନୟନତାରା ଏସିଆ ପାସିଫିକ୍' ଟାଇଟଲ୍ ଜିତିଛନ୍ତି।

ସର୍ବଭାରତୀୟସ୍ତରରୁ ପ୍ରାୟ ୫୦୦ ପ୍ରତିଯୋଗୀ ଆବେଦନ କରିଥିବାବେଳେ ଶ୍ରେଷ୍ଠ ୫୦ଜଣଙ୍କୁ ନେଇ ପ୍ରତିଯୋଗିତା କରାଯାଇଥିଲା। ୪ମାସ ଧରି ବିଭିନ୍ନ ସ୍ତରରେ ଭର୍ଚୁଆଲ ପ୍ରତିଯୋଗିତା କରାଯାଇ ଟପ୍-୧୦ ପ୍ରତିଯୋଗୀଙ୍କୁ ବଛାଯିବା ପରେ ସେମାନଙ୍କୁ ନେଇ ଅଫ୍‌ଲାଇନ୍‌ରେ ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହୋଇଥିଲା। ପ୍ଲସ୍ ସାଇଜ୍ ମଡେଲଙ୍କ ପାଇଁ ପ୍ୟାଜେଣ୍ଟ ଉନ୍ମୁକ୍ତ ଥିବାବେଳେ ଟ୍ରାନ୍ସଜେଣ୍ଡର ତଥା କିନ୍ନରଙ୍କ ପାଇଁ ମଧ୍ୟ 'ମିସ୍ ଇଣ୍ଡିଆ ନୟନତାରା ୨୦୨୦' ଉନ୍ମୁକ୍ତ ରହିଥିଲା।


'ମିସ୍ ଇଣ୍ଡିଆ ନୟନତାରା ୱାର୍ଲଡ' ଟାଇଟଲ୍ ଜିତିଥିବା ପ୍ରୀତି ପ୍ରିୟଙ୍କାଙ୍କ ସହ ପ୍ରଥମ ରନର୍ସଅପ୍ ସୂଚନା ସ୍ୱସ୍ତିକା (ଡାହାଣ) ଓ ଦ୍ୱିତୀୟ ରନର୍ସଅପ୍ ପ୍ରିୟଦର୍ଶିନୀ ସିଂ (ବାମ)।

**ଭାରତର ପ୍ରଥମ ଅଲ୍-ଜେଣ୍ଡର ବିୟୁଟି ପ୍ୟାଜେଣ୍ଟ**

ଏପରି କି ଶ୍ରେଷ୍ଠ ବିବେଚିତ ୧୦ଜଣ ସୁନ୍ଦରୀଙ୍କ ମଧ୍ୟରେ ଜଣେ ଟ୍ରାନ୍ସଜେଣ୍ଡର ରହିଥିଲେ। ବାଲୁଗାଁ ଜନ୍ମିତ ଆୟେଶା ବେହେରା ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଥିବା ରାଜ୍ୟର ପ୍ରଥମ ଟ୍ରାନ୍ସଜେଣ୍ଡର ହୋଇଥିବାବେଳେ ଏହି ପ୍ରତିଯୋଗିତାରେ ସେ ନିଜର ବୁଦ୍ଧିମତ୍ତା ଓ ସୌନ୍ଦର୍ଯ୍ୟ ବଳରେ ଟପ୍-୯ ସ୍ଥାନ ହାସଲ କରିଥିଲେ।

ଏନେଇ ଆୟୋଜକ ଓଡ଼ିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଜୋଷୀ କହିଛନ୍ତି, ଓଡ଼ିଶାରେ ପ୍ରତିଭାର ଅଭାବ ନାହିଁ। ଏହା ଆମେ 'ମିସ୍ ଇଣ୍ଡିଆ ନୟନତାରା ୨୦୨୦'ରେ ଦେଖିଲୁ। ବିଜେତା ହୋଇଥିବା ସମସ୍ତ ପ୍ରତିଯୋଗୀ ଓଡ଼ିଆ। ଉତ୍କୃଷ୍ଟ ମଞ୍ଚ ଅଭାବରୁ ସେମାନେ ନିଜ ପ୍ରତିଭାକୁ ଇଣ୍ଟରନ୍ୟାଶନାଲ ପ୍ଲାଟ୍‌ଫର୍ମରେ ପହଞ୍ଚାଇ ପାରୁନାହାନ୍ତି। ଆମ ପ୍ରତିଭାଙ୍କୁ ଏକ ଭଲ ମଞ୍ଚ ଯୋଗାଇଦେବାକୁ ଏହି ପ୍ରତିଯୋଗିତା ଆରମ୍ଭ କରାଯାଇଛି। ଜେଣ୍ଡର ଇକ୍ୟୁଆଲିଟିକୁ ଆମେ ପ୍ରାଥମିକତା ଦେଉଛୁ ବୋଲି ଜୋଷୀ କହିଛନ୍ତି।

### ବାଇକ୍ ମାଲିକଙ୍କୁ ୩୦ହଜାର ଜରିମାନା

#### ନାବାଳକ ଚଳାଉଥିଲେ ଗାଡ଼ି

ଟାଙ୍ଗୀ(ଖୋର୍ଦ୍ଧା), ୨୬।୧୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ କୁହୁଡ଼ି ଫାଣ୍ଡି ପୋଲିସ ଶନିବାର ଜଣେ ନାବାଳକ ବାଇକ୍ ଚଳାଉଥିବାରୁ ଗାଡ଼ି ମାଲିକଙ୍କୁ ୩୦ହଜାର ଟଙ୍କା ଜରିମାନା କରାଯାଇଛି। ସୂଚନା ମୁତାବକ, କୁହୁଡି ଫାଣ୍ଡି ଆଗରେ ଶନିବାର ପୋଲିସ ଗାଡ଼ି ଚେକିଂ କରୁଥିବା ବେଳେ ଲକ୍ଷ୍ମୀଧରପୁର ଅଞ୍ଚଳର ଜଣେ ନାବାଳକ ବାଇକ ଚଳାଇ ଯାଉଥିବା ବେଳେ ଧରାପଡ଼ିଥିଲେ। ତାଙ୍କ ପାଖରେ ଡ୍ରାଇଭିଂ ଲାଇସେନ୍ସ ନ ଥିବାରୁ ୫ ହଜାର ଟଙ୍କା ଓ ନାବାଳକ ହୋଇ ଗାଡ଼ି ଚଲାଉଥିବାରୁ ୨୫ ହଜାର ଟଙ୍କା ଚାଲାଣ କଟାଯାଇଥିଲା। ଏହି ବାଇକ୍ କୈଳାସ ଚନ୍ଦ୍ର ପରିମାଣିକ ନାମରେ ଥିବା ଫାଣ୍ଡି ଅଧିକାରୀ ନିରଞ୍ଜନ ରାଉତ କହିଛନ୍ତି। ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

### ରାଧାକାନ୍ତ ମନ୍ଦିରରେ ବ୍ୟଞ୍ଜନ ଦ୍ୱାଦଶୀ ପର୍ବ

ଡେଲାଙ୍ଗ,୨୬।୧୨(ଡି.ଏନ.ଏ.)

ଡେଲାଙ୍ଗ ବ୍ଲକ ସ୍ଥିତ ସାଉରିଆ ପଞ୍ଚାୟତର ଘୋରଡିଆ ଗ୍ରାମରେ ପ୍ରସିଦ୍ଧ ଠାକୁର ରାଧାକାନ୍ତ ଦେବଙ୍କ ବ୍ୟଞ୍ଜନ ଦ୍ୱାଦଶୀ ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି। ମନ୍ଦିର ପ୍ରାଙ୍ଗଣରେ ବ୍ୟଞ୍ଜନ ପ୍ରସ୍ତୁତିକାରୀ ମହେଶ୍ୱର ପଣ୍ଡା, ମୁରଲୀଧର ପଣ୍ଡା, ଶ୍ରୀନିବାସ ପଣ୍ଡାଙ୍କ ଦ୍ୱାରା ୬୪ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତି କରାଯାଇଥିଲା। ଦିଲୀପ ପଣ୍ଡା ଓ ନିଲୁ ପଣ୍ଡା ବ୍ୟଞ୍ଜନ ପ୍ରସ୍ତୁତିରେ ସହଯୋଗ କରିଥିଲେ। ମନ୍ଦିର ପୂଜକ ତ୍ରିବିକ୍ରମ ମିଶ୍ର ଠାକୁରଙ୍କୁ ଭୋଗ ଲାଗି କରିଥିଲେ। ଠାକୁରଙ୍କ ଦୈନନ୍ଦିନ ନୀତି କାନ୍ତି କାର୍ଯ୍ୟ ଦୁଃଶାସନ ମଙ୍ଗରାଜ ପରିଚାଳନା କରିଥିଲେ। ଘୋରଡିଆ ଦୟଣାଚୋରି ମେଳଣରେ ଏହି ରାଧାକାନ୍ତ ଠାକୁର ଥାନାପତି ଭାବେ ପୂଜା ପାଆନ୍ତି।

### ଶ୍ରୀ ଗୌରବିହାରରେ ୧୫୧ ପ୍ରକାର ବ୍ୟଞ୍ଜନ

ପୁରୀ ଅଫିସ,୨୬।୧୨:

ଶ୍ରୀ ଗୌରବିହାର (ମାତା ମଠ) ଆଧ୍ୟାତ୍ମିକ ଦାତବ୍ୟ ଟ୍ରଷ୍ଟ ପକ୍ଷରୁ ଗୌରବିହାର ପରିସରରେ ପବିତ୍ର ବ୍ୟଞ୍ଜନ ଦ୍ୱାଦଶୀ ପାଳିତ ହୋଇଯାଇଛି। ତୁଳସୀ ମହାତ୍ମ୍ୟ, ଏକାଦଶୀ ମାହାତ୍ମ୍ୟ ସହ ଶ୍ରୀକୃଷ୍ଣଙ୍କ ମଥୁରା ଗମନରେ ଗୋପୀ ରାଧାଙ୍କ ବ୍ୟଞ୍ଜନ ପରିବେଷଣ ସ୍ମୃତିକୁ ସ୍ମରଣ କରି ବଡ଼ଦାଣ୍ଡର ଶ୍ୟାମକୁ ମଠ ଓ ମାତା ମଠରେ ଏହା ଅନୁଷ୍ଠିତ ହୋଇଛି। ଅନେକବର୍ଷ ତଳୁ ସୁବଳ ଦାସ ମହାରାଜଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ପର୍ବରେ ୨୦୧୬ରେ ୫୫୫ପ୍ରକାର ବ୍ୟଞ୍ଜନ, ୨୦୧୭ରେ ୬୧୧, ୨୦୧୮ରେ ୬୩୫ ଓ ୨୦୧୯ରେ ୬୭୫କୁ ବୃଦ୍ଧି ପାଇଥିଲା। କିନ୍ତୁ ଚଳିତବର୍ଷ କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ରାଧାକୃଷ୍ଣ ନିକଟରେ ୧୫୧ପ୍ରକାର ବ୍ୟଞ୍ଜନ ପରିବେଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ହରିହରାନନ୍ଦ ଗୁରୁକୁଳ ଆଶ୍ରମର ବାଗ୍ମୀ ପ୍ରଜ୍ଞାନ ନନ୍ଦ, ରାଧାଶ୍ୟାମ ମହାପାତ୍ର, ମଣିପ୍ରସାଦ ସାମଲ, କେ.ଏସ୍ ପାତ୍ର, ଗୀତିକାର ବଦ୍ରି ମିଶ୍ର ପ୍ରମୁଖ ଯୋଗଦେଇ ଦ୍ୱାଦଶୀର ସ୍ମୃତିଚାରଣ କରିଥିଲେ। ସମ୍ପାଦକ ସାରଦା ପ୍ରସନ୍ନ ପ୍ରଧାନ ଓ କୋଷାଧ୍ୟକ୍ଷ ପ୍ରଫେସର ନରେନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ କଟକଣା ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ପୁରୀ ଗୌରବିହାର ଆଶ୍ରମରେ ବ୍ୟଞ୍ଜନ ଦ୍ୱାଦଶୀରେ ପ୍ରସ୍ତୁତ ୧୫୧ ପ୍ରକାରର ବ୍ୟଞ୍ଜନ।

### କେନ୍ଦ୍ରୀୟ କୃଷିନୀତି ଓ କୃଷକ ଶୀର୍ଷକ ଆଲୋଚନାଚକ୍ର

କଟକ ଅଫିସ, ୨୬।୧୨

ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ସ୍ଥାନୀୟ ଗୁଣନିଧି ଭବନରେ କେନ୍ଦ୍ରୀୟ କୃଷିନୀତି ଓ କୃଷକ ଶୀର୍ଷକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସହସଂଯୋଜକ ନିମାଇଁ ରାୟ ଯୋଗଦେଇ କୃଷକମାନଙ୍କ ଭାଗ୍ୟଡୋରି କର୍ପୋରେଟ୍ ପାଖରେ ବନ୍ଧାପଡିଛି ବୋଲି କହିଥିଲେ। ଏଥିସହ ବିଭିନ୍ନ କମ୍ପାନୀ ଦେଶର ପ୍ରାକୃତିକ ସମ୍ପଦକୁ ହାତେଇ ସାରିବା ପରେ ଏବେ କୃଷିକ୍ଷେତ୍ର ମୁହାଁ ହୋଇଛନ୍ତି ବୋଲି ସେ କହିଥିଲେ। ସଙ୍ଗଠନ ସଭାପତି କୈଳାସ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ରମାକାନ୍ତ ମଣ୍ଡଳ, ଲକ୍ଷ୍ମୀ ମହାନ୍ତି, ଅଧ୍ୟାପିକା ସୌଦାମିନୀ ନାୟକ, କଟକ ଜିଲା ସଭାପତି କୈଳାସ ଚନ୍ଦ୍ର ବରାଳ, ଗଜେନ୍ଦ୍ର ପାଣି, କୃପାସିନ୍ଧୁ ଦାସ, ସୁଭାଷ ଚନ୍ଦ୍ର ପାଢ଼ୀ, ଅନିମା ରାୟ, ପ୍ରମୁଖ ଉପସ୍ଥିତ ଥିଲେ। ଇନ୍ଦୁମତୀ ସାହୁ ଧନ୍ୟବାଦ ଦେଇଥିଲେ।

# ଚୌଦ୍ୱାର ଜେଲରେ ଚିକିତ୍ସାଳୟ ଉଦ୍‌ଘାଟିତ

ଚୌଦ୍ୱାର,୨୬।୧୨(ଡି.ଏନ୍.ଏ.):

ଚୌଦ୍ୱାର ସର୍କଲ ଜେଲ ପରିସରରେ ମାନସିକ ରୋଗୀଙ୍କ ପାଇଁ ୮୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟକୁ ଶନିବାର ଜେଲ ବିଭାଗ ଡିଜି ସନ୍ତୋଷ ଉପାଧ୍ୟାୟ ଉଦ୍‌ଘାଟନ କରିଥିଲେ। ପରେ ଜେଲ ପରିସରରେ ଥିବା ବିଭିନ୍ନ ସେଲ, ରନ୍ଧନଶାଳା, ଫୁଡ୍ ପ୍ରୋସେସିଂ ୟୁନିଟ୍ ବୁଲି ଦେଖିଥିଲେ। ଏ ସମ୍ପର୍କରେ ଉପାଧ୍ୟାୟ କହିଥିଲେ, ଜେଲ ଅନ୍ତେବାସୀଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ସାମଗ୍ରୀର ଉତ୍ପାଦନ କ୍ଷମତା ବଢାଇବା ପାଇଁ ଯୋଜନା କରାଯାଉଛି। ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ଷ୍ଟଲ ଖୋଲାଯାଇ ଉକ୍ତ ସାମଗ୍ରୀ ବିକ୍ରି ପାଇଁ ଯୋଜନା ରହିଛି। ଅନ୍ୟପକ୍ଷରେ ଜେଲ ଅଧୀକ୍ଷକ ଶୁଭକାନ୍ତ ପଣ୍ଡା କହିଛନ୍ତି, ଜେଲରେ ମୋଟ ୯୨୪ ଅନ୍ତେବାସୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୭୪ଜଣ ମାନସିକ ରୋଗୀ ଚିକିତ୍ସାଧୀନ ଅଛନ୍ତି। ଓଡ଼ିଶାର ଅଧିକାଂଶ ଜେଲରୁ ମାନସିକ ରୋଗୀମାନେ ଚୌଦ୍ୱାର ଜେଲକୁ ଆସିଥାନ୍ତି। ଫଳରେ ଏଠାରେ କ୍ଷମତାଠାରୁ ଅଧିକ ସଂଖ୍ୟକ ରୋଗୀ ହେଉଥିବାରୁ ଚିକିତ୍ସା ପାଇଁ ସମସ୍ୟା ସୃଷ୍ଟି ହୋଇଥାଏ। ଏବେ ଉକ୍ତ ହସ୍ପିଟାଲ ଖୋଲିବା ଦ୍ୱାରା ସମସ୍ୟା ସମାଧାନ ହୋଇପାରିବ।


ଉଦ୍‌ଘାଟନ ଅବସରରେ ଉପସ୍ଥିତ ଜେଲ ଡିଜି ସନ୍ତୋଷ ଉପାଧ୍ୟାୟ ଓ ଅନ୍ୟମାନେ।

# ପିସିସିଏଫ୍‌ଙ୍କୁ ଚିଠି ଲେଖିଲା ଡବ୍ଲ୍ୟୁଏସ୍‌ଓ

ଭୁବନେଶ୍ୱର, ୨୬।୧୨(ବ୍ୟୁରୋ)

କଟକ ବିରିବାଟୀ ନିକଟରୁ ଗତ ୨୨ ତାରିଖରେ ଜୀବନ୍ତ ଅବସ୍ଥାରେ ଏକ ବଜ୍ରକାପ୍ତା ଉଦ୍ଧାର କରିଥିଲା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଉକ୍ତ ବଜ୍ରକାପ୍ତାକୁ ସିଟିଡିଏଫ୍‌ଓଙ୍କ ମାଧ୍ୟମରେ ନନ୍ଦନକାନନକୁ ହସ୍ତାନ୍ତର କରାଯାଇଛି। ବଜ୍ରକାପ୍ତାକୁ ଜଙ୍ଗଲରେ ନ ଛାଡ଼ି ନନ୍ଦନକାନନରେ ରଖାଯାଇଥିବାରୁ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାକୁ ତୁରନ୍ତ ଜଙ୍ଗଲରେ ଛାଡ଼ିବାକୁ ଦାବି କରି ୱାଇଲ୍ଡଲାଇଫ୍ ସୋସାଇଟି ଅଫ୍ ଓଡ଼ିଶା(ଡବ୍ଲ୍ୟୁଏସ୍‌ଓ) ପକ୍ଷରୁ ପିସିସିଏଫ୍(ବନ୍ୟପ୍ରାଣୀ)ଙ୍କୁ ଚିଠି ଲେଖାଯାଇଛି।

ଡବ୍ଲ୍ୟୁଏସ୍‌ଓର ସମ୍ପାଦକ ବିଶ୍ୱଜିତ ମହାନ୍ତି ଚିଠିରେ ଲେଖିଛନ୍ତି ଯେ, ଜବତବେଳେ ବଜ୍ରକାପ୍ତାର ସ୍ୱାସ୍ଥ୍ୟାବସ୍ଥା ଭଲ ଥିଲା। ବାଧ୍ୟତାମୂଳକ ଯାଞ୍ଚ ପାଇଁ ବଜ୍ରକାପ୍ତାକୁ ପ୍ରାଣୀ ଉଦ୍ୟାନ ପଠାଯାଇଥିଲା। ଆମେ ଅନୁମାନ କରୁଥିଲୁ ଦୁଇଦିନ ମଧ୍ୟରେ ତାହାକୁ ମୁକ୍ତ କରାଯାଇ ଜଙ୍ଗଲରେ ଛଡ଼ାଯିବ। କିନ୍ତୁ ଜବତ ହେବାର ୫ଦିନ ବିତି ଯାଇଥିଲେ ମଧ୍ୟ ବଜ୍ରକାପ୍ତାଟି ପ୍ରାଣୀ ଉଦ୍ୟାନରେ ବନ୍ଦୀ ଅବସ୍ଥାରେ ରହିଛି। ଅକ୍ଟୋବର ୧୭ରେ ସୋନପୁର ଡିଭିଜନ, ଅକ୍ଟୋବର ୨୨ରେ ବାଲେଶ୍ୱର ଡିଭିଜନ ଓ ନଭେମ୍ବର ୩୦ରେ ଢେଙ୍କାନାଳ ଡିଭିଜନରୁ ବ୍ରଜକାପ୍ତା ଉଦ୍ଧାର କରାଯାଇଥିଲା। ଏହାର ୪୮ଘଣ୍ଟା ଭିତରେ ଏସବୁ ବଜ୍ରକାପ୍ତାକୁ ଜଙ୍ଗଲରେ ସଫଳତାର ସହ ଛଡ଼ାଯାଇଥିଲା। କିନ୍ତୁ କଟକରୁ ଉଦ୍ଧାର ବଜ୍ରକାପ୍ତାକୁ କାହିଁକି ଏପରି କରାଗଲା ନାହିଁ ବୋଲି ପ୍ରଶ୍ନ କରିଛନ୍ତି ବିଶ୍ୱଜିତ। ତେଣୁ ଯଥାଶୀଘ୍ର ନନ୍ଦନକାନନରେ ଥିବା ଉଦ୍ଧାର ବଜ୍ରକାପ୍ତାକୁ ତା'ର ପ୍ରାକୃତିକ ଆବାସସ୍ଥଳୀରେ ଛଡ଼ାଯାଉ ବୋଲି ବିଶ୍ୱଜିତ ଦାବି କରିଛନ୍ତି।

**ଉଦ୍ଧାର ବଜ୍ରକାପ୍ତାକୁ ନନ୍ଦନକାନନରେ ରଖିବା ଘଟଣା**



ଏଠାରେ ଉଲ୍ଲେଯୋଗ୍ୟ, ବଜ୍ରକାପ୍ତା ଭାରତୀୟ ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ, ୧୯୭୨ ଅନୁଯାୟୀ ସିଡ୍ୟୁଲ-୧ ଅନ୍ତର୍ଭୁକ୍ତ। ଉଦ୍ଧାର ପରେ ତାକୁ ତା'ର ବାସସ୍ଥଳୀରେ ଛଡ଼ାଯିବା ଉଚିତ। ଚିଡ଼ିଆଖାନାରେ ଛାଡ଼ିବାକୁ ହେଲେ ସିଜେଡ୍‌ଏର ଅନୁମତି ଆବଶ୍ୟକ। ତେଣୁ ଏବେ ନନ୍ଦନକାନନରେ ଉଦ୍ଧାର ବଜ୍ରକାପ୍ତା ରହିବା ନିୟମର ବିରୁଦ୍ଧାଚରଣ କରୁଛି ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହୁଛନ୍ତି। ସେପଟେ ଏହି ବଜ୍ରକାପ୍ତାକୁ ଜଙ୍ଗଲରେ ଛାଡ଼ିଦେଲେ ସେ ପୁଣି ଶିକାରୀଙ୍କ କବଳରେ ପଡ଼ିବା ଆଶଙ୍କା ଥିବାରୁ ସେଥିରେ ରେଡିଓ ଟ୍ରାନ୍ସମିଟର ଖଞ୍ଜିବା ପାଇଁ ସେମାନେ ଦାବି କରୁଛନ୍ତି।

## ସଂକ୍ଷେପରେ

### ୩.୯୭ କୋଟି ଆଇଟିଆର୍ ଫାଇଲ

**ନୂଆଦିଲ୍ଲୀ,୨୬।୧୨:** ଆସେସ୍‌ମେଣ୍ଟ ବର୍ଷ ୨୦୨୦-୨୧ ଲାଗି ପ୍ରାୟ ୩.୯୭ କୋଟି ଟିକସଦାତା ସେମାନଙ୍କ ଆୟକର ରିଟର୍ନ ଫାଇଲ କରିଛନ୍ତି। ଡିସେମ୍ବର ୨୪ ସୁଦ୍ଧା ଏହି ରିଟର୍ନ ଫାଇଲ କରାଯାଇଥିବା ଆୟକର ବିଭାଗ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ମୋଟ ଆଇଟିଆର୍ ମଧ୍ୟରୁ ୨.୨୭ କୋଟି ଆଇଟିଆର୍-୧, ୮୫.୨୦ ଲକ୍ଷ ଆଇଟିଆର୍ -୪, ୪୬.୭୮ ଲକ୍ଷ ଆଇଟିଆର୍-୩ ଏବଂ ୨୮.୭୪ ଲକ୍ଷ ଆଇଟିଆର୍-୨ ଫାଇଲ ହୋଇଥିବା ଜଣାପଡିଛି। ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ବ୍ୟକ୍ତିଗତ ଆୟକର ରିଟର୍ନ ଫାଇଲ କରିବାର ସୀମା ଚଳିତ ମାସ ୩୧ ରହିଛି।

### ଗଡ଼ିବ ୧୦୦ତମ କିଷାନ ରେଳ

**ନୂଆଦିଲ୍ଲୀ,୨୬।୧୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତ ମାସ ୨୮ରେ ଭିଡିଓ କନ୍‌ଫରେନ୍ସ ଯୋଗେ ୧୦୦ତମ କିଷାନ ରେଳର ଶୁଭାରମ୍ଭ କରିବେ। ଏହା ମହାରାଷ୍ଟ୍ରର ସାଙ୍ଗୋଲାଠାରୁ ପଶ୍ଚିମବଙ୍ଗର ଶାଲିମାର ପର୍ଯ୍ୟନ୍ତ ଚଳାଚଳ କରିବ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଏବଂ ପୀୟୂଷ ଗୋୟଲ ମଧ ଉପସ୍ଥିତ ରହିବେ। ବହୁମୁଖୀ ମାଲବାହୀ ସେବାରେ ଫୁଲକୋବି, କ୍ୟାପ୍ସିକମ୍, ବନ୍ଧାକୋବି, ସଜନାଛୁଇଁ, ଲଙ୍କା, ପିଆଜ ଇତ୍ୟାଦି ପରିବା ସହ ଅଙ୍ଗୁର, କମଳା, ଡାଳିମ୍ବ, କଷ୍ଟାର୍ଡ, ଆପଲ ଇତ୍ୟାଦି ଫଳ ଏହି ଟ୍ରେନରେ ପରିବହନ ହେବ। ସମସ୍ତ ଷ୍ଟପେଜ ଷ୍ଟେଶନରେ ନଷ୍ଟ ହୋଇ ଯାଉଥିବା ଦ୍ରବ୍ୟର ଲୋଡିଂ ଏବଂ ଅନ୍‌ଲୋଡିଂ ପାଇଁ ଅନୁମତି ଦିଆଯିବ। ସାମଗ୍ରୀର ଆକାରରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ଫଳ ଓ ପନିପରିବା ପରିବହନରେ ଭାରତ ସରକାର ସବ୍‌ସିଡି ୫୦%କୁ ବୃଦ୍ଧି କରିଛନ୍ତି।

# ୨୦୨୫ ସୁଦ୍ଧା ଭାରତ ପଞ୍ଚମ ବଡ଼ ଅର୍ଥ ବ୍ୟବସ୍ଥା

**ସିଇବିଆର୍ ଥିଙ୍କଟ୍ୟାଙ୍କର ଆକଳନ**



ନୂଆଦିଲ୍ଲୀ,୨୬।୧୨

ଚଳିତ ବର୍ଷ ବିଶ୍ୱର ପ୍ରମୁଖ ଅର୍ଥ ବ୍ୟବସ୍ଥା ମଧ୍ୟରେ ଭାରତ ୬ତମ ସ୍ଥାନକୁ ଖସିଯାଇଛି। ୨୦୨୫ ବେଳକୁ ପୁଣି ଥରେ ବ୍ରିଟେନକୁ ଟପି ଭାରତ ପଞ୍ଚମ ବୃହତ୍ ଅର୍ଥ ବ୍ୟବସ୍ଥା ହେବ। ସେହିଭଳି ୨୦୩୦ ବେଳକୁ ତୃତୀୟ ସ୍ଥାନରେ ରହିବ ବୋଲି ସେଣ୍ଟର ଫର୍ ଇକୋନୋମିକ ଆଣ୍ଡ ବିଜ୍‌ନେସ ରିସର୍ଚ୍ଚ(ସିଇବିଆର୍) ନାମକ ଥିଙ୍କ ଟ୍ୟାଙ୍କ ଏହାର ରିପୋର୍ଟରେ ପ୍ରକାଶ କରିଛି। ସୂଚନାଯୋଗ୍ୟ, ୨୦୧୯ରେ ଭାରତ ବ୍ରିଟେନକୁ ଟପି ବିଶ୍ୱର ପଞ୍ଚମ ବଡ଼ ଅର୍ଥ ବ୍ୟବସ୍ଥା ହୋଇଥିଲା। ମାତ୍ର ୨୦୧୬ରେ ଏହା ଷଷ୍ଠ ସ୍ଥାନକୁ ଖସିଯାଇଛି। ଭାରତ ଉପରେ କରୋନା ମହାମାରୀ ପ୍ରଭାବ ପରିଲକ୍ଷିତ ହୋଇଛି। ଏହାର ଅର୍ଥ ବ୍ୟବସ୍ଥା ଉପରେ ଗଭୀର ପ୍ରଭାବ ପକାଇଛି।

ଶନିବାର ପ୍ରକାଶିତ ସିଇବିଆର୍ ରିପୋର୍ଟରେ କୁହାଯାଇଛି, ୨୦୨୦ରେ ଭାରତୀୟ ମୁଦ୍ରାର ଦୁର୍ବଳ ସ୍ଥିତି ଲାଗି ରହିଛି। ଏଭଳି ସ୍ଥିତିରେ ଭାରତୀୟ ଅର୍ଥ ବ୍ୟବସ୍ଥା ୨୦୨୧ରେ ୯% ଏବଂ ୨୦୨୨ରେ ୭% ବୃଦ୍ଧି ଘଟିବ। ଭାରତ ଆର୍ଥିକ ଭାବେ ଯେତେ ସମୃଦ୍ଧ ହେବ ଅଭିବୃଦ୍ଧି ହାର ଆଗାମୀ ଦିନରେ ହ୍ରାସ ପାଇବ। ୨୦୩୫ ବେଳକୁ ଭାରତର ଜିଡିପି ବିକାଶ ହାର ୫.୮% ରହିବା ନେଇ ଆକଳନ କରାଯାଇଛି। ଏଭଳି ଅଭିବୃଦ୍ଧିକୁ ଦେଖିଲେ ଭାରତ ୨୦୩୦ ବେଳକୁ ବିଶ୍ୱର ତୃତୀୟ ବଡ ଅର୍ଥ ବ୍ୟବସ୍ଥା ଭାବେ ପରିଗଣିତ ହେବ। ୨୦୨୫ରେ ଭାରତ ବ୍ରିଟେନକୁ ଟପିବାକୁ ଥିବା ବେଳେ ୨୦୨୭ରେ ଜର୍ମାନୀ ଏବଂ ୨୦୩୦ ବେଳକୁ ଜାପାନକୁ ଟପିଯିବ ବୋଲି ଏହି ରିପୋର୍ଟରେ ଆକଳନ କରାଯାଇଛି।

୨୦୨୮ ବେଳକୁ ଚାଇନା ଆମେରିକାକୁ ଟପି ବିଶ୍ୱର ସବୁଠାରୁ ବଡ ଅର୍ଥ ବ୍ୟବସ୍ଥା ହେବା ନେଇ ଅନୁମାନ କରାଯାଉଛି। ପୂର୍ବରୁ କରାଯାଇଥିବା ଆକଳନଠାରୁ ଚାଇନା ଏହି ଲକ୍ଷ୍ୟକୁ ୫ ବର୍ଷ ଆଗରୁ ହାସଲ କରିପାରେ। ଡଲାର ଦୃଷ୍ଟିକୋଣରୁ ଜାପାନ ପ୍ରାୟ ୨୦୩୦ ଯାଏ ବିଶ୍ୱର ତୃତୀୟ ବଡ଼ ଅର୍ଥ ବ୍ୟବସ୍ଥା ହୋଇ ରହିବ। କୋଭିଡ୍-୧୯ ଭାରତୀୟ ଅର୍ଥ ବ୍ୟବସ୍ଥା ଲାଗି ଶକ୍ତ ଧକ୍କା ବୋଲି ରିପୋର୍ଟରେ କୁହାଯାଇଛି। ୨୦୧୯ରେ ଭାରତର ଜିଡିପି ୧୦ ବର୍ଷର ସର୍ବନିମ୍ନ ସ୍ତର ୪.୨% ଖସିଥିଲା। ବ୍ୟାଙ୍କିଙ୍ଗ୍ ସିଷ୍ଟମରେ ଅସୁବିଧା, ବିଶ୍ୱ ବାଣିଜ୍ୟ ସ୍ଥିତି ଏବଂ ସଂସ୍କାର ଧାରା ଗ୍ରହଣରେ ବିଭିନ୍ନ ସମସ୍ୟା ଯୋଗୁ ଏହାର ପ୍ରଭାବ ବଜାର ଉପରେ ପଡିଛି।

ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଦେଶର ଜିଡିପି ୨୩.୯% ହ୍ରାସ ହୋଇଛି। ଦ୍ୱିତୀୟ ତ୍ରୈମାସ ଜିଡିପି ୭.୫% ଖସିଛି। ଲକ୍‌ଡାଉନ ସହ ବିଶ୍ୱ ଏବଂ ଘରୋଇ ବଜାରରେ ଚାହିଦା କମିବା ଯୋଗୁ ଏହା ଜିଡିପି ଉପରେ ଶକ୍ତ ଧକ୍କା ଲାଗିଛି। ବର୍ତ୍ତମାନ ବଜାରରେ କଟକଣା କୋହଳ କରାଯାଉଛି। ଅର୍ଥ ବ୍ୟବସ୍ଥାର ବିଭିନ୍ନ କ୍ଷେତ୍ର ବର୍ତ୍ତମାନ ଟ୍ରାକ୍‌କୁ ଫେରୁଥିବା ନଜରକୁ ଆସିଛି। ମାତ୍ର କୋଭିଡ୍ ପୂର୍ବରୁ ବଜାର ଯେଭଳି ରହିଥିଲା ସେହି ସ୍ତର ବର୍ତ୍ତମାନ ସୁଦ୍ଧା ଫେରିପାରିନାହିଁ। ଘରୋଇ ବଜାର ଲାଗି କୃଷି କ୍ଷେତ୍ର ବେଶ୍ ଯୋଗଦାନ ରଖିଛି।

# ନୂଆ ଜିଏସ୍‌ଟି ନିୟମ ଅଧୀନରେ ୪୫ ହଜାର ସଂସ୍ଥା

**■ ମାସିକ ୫୦ ଲକ୍ଷ ଟଙ୍କାର କାରବାରରେ ୧% ନଗଦ ଟିକସ**

ନୂଆଦିଲ୍ଲୀ,୨୬।୧୨

ସାମଗ୍ରୀ ଓ ସେବା ଟିକସ ବ୍ୟବସ୍ଥା(ଜିଏସ୍‌ଟି)ରେ ମାତ୍ର ୪୫ ହଜାର ପଞ୍ଜୀକୃତ ସଂସ୍ଥା ବାଧ୍ୟତାମୂଳକ ୧% ନଗଦ ଟିକସ ପ୍ରଦାନ କରିବେ। ଏହା ଜାନୁୟାରୀରୁ ଲାଗୁ ହେବ। ଜିଏସ୍‌ଟି ବ୍ୟବସ୍ଥାରେ ପଞ୍ଜୀକୃତ ହୋଇଥିବା ମୋଟ ବାଣିଜ୍ୟ ସଂସ୍ଥା ମଧ୍ୟରୁ ପ୍ରାୟ ୦.୩୭% ସଂସ୍ଥା ନୂଆ ବ୍ୟବସ୍ଥା ପରିସରରେ ଆସିବେ ବୋଲି ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି। ଜାଲ୍ ବିଲ୍ ଦ୍ୱାରା ହେଉଥିବା ଟିକସ ଠକେଇ ଉପରେ ଅଙ୍କୁଶ ଲଗାଇବା ଲାଗି ଏଭଳି ଏକ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଥିବା କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଚଳିତ ସପ୍ତାହ ପ୍ରାରମ୍ଭରେ ଜିଏସ୍‌ଟି ଆଇନରେ ପରିବର୍ତ୍ତନ କରାଯାଇଛି। ଯେଉଁ ସଂସ୍ଥାଗୁଡିକ ମାସିକ ୫୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ କାରବାର କରୁଛନ୍ତି ସେମାନଙ୍କ ଧାର୍ଯ୍ୟ ଜିଏସ୍‌ଟିର ୧% ନଗଦ ହିସାବରେ ଦେବାକୁ ନୂଆ ନିୟମରେ କୁହାଯାଇଛି।

କୌଣସି ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ବା ପାର୍ଟନର ୧ ଲକ୍ଷ ଟଙ୍କାର ଆୟକର ଦେଉଥିଲେ କିମ୍ବା ଅଣ ବ୍ୟବହୃତ ଇନ୍‌ପୁଟ ଟାକ୍ସ କ୍ରେଡିଟ୍ ପାଇଁ ପୂର୍ବ ଆର୍ଥିକ ବର୍ଷରେ ପଞ୍ଜୀକୃତ ବ୍ୟକ୍ତିବିଶେଷ ୧ ଲକ୍ଷ ଟଙ୍କାର ରିଫଣ୍ଡ ଲାଭ କରିଥିଲେ କଟକଣା ଲାଗୁ ହେବ ନାହିଁ। ଜିଏସ୍‌ଟି ଡାଟା ଆନାଲିଟିକ୍ସ ମୁତାବକ, ମୋଟ ୧.୨ କୋଟି ପଞ୍ଜୀକୃତ ଟିକସଦାତାଙ୍କ ମଧ୍ୟରୁ ପ୍ରାୟ ୪ ଲକ୍ଷ ଟିକସଦାତାଙ୍କ ମାସିକ ସପ୍ଲାଇ ଭାଲ୍ୟୁ ୫୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ରହିଛି। ଏହି ୪ ଲକ୍ଷଙ୍କ ମଧ୍ୟରୁ କେବଳ ୪୫ ହଜାର ପ୍ରକୃତ ପକ୍ଷେ ୧% ଜିଏସ୍‌ଟି ନଗଦ ଆକାରରେ ପ୍ରଦାନ କରିବେ। ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ଇନ୍‌ପୁଟ ଟାକ୍ସ କ୍ରେଡିଟ ଠକେଇ ମାମଲାରେ ୧୨ ହଜାର ମାମଲା ଦାୟର ହୋଇଛି। ୩୬୫ ଜଣ ଏଥିରେ ଗିରଫ ହେଲେଣି। ଗତ ଗୋଟିଏ ସପ୍ତାହ ମଧ୍ୟରେ ୧୬୫ ଜଣ ଗିରଫ ହୋଇଥିବା ଜଣାପଡିଛି।

## ହାଇପୋଜେନ ବିକଶିତ କଲା ଏଲ୍‌ଏନ୍ ଇଣ୍ଡଟେକ

ଭୁବନେଶ୍ୱର,୨୬।୧୨

ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ଇନ୍‌କ୍ୟୁବେସନ ସେଣ୍ଟର ଇନ୍‌ଟେକ୍ ଅଧୀନରେ ପ୍ରତିଷ୍ଠିତ ଷ୍ଟାର୍ଟଅପ୍ ଏଲ୍‌ଏନ୍ ଇଣ୍ଡଟେକ୍ ପକ୍ଷରୁ ବିଭିନ୍ନ କ୍ଷମତା ଏବଂ ତୀବ୍ରତାର ହାଇପୋଜେନ (ସୋଡିୟମ ହାଇପୋକ୍ଲୋରାଇଟ ଜେନେରେଟର) ଉପକରଣର ବିକଶିତ କରାଯାଇଛି। ଏହା ଏକ ଗୁଣାତ୍ମକ ଡିଜେନ୍‌ଫେକ୍ଟାଣ୍ଟ ଯେଉଁଥିରେ ସ୍ୱାସ୍ଥ୍ୟ, ସାନିଟାଇଜେଶନ, ଜଳ ସଫା କରିବା, ଶିଳ୍ପ ବର୍ଜ୍ୟବସ୍ତୁ, ମତ୍ସ୍ୟ କ୍ଷେତ୍ର ଆଦିରେ ପ୍ରୟୋଗ କରାଯାଇଥାଏ। ଏହା ମ୍ୟୁନିସିପାଲ କର୍ପୋରେଶନ, ହାଉସିଂ ଆପାର୍ଟମେଣ୍ଟ, ଶିଳ୍ପ ବର୍ଜ୍ୟବସ୍ତୁ ଦ୍ୱାରା ବହୁଳ ଭାବରେ ବ୍ୟବହୃତ ହୁଏ। ଦୀର୍ଘ ସମୟ ପାଇଁ ଏହା ଗଚ୍ଛିତ ସମାଧାନ କରିଥାଏ ବୋଲି ଆଇଏମ୍‌ଏମ୍‌ଟି ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ଏହି ଡିଜେନ୍‌ଫେକ୍ଟାଣ୍ଟ ବଡ ରାସାୟନିକ ଶିଳ୍ପ ଦ୍ୱାରା ଯୋଗାଯାଉଛି। କିନ୍ତୁ ଏହି ଉଚ୍ଚ ଚାହିଦା ସମାଧାନ ଏକ ପ୍ରତିଯୋଗିତାମୂଳକ ମୂଲ୍ୟରେ ସ୍ଥାନୀୟ ଭାବରେ ମାଇକ୍ରୋ ଓ କ୍ଷୁଦ୍ର ଶିଳ୍ପରେ ଉତ୍ପାଦିତ ହୋଇପାରିବ। ବିଭିନ୍ନ ଉଦ୍ୟୋଗୀ କେବଳ ଲୁଣ ଏବଂ ବିଦ୍ୟୁତ୍ ବ୍ୟବହାରକରି ସ୍ଥାନୀୟ ଭାବରେ ସୋଡିୟମ-କ୍ୟାଲସିୟମ ହାଇପୋକ୍ଲୋରାଇଟ ଉତ୍ପାଦନ କରିପାରିବେ ବୋଲି ସୂଚନା ମିଳିଛି। ମଲ୍ଟି ୟୁଟିଲିଟି ଉତ୍ପାଦ ଉତ୍ପାଦନ ପାଇଁ ହାଇପୋଜେନ ବ୍ୟବହାର କରାଯାଇପାରିବ। ବର୍ତ୍ତମାନ ବଜାରରେ ଉପଲବ୍ଧ ଉତ୍ପାଦ ଅପେକ୍ଷା କମ୍ ଉତ୍ପାଦନ ମୂଲ୍ୟ ସହିତ କାର୍ଯ୍ୟ କରିବା ପ୍ରକ୍ରିୟା ଅତି ସରଳ ହୋଇଯାଇଛି। ଉଦ୍ୟୋଗୀମାନେ ଅଳ୍ପ ସମୟ ମଧ୍ୟରେ ନିଜର ନିବେଶ ଫେରସ୍ତ କରିପାରିବେ।

## ପିଏନ୍‌ବି ଇ-କ୍ରେଡିଟ୍ କାର୍ଡର ଶୁଭାରମ୍ଭ

ଭୁବନେଶ୍ୱର,୨୬।୧୨

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ପକ୍ଷରୁ ଗ୍ରାହକଙ୍କୁ ଅତ୍ୟାଧୁନିକ ସେବା ଓ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ଗୁରୁବାର ପିଏନ୍‌ବି ଇ-କ୍ରେଡିଟ୍ କାର୍ଡର ଶୁଭାରମ୍ଭ କରାଯାଇଛି। ଫଳରେ ପୂର୍ବରୁ ବ୍ୟବହାର କରାଯାଉଥିବା କ୍ରେଡିଟ୍ କାର୍ଡ ପରିବର୍ତ୍ତେ ଏହି ଇ-କ୍ରେଡିଟ୍ କାର୍ଡର ବ୍ୟବହାର ହେବ। ଏହି କାର୍ଡକୁ ସମସ୍ତ ପିଏନ୍‌ବି ଗ୍ରାହକ ବ୍ୟବହାର କରିବା ସହ ବିଭିନ୍ନ ଇ-କର୍ମସ ପ୍ଲାଟ୍‌ଫର୍ମ ଓ ମର୍ଚ୍ଚାଣ୍ଟ ୱେବ୍‌ସାଇଟରେ ମଧ ବ୍ୟବହୃତ କରିପାରିବେ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ବ୍ୟାଙ୍କର ଗ୍ରାହକମାନେ ପିଏନ୍‌ବି ଜେନିନ୍ ମୋବାଇଲ ଆପ୍ ଜରିଆରେ ସେମାନଙ୍କର ଖାତାର ସମ୍ପୂର୍ଣ୍ଣ ବିବରଣୀ ଦେଖିପାରିବେ।

## ନିଶାନର ନୂଆ ମ୍ୟାଗ୍ନାଇଟ ମଡେଲ

ଭୁବନେଶ୍ୱର,୨୬।୧୨




ପ୍ରମୁଖ ଯାନ ନିର୍ମାତା ନିଶାନ ପକ୍ଷରୁ ନୂଆ କମ୍ପାକ୍ଟ ଏସ୍‌ୟୁଭି ମ୍ୟାଗ୍ନାଇଟ ଓଡ଼ିଶା ବଜାରରେ ପ୍ରବେଶ କରିଛି। ଏହି ମଡେଲଟିକୁ ନଖରାସ୍ଥିତ ଜାହ୍ନବୀ ନିଶାନ ଶୋ'ରୁମ୍‌ରେ ଉନ୍ମୋଚନ କରାଯାଇଥିଲା। ଜାହ୍ନବୀ ନିଶାନର ସିଇଓ ପି.କେ.ଦାସ, ଏମ୍‌ଡି ଅମିତ ଜଶୱାଲ, ଜେନେରାଲ ମ୍ୟାନେଜର ଏସ୍.କେ.ଦାସ, ସର୍ଭିସ ମ୍ୟାନେଜର ସୁନୀଲ ମିଶ୍ର ଏବଂ ସେଲ୍‌ସ ମ୍ୟାନେଜର ଦିଲୀପ ଦାସ ଉପସ୍ଥିତ ନୂଆ ଯାନଟିକୁ ବଜାର ପ୍ରବେଶ କରାଇଥିଲେ। ଏହି ମଡେଲଟି ଦ୍ୱାରା କମ୍ପାନୀ କମ୍ପାକ୍ଟ ଏସ୍‌ୟୁଭି ସେଗ୍‌ମେଣ୍ଟରେ ପ୍ରବେଶ କରିଛି। ଏହି ସେଗ୍‌ମେଣ୍ଟରେ ଏହା ଏକ ସୁଲଭ ଯାନ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏଥିଲାଗି ସାରା ଦେଶରେ ଯାନର ଡେଲିଭରି ଆରମ୍ଭ ହୋଇଛି। ଯାନଟି ୪ଟି ଭାରିଆଣ୍ଟରେ ଉପଲବ୍ଧ। ଏହାର ବଜାର ଦର ୪.୯୫ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଗ୍ରାହକ ଏଥିରେ ୮ଟି କଲର ବିକଳ୍ପ ଲାଭ କରିପାରିବେ। ଅନ୍ୟ ଅତ୍ୟାଧୁନିକ ଫିଚର ଏଥିରେ ଗ୍ରାହକ ପାଇପାରିବେ।

## ଖେଳ ଖବର

# ଇଷ୍ଟ ବେଙ୍ଗଲ- ଚେନ୍ନାଇନ୍ ମ୍ୟାଚ୍ ଡ୍ର

ଭାସ୍କୋଡାଗାମା,୨୬।୧୨(ପି.ଟି.)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଶନିବାର ଇଷ୍ଟ ବେଙ୍ଗଲ ଓ ଚେନ୍ନାଇନ୍ ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୨-୨ ଗୋଲରେ ଡ୍ର ରହିଛି। ସ୍ଥାନୀୟ ତିଳକ ମଇଦାନରେ ଅନୁଷ୍ଠିତ ଟୁର୍ନାମେଣ୍ଟର ଏହି ୩୯ତମ ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ଉଭୟ ଦଳ ତରଫରୁ ଦୁଇଟି ଲେଖାଏ ଗୋଲ ସ୍କୋର କରାଯାଇଥିଲା।

**ଇଣ୍ଡିଆନ ସୁପର ଲିଗ୍**

ଏଥିସହ ଚେନ୍ନାଇ ୭ଟି ମ୍ୟାଚ୍ ଖେଳି ୨ଟି ବିଜୟ, ୩ଟି ଡ୍ର ଓ ୨ଟି ପରାଜୟ ସହ ୯ ପଏଣ୍ଟ ହାସଲ କରି ତାଲିକାର ସପ୍ତମ ସ୍ଥାନରେ ରହିଛି। ଅନ୍ୟପଟେ ଇଷ୍ଟ ବେଙ୍ଗଲ ୭ଟି ମ୍ୟାଚ୍ ଖେଳି ୩ଟି ଡ୍ର ଓ ୪ଟି ପରାଜୟ ସହ ୩ ପଏଣ୍ଟ ହାସଲ କରି ତାଲିକାର ଦଶମ ସ୍ଥାନରେ ରହିଛି। ବଲ ପଜେଶନ ଓ ପାସ୍‌ରେ ଚେନ୍ନାଇ ଆଗରେ ରହିଥିଲା। ତେବେ ପାସ୍ ଆକ୍ୟୁରେସିରେ ଇଷ୍ଟ ବେଙ୍ଗଲ ଆଗରେ ରହିଥିଲା। ବେଶ୍ ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍ ବେଶ୍ ଉପଭୋଗ୍ୟ ହୋଇଥିଲା।

ମ୍ୟାଚ୍‌ର ୧୩ତମ ମିନିଟ୍‌ରେ ମିଜୋରାମ ୱିଙ୍ଗର ଲାଲିଆଞ୍ଜୁଆଲା ଚାଙ୍ଗଟେ ପ୍ରଥମ ଗୋଲ ଦେଇଥିଲେ ଓ ଚେନ୍ନାଇନ୍‌କୁ ଅଗ୍ରଣୀ କରାଇଥିଲେ। ଚଳିତ ସେସନରେ ସେ ଏକାଧିକ ଗୋଲ ସୁଯୋଗ ହରେଇଥିଲେ ମଧ୍ୟ ଚାଙ୍ଗଟେ ଶେଷରେ ଗୋଲ ଦେବାରେ ସଫଳ ହୋଇଥିଲେ। ବ୍ରାଜିଲ ମିଡ୍‌ଫିଲ୍ଡର ରଫାଏଲ କ୍ରିଭେଲାରୋଙ୍କ କୁଇକ୍ ପାସ୍‌କୁ ଚାଙ୍ଗଟା ସିଧା ଇଷ୍ଟବେଙ୍ଗଲ ଗୋଲ ପୋଷ୍ଟକୁ ପଠାଇଥିଲେ। ଏହାପରେ ଦୁଇ ଦଳ ମଧ୍ୟରେ ଜବରଦସ୍ତ ସଂଘର୍ଷ ଦେଖା ଦେଇଥିଲା। ପ୍ରଥମାର୍ଦ୍ଧରେ ୩ ମିନିଟ୍‌ର ଅତିରିକ୍ତ ଖେଳ ହୋଇଥିଲେ।

ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଇଷ୍ଟବେଙ୍ଗଲ ପ୍ରତ୍ୟାବର୍ତ୍ତନ କରିଥିଲା। ୫୯ତମ ମିନିଟ୍‌ରେ ଇଷ୍ଟ ବେଙ୍ଗଲର ଜର୍ମାନୀ ସେଣ୍ଟ୍ରାଲ ମିଡ୍‌ଫିଲ୍ଡର ଭିଲେ ମାଟି ଷ୍ଟେଇନ୍‌ମ୍ୟାନ୍ ଏକ ସୁନ୍ଦର ଗୋଲ ଦେଇ ମ୍ୟାଚ୍‌କୁ ୧-୧ ସମାନସ୍ତରକୁ ଆଣିଥିଲେ। ତେବେ ଏହାର ଠିକ୍ ୫ ମିନିଟ୍ ପରେ ଚେନ୍ନାଇନ୍‌ର ରାହିମ ଅଲି ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। କ୍ରିଭେଲାରୋ ଆଉଏକ କୁଇକ୍ ପାସ୍ ଦେଇ ସୁଯୋଗ ସୃଷ୍ଟି କରିଥିଲେ ଓ ଅଲି ଏହାକୁ ଗୋଲରେ ପରିଣତ କରିଥିଲେ। କିନ୍ତୁ ଚେନ୍ନାଇର ଏହି ଅଗ୍ରଣୀ ବେସି ସମୟ ତିଷ୍ଠି ନ ଥିଲା। ଆଉ କିଛି ସମୟ ଅନ୍ତରରେ ୬୯ତମ ମିନିଟ୍‌ରେ ଇଷ୍ଟ ବେଙ୍ଗଲ ତରଫରୁ ଷ୍ଟେଇନ୍‌ମ୍ୟାନ୍ କର୍ନରରୁ ଆଉ ଏକ ଗୋଲ ଦେଇ ମ୍ୟାଚ୍‌କୁ ୨-୨ ସମାନସ୍ତରକୁ ଆଣିଥିଲେ। ନିର୍ଦ୍ଧାରିତ ସମୟ ଶେଷ ହେବା ବେଳକୁ ଏହି ସ୍କୋର ବଜାୟ ରହିଥିଲେ। ଇଞ୍ଜୁରି ଟାଇମ ବାବଦରେ ଅତିରିକ୍ତ ୪ ମିନିଟ୍ ଖେଳ ହୋଇଥିଲା। ଅନ୍ତିମ ୩୦ ମିନିଟ୍‌ରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଆଉ କୌଣସି ଗୋଲ ନ ହେବା ଫଳରେ ମ୍ୟାଚ୍ ଶେଷରେ ଅମୀମାଂସିତ ରହିଥିଲା।




ବଲ୍ ପାଇଁ ସଂଘର୍ଷ କରୁଛନ୍ତି ଏସ୍‌ସି ଇଷ୍ଟବେଙ୍ଗଲର ମହମ୍ମଦ ରଫିକ୍ ଓ ଚେନ୍ନାଇନ୍ ଏଫ୍‌ସିର ଜେରି ଲାଲ୍‌ରିଞ୍ଜୁଆଲା।

## କୁରୁଭିଲ୍ଲାଙ୍କ ବିରୋଧରେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ଅଭିଯୋଗ

ମୁମ୍ବାଇ, ୨୬।୧୨ (ପି.ଟି.)

ନବ ନିଯୁକ୍ତ ଜାତୀୟ ଚୟନକର୍ତ୍ତା ଆବେ କୁରୁଭିଲ୍ଲାଙ୍କ ବିରୋଧରେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ଅଭିଯୋଗ ଆଣିଛନ୍ତି ମଧ୍ୟପ୍ରଦେଶ କ୍ରିକେଟ ଆସୋସିଏଶନର ପୂର୍ବତନ ସଦସ୍ୟ ସଞ୍ଜୀବ ଗୁପ୍ତା। କୁରୁଭିଲ୍ଲା ବର୍ତ୍ତମାନ ଦୁଇଟି ପଦବୀରେ ରହିଥିବା ସେ ଉଲ୍ଲେଖ କରିଛନ୍ତି। ଗୁପ୍ତା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଏଥିକ୍ସ ଅଫିସର ଜଷ୍ଟିସ୍ (ଅବସରପ୍ରାପ୍ତ) ଡି.କେ. ଜୈନଙ୍କ ନିକଟରେ ଅଭିଯୋଗ କରିଛନ୍ତି। କୁରୁଭିଲ୍ଲା ଡି. ୱାଇ ପାଟିଲ ଏକାଡେମୀର ନିର୍ଦ୍ଦେଶକ ରହିଥିବାବେଳେ ବର୍ତ୍ତମାନ ଜାତୀୟ ଚୟନକର୍ତ୍ତା ହୋଇଛନ୍ତି। କୁରୁଭିଲ୍ଲା ଭାରତ ତରଫରୁ ୧୦ ଟେଷ୍ଟ ଏବଂ ୨୫ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳିଛନ୍ତି। ମଦନଲାଲ, ଆର୍.ପି. ସିଂ ଏବଂ ସୁଲକ୍ଷଣା ନାଏକଙ୍କୁ ନେଇ ଗଠିତ ବିସିସିଆଇର କ୍ରିକେଟ ଉପଦେଷ୍ଟା କମିଟି (ସିଏସି) ଗୁରୁବାର ଜାତୀୟ ସିଲେକ୍ସନ ପ୍ୟାନେଲ ମନୋନୀତ କରିଛି। ଗୁପ୍ତା ଏହି ଭଳି ଏକ ଅଭିଯୋଗ ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ସଭାପତି ବିଜୟ ପାଟିଲଙ୍କ ବିରୋଧରେ ଆଣିଛନ୍ତି।

## ବିକ୍ରମ ସ୍ମାରକୀ କ୍ରିକେଟ: ରିସିପୁର ଜେଏମ୍‌ସିଟି ଚାମ୍ପିୟନ

ଭୁବନେଶ୍ୱର ୨୬।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଯାଜପୁର ବ୍ଲକ ଛତିଶଦେବିଲ ପଞ୍ଚାୟତ ଅନ୍ତର୍ଗତ ରିସିପୁର କ୍ରିକେଟ ସଂଘ ଆନୁକୂଲ୍ୟରେ ଚାଲିଥିବା ଦ୍ୱାଦଶ ବିକ୍ରମ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରିସିପୁରର ଜୟ ମହାବୀର କ୍ରିକେଟ ଟିମ୍ (ଜେଏମ୍‌ସିଟି) ୧୭ରନ୍‌ରେ କୋରେଇର ଇଲେଭେନ ଷ୍ଟାରକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଘାତକ ବୋଲିଂ କରିଥିବା ବିଜୟୀ ଦଳର ପାପାନୀ ରାଉତଙ୍କୁ ଶ୍ରେଷ୍ଠ ଖେଳାଳି ଓ ଏକମାତ୍ର ଖେଳାଳି ଭାବେ ୧୫୦ରୁ ଉର୍ଦ୍ଧ୍ୱ ରନ୍ ଭାବେ ବିବେଚିତ କରାଯାଇଛି। ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସରପଞ୍ଚ ଗୋପାଳ ଚନ୍ଦ୍ର ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ବିଶ୍ୱାଳ, ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟାପକ ସୁକାନ୍ତ ବିଶ୍ୱାଳ ଓ ସାମାଜିକ କର୍ମୀ ଶାନ୍ତନୁ ବିଶ୍ୱାଳ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବାବଦରେ ଚାମ୍ପିୟନ ରିସିପୁର ଦଳକୁ ୧୨,୦୦୦ ନଗଦ ଟଙ୍କା ଓ ଟ୍ରଫି, ରନର୍ସଅପ୍ କୋରେଇ ଦଳକୁ ୬,୦୦୦ ଟଙ୍କା ଓ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚ୍‌କୁ ଅମ୍ପାୟର କୁଶଭଦ୍ର ବିଶ୍ୱାଳ ଓ ଆଭାସ ପ୍ରଧାନ ପରିଚାଳନା କରିଥିଲାବେଳେ ପୃଥ୍ୱୀରାଜ ବିଶ୍ୱାଳ ମ୍ୟାଚ ରେଫରି ଦାୟିତ୍ୱ ତୁଲାଇଥିଲେ। ଆଦିତ୍ୟ ନାରାୟଣ ସ୍ୱାଇଁ ଓ ତୁଷାରକାନ୍ତ ବିଶ୍ୱାଳ ସ୍କୋରର, ସମରେନ୍ଦ୍ର ବିଶ୍ୱାଳ ଓ ଜନ୍ମେଜୟ ବିଶ୍ୱାଳ ଧାରାବିବରଣୀ ପ୍ରଦାନ କରିଥିଲେ। ରିସିପୁର ଖେଳ ପଡ଼ିଆରେ ଯାଜପୁର, କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲାର ୧୬ଟି ଦଳକୁ ନେଇ ଡିସେମ୍ବର ୧୮ରୁ ୨୬ ଯାଏ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା।



ଟ୍ରଫି ସହ ଚାମ୍ପିୟନ ଜେଏମ୍‌ସିଟି ଦଳ।

## ଶ୍ରୀଲଙ୍କା ବିପକ୍ଷରେ ଦକ୍ଷିଣ ଆଫ୍ରିକା ୩୪୦/୬

**ସେଞ୍ଚୁରିଅନ୍, ୨୬।୧୨:** ସ୍ଥାନୀୟ ସୁପର ସ୍ପୋର୍ଟ୍ସ ପାର୍କଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଭ୍ରମଣକାରୀ ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଛି। ଦଳ ଶନିବାର ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ପ୍ରଥମ ଇନିଂସରେ ୬ ଉଇକେଟ ବିନିମୟରେ ୩୪୦ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଦାସୁନ ଶାନକା ୨୫ ଓ କାସୁନ ରାଜିଥା ୭ରନ କରି ଅପରାଜିତ ଥିଲେ। ଆଉଟ ହୋଇଯାଇଥିବା ବ୍ୟାଟ୍ସମ୍ୟାନମାନଙ୍କ ମଧ୍ୟରେ ଦୀନେଶ ଚାଣ୍ଡିମଲ ସର୍ବାଧିକ ୮୫ ରନ କରିଥିବାବେଳେ ଧନଞ୍ଜୟ ଡି' ସିଲ୍‌ଭା ୭୯ ରନ କରି ରିଟାୟର୍ଡ ହର୍ଟ ହୋଇଛନ୍ତି। ଉଇକେଟକିପର ନିରୋଶାନ ଡିକୱେଲା ୪୯ ରନ କରିଛନ୍ତି।

**ମୁସ୍ତାକ ଅଲୀ ଟ୍ରଫି**

## ଦିଲ୍ଲୀ ଦଳରେ ଧାୱନ, ଈଶାନ୍ତ

**ନୂଆଦିଲ୍ଲୀ ୨୬।୧୨ (ପି.ଟି.):** ମୁସ୍ତାକ ଅଲୀ ଟ୍ରଫି ଟି୨୦ ଟୁର୍ନାମେଣ୍ଟ ପାଇଁ ଘୋଷଣା କରାଯାଇଥିବା ଦିଲ୍ଲୀ କ୍ରିକେଟ ଦଳରେ ଭାରତୀୟ ପେସର ଈଶାନ୍ତ ଶର୍ମା ସ୍ଥାନ ପାଇଛନ୍ତି। କିନ୍ତୁ ସେ ଦଳର ସମସ୍ତ ମ୍ୟାଚ ପାଇଁ ଉପଲବ୍ଧ ହେବେ ନାହିଁ ବୋଲି କୁହାଯାଉଛି। ସିନିୟର ଓପନର ଶିଖର ଧାୱନଙ୍କୁ ମଧ ଦଳରେ ନିଆଯାଇଛି। ସେ ଦିଲ୍ଲୀ ଦଳର ନେତୃତ୍ୱ ନେବେ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ବେଳେ ପାର୍ଶ୍ୱ ଯନ୍ତ୍ରଣା ଅନୁଭବ କରିବାରୁ ଈଶାନ୍ତ ଅଷ୍ଟ୍ରେଲିଆ ଟୁର୍‌ରୁ ବାଦ୍ ପଡ଼ିଥିଲେ। ଧାୱନ ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ ଖେଳିଥିଲେ। ଦ୍ୱିତୀୟ ମ୍ୟାଚରେ ସେ ଅର୍ଦ୍ଧଶତକ ହାସଲ କରିଥିଲେ।



**ମୁମ୍ବାଇ:** ବୋଲ୍ଡ ଆକ୍ଟ୍ରେସ ପୁନମ ପାଣ୍ଡେ ତାଙ୍କ ପ୍ରଶଂସକଙ୍କୁ ନିରାଶ କରିଛନ୍ତି । ସେ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟ ଡିଲିଟ କରି ଟୁଇଟରରେ ଖ୍ରୀଷ୍ଟମାସର ଶୁଭେଚ୍ଛା ଜଣାଇଛନ୍ତି । ତାଙ୍କ ସ୍ୱାମୀ ସାମ ବମ୍ବେ ଏହି ଅପଡେଟ୍ ଶେୟାର କରିଛନ୍ତି । ହେଲେ କେଉଁ କାରଣ ପାଇଁ ପୁନମ ତାଙ୍କ ଇନଷ୍ଟା ଆକାଉଣ୍ଟ ଡିଲିଟ କରିଛନ୍ତି ତାହା ଏପର୍ଯ୍ୟନ୍ତ ଜଣାପଡି ନାହିଁ । ତେବେ ଅଭିନେତ୍ରୀ ପୁଣିଥରେ ଇନଷ୍ଟାଗ୍ରାମରେ ଏକ ନୂଆ ଇନଷ୍ଟା ଆକାଉଣ୍ଟ ଖୋଲିଥିବା ଏବଂ ସେଥିରେ ୯୫ ହଜାରରୁ ଅଧିକ ଫଲୋୟର୍ସ ଯୋଡି ହୋଇ ସାରିଥିବା ସୋସିଆଲ ମିଡିଆ ହ୍ୟାଣ୍ଡେଲରୁ ଜଣାପଡିଛି।

# କୋରିଆର କୃତ୍ରିମ ସୂର୍ଯ୍ୟ

**ଶକ୍ତି କ୍ଷେତ୍ରରେ ଦକ୍ଷିଣ କୋରିଆକୁ ମିଳିଛି ବଡ଼ ସଫଳତା । ୧୦ କୋଟି ଡିଗ୍ରୀ ସେଲସିୟସ ତାପମାତ୍ରାରେ ୨୦ ସେକେଣ୍ଡ ପର୍ଯ୍ୟନ୍ତ ଉତ୍ତପ୍ତ ପ୍ଲାଜ୍‌ମା ଧାରଣ କ୍ଷମତା ବିଶିଷ୍ଟ କୃତ୍ରିମ ସୂର୍ଯ୍ୟ ନିର୍ମାଣ କରିଥିବା ଦାବି କରିଛି ଦକ୍ଷିଣ କୋରିଆ ।**



**ସିଓଲ:** ସକଳ ଶକ୍ତିର ଆଧାର ସୂର୍ଯ୍ୟଙ୍କ ଅକ୍ଷୟ ଉର୍ଜା ସବୁ ସମୟରେ ଓ ସବୁ ସ୍ଥାନରେ ବ୍ୟବହାରଯୋଗ୍ୟ ହୋଇପାରୁ ନ ଥିବାରୁ କୃତ୍ରିମ ସୂର୍ଯ୍ୟ ତିଆରି ପାଇଁ ଗବେଷଣା ଜାରି ରହିଛି। ପୃଥିବୀ ଭିତରେ ମନୁଷ୍ୟକୃତ ଉପାୟରେ ବିଶାଳ ମାତ୍ରାରେ ଉର୍ଜା ପରିପୂର୍ଣ୍ଣ ଶକ୍ତି ଉତ୍ସ ତିଆରି କରିବାରେ ପାଦେ ଆଗରେ ରହି ନୂଆ ରେକର୍ଡ କରିଛି ଦକ୍ଷିଣ କୋରିଆ। ଆଣବିକ ବା ନ୍ୟୁକ୍ଲିୟର ଶକ୍ତିକୁ ଉତ୍ସ ଭାବେ ଏଥିରେ ବ୍ୟବହାର କରାଯାଇଛି। ଅତି ଉଚ୍ଚ ତାପମାତ୍ରା ବିଶିଷ୍ଟ ପ୍ଲାଜ୍‌ମାକୁ କୃତ୍ରିମ ସୂର୍ଯ୍ୟ ମଧ୍ୟରେ ପ୍ରାୟ ୨୦ ସେକେଣ୍ଡ ପର୍ଯ୍ୟନ୍ତ ଧରି ରଖିବାର କ୍ଷମତା ସୃଷ୍ଟି କରାଯାଇପାରି ଥିବାରୁ ତାହା ଗବେଷକଙ୍କ ମଧ୍ୟରେ ଉତ୍ସାହ ଭରିଦେଇଛି। ପୂର୍ବରୁ ୧୦ ସେକେଣ୍ଡ ପର୍ଯ୍ୟନ୍ତ ପ୍ଲାଜମା ସମ୍ଭାଳିବା କ୍ଷମତା ବିଶିଷ୍ଟ ଏଭଳି କୃତ୍ରିମ ଉତ୍ସ ତିଆରି ହୋଇପାରି ନ ଥିବାବେଳେ ଦକ୍ଷିଣ କୋରିଆର ଏହି ସଫଳତା ଏକ ନୂଆ ଆଶା ସଞ୍ଚାର କରିଛି।

ଆମେରିକାର ସିଓଲ୍ ନ୍ୟାଶନାଲ ୟୁନିଭର୍ସିଟି ଏବଂ କଲମ୍ବିଆ ୟୁନିଭର୍ସିଟିର ମିଳିତ ପ୍ରୟାସରେ ୧୦ କୋଟି ଡିଗ୍ରୀ ସେଲସିୟସରୁ ଅଧିକ ଆୟନ ତାପମାତ୍ରାରେ ପ୍ଲାଜ୍‌ମା ଧରି ରଖିବାରେ ସଫଳତା ମିଳିଥିବା କୋରିଆ ସୁପରକଣ୍ଡକ୍ଟିଂଥୋକାମାକ୍ ଆଡ୍‌ଭାନ୍ସଡ୍ ରିସର୍ଚ୍ଚ (କେଷ୍ଟାର) ଅନୁସନ୍ଧାନ କେନ୍ଦ୍ର ଘୋଷଣା କରିଛି। ଗତ ବର୍ଷ ମଧ୍ୟ ଏହି ଗବେଷଣା ଚାଲିଥିବାବେଳେ ମାତ୍ର ୮ ସେକେଣ୍ଡ ପାଇଁ ପ୍ଲାଜ୍‌ମାକୁ ସୁପରକଣ୍ଡକ୍ଟର ଧରି ରଖିପାରିଥିଲା। ସେହିପରି ୨୦୧୮ରେ ପ୍ରଥମ ଥର ପାଇଁ ମାତ୍ର ୧.୫ ସେକେଣ୍ଡ ପର୍ଯ୍ୟନ୍ତ କୃତ୍ରିମ ସୂର୍ଯ୍ୟ ଉଚ୍ଚ ତାପମାତ୍ରାର ପ୍ଲାଜ୍‌ମା ରଖିପାରିବାରେ ସକ୍ଷମ ହୋଇଥିଲା। ଅନୁସନ୍ଧାନକାରୀମାନେ ହାଇଡ୍ରୋଜେନ୍ ଆଇସୋଟୋପ୍ ସାହାଯ୍ୟରେ ଫ୍ୟୁଜନ ପ୍ରତିକ୍ରିୟାଗୁଡ଼ିକୁ ପୁନଃ ସୃଷ୍ଟି କରିଥିଲେ। ଏହାକୁ ସମ୍ପୃକ୍ତ କଣ୍ଡକ୍ଟର ବା କୃତ୍ରିମ ସୂର୍ଯ୍ୟ ମଧ୍ୟରେ ରଖାଯିବା ପରେ ପ୍ଲାଜ୍‌ମା ସୃଷ୍ଟି ହୋଇଥିଲା। ପରେ ସେଥିରୁ ଆୟନ ଏବଂ ଇଲେକ୍‌ଟ୍ରୋନ ଅଲଗା ହୋଇଯାଇଥିଲା। ଏହାର ତାପମାତ୍ରା ବଢ଼ାଇବା ପରେ ମଧ୍ୟ କଣ୍ଡକ୍ଟର ନିଜ ମଧ୍ୟରେ ଏହାକୁ ୨୦ ସେକେଣ୍ଡ ପର୍ଯ୍ୟନ୍ତ ଧରି ରଖିବାରେ ସକ୍ଷମ ହୋଇଥିଲା। ଏକ ସ୍ୱଚ୍ଛ ଏବଂ ଅକ୍ଷୟ ଶକ୍ତି ଉତ୍ସ ସୃଷ୍ଟି ପାଇଁ ଆଣବିକ ଫ୍ୟୁଜନ ପ୍ରକ୍ରିୟାକୁ ହିଁ ବୈଜ୍ଞାନିକମାନେ ବ୍ୟବହାର କରିଥିଲେ। କେଷ୍ଟାରରେ କାର୍ଯ୍ୟ କରୁଥିବା ଅନୁସନ୍ଧାନକାରୀମାନେ ୩୦୦ ସେକେଣ୍ଡ ପର୍ଯ୍ୟନ୍ତ କ୍ରମାଗତ ଭାବେ ଉତ୍ତପ୍ତ ପ୍ଲାଜ୍‌ମା ଧରି ରଖିବାର କ୍ଷମତା ଥିବା କଣ୍ଡକ୍ଟର ବା କୃତ୍ରିମ ସୂର୍ଯ୍ୟ ସୃଷ୍ଟି ଦିଗରେ ଲାଗିପଡିଛନ୍ତି। ଏଥିସହ ଆୟନର ତାପମାତ୍ରା ୧୦ କୋଟି ଡିଗ୍ରୀରୁ ଅଧିକ ରଖାଯିବ। ୨୦୨୫ ସୁଦ୍ଧା ସେମାନେ ଏ ଦିଗରେ ସଫଳତା ହାସଲ ପାଇଁ ଯୋଜନା ରହିଛି।

## ଖ୍ରୀଷ୍ଟମାସ୍ ଗୀତରେ ଡ୍ୟାନ୍ସ କଲେ ଅଦା



**ନୂଆଦିଲ୍ଲୀ:** ପବିତ୍ର ବଡ଼ଦିନ ପର୍ବକୁ ସମସ୍ତେ ଧୁମ୍‌ଧାମରେ ପାଳନ କରିଛନ୍ତି। ତେବେ ବଲିଉଡ୍ ଅଭିନେତ୍ରୀଅଭିନେତା ମଧ୍ୟ ଏହି ପର୍ବ ପାଳନ କରିବାରେ ବାଦ୍ ପଡ଼ିନାହାନ୍ତି। ସମସ୍ତେ ନିଜ ନିଜ ଘରେ ଥାଇ ବେଶ୍ ଭଲ ଭାବେ ପାଳନ କରିଥିଲେ। ବଲିଉଡ୍ ଅଭିନେତ୍ରୀ ଅଦା ଶର୍ମାଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ଅଦା ନିଜ ଘର ଛାତ ଉପରେ ଖ୍ରୀଷ୍ଟମାସ୍ ସଙ୍ଗରେ ଡ୍ୟାନ୍ସ କରୁଥିବା ଦେଖିବାକୁ ମିଳିଛି। ଏହାସହିତ ଫ୍ୟାନ୍‌ମାନେ ତାଙ୍କୁ ବଡ଼ଦିନର ୱିଶ୍ ମଧ୍ୟ କରିଥିଲେ। ଅଦାଙ୍କ ଏହି ଅନ୍ଦାଜ୍‌କୁ ଫ୍ୟାନ୍‌ମାନେ ଖୁବ୍ ପସନ୍ଦ କରିଛନ୍ତି। ଅଦା ଡ୍ୟାନ୍ସ କରିବା ପରେ ନିଜେ ତାଙ୍କର ଇନ୍‌ଷ୍ଟା ଏବଂ ଟୁଇଟର୍ ପେଜ୍‌ରେ ଶେୟାର କରିଥିଲେ। ସୋସିଆଲ ସାଇଟ୍‌ରେ ସେ ସବୁବେଳେ ଆକ୍ଟିଭ୍। କିଛି ନା କିଛି ପୋଷ୍ଟ କରି ସେ ଫ୍ୟାନ୍‌ମାନଙ୍କ ହୃଦୟ ଜିତିନେଇଥାନ୍ତି। ୱାର୍କ ଫ୍ରଣ୍ଟ କଥା କହିବାକୁ ଗଲେ, ଅଦା ଏବେ ତାଙ୍କର ଫିଲ୍ମ ଶୁଟିଂରେ ବ୍ୟସ୍ତ ଅଛନ୍ତି। ଯେଉଁଥିରେ ଏକ ଶର୍ଟ ଫିଲ୍ମ ସହ ଏକ ତେଲୁଗୁ ଫିଲ୍ମ ରହିଛି। ଏହାପୂର୍ବରୁ ଶେଷଥର 'କମାଣ୍ଡୋ-୩'ରେ ନଜର ଆସିଥିଲେ। ଅଦା ନିଜର ପାଠପଢ଼ା ଶେଷ ପରେ ୨୦୦୮ ମସିହାରେ ହରର୍ ଫିଲ୍ମ '୧୯୨୦'ରୁ ନିଜର ବଲିଉଡ୍ ଡେବ୍ୟୁ କରିଥିଲେ। ତା'ପରେ ତାଙ୍କୁ ବଲିଉଡରେ କେତେକ ଫିଲ୍ମରେ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିଥିଲା। କିନ୍ତୁ ଟଲିଉଡ୍‌ରେ ଅଦା ବେଶ୍ ସଫଳ। ଦେଖିବାକୁ ଭାରି ସୁନ୍ଦରୀ।

# ଟିଭିରେ ତିଆରି ଘର




**ଦିସ୍‌ପୁର:** ପୁରୁଣା ଅଦରକାରୀ ଟିଭିସେଟ୍‌ରେ ତିଆରି ହୋଇଛି ଘର। ଅବଶ୍ୟ ଏହି ଘର ମଣିଷଙ୍କ ପାଇଁ ନୁହେଁ ବରଂ ତିଆରି ହୋଇଛି ବୁଲା କୁକୁରଙ୍କ ପାଇଁ। ରାସ୍ତା କଡ଼ରେ ବିଭିନ୍ନ ସ୍ଥାନରେ କୁକୁରଙ୍କ ପାଇଁ ଏଭଳି ଘର ତିଆରି କରି ଏବେ ଚର୍ଚ୍ଚାକୁ ଆସିଛନ୍ତି ଅଭିଜିତ୍ ଦୋୱାରା। ପ୍ରବଳ ବର୍ଷା କି ପ୍ରବଳ ଶୀତରେ ବୁଲା କୁକୁରମାନେ ଆଶ୍ରୟ ଟିକିଏ ପାଇଁ ବହୁ ଦହଗଞ୍ଜ ହୋଇଥାନ୍ତି। ବର୍ଷା କି ଶୀତରୁ ରକ୍ଷା ପାଇବା ପାଇଁ ସେମାନେ ଲୋକଙ୍କ ପାଖକୁ ଚାଲି ଆସିଲେ ଲୋକେ ସେମାନଙ୍କୁ ଆକ୍ରମଣ କରି ଘଉଡାଇ ଦେଇଥାନ୍ତି। କିନ୍ତୁ କୁକୁରଙ୍କୁ ଏଭଳି ସମୟରେ ସାହାଯ୍ୟ କରିବା ପାଇଁ ଏବେ ଏକ ନୂଆ ପନ୍ଥା ଆପଣାଇଛନ୍ତି ଆସାମର ଜଣେ ଯୁବକ ଅଭିଜିତ୍ ଦୋୱାରା। ରାସ୍ତାକଡ଼ରେ ବିଭିନ୍ନ ସ୍ଥାନରେ ସେ ବୁଲା କୁକୁରଙ୍କ ପାଇଁ ତିଆରି କରୁଛନ୍ତି ଛୋଟ ଛୋଟ ଘର। ଆଉ ଏହି ଘର ତିଆରି ହେଉଛି ପୁରୁଣା ଟିଭି ସେଟ୍‌ରେ। ଏଥିପାଇଁ ସେ ପ୍ରଥମେ ବିଭିନ୍ନ ସ୍ଥାନରୁ ପୁରୁଣା ଅକାମୀ ହୋଇ ପଡ଼ିଥିବା ଟିଭି ସେଟ୍ ସବୁକୁ ସଂଗ୍ରହ କରିଥାନ୍ତି। ଏହାପରେ ସେସବୁକୁ ସୁନ୍ଦରଭାବରେ ଏକ ଛୋଟ ଘର ଭଳି ରୂପ ଦେଇଥାନ୍ତି। ଯାହାଫଳରେ ବୁଲାକୁକୁରସବୁ ଖରା, ବର୍ଷା କି ଶୀତବେଳେ ଆରାମଦାୟକ ଆଶ୍ରୟ ନେଇପାରିବେ। ପ୍ରବଳ ବର୍ଷା ଆଉ ଶୀତ ସମୟରେ ବୁଲାକୁକୁରଙ୍କ ଦୟନୀୟ ଅବସ୍ଥା ଦେଖି ବହୁ ଦିନ ପୂର୍ବରୁ ଅଭିଜିତ୍ ସେମାନଙ୍କ ପାଇଁ କିଛି କରିବେ ବୋଲି ଚିନ୍ତା କରିଥିଲେ। ଆଉ ଦିନେ ଅକାମୀ ହୋଇ ଯାଇଥିବା ଟିଭି ସେଟ୍‌କୁ ଦେଖି ସେ ହଠାତ୍ ତାଙ୍କର ଇଚ୍ଛା ପୂରଣ କରିବା ପାଇଁ ଯେମିତି ଏକ ମାଧ୍ୟମ ପାଇ ଯାଇଥିଲେ। ଅଧିକାଂଶ ଲୋକ ଏଲ୍‌ସିଡି ଟିଭି କିଣିବା ପରେ ସେମାନଙ୍କ ପୁରୁଣା ଟିଭିକୁ ଫିଙ୍ଗି ଦେଇଥାନ୍ତି। ତେଣୁ ସେହିସବୁକୁ ନେଇ ସେଥିରେ ସେ ସୁନ୍ଦରଭାବେ ଛୋଟ ଛୋଟ ଘର ତିଆରି କରି ପାରିଥିଲେ। ଏଭଳି ଛୋଟ ଛୋଟ ଘର ତିଆରି କରି ସେ ରାସ୍ତା କଡ଼ରେ ରଖୁଥିବା ନେଇ ସୋସିଆଲ ମିଡିଆରେ ଜଣାଇଥିଲେ। ତେବେ ସୋସିଆଲ ମିଡିଆରେ ଅଭିଜିତଙ୍କର ଏଭଳି କାମ ସମ୍ପର୍କରେ ଜଣାପଡ଼ିବା ପରେ ବିଭିନ୍ନ ଅଞ୍ଚଳର ଲୋକେ ତାଙ୍କୁ ପ୍ରଶଂସା କରିଛନ୍ତି। ତାଙ୍କର ଏଭଳି କାମ ଫଳରେ କୁକୁରମାନେ ବହୁ ଉପକୃତ ହୋଇପାରିବେ ବୋଲି ଲୋକେ ମତ ଦେଇଛନ୍ତି।

## କୁକୁର ବେକରେ ହୀରା ବେଲ୍ଟ

**ଲଣ୍ଡନ:** ଘରର ସଦସ୍ୟ କୁକୁର ପାଇଁ ଅନେକ ଅର୍ଥ ମଧ୍ୟ ଖର୍ଚ୍ଚ କରିବାକୁ ପଛାଇ ନ ଥାନ୍ତି। ଏହାକୁ ସେମାନେ ନିଜ ପିଲାପରି ଭଲ ପାଇଥାନ୍ତି। ଏମିତି ଏକ କୁକୁର ହେଲା 'ଫେବିୟୋ'। ବ୍ରିଟେନର ୱେଲ୍ସରେ ରହୁଥିବା ଏଲିସା ଥୋର୍ନେ ନାମକ ମହିଳା ଜୁଲାଇ ୨୦୨୦ରେ ଚାଇନିଜ କ୍ରେଷ୍ଟେଡ ପପ୍ପି କିଣିଥିଲେ। ଏହାକୁ ସେ ପ୍ରାୟ ୨.୫୦ ଲକ୍ଷ ଟଙ୍କାରେ କିଣିଥିଲେ। ଏଲିସା ସବୁ ସମୟରେ ନିଜ କୁକୁର ସହ ଫଟୋ ଉଠାଇ ସୋସିଆଲ ମିଡିଆରେ ଶେୟାର କରିଥାନ୍ତି। ଏହି ଫଟୋରେ କୁକୁର ବେକରେ ହିରା ବେଲ୍ଟ ପିନ୍ଧିଥିବାର ଦେଖିବାକୁ ମିଳୁଛି। ଫେବିୟୋ ସବୁବେଳେ ଅଡି କାରରେ ବୁଲିଥାଏ।



# ମହାକାଶରୁ ଖ୍ରୀଷ୍ଟମାସ୍ ଶୁଭେଚ୍ଛା



**ନୂଆଦିଲ୍ଲୀ:** ମହାକାଶରୁ ଆସିଛି ନିଆରା ଖ୍ରୀଷ୍ଟମାସ୍ ଶୁଭେଚ୍ଛା। ନିକଟରେ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ(ଆଇଏସ୍‌ଏସ୍)ରେ ଯାତ୍ରା କରିଥିବା ମହାକାଶଚାରୀ ଭିକ୍ଟର ଗ୍ଲୋଭର ପୃଥିବୀର ଏକ ସୁନ୍ଦର ଭିଡିଓ କ୍ଲିପ୍ ଟୁଇଟ୍‌କରି ବିଶ୍ୱବାସୀଙ୍କୁ ଖ୍ରୀଷ୍ଟମାସ୍ ଶୁଭେଚ୍ଛା ଜଣାଇବା ସହ ଶାନ୍ତି କାମନା କରିଛନ୍ତି। ଭିଡିଓ ସହ ସେ କ୍ୟାପ୍‌ଶନରେ 'ମେରି ଖ୍ରୀଷ୍ଟମାସ୍, ହ୍ୟାପି ହଲିଡେ ଏଣ୍ଡ ପିସ୍ ଆରାଉଣ୍ଡ ଦି ୱାର୍ଲଡ' ଉଲ୍ଲେଖ କରିଛନ୍ତି। ଖ୍ରୀଷ୍ଟମାସ୍ ରାତିରେ ଏହି ଭିଡିଓ ଶେୟାର କରାଯିବା ପରେ ଲକ୍ଷାଧିକ ଲୋକ ଏହାକୁ ଦେଖିବା ସହ ସୁନ୍ଦର କମେଣ୍ଟ ମଧ୍ୟ କରିଛନ୍ତି। କେତେଜଣ ଏହାକୁ ମହାକାଶରୁ ଉପହାର ବୋଲି କହିଛନ୍ତି। ସେହିପରି ଆଉ କେତେଜଣ ମହାକାଶଚାରୀଙ୍କୁ ସାଲ୍ୟୁଟ୍ କରିଛନ୍ତି।

# ବୋତଲରେ ପବନ ବିକ୍ରି




**ଲଣ୍ଡନ:** ବ୍ରିଟେନରେ କରୋନା ମହାମାରୀ କାୟା ବିସ୍ତାର କରିଥିବାରୁ ବିମାନ ଯାତ୍ରା ଉପରେ ପ୍ରତିବନ୍ଧକ ଲାଗିଛି। ଏପରିକି ୪୦ଟି ଦେଶ ବ୍ରିଟେନକୁ ବିମାନ ଉଡ଼ାଣ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଏହି କାରଣରୁ ଅନେକ ଲୋକ ବିଦେଶରେ ଫସି ରହିଛନ୍ତି। ଏପରି ସ୍ଥିତିରେ ଏକ କମ୍ପାନୀ ବ୍ରିଟେନ ଲୋକଙ୍କ ପାଇଁ ଆକର୍ଷଣୀୟ ଉତ୍ପାଦର ବ୍ୟବସ୍ଥା କରିଛି। ଘରଠାରୁ ବାହାରେ ରହୁଥିବା ଲୋକଙ୍କ ପାଇଁ ସୁସ୍ଥ ବାୟୁର ବ୍ୟବସ୍ଥା କରିଛି ଏହି କମ୍ପାନୀ। ଦୁର୍ଗମ ଅଞ୍ଚଳରେ ଫସି ରହିଥିବା ଲୋକମାନେ ସେମାନଙ୍କ ଘର ଜଳବାୟୁକୁ ସହଜରେ ଉପଭୋଗ କରିପାରିବେ। ଏହି ୫୦୦ ମିଲିଲିଟର ବୋତଲର ମୂଲ୍ୟ ୨୫ ପାଉଣ୍ଡ ଅର୍ଥାତ ୨୫୦୦ ଟଙ୍କା। ଏହି ବୋତଲ ଏକ କର୍କ ଷ୍ଟପରରେ ଆସୁଛି। ଯାହଫଳରେ ଯେତେବେଳେ ଦରକାର ପଡ଼ିବ ଏହାକୁ ଖୋଲି ବାୟୁ ତୁରନ୍ତ ନେଇପାରିବେ ଏବଂ ବନ୍ଦ କରିପାରିବେ। ମାଇ ବ୍ୟାଗେଜ ନାମକ ଏହି କମ୍ପାନୀ ବର୍ତ୍ତମାନ ଇଂଲଣ୍ଡ, ସ୍କଟଲ୍ୟାଣ୍ଡ, ୱେଲ୍ସ ଏବଂ ଆୟର୍ଲାଣ୍ଡର ମୂଳ ବାୟୁକୁ ବୋତଲରେ ବିକ୍ରି କରୁଛି। ପୂର୍ବରୁ କାନାଡାର ଏକ କମ୍ପାନୀ ଭିଟାଲିଟି ଏୟାର ଚାଇନାର ପ୍ରଦୂଷିତ ସହରରେ ଉପସ୍ଥିତ ଲୋକଙ୍କ ପାଇଁ ବୋତଲରେ ଶୁଦ୍ଧ ବାୟୁ ଦେଉଥିଲା।

# ଆନ୍ଦୋଳନସ୍ଥଳୀରେ ଜିପ୍ ଚଳାଇ ପହଞ୍ଚିଲେ ବୃଦ୍ଧା

**ଅମୃତସର:** ମନର ବଳ ଆଗରେ ବୟସ ବି ହାର ମାନେ। ଏହାକୁ ପ୍ରମାଣ କରିଛନ୍ତି ୬୨ ବର୍ଷୀୟା ମହିଳା ମନ୍‌ଜିତ୍ କୌର। କୃଷକମାନେ ଚଳାଇଥିବା ଆନ୍ଦୋଳନରେ ସାମିଲ ହେବା ପାଇଁ ସେ ପଟିଆଲାରୁ ନିଜେ ଜିପ୍ ଚଳାଇ ଦିଲ୍ଲୀ ପର୍ଯ୍ୟନ୍ତ ଚାଲି ଆସିଛନ୍ତି। ଆନ୍ଦୋଳନରେ ସାମିଲ ହେବାକୁ ସେ ଆସିବା ସହିତ ଅନ୍ୟ ପାଞ୍ଚଜଣ ମହିଳାଙ୍କୁ ବି ସାଙ୍ଗରେ ଆଣି ଆସିଛନ୍ତି। ବୟସ ବଢ଼ିଲେ ସାଧାରଣତଃ ମଣିଷର କାର୍ଯ୍ୟକ୍ଷମତା କମ୍ ହୋଇଯାଏ ବୋଲି ଅନେକ ଭାବିପାରନ୍ତି। କିନ୍ତୁ ମନୋବଳ ଦୃଢ ଥିଲେ ବୟସ ବି ହାର ମାନେ। ଠିକ୍ ଯେମିତି ପଞ୍ଜାବ ପଟିଆଲା ଅଞ୍ଚଳର ମଞ୍ଜିତ୍ କୌର। ୬୨ ବର୍ଷର ଏହି ବୃଦ୍ଧାଙ୍କର ଦୁଃସାହସିକ ପଦକ୍ଷେପ ଏବେ ସବୁଆଡ଼େ ଚର୍ଚ୍ଚା ହେଉଛି। ମଞ୍ଜିତ୍ ଚାଷୀ ଆନ୍ଦୋଳନକୁ ସମର୍ଥନ କରି ଏଥିରେ ଭାଗ ନେବା ପାଇଁ ଚାହିଁଥିଲେ। ତେଣୁ ସେ ଅନ୍ୟ କେତେଜଣ ମହିଳାଙ୍କୁ ଏଥି ନିମନ୍ତେ ପ୍ରବର୍ତ୍ତାଇବା ପରେ ସେମାନଙ୍କ ସହିତ ଜିପ୍‌ରେ ବାହାରିଥିଲେ ଆନ୍ଦେଳନ ହେଉଥିବା ସ୍ଥାନକୁ। ଅବଶ୍ୟ ପ୍ରଥମେ ତାଙ୍କୁ ଏଥିପାଇଁ ଅନ୍ୟ ମହିଳାମାନେ ବାରଣ କରିଥିଲେ। କିନ୍ତୁ ମଞ୍ଜିତ୍ ଆନ୍ଦୋଳନରେ ଭାଗ ନେବା ପାଇଁ ନିଜେ ଗାଡ଼ି ଚଳାଇ ବାହାରିଥିଲେ। ଆଉ ଆନ୍ଦୋଳନସ୍ଥଳରେ ପହଞ୍ଚିବା ପରେ ସେ ଟୁଇଟରରେ ତାଙ୍କର ଫଟୋ ଶେୟାର କରି କିଷାନ୍ ଏକତା ମୋର୍ଚ୍ଚା ବୋଲି ଜଣାଇଥିଲେ। ତେବେ ସୋସିଆଲ ମିଡିଆରେ ମଞ୍ଜିତଙ୍କ ଏଭଳି କାମକୁ ଏବେ ସବୁଆଡୁ ପ୍ରଶଂସା ମିଳୁଛି। ଏତେ ବୟସରେ ତାଙ୍କର ଏଭଳି ସାହସିକ ପଦକ୍ଷେପ ନିଶ୍ଚିତଭାବେ ଅନ୍ୟ ମହିଳାଙ୍କୁ ପ୍ରେରଣା ଦେଇପାରିବ ବୋଲି ମତ ପ୍ରକାଶ ପାଇଛି।





## ମନେ ପଡ଼ନ୍ତି

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ହୃଷିକେଶ ଦାସ**
ପ୍ରଶାନ୍ତି ବିହାର, ଭୁବନେଶ୍ୱର-୨୪
ଆବିର୍ଭାବ - ୦୪.୦୬.୧୯୩୯
ତିରୋଧାନ - ୦୪.୧୨.୨୦୧୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ
ଅରବିନ୍ଦ, ଅନ୍ତର୍ଯ୍ୟାମୀ, ଅମରେଶ, ଆଶୁତୋଷ, ପରିବାରବର୍ଗ ଓ ବନ୍ଧୁବାନ୍ଧବ । ଆଦିତ୍ୟ ଫାର୍ମା କେୟାର, କିଟ ଲେନ୍, ଭୁବନେଶ୍ୱର-୨୪
ଧ-୭୦୦୭୪

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତା ଗୋପେଶ୍ୱରୀ ମଲ୍ଲିକ**
ଗ୍ରା: ସଂସାମୁରା, ପୋ:ଅ- କର୍ତ୍ତଙ୍ଗ, ଜି- ସୁବର୍ଣ୍ଣପୁର
ତିରୋଧାନ: ତା ୧୦।୧୨।୨୦୧୯
(ମାର୍ଗଶିର ଶୁକ୍ଳ ତ୍ରୟୋଦଶୀ)
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କଠାରେ ବିନମ୍ର ପ୍ରାର୍ଥନା ।
-:ତୁମର:-
ରାଜୁ, ମାନସ, ତିଳୋତ୍ତମା, ପଦ୍ମା, ସୀମା, ନୀଳିମା ଓ ପରିବାରବର୍ଗ ।
ଧ-୧୯୩୮୦

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଧ୍ରୁବ ଚରଣ ମହାନ୍ତି**
ପୋଖରୀପୁଟ, ଭୁବନେଶ୍ୱର
ଆବିର୍ଭାବ: ୦୩।୦୬।୧୯୨୩
ତିରୋଧାନ: ୦୭।୧୨।୨୦୧୧
ଆଜିର ଶ୍ରାଦ୍ଧଦିବସରେ ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ପରୋପକାରିତା ତଥା ନୀତି ଆଦର୍ଶ ଆମର ଚିର ସ୍ମରଣୀୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଆପଣଙ୍କର:-
ପୁଅ: ମୁନା, ବୋହୂ: ରିନି, ଝିଅ: ରୁନି, ରୁଜି ଓ ରେବା, ଜ୍ୱାଇଁ: ଗଗନ, ଅନିମେଷ ଓ ସୁବ୍ରତ, ନାତି, ନାତୁଣୀ: ରିୟା, ଶ୍ରୀୟା, ସୋନୁ ଓ ଶୁଭମ୍ ।
ଧ-୧୯୩୪୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଜ୍ୟୋତ୍ସ୍ନାରାଣୀ ସାହୁ (କାଞ୍ଚନ)**
ସ୍ଥାନ: ଯୋଗେଶ୍ୱର ପାଟଣା, କପିଳପ୍ରସାଦ, ଭୁବନେଶ୍ୱର-୨
ଆବିର୍ଭାବ: ୦୧।୦୬।୧୯୫୫
ତିରୋଧାନ: ୨୦।୧୨।୨୦୧୮
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଶ୍ରୀ ଠାକୁରଙ୍କ ଶ୍ରୀଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
-:ଶୋକସନ୍ତପ୍ତ:-
ପୁତ୍ର (ନଳିନୀକାନ୍ତ ସାହୁ), ବନ୍ଧୁ ଓ ପରିବାରବର୍ଗ ।
ଧ-୬୯୬୬୯

**ଶ୍ରଦ୍ଧାପୂର୍ଣ୍ଣ ସୁମନ**



**୰ଶ୍ରୀ ଗୋପବନ୍ଧୁ ମହାପାତ୍ର**
(ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ, ବୟନଶିଳ୍ପ, ଓଡ଼ିଶା)
''ନିଗମ ଆନନ୍ଦ'' ୨୧୪/୨୧୭, ବାୟାବାବା ମଠ ଲେନ୍, ୟୁନିଟ୍-୯, ଭୁବନେଶ୍ୱର, ୭୫୧୦୨୨
ଆବିର୍ଭାବ: ୨୩ ଡିସେମ୍ବର, ୧୯୩୨
ତିରୋଧାନ: ୧୬ ଡିସେମ୍ବର, ୨୦୨୦
ନନା, ଆପଣଙ୍କ କଥାଗୁଡ଼ିକ, ଆମପାଇଁ ପ୍ରେରଣା। ଆପଣଙ୍କର ନିଷ୍ଠାପର ଜୀବନ, ଆମର ପଥ ପ୍ରଦର୍ଶକ ଆଲୋକ। ଆପଣଙ୍କ ସ୍ନେହ ଏବେବି ଆମର ସୁରକ୍ଷା କବଚ। ଆମ ସ୍ମୃତିର ପ୍ରତ୍ୟେକ କ୍ଷଣରେ ରହିଛି ଆପଣଙ୍କ ଶିଷ୍ଟ ସ୍ୱଭାବର ସ୍ପର୍ଶ।
**ମହାପାତ୍ର ପରିବାର ।**
ଧ-୧୯୩୭୯

# ଉନ୍ମୀଳନ

**ଖୁବ୍ କମ୍ ଦିନରେ ଏକ ନୂଆ ବର୍ଷକୁ ସ୍ୱାଗତ ଜଣାଇ ବର୍ଷ ୨୦୨୦ ବିଦାୟ ନେବ ଆମ ଗହଣରୁ। ତେବେ ଏ ବର୍ଷ ମଧ୍ୟରେ ଆଗାମୀ ଆଶା ପୃଷ୍ଠାରେ ପ୍ରକାଶ ପାଇଥିବା ଅନେକ ପ୍ରସଙ୍ଗ ମଧ୍ୟରୁ ନିର୍ବାଚିତ କେତୋଟି ବିଷୟ ଏବଂ ଯୁବପ୍ରତିଭାଙ୍କ ସମ୍ପର୍କରେ...**




## ଯୁବପ୍ରତିଭା

**ଧ୍ୟାନାନନ୍ଦ ପଣ୍ଡା:** କଳାହାଣ୍ଡି ଜିଲା ଭବାନୀପାଟଣା ସହରର ମା' ସୌଭାଗ୍ୟ ମଞ୍ଜରୀ ଏବଂ ପିତା ସ୍ୱର୍ଗତ ମାହେଶ୍ୱରୀ ପ୍ରସାଦ ପଣ୍ଡାଙ୍କ ପୁଅ ଧ୍ୟାନାନନ୍ଦ। କଳାହାଣ୍ଡିର ପାରମ୍ପରିକ ଲୋକନୃତ୍ୟ ପ୍ରତି ବେଶ୍ ଆଗ୍ରହୀ । ତାଙ୍କ ନୃତ୍ୟ ଓ ବାଦନ ଶୈଳୀରେ ଖୁସି ହୋଇ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ୨୦୦୩ ମସିହାରେ ତାଙ୍କୁ ଜାତୀୟ ଯୁବ କଳାକାର ବୃତ୍ତି ଓ ସମ୍ମାନ, ୨୦୧୫ ମସିହାରେ ସମ୍ମାନଜନକ ଉସ୍ତାଦ୍ ବିସ୍‌ମିଲ୍ଲାଖାନ୍ ଯୁବ କଳାକାର ସମ୍ମାନ, ତତ୍‌କାଳୀନ ମହାମହିମ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କଠାରୁ ରାଷ୍ଟ୍ରପତି ଭବନରେ ୨୦୧୧-୧୨ ବର୍ଷ ରାଷ୍ଟ୍ରୀୟ ଯୁବ ପୁରସ୍କାର ପ୍ରାପ୍ତ ହୋଇଛି। ସେ ୨୦୦୦ ମସିହାରେ 'ପ୍ରତିଭା' ନାମରେ ଏକ ସାଂସ୍କୃତିକ ଅନୁଷ୍ଠାନ କରି ନିଃଶୁଳ୍କ ଭାବରେ କଳାକାରମାନଙ୍କୁ ପ୍ରଶିକ୍ଷଣ ଦେଇ ୫୦୦ରୁ ଊର୍ଦ୍ଧ୍ୱ କଳାକାର ତିଆରି କରିଛନ୍ତି, ଯେଉଁମାନଙ୍କ ମଧ୍ୟରୁ ୩୦ରୁ ଊର୍ଦ୍ଧ୍ୱ କଳାକାର ଶିଶୁ କଳାକାର ବୃତ୍ତି ତଥା ଜାତୀୟ ଯୁବ କଳାକାର ବୃତ୍ତି ଓ ଜୁନିୟର ଫେଲୋଶିପ୍ ସମ୍ମାନ ପାଇପାରିଛନ୍ତି । ସେ ଏକ ବ୍ୟାଣ୍ଡପାର୍ଟି ଗୋଷ୍ଠୀ ତିଆରି କରି ଅନେକ କଳାକାରଙ୍କୁ ରୋଜଗାରକ୍ଷମ କରାଇଛନ୍ତି। ଏହା ବ୍ୟତୀତ ବିଭିନ୍ନ ସମାଜଧର୍ମୀ କାର୍ଯ୍ୟ ଲାଗି ତାଙ୍କୁ ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ସମାଜସେବୀ ସମ୍ମାନ ମିଳିଛି।


ଧ୍ୟାନାନନ୍ଦ

**ଗୌତମ ମହାରଣା:** ପେସାରେ ସେ ଜଣେ କାଠ ବ୍ୟବସାୟୀ ହେଲାବେଳେ ନିଶା ତାଙ୍କର ସମାଜସେବା। ସମୟ ପାଇଲେ ଏକାକୀ ହେଉ କିମ୍ବା ସାଙ୍ଗସାଥୀଙ୍କୁ ମେଳି କରି ଗାଁ ସଫେଇ ସହ ଚାରା ରୋପଣରେ ଲାଗିପଡ଼ନ୍ତି। ଗରିବ ଅସହାୟଙ୍କ ସେବା ଶୁଶ୍ରୂଷା କରିବା, ଯଥା ସମ୍ଭବ ଆର୍ଥିକ ସହଯୋଗ କରିବା, ଛାତ୍ରୀଛାତ୍ରଙ୍କୁ ମାଗଣା ପାଠ୍ୟପୁସ୍ତକ ପ୍ରଦାନ କରିବା ଦିଗରେ ସେ ସର୍ବଦା ତତ୍ପର। ସେ ହେଉଛନ୍ତି ଖୋର୍ଦ୍ଧା ଜିଲା ବେଣାପଞ୍ଜରି ପଞ୍ଚାୟତ ଅନ୍ତର୍ଗତ ରାଣୀପୁର ଟିରିମଲ୍ଲ ଗ୍ରାମର ମା'ଭାନୁମତୀ ଓ ବାପା ଲକ୍ଷ୍ମୀଧର ମହାରଣାଙ୍କ ପୁଅ ଗୌତମ। ବର୍ତ୍ତମାନ ସେ ବିଶ୍ୱକର୍ମା ମହାସଂଘର ରାଜ୍ୟ ସଭାପତି ରହିଥିବା ସହ ଅନ୍ୟାନ୍ୟ ବିଶ୍ୱକର୍ମା ପରିବାରର ଗରିବ ମେଧାବୀ ପିଲାଙ୍କ ପାଠପଢ଼ା, ଅସହାୟ ପରିବାରଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ସହଯୋଗ କରୁଛନ୍ତି। ରାସ୍ତାକଡରେ ଅସହାୟ ଅବସ୍ଥାରେ ବସି ରହୁଥିବା ବୃଦ୍ଧାବୃଦ୍ଧମାନଙ୍କ ଥଇଥାନ ଲାଗି ବର୍ତ୍ତମାନ ସେ ଏକ ସତୁରି ଶଯ୍ୟା ବିଶିଷ୍ଟ ବୃଦ୍ଧାଶ୍ରମ ମଧ୍ୟ ନିର୍ମାଣ କରୁଛନ୍ତି।

**ସ୍ୱପ୍ନଜିତ୍ ବେହେରା:** ବିନା ପ୍ରଶିକ୍ଷଣରେ ନିଜ କଳାକୃତିକୁ ଜୀବନ୍ତ ରୂପ ଦେଇ ଏକ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି କଟକରେ ରହୁଥିବା ମାଆ ପ୍ରଭାସିନୀ ଓ ବାପା ଅଜୟ କୁମାର ବେହେରାଙ୍କ ପୁଅ ସ୍ୱପ୍ନଜିତ୍। ବର୍ତ୍ତମାନ ସୁଦ୍ଧା ଏକାଧିକ ଚିତ୍ରକଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ବିଭିନ୍ନ ପ୍ରକାର ଆର୍ଟ ଶିଖିବା ଲାଗି ଗୁଗଲ୍ ଏବଂ ୟୁଟ୍ୟୁବ୍ ବେଶ୍ ସାହାଯ୍ୟ କରୁଥିବାରୁ ସେ ମଡର୍ନ ଆର୍ଟ, ଫାଇନ୍ ଆର୍ଟ, ସ୍କେଚ୍ ଆର୍ଟ ଇତ୍ୟାଦି ମଧ୍ୟ ଖୁବ୍ ସୁନ୍ଦର ଭାବେ କରିପାରୁଛନ୍ତି। ତେବେ କୌଣସି ଟ୍ରେନିଂ ନ ନେଇ ତିନି ଥର ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବା ଏବଂ ପୁରସ୍କୃତ ହେବା ମୋ ଲାଗି ଗୌରବର କଥା ବୋଲି ସେ ପ୍ରକାଶ କରନ୍ତି। ଭବିଷ୍ୟତରେ ଜଣେ ଫ୍ୟାଶନ୍ ଡିଜାଇନର୍ ହେବା ତାଙ୍କର ଲକ୍ଷ୍ୟ।

**ନୀଳାଞ୍ଚଳ ପାନ:** କଳାହାଣ୍ଡି ଜିଲା ଗୁରୁବାହାଲ ଅନ୍ତର୍ଗତ ପାଖୁନାଗୁଡା ଗାଁର ମାଆ ମଇନା ଏବଂ ବାପା ମଧୁସୂଦନ ପାନଙ୍କ ପୁଅ ନୀଳାଞ୍ଚଳ। ଛୋଟ ବେଳୁ ଗୀତ ଗାଇବା ପ୍ରତି ତାଙ୍କର ରହିଛି ଆଗ୍ରହ; ଯେଉଁଥିପାଇଁ ସ୍କୁଲ୍, କଲେଜଠାରୁ ଆରମ୍ଭ କରି ବ୍ଲକ୍, ଜିଲା ଏବଂ ରାଜ୍ୟ ସ୍ତରୀୟ ସଂଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହେବା ସହ ସାଉଁଟିଛନ୍ତି ଅନେକ ପ୍ରଶଂସା। ଅଲ୍‌ଇଣ୍ଡିଆ ରେଡିଓ ଭବାନିପାଟଣାରେ ୪ ବର୍ଷ ଉପସ୍ଥାପକ ଭାବେ କାର୍ଯ୍ୟକରିବା ସହ ବାଣୀ ସାର୍ଟିଫିକେଟ୍ ମଧ୍ୟ ହାସଲ କରିଛନ୍ତି। ତାଙ୍କୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଲୋକଗୀତରେ ସ୍କଲାରଶିପ୍ ମଧ୍ୟ ମିଳିଛି। ସେ ଦୁଇଟି କ୍ଷୁଦ୍ର ଚଳଚ୍ଚିତ୍ରରେ କଣ୍ଠଦାନ ସହ ସଂଗୀତ ପରିଚାଳନା କରିଛନ୍ତି। ସେ ସୁରମହକ ନାମକ ଏକ ମ୍ୟୁଜିକାଲ୍ ଗ୍ରୁପ୍ ଗଠନ କରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଷଣ କରିବା ସହ ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ମଧ୍ୟ ଖୋଲିଛନ୍ତି।

**ସୌରଭ ସ୍ୱପ୍ନିଲ୍ ଦତ୍ତ:** ନୂଆ ନୂଆ ଜାଗା ବୁଲିଯିବା, ସେଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ପାହାଡ଼ ଚଢିବା, ନଈ ପହଁରିବା ଭଳି ବିଭିନ୍ନ ଦୁଃସାହସିକ କାର୍ଯ୍ୟ କରିବାରେ ବି ତାଙ୍କୁ ମିଳେ ଆନନ୍ଦ। ଯେଉଁଥିପାଇଁ 'ଟ୍ରାଭେଲାଇଟ୍ସ' ନାମକ ଏକ ସଂସ୍ଥା ଆରମ୍ଭ କରି କେବଳ ନିଜେ ନୁହେଁ ଅନ୍ୟମାନଙ୍କୁ ମଧ୍ୟ ଏଭଳି ରୋମାଞ୍ଚକର ଅନୁଭୂତି ସାଉଁଟିବାର ସୁଯୋଗ ଦେଉଛନ୍ତି। ଭୁବନେଶ୍ୱର ଶିଶୁପାଳଗଡରେ ରହୁଥିବା ମା' ସୌଭାଗ୍ୟଲକ୍ଷ୍ମୀ ଏବଂ ବାପା ସରୋଜ କୁମାର ଦତ୍ତଙ୍କ ପୁଅ ସୌରଭ ସ୍ୱପ୍ନିଲ୍। ସେ ପ୍ରତିବର୍ଷ ଶୀତଦିନେ ଅର୍ଥାତ୍ ଡିସେମ୍ବର ଏବଂ ଜାନୁୟାରୀ ମାସରେ ସୁଦୂର ଜଗତସିଂହପୁର ଜିଲାର ଦୁର୍ଗମ ଅଞ୍ଚଳ ମହେନ୍ଦ୍ରଗିରିଠାରେ ନେଚର କ୍ୟାମ୍ପ୍ ଆୟୋଜନ କରି ଉତ୍ସାହୀ ଭ୍ରମଣାର୍ଥୀମାନଙ୍କୁ କ୍ୟାମ୍ପ୍‌ରେ ଦୁଇ ଦିନ ଏବଂ ଏକ ରାତି ରହିବା ସହ କ୍ୟାମ୍ପିଙ୍ଗ୍, ବନ୍‌ଫାୟାର୍, ଟ୍ରେକିଙ୍ଗ୍, ଷ୍ଟାର ଗେଜିଂ ଭଳି ବିଭିନ୍ନ ଇଭେଣ୍ଟର ମଜା ନେବାର ସୁଯୋଗ ଆଣି ଦେଉଛନ୍ତି। କେବଳ ଏତିକି ନୁହେଁ ସେ ଓଡିଶାର ବିଭିନ୍ନ ପ୍ରାନ୍ତରେ ଇକୋ ଟୁରିଜମ୍ କ୍ୟାମ୍ପ୍ ଆୟୋଜନ କରି ସ୍ଥାନୀୟ ବେକାର ଯୁବକମାନଙ୍କୁ ଏଥିରେ ସାମିଲ କରି ସେମାନଙ୍କୁ ଅସ୍ଥାୟୀ କର୍ମସଂସ୍ଥାନ ଯୋଗାଇ ଦେଇ ପାରୁଛନ୍ତି।


ସୌରଭ


ସ୍ୱପ୍ନଜିତ୍

**ସମୀର ଶତପଥୀ:** ଓଡ଼ିଶାର ପ୍ରତିଷ୍ଠିତ ରଙ୍ଗମଞ୍ଚ ମଧ୍ୟରେ ଅନ୍ୟତମ ଅନ୍ନପୂର୍ଣ୍ଣା ଥିଏଟରରେ ଅଭିନୟ କରିବାର ନିଶା ତାଙ୍କୁ ଯୁବାବସ୍ଥାରେ ଜଣେ ମଞ୍ଚ ଅଭିନେତା ସଜାଇ ଦେଇଥିଲା। କେବଳ ମଞ୍ଚରେ ନୁହେଁ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏହି ଯୁବ ବ୍ୟକ୍ତିତ୍ୱ ହେଉଛନ୍ତି ପୁରୀ ବିଶ୍ୱନାଥ ବିହାର ନିବାସୀ ହରପ୍ରିୟା ଏବଂ ଶରତ ଚନ୍ଦ୍ର ଶତପଥୀଙ୍କ ପୁଅ ସମୀର। ୨୦୧୧ ମସିହାରେ ଅନ୍ନପୂର୍ଣ୍ଣା ଥିଏଟରରେ ନିଜ କ୍ୟାରିୟର ଆରମ୍ଭ କରିଥିବା ସମୀର ବର୍ତ୍ତମାନ ସୁଦ୍ଧା ୪୦ରୁ ଊର୍ଦ୍ଧ୍ୱ ନାଟକରେ ନିଜର ନିଖୁଣ କଳାର ପରିଚୟ ଦେଇ ସାଉଁଟିଛନ୍ତି ଅନେକ ପ୍ରଶଂସା। ଜଣେ ଚନ୍ଦା ଲୋକର ଜୀବନୀ କାହାଣୀ ଉପରେ ଆଧାରିତ ଓଡ଼ିଆ ଫିଲ୍ମ 'ବାଳ'ରେ ମୁଖ୍ୟ ଭୂମିକାରେ ଅଭିନୟ କରି ଅଭିନୟରେ ଥିବା ଦକ୍ଷତାକୁ ପ୍ରମାଣିତ କରିଛନ୍ତି। ବର୍ତ୍ତମାନ ତାଙ୍କ ଅଭିନୀତ ଆଉ ଏକ ଓଡ଼ିଆ ଫିଲ୍ମ ସୁପର ବୟ୍ ରିଲିଜ ଅପେକ୍ଷାରେ। ତେବେ ନିଜର ନିଖୁଣ ଅଭିନୟ ଲାଗି ତାଙ୍କୁ ମିଳିଛି ଭୁବନେଶ୍ୱର ୱାଇଟ କାନଭାସ ଅନୁଷ୍ଠାନ ପକ୍ଷରୁ ଫିଲ୍ମ ଫେୟାର ଆୱାର୍ଡ, ପୁରୀର ୱିନିଙ୍ଗ ଆଣ୍ଡ ସୋଟିଙ୍ଗ କ୍ଲବ ପକ୍ଷରୁ ଶୋ ଟାଇମ ଆୱାର୍ଡ, ଶ୍ରୀକ୍ଷେତ୍ର ଗୌରବ, ଶ୍ରୀକ୍ଷେତ୍ର ଯୁବପ୍ରତିଭା, କୁମାର ଉତ୍ସବ ସମ୍ମାନ, ଭରତମୁନୀ ସମ୍ମାନ ଭଳି ଅନେକ ପୁରସ୍କାର। ଅଭିନେତା ବ୍ୟତୀତ ଜଣେ ଯୁବ ସାମାଜିକ କର୍ମୀ ଭାବେ ସେ ଜଣାଶୁଣା।

**ଜ୍ୟୋତିରଞ୍ଜନ ନାୟକ:** ପୁରୀ ସିଦ୍ଧ ମହାବୀର ପାଟଣା ଅଞ୍ଚଳର ମା' ପୁଷ୍ପଲତା ଓ ବାପା ବାସୁଦେବ ନାୟକଙ୍କ ଏକମାତ୍ର ପୁଅ ଜ୍ୟୋତିରଞ୍ଜନ(ପିଙ୍କୁ)। ପାଠପଢ଼ା ସମୟରେ ସାଙ୍ଗସାଥୀଙ୍କୁ ଧରି ବିଦ୍ୟାଳୟ ବାତାବରଣ ସ୍ୱଚ୍ଛତା, ଚାରାରୋପଣ କରି ପରିବେଶ ସୁରକ୍ଷା ଆଦି କାର୍ଯ୍ୟ କରି ଆସୁଛନ୍ତି। ସିଦ୍ଧ ମହାବୀର ପାଟଣା ରେଳଧାରଣାରେ ଫ୍ଲାଇ ଓଭର ବ୍ରିଜ ନିର୍ମାଣ ଲାଗି ୨୦୧୯ମସିହା ମାର୍ଚ୍ଚରୁ ମେ ପର୍ଯ୍ୟନ୍ତ ସକାଳଠାରୁ ରାତି ଏକାଧିକ ସାଥୀଙ୍କୁ ଧରି ରେଳ ଫାଟକରେ ଠିଆ ହୋଇ ୧ଲକ୍ଷ ଦସ୍ତଖତ ସଂଗ୍ରହ କରିଥିଲେ। ଫ୍ଲାଇ ଓଭରବ୍ରିଜ ନିର୍ମାଣ ଲାଗି ପ୍ରଧାନମନ୍ତ୍ରୀଙ୍କୁ ଦସ୍ତଖତ ସମ୍ବଳିତ ଦାବିପତ୍ର ଦେବା ପାଇଁ ସେ ପାଦରେ ଚାଲି ଚାଲି ଦୀର୍ଘ ୧୭ଶହରୁ ଊର୍ଦ୍ଧ୍ୱ କିମି ଅତିକ୍ରମ କରି ଭୂପୃଷ୍ଠ ମନ୍ତ୍ରୀ ଏବଂ ପେଟ୍ରୋଲିୟମ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେବଳ ଏତିକି ନୁହେଁ, ପୁରୀ ରାସ୍ତାକଡ଼ରେ ଆଶ୍ରୟ ନେଇଥିବା ଗରିବ ଭୋକିଲା ଲୋକଙ୍କୁ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଖାଦ୍ୟ ଯୋଗାଇ ଆସୁଛନ୍ତି। ସେବା କାର୍ଯ୍ୟକୁ ଆଗକୁ ନେବା ଲକ୍ଷ୍ୟ ନେଇ ସେ ଏପ୍ରିଲ ୨୦୧୮ ମସିହାରେ ଜନ ଜାଗରଣ ମଞ୍ଚ ନାମରେ ଏକ ଅନୁଷ୍ଠାନ ଗଠନ କରିଛନ୍ତି। ଯାହାର ବର୍ତ୍ତମାନ ସଦସ୍ୟା ସଂଖ୍ୟା ୩ ଶହରୁ ଊର୍ଦ୍ଧ୍ୱ। ରକ୍ତଦାନ ଶିବିର ଆୟୋଜନ କରିବା, ବୃକ୍ଷ ରୋପଣ, ପରିବେଶ ସ୍ୱଚ୍ଛତା, ବେଳାଭୂମିକୁ ପରିଷ୍କାର ରଖିବା ସହ ଅସହାୟଙ୍କ ଲାଗି ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରୁଛନ୍ତି।


ଜ୍ୟୋତିରଞ୍ଜନ

**ନୀତିଶ କୁମାର ଧଳ:** କେତେ ବେଳେ ଅନାଥ ଆଶ୍ରମ ତ ଆଉ କେତେବେଳେ ବୃଦ୍ଧାଶ୍ରମ, ଆଉ ପୁଣି କେତେବେଳେ ଗରିବ ଅସହାୟଙ୍କୁ ନିଃଶୁଳ୍କ ସ୍ୱାସ୍ଥ୍ୟସେବା କରୁଥିବାର ଦେଖିବାକୁ ମିଳେ ତାଙ୍କୁ। ତେବେ ମାତ୍ର ୨୪ ବର୍ଷ ବୟସରୁ ଏଭଳି ବିଭିନ୍ନ ସାମାଜିକଧର୍ମୀ କାର୍ଯ୍ୟ କରି ଅନେକଙ୍କ ଲାଗି ଉଦାହରଣ ପାଲଟିଥିବା ଏହି ଯୁବ ଡାକ୍ତର ହେଉଛନ୍ତି ବାଲେଶ୍ୱର ବାଲିଆପାଳ ଅନ୍ତର୍ଗତ ଗଡସାହି ଅଞ୍ଚଳର ମା'ସାବିତ୍ରୀ ଏବଂ ବାପା ଆଶୁତୋଷ ଧଳଙ୍କ ପୁଅ ନୀତିଶ କୁମାର। ସେ ବେଶ୍ କଳାପ୍ରେମୀ। ବର୍ତ୍ତମାନ ସୁଦ୍ଧା ସେ ନିଜ ପ୍ରଯୋଜନା ଏବଂ ନିର୍ଦ୍ଦେଶନାରେ ରୁମାନା, ପରିବର୍ତ୍ତନ, ତୋଫା, ଉମିଦ୍ ଏବଂ ମା' ନାମକ ୫ଟି କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରିବା ସହ ପୁରସ୍କୃତ ମଧ୍ୟ ହୋଇସାରିଛନ୍ତି। ସେ ଦୂରଦର୍ଶନରେ ପ୍ରସାରିତ ଏକ ଟେଲି ଧାରାବାହିକରେ ମଧ୍ୟ ଅଭିନୟ କରିସାରିଛନ୍ତି। ଏହା ବ୍ୟତୀତ ସେ ଭାୟୋଲିନ୍‌ରେ ବିଶାରଦ ହାସଲ କରିବା ସହ ଜଣେ ଫଟୋଗ୍ରାଫର ଭାବେ ଏକାଧିକ ପୁରସ୍କାର ଲାଭ କରିଛନ୍ତି। ବର୍ତ୍ତମାନ ସେ ଗ୍ଲୋବାଲ୍ ଆସୋସିଏଶନ୍ ଅଫ୍ ଇଣ୍ଡିଆନ୍ ମେଡିକାଲ୍ ଷ୍ଟୁଡେଣ୍ଟ ଆସୋସିଏଶନ୍‌ର ନ୍ୟାଶନାଲ୍ ଏକ୍‌ଜିକ୍ୟୁଟିଭ୍ ବୋର୍ଡ ମେମ୍ବର, ଓ୍ୱେବ୍- ମେଡ୍ କ୍ୱେଷ୍ଟର ପବ୍ଲିକ୍ ରିଲେସନ୍ସ ଓ ଆମ୍ବାସଡର ମୁଖ୍ୟ, ୟୁନାଇଟେଡ୍ ଡକ୍ଟର ଆସୋସିଏଶନ୍‌ର ନ୍ୟାଶନାଲ୍ ଷ୍ଟୁଡେଣ୍ଟ ରିପ୍ରେଜେଣ୍ଟେଟିଭ୍ ଏବଂ ସାଇଟୋପଟ୍ ନାମକ ଏକ ଇ-ଆପଏଣ୍ଟମେଣ୍ଟ ବୁକିଂ ଆପ୍ଲିକେଶନ୍‌ର ନ୍ୟାଶନାଲ୍ ପିଆର୍ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ଏହା ବ୍ୟତୀତ ସେ ଇଣ୍ଡିଆନ୍ ମେଡିକାଲ୍ ଆସୋସିଏଶନ୍- ମେଡିକାଲ୍ ଷ୍ଟୁଡେଣ୍ଟ ନେଟ୍‌ୱର୍କ ଏବଂ ଷ୍ଟୁଡେଣ୍ଟ ନେଟ୍‌ୱର୍କ ଅର୍ଗାନାଇଜେଶନ୍‌ର ଷ୍ଟେଟ୍ ପ୍ରେସିଡେଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି।


ଗୌତମ


ସତ୍ୟବ୍ରତ

**ସତ୍ୟବ୍ରତ କର:** ମାତ୍ର ନବମ ଶ୍ରେଣୀରେ ପାଠ ପଢୁଥିବାବେଳେ ଏକ ଏକୋଇଶିଆ ପାଲାରୁ ଆରମ୍ଭ ହେଲା ତାଙ୍କର ପାଲାଗାୟକର ଜୀବନଯାତ୍ରା। ଆଉ ସେ ରାଜ୍ୟରେ ସର୍ବକନିଷ୍ଠ ପାଲାଗାୟକ ଭାବେ ସୃଷ୍ଟିକଲେ ନିଜର ସ୍ୱତନ୍ତ୍ର ପରିଚୟ। ସେ ହେଉଛନ୍ତି ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ପଞ୍ଚାୟତ ହରିହଂଶ ଗ୍ରାମର ପାଲା ଗାୟକ ସତ୍ୟବ୍ରତ କର। ପୁରୀ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ଉପଶାସ୍ତ୍ରୀ ଭାବେ ଶିକ୍ଷା ଲାଭକରି ୮ ବର୍ଷ ଧରି ସେ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଭଳି ରାଜ୍ୟରେ ପାଲା ପରିବେଷଣକରି ସମ୍ବର୍ଦ୍ଧିତ ହୋଇଥିବାବେଳେ ଆମ ରାଜ୍ୟର ବହୁ ମଞ୍ଚରେ ଆକର୍ଷଣୀୟ ପାଲା ପରିବେଷଣ କରିଛନ୍ତି । ସେ ରାଜ୍ୟ ନୀଳାଚଳ ନିଖିଳ ଉତ୍କଳ ପାଲାଗାୟକ ପରିଷଦ ଏବଂ ଜିଲା ଲୋକକଳା ମହୋତ୍ସବରେ ସମ୍ବର୍ଦ୍ଧିତ ମଧ୍ୟ ହୋଇଛନ୍ତି।

**ଯଶୋବନ୍ତ ଜେନା:** ଏକାଧାରରେ ଜଣେ ସଫଳ ନୃତ୍ୟଶିଳ୍ପୀ, ଚିତ୍ରକର ଏବଂ କୋରିଓଗ୍ରାଫର ହୋଇପାରିଛନ୍ତି ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଦାମୋଦରପୁର ଗ୍ରାମର ମାଆ ଶାନ୍ତି ଏବଂ ବାପା ଯୋଗେନ୍ଦ୍ର ଜେନାଙ୍କ ପୁଅ ଯଶୋବନ୍ତ। ଭୁବନେଶ୍ୱରସ୍ଥିତ ବିକେ ଆର୍ଟ ଆଣ୍ଡ କ୍ରାଫ୍ଟ କଲେଜରୁ ଚିତ୍ରକଳାରେ ଡିଗ୍ରୀ ହାସଲ ପରେ ଶ୍ରୀକ୍ଷେତ୍ରକୁ ନିଜ କର୍ମକ୍ଷେତ୍ର ରୂପେ ବାଛି ନେଲେ। ସେବକ ପରିବାରରୁ ଜନ୍ମ ହୋଇ ନ ଥିଲେ ମଧ୍ୟ ସେ ନିଜକୁ ମହାପ୍ରଭୁଙ୍କ ନିକଟରେ ସମର୍ପି ଦେଇଛନ୍ତି। ଶ୍ରୀକ୍ଷେତ୍ରର ମହୋତ୍ସବ ହେଉ ବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ତାଙ୍କ ନୃତ୍ୟର ଝଲକ ଦେଖିବାକୁ ମିଳେ। ଓଡ଼ିଶା ତଥା ରାଜ୍ୟ ବାହାରେ ମଧ୍ୟ ଓଡ଼ିଶୀ ନୃତ୍ୟ ପରିବେଷଣ କରି ସୁନାମ ଅର୍ଜନ କରିଛନ୍ତି ସେ। ସେ ବିନା ଟ୍ରେନିଂରେ ନିଜସ୍ୱ ପ୍ରଚେଷ୍ଟାରେ ଓଡ଼ିଶୀ ନୃତ୍ୟ ପୋଷାକ ମଧ୍ୟ ସିଲେଇ କରନ୍ତି। ଶ୍ରୀକ୍ଷେତ୍ରର ବିଭିନ୍ନ କାନ୍ଥରେ ଅଙ୍କିତ ସାଂସ୍କୃତିକ ଚିତ୍ର, ମହାପ୍ରଭୁଙ୍କ ସେବା ପରମ୍ପରାର ବିଭିନ୍ନ ଚିତ୍ରରେ ଏକାଧିକ କଳାରେ ପାରଦର୍ଶିତା ଅର୍ଜନ କରିଥିବା ଯଶୋବନ୍ତଙ୍କ ହାତର ଯାଦୁର ଝଲକ ଦେଖିବାକୁ ମିଳେ। ସର୍ବଦା ମହାପ୍ରଭୁଙ୍କ ସେବାରେ ମଜ୍ଜି ରହୁଥିବା ଯଶୋବନ୍ତ ତାଙ୍କ ଅନନ୍ୟ ପ୍ରତିଭା ଲାଗି ବିଭିନ୍ନ ମଞ୍ଚରେ ସମ୍ମାନିତ ହେବାର ଗୌରବ ହାସଲ କରିଛନ୍ତି।

**ଜ୍ୟୋତିପ୍ରଭା ମହାନ୍ତି:** କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ଶମ୍ଭୁନାଥ ପଡ଼ାରେ ରହୁଥିବା ମାଆ ପଦ୍ମିନୀ ଏବଂ ପିତା ସ୍ୱର୍ଗତ ପ୍ରଦୀପ କୁମାର ମହାନ୍ତିଙ୍କ ଝିଅ ଜ୍ୟୋତିପ୍ରଭା। ସେ କେବଳ ନିଜ ଜିଲା ନୁହେଁ ରାଜ୍ୟ, ଦେଶ ଏବଂ ବିଦେଶରେ ମଧ୍ୟ ନିଜ ପ୍ରତିଭା ପ୍ରଦର୍ଶନ କରିସାରିଛନ୍ତି। ଭବାନୀପାଟଣା ଦୂରଦର୍ଶନ କେନ୍ଦ୍ରରେ ଅନେକ ଥର ବିଭିନ୍ନ ଲୋକଗୀତ ଏବଂ ବାଦ୍ୟ ତାଳରେ ନୃତ୍ୟ ପରିବେଷଣ କରି ଜଣେ ସଫଳ ନୃତ୍ୟ ଶିଳ୍ପୀ ଭାବେ ନିଜକୁ ପ୍ରମାଣିତ କରିଛନ୍ତି। ତାଙ୍କୁ ଭାରତ ସରକାରଙ୍କ ସାଂସ୍କୃତିକ ମନ୍ତ୍ରଣାଳୟ ପକ୍ଷରୁ ସ୍କଲାରଶିପ୍ ମଧ୍ୟ ମିଳିଛି। ସ୍କୁଲ୍ ଏବଂ କଲେଜରେ ପଢିବା ସମୟରେ ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ରଚନା ଲିଖନ, ଝୋଟି ଆଦି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ଏମିତିକି ବିଭିନ୍ନ କ୍ରୀଡ଼ାରେ ମଧ୍ୟ ମୋର ଭଲ ପ୍ରଦର୍ଶନ ରହିଆସିଛି। ତେଣୁ ନ୍ୟାଶନାଲ ଆଡଭେଞ୍ଚର ଫାଉଣ୍ଡେଶନ୍ ପକ୍ଷରୁ ପାରାଚ୍ୟୁଟ୍ ଉଡ଼ାଇବାରେ ସାର୍ଟିଫିକେଟ୍ ହାସଲ କରିଛନ୍ତି। ଜଣେ ଆଦିବାସୀ ନୃତ୍ୟଶିଳ୍ପୀ ଭାବେ ପରିଚିତ ଜ୍ୟୋତି ଜଣେ ମେଧାବୀ ଛାତ୍ରୀ ମଧ୍ୟ। ଭବିଷ୍ୟତରେ ପେସାରେ ଜଣେ ନର୍ସ ଭାବେ ସେବା କାର୍ଯ୍ୟ କରିବା ସହ ନୃତ୍ୟଶିଳ୍ପୀ ଭାବେ ନିଜ ଆଞ୍ଚଳିକ ଲୋକନୃତ୍ୟକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାକୁ ଚେଷ୍ଟା ଜାରି ରଖିଛନ୍ତି।


ଯଶୋବନ୍ତ


ନୀତିଶ


ନୀଳାଞ୍ଚଳ


ସମୀର


ଜ୍ୟୋତିପ୍ରଭା

# ଭାରତୀୟ ବୋଲର ପ୍ରଭାବୀ

**ବକ୍ସିଂ ଡେ ଟେଷ୍ଟ**

- ବୁମ୍‌ରା-୪/୫୬
- ଅଷ୍ଟ୍ରେଲିଆ ୧୯୫ରେ ଅଲ୍‌ଆଉଟ୍

ମେଲବୋର୍ନ,୨୬।୧୨(ପି.ଟି.)

ଅଷ୍ଟ୍ରେଲିଆ ବିପକ୍ଷ ଚଳିତ ଟେଷ୍ଟ ସିରିଜରେ ଭାରତୀୟ ବୋଲର ପୁଣି ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ତାରକା ଦ୍ରୁତ ବୋଲର ଯଶ୍‌ପ୍ରୀତ ବୁମ୍‌ରା ଓ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆକୁ ଭ୍ରମଣକାରୀ ଭାରତ ଶନିବାର ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସରେ ବଡ଼ ସ୍କୋର ହାସଲ କରିବାର ସୁଯୋଗ ଦେଇନାହିଁ। ବକ୍ସିଂ ଡେ ଅର୍ଥାତ୍ ଡିସେମ୍ବର ୨୬ରେ ସ୍ଥାନୀୟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଆରମ୍ଭ ହୋଇଥିବା ଏହି ମ୍ୟାଚରେ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଭାରତୀୟ ବୋଲରଙ୍କୁ ସମ୍ମୁଖୀନ ହୋଇ ନ ପାରି ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୭୨.୩ ଓଭରରେ ମାତ୍ର ୧୯୫ ରନ୍‌କରି ଅଲ୍‌ଆଉଟ୍ ହୋଇଛି। ଜବାବରେ ଭାରତ ପ୍ରଥମ ଇନିଂସ ଆରମ୍ଭ କରି ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୧୧ ଓଭରରେ ଗୋଟିଏ ଉଇକେଟ ହରାଇ ୩୬ ରନ ସଂଗ୍ରହ କରିଛି। ଫଳରେ ଭାରତ ୯ ଉଇକେଟ ହାତରେ ରଖି ୧୫୯ ରନ ପଛରେ ପଡ଼ିଛି। ଷ୍ଟମ୍ପ ଅପସାରଣ ବେଳକୁ ଟେଷ୍ଟ ପଦାର୍ପଣ କରିଥିବା ଯୁବ ଓପନର ଶୁବମନ ଗିଲ୍ ୨୮ ଓ ଚେତେଶ୍ୱର ପୂଜାରା ୭ ରନ କରି ଅପରାଜିତ ରହିଛନ୍ତି। ତେବେ ଆରମ୍ଭରୁ ଭାରତକୁ ଜବରଦସ୍ତ ଝଟ୍‌କା ଲାଗିଥିଲା। ଏକମାତ୍ର ଆଉଟ ହୋଇଥିବା ବ୍ୟାଟ୍ସମ୍ୟାନ ତଥା ଓପନର ମୟଙ୍କ ଅଗ୍ରୱାଲ ଖାତା ଖୋଲିବା ପୂର୍ବରୁ ମିଚେଲ ଷ୍ଟାର୍କଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଅମ୍ପାୟର୍ସ କଲ୍ ନିଆଯାଇଥିଲେ ମଧ୍ୟ କୌଣସି ଫଳ ହୋଇ ନ ଥିଲା। ଫଳରେ ଭାରତ ଗୋଟଏ ରିଭ୍ୟୁ ହରାଇଥିଲା। ଅନ୍ତିମ ସେସନ୍‌ରେ ଶୁବମନ ଉଚ୍ଚକୋଟୀର ବ୍ୟାଟିଂ ପ୍ରଦର୍ଶନ କରିଥିଲେ ଓ ତାଙ୍କଠାରୁ ମଧ୍ୟ ଏହା ଆଶା କରାଯାଉଥିଲା।

ପିତୃତ୍ୱ ଛୁଟିରେ ଭାରତ ଫେରିଥିବା ନିୟମିତ ଅଧିନାୟକ ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଉପଅଧିନାୟକ ଅଜିଙ୍କ୍ୟ ରାହାନେ ସୁନ୍ଦର ନେତୃତ୍ୱର ନମୁନା ପ୍ରଦର୍ଶନ କରିଥିଲେ ଓ ବୋଲିଂରେ ପରବର୍ତ୍ତନ କରିଥିଲେ। ଏହା ମଧ୍ୟ କାମ ଦେଇଥିଲା। ଯାହା ଫଳରେ ଘରୋଇ ଦଳ ନିୟମିତ ଅନ୍ତରରେ ଗୋଟିଏ ପରେ ଗୋଟିଏ ଉଇକେଟ ହରାଇଥିଲେ। ଇନିଂସ ଆରମ୍ଭରୁ ଅଷ୍ଟ୍ରେଲିଆକୁ ଝଟ୍‌କା ଲାଗିଥିଲା। ଓପନର ଜୋ ବର୍ନ୍ସ ଖାତା ଖୋଲିବା ପୂର୍ବରୁ ବୁମ୍‌ରାଙ୍କ ବଲ୍‌ରେ ଉଇକେଟକିପର ରିଷଭ ପନ୍ତଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଅନ୍ୟତମ ଓପନର ମାଥ୍ୟୁ ୱେଡ୍ ୩୦ ରନକରିଥିବା ବେଳେ ଅଶ୍ୱିନଙ୍କ ବଲରେ ଜୋରଦାର ଶଟ୍ ଖେଳିବାକୁ ଯାଇ ମିଡ୍‌ଅନ୍ ଓ ମିଡ୍‌ଉଇକେଟ ମଧ୍ୟରେ ରବୀନ୍ଦ୍ର ଜାଡେଜାଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ବ୍ୟାଟିଂ କରିବାକୁ ଅସିଥିବା ନିର୍ଭରଯୋଗ୍ୟ ଷ୍ଟିଭ୍ ସ୍ମିଥ୍ ମଧ୍ୟ ବିନା ସ୍କୋରରେ ଆଉଟ ହୋଇଥିଲେ। ଅଶ୍ୱିନଙ୍କ ବଲରେ ଲେଗ୍ ଗଲିରେ ପୂଜାରାଙ୍କୁ ସିଧାସଳଖ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଟ୍ରାଭିସ୍ ହେଡ୍ ୩୮ ରନ କରିଥିବା ବେଳେ ରାହାନେଙ୍କୁ ଗଲିରେ କ୍ୟାଚ୍ ଦେଇ ବୁମ୍‌ରାଙ୍କ ଦ୍ୱାରା ଆଉଟ ହୋଇଥିଲେ। ଚତୁର୍ଥ ଉଇକେଟରେ ହେଡ୍ ଓ ମାର୍ନସ ଲାବୁସ୍କାନ ୮୬ ରନକରି ସ୍ଥିତି ସମ୍ଭାଳିବାକୁ ପ୍ରୟସା କରିଥିଲେ। ଏହାପରେ ପାଳି ପଡିଥିଲା ଲାବୁସ୍କାନଙ୍କର। ସେ ୪୮ ରନକରି ଟେଷ୍ଟ ପଦାର୍ପଣ କରିଥିବା ମହମ୍ମଦ ସିରାଜଙ୍କ ବଲରେ ବ୍ୟାକ୍‌ୱାର୍ଡ ସ୍କୋୟାର ଲେଗ୍ ଶଟ୍ ଖେଳିଥିଲେ। ତେବେ ସେଠାରେ ଶୁବମନ ଏକ ସୁନ୍ଦର କ୍ୟାଚ ନେଇ ତାଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ଏଥିସହିତ ସିରାଜ କ୍ୟାରିୟରର ପ୍ରଥମ ଉଇକେଟ ଅକ୍ତିଆର କରିଥିଲେ। କାମେରନ ଗ୍ରୀନ୍ ୧୨ ରନ କରିଥିବା ବେଳେ ଏଲ୍‌ବିଡବ୍ଲ୍ୟୁ ହୋଇ ସିରାଜଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଅଧିନାୟକ ତଥା ଉଇକେଟକିପର ଟିମ୍ ପେନ୍ ୧୩ ରନ କରିଥିବା ବେଳେ ବ୍ୟାକ୍‌ୱାର୍ଡ ଶର୍ଟଲେଗ୍‌ରେ ହନୁମା ବିହାରୀଙ୍କୁ କ୍ୟାଚ୍ ଦେଇ ଅଶ୍ୱିନଙ୍କ ତୃତୀୟ ଶିକାର ହୋଇଥିଲେ। ମିଚେଲ ଷ୍ଟାର୍କ ୭ ଓ ନାଥନ ଲିୟନ ୨୦ ରନ କରି ବୁମ୍‌ରାଙ୍କ ଦ୍ୱାରା ଆଉଟ ହୋଇଥିଲେ। ପ୍ୟାଟ୍ କୁମିନ୍ସ ୯ ରନକରି ଜାଡେଜାଙ୍କ ଦ୍ୱାରା ଆଉଟ ହୋଇଥିଲେ। ୪ ରନ କରି ଜୋଶ ହାଜେଲଉଡ ଅପରାଜିତ ରହିଥିଲେ। ବୋଲିଂରେ ଭାରତ ପାଇଁ ବୁମ୍‌ରା ସର୍ବାଧିକ ୪, ଅଶ୍ୱିନ ୩, ସିରାଜ ୨, ଜାଡେଜା ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି। ଭାରତ ପକ୍ଷରୁ ଶୁବମନ ଓ ସିରାଜ ପଦାର୍ପଣ କରିଛନ୍ତି। ସେହିପରି ପନ୍ତ ଓ ଜାଡେଜାଙ୍କୁ ମଧ୍ୟ ଖେଳିବାର ସୁଯୋଗ ମିଳିଛି।


ଟିମ୍ ପେନ୍ (ଡାହାଣ)ଙ୍କ ଉଇକେଟପତନ ପରେ ଖୁସି ମୁହୂର୍ତ୍ତରେ ଭାରତୀୟ ଖେଳାଳିମାନେ।

### ଏମ୍‌ସିଜିରେ ପ୍ରଥମ ଦିନରେ ଅଷ୍ଟ୍ରେଲିଆ ଅଲଆଉଟ୍

| | | | |
|---|---|---|---|
| ୧୯୮(୬୮.୧) | ବନାମ | ୱେଷ୍ଟଇଣ୍ଡିଜ | ୧୯୮୧/୮୨ |
| ୧୪୧(୫୪.୪) | ବନାମ | ଇଂଲଣ୍ଡ | ୧୯୮୬/୮୭ |
| ୨୧୯(୭୪.୫) | ବନାମ | ୱେଷ୍ଟଇଣ୍ଡିଜ | ୧୯୯୬/୯୭ |
| ୯୮ (୪୨.୫) | ବନାମ | ଇଂଲଣ୍ଡ | ୨୦୧୦/୧୧ |
| ୧୯୫(୭୨.୩) | ବନାମ | ଭାରତ | ୨୦୨୦/୨୧ |

### ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ**
ବର୍ନ୍ସ-କ-ପନ୍ତ-ବୋ-ବୁମ୍‌ରା-୦
ୱେଡ୍-କ-ଜାଡେଜା-ବୋ-ଅଶ୍ୱିନ-୩୦
ଲାବୁସ୍କେନ-କ-ଶୁବମନ-ବୋ-ସିରାଜ-୪୮
ସ୍ମିଥ୍-କ-ପୂଜାରା-ବୋ-ଅଶ୍ୱିନ-୦
ଟ୍ରାଭିସ୍ ହେଡ୍-କ-ରାହାନେ-ବୋ-ବୁମ୍‌ରା-୩୮
କାମେରନ ଗ୍ରୀନ୍-ଏଲ୍‌ବିଡବ୍ଲ୍ୟୁ-ସିରାଜ-୧୨
ଟିମ୍ ପେନ୍-କ-ହନୁମା-ବୋ-ଅଶ୍ୱିନ-୧୩
ପ୍ୟାଟ୍ କୁମିନ୍ସ-କ-ସିରାଜ-ବୋ-ଜାଡେଜା-୯
ମିଚେଲ ଷ୍ଟାର୍କ-କ-ସିରାଜ-ବୋ-ବୁମ୍‌ରା-୭
ନାଥାନ ଲିଅନ-ଏଲ୍‌ବିଡବ୍ଲ୍ୟୁ-ବୁମ୍‌ରା-୨୦
ଜୋସ୍ ହାଜେଲ୍‌ଉଡ୍-ନଟଆଉଟ-୪
ଅତିରିକ୍ତ-୧୪
ମୋଟ (୭୨.୩ ଓଭର, ଅଲଆଉଟ) ୧୯୫।
**ଉଇକେଟ ପତନ:** ୧/୧୦, ୨/୨୫, ୩/୩୮, ୪/୧୨୪, ୫/୧୩୪, ୬/୧୫୫, ୭/୧୫୫, ୮/୧୬୪, ୯/୧୯୧, ୧୦/୧୯୫।

**ବୋଲିଂ (ଭାରତ)**
ଯଶ୍‌ପ୍ରୀତ ବୁମ୍‌ରା ୧୬-୪-୫୬-୪
ଉମେଶ ଯାଦବ ୧୨-୨-୩୯-୦
ରବୀଚନ୍ଦ୍ରନ ଅଶ୍ୱିନ ୨୪-୭-୩୫-୩
ରବୀନ୍ଦ୍ର ଜାଡେଜା ୫.୩-୧-୧୫-୧
ମହମ୍ମଦ ସିରାଜ ୧୫-୪-୪୦-୨।

**ଭାରତ ପ୍ରଥମ ଇନିଂସ**
ମୟଙ୍କ ଅଗ୍ରୱାଲ-ଏଲବିଡବ୍ଲ୍ୟୁ-ଷ୍ଟାର୍କ-୦
ଶୁବମନ ଗିଲ୍-ନଟଆଉଟ-୨୮
ଚେତେଶ୍ୱର ପୂଜାରା-ନଟଆଉଟ-୭
ଅତିରିକ୍ତ-୧
ମୋଟ (୧୧ ଓଭର, ୧ ଉଇକେଟ) ୩୬।
ଉଇକେଟ ପତନ: ୧/୦

**ବୋଲିଂ (ଅଷ୍ଟ୍ରେଲିଆ)**
ମିଚେଲ ଷ୍ଟାର୍କ ୪-୨-୧୪-୧
ପ୍ୟାଟ୍ କୁମିନ୍ସ ୪-୧-୧୪-୦
ଜୋସ୍ ହାଜେଲ୍‌ଉଡ୍ ୨-୦-୨-୦
ନାଥାନ ଲିଅନ୍ ୧-୦-୬-୦।

# ରାହାନେଙ୍କୁ ଗାଭାସ୍କରଙ୍କ ପ୍ରଶଂସା

ମେଲବୋର୍ନ, ୨୬।୧୨ (ପି.ଟି.)



ଅଜିଙ୍କ୍ୟ ରାହାନେଙ୍କ ଫିଲ୍ଡିଂ ସଜ୍ଜାକୁ ଉଚ୍ଚ ପ୍ରଶଂସା କରିଛନ୍ତି ପୂର୍ବତନ ଭାରତୀୟ ଅଧିନାୟକ ସୁନୀଲ ଗାଭାସ୍କର। ରାହାନେଙ୍କର ଅଧିନାୟକତ୍ୱ ଦକ୍ଷତାକୁ ନେଇ ସେ ଏବେଠାରୁ କୌଣସି ମନ୍ତବ୍ୟ ଦେବାକୁ ଚାହାନ୍ତି ନାହିଁ। କାରଣ ସେ ନିଜେ ମୁମ୍ବାଇର ହୋଇଥିବାରୁ ଅନେକେ ଏହାକୁ ଭିନ୍ନ ଦୃଷ୍ଟିରେ ଦେଖିବେ। ନିୟମିତ ଅଧିନାୟକ ବିରାଟ କୋହଲିଙ୍କ ଅନୁପସ୍ଥିତିରେ ରାହାନେଙ୍କୁ ଭାରତୀୟ କ୍ରିକେଟ ଦଳର ଅଧିନାୟକ ଭାର ସମ୍ଭାଳିବାକୁ ପଡୁଛି। ତାଙ୍କର ସଫଳ ନେତୃତ୍ୱ ଯୋଗୁ ଶନିବାର ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ଘରୋଇ ଅଷ୍ଟ୍ରେଲିଆ କ୍ରିକେଟ ଦଳ ୭୨.୩ ଓଭରରେ ମାତ୍ର ୧୯୫ ରନ କରି ଅଲ୍‌ଆଉଟ ହୋଇଯାଇଛି। ରାହାନେଙ୍କ ଉନ୍ନତ ଫିଲ୍ଡିଂ ସଜ୍ଜା ଯୋଗୁ ଅଷ୍ଟ୍ରେଲିଆରେ ୩ଜଣ ବ୍ୟାଟ୍ସମ୍ୟାନ ମାର୍ନସ ଲାବୁସ୍କାନ୍, ଷ୍ଟିଭ୍ ସ୍ମିଥ୍ ଏବଂ ଟ୍ରାଭିସ୍ ହେଡ୍ ବିଭିନ୍ନ ସ୍ଥାନରେ ମୁତୟନ ହୋଇଥିବା ଫିଲ୍ଡରଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିଲେ। ଗାଭାସ୍କର କହିଛନ୍ତି, ଅତୀତରେ ୨ଟି ଟେଷ୍ଟ ଓ କେତୋଟି ଦିନିକିଆରେ ରାହାନେ ଅଧିନାୟକ ଦାୟିତ୍ୱ ତୁଲାଉଥିବାବେଳେ ସେ ତାଙ୍କ ଫିଲ୍ଡିଂ ସଜାକୁ ଦେଖିଛନ୍ତି। କିଏ କେଉଁଠାରେ ଫିଲ୍ଡିଂ କରିବା ଉଚିତ ତାହା ରାହାନେଙ୍କୁ ଭଲରୂପେ ଜଣା। ଏହାଛଡ଼ା ଶନିବାର ରାହାନେଙ୍କ ବୋଲିଂ ପରିବର୍ତ୍ତନ ମଧ୍ୟ ବେଶ୍ ପ୍ରଭାବୀ ଥିଲା। ପ୍ରଥମ ସେସନ ଖେଳରେ ସେ ଆର୍. ଅଶ୍ୱିନଙ୍କୁ ବୋଲିଂରେ ଲଗାଇଥିଲେ। ଏହି ସିନିୟର ସ୍ପିନର ମାଥ୍ୟୁ ୱେଡ୍ ଏବଂ ଷ୍ଟିଭ୍ ସ୍ମିଥ୍‌ଙ୍କୁ ଆଉଟ୍ କରଥିଲେ। ଯାହାଫଳରେ ଅଷ୍ଟ୍ରେଲିଆ ୩୮ ସ୍କୋରରେ ୩ଜଣ ବ୍ୟାଟ୍ସମ୍ୟାନଙ୍କୁ ହରାଇ ସାରିଥିଲା। ରାହାନେ ମଧ୍ୟାହ୍ନ ଭୋଜନ ବିରତି ପଦାର୍ପଣକାରୀ ବୋଲର ମହମ୍ମଦ ସିରାଜଙ୍କୁ ଗୋଟିଏ ହେଲେ ଓଭର ବୋଲିଂ ନ ଦେଇ ତାଙ୍କ ବିଜ୍ଞତାର ପରିଚୟ ଦେଇଥିଲେ। ଯୁବ ଖେଳାଳି ହୋଇଥିବାରୁ ସିରାଜ ପୁରୁଣା ବଲ୍‌ରେ ଭଲ ପେସ୍ ବୋଲିଂ କରିପାରିବେ। ଏହି ପେସ୍ ବୋଲର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ ନେବାରେ ସମର୍ଥ ହୋଇଥିଲେ। ଗାଭାସ୍କାର କହିଛନ୍ତି, ପ୍ରଥମ ଦିବସରେ ଭାରତର ସଫଳତା ପଛରେ ମୋଟ ଉପରେ ବୋଲିଂ ୟୁନିଟ୍‌ରେ ବଡ଼ ଭୂମିକା ରହିଛି।

# ନ୍ୟୁଜିଲାଣ୍ଡ ୨୨୨/୩

ମାଉଣ୍ଟ ମଙ୍ଗାନୁଇ, ୨୬।୧୨ (ଏପି)

ସ୍ଥାନୀୟ ବେ' ଓଭାଲଠାରେ ଘରୋଇ ନ୍ୟୁଜିଲାଣ୍ଡ ଏବଂ ପାକିସ୍ତାନ ମଧ୍ୟରେ ପ୍ରଥମ କ୍ରିକେଟ ଟେଷ୍ଟ ଶନିବାରଠାରୁ ଆରମ୍ଭ ହୋଇଛି। ଏଥିରେ ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୩ଉଇକେଟ ବିନିମୟରେ ୨୨୨ ରନ ସଂଗ୍ରହ କରି ନିଜ ସ୍ଥିତି ସୁଦୃଢ କରିଛି। ଅଧିନାୟକ କେନ୍ ୱିଲିୟମସନ ୯୪ ଏବଂ ହେନ୍‌ରି ନିକୋଲ୍ସ ୪୨ ରନ କରି ଅପରାଜିତ ରହିଛନ୍ତି। ରସ୍ ଟେଲର ୭୦ ରନ କରି ଶାହିନ ଆଫ୍ରିଦୀଙ୍କ ବଲ୍‌ରେ ରିଜୱାନଙ୍କ ଦ୍ୱାରା କ୍ୟାଚ୍ ଆଉଟ ହୋଇଯାଇଥିଲେ। ତେବେ ସେ ଆଉଟ ହେବା ପୂର୍ବରୁ ୱିଲିୟମସନଙ୍କ ସହ ୧୨୦ ରନର ପାର୍ଟନରଶିପ୍ ହୋଇଥିଲା। ପୁନଶ୍ଚ ୱିଲିୟମସନ ଓ ନିକୋଲ୍ସଙ୍କ ମଧ୍ୟରେ ଅପରାଜିତ ୮୯ରନର ପାର୍ଟରଶିପ୍ ହୋଇସାରିଛି। ପ୍ରଥମ ଦିବସରେ ଆଉଟ ହୋଇଥିବା ଅନ୍ୟ ଦୁଇ ବ୍ୟାଟ୍ସମ୍ୟାନ ଓପନର ଟମ୍ ଲଥାମ (୪) ଓ ଟମ୍ ବ୍ଲଣ୍ଡେଲ ମଧ୍ୟ ଶାହିନ ଆଫିଦୀଙ୍କ ବୋଲିଂର ଶିକାର ହୋଇଥିଲେ। ଏହି ଦୁଇ ବ୍ୟାଟ୍ସମ୍ୟାନ ଆଉଟ ହେବାବେଳେ ବୋର୍ଡରେ ଦଳର ସ୍କୋର ମାତ୍ର ୧୩ ରନ ରହିଥିଲା। ଆଫ୍ରିଦୀ ତାଙ୍କ ୨୦ ଓଭର ବୋଲିଂରେ ୫ ମେଡେନ ସହ ୫୫ ରନ ବିନିମୟରେ ୩ଟି ଯାକ ଉଇକେଟ ଅକ୍ତିଆର କରିଥିଲେ।


କେନ୍ ୱିଲିୟମସନ

# ଏମ୍‌ଜିଏମ୍ ଓସିଏଲ୍ ଟି୨୦ ଲିଗ୍ ଆଜିଠାରୁ

- ୬ ଦଳ ଅଂଶଗ୍ରହଣ କରିବେ
- ବାରବାଟୀରେ ସମସ୍ତ ମ୍ୟାଚ ଖେଳାଯିବ
- ଜାନୁୟାରୀ ୧୩ରେ ଫାଇନାଲ

ଭୁବନେଶ୍ୱର,୨୬।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି ଏକ ଟି୨୦ ଲିଗ୍। ଏହାର ନାମ ଏମ୍‌ଜିଏମ୍ ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ୍) ଟି୨୦ । ଭାରତର ଅନ୍ୟତମ ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟ କମ୍ପାନୀ ଟିସିଏମ୍ ଓ ଓସିଏ ମିଳିତ ଭାବେ ଏହି ଟୁର୍ନାମେଣ୍ଟ ଆୟୋଜନ କରିବେ। ଟିସିଏମ୍ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସହିତ ଜଡିତ ରହିଆସିଛି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍), ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଓ ଖେଲୋ ଇଣ୍ଡିଆ ଭଳି ଇଭେଣ୍ଟ ଆୟୋଜନରେ ଟିସିଏମ୍ ସାମିଲ ରହିଆସିଛି।

ଏମ୍‌ଜିଏମ୍ ଏହି ଟୁର୍ନାମେଣ୍ଟର ଟାଇଟଲ ପ୍ରାୟୋଜକ ରହିଛି। ରାଜ୍ୟସରକାରଙ୍କ ଅନୁମତି କ୍ରମେ ଏହି ଇଭେଣ୍ଟ ଆୟୋଜନ ହେବ। କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି ବାୟୋ ବବଲ ଅର୍ଥାତ୍ ଜୈବ ସୁରକ୍ଷିତ ପରିବେଶ ଗଠନ କରାଯାଇଛି। ସବୁ ଖେଳାଳି, ଅଫିସିଆଲମାନେ ଆର୍‌ଟି- ପିସିଆର୍ ଟେଷ୍ଟର ସମ୍ମୁଖୀନ ହେବେ। ଯେଉଁମାନଙ୍କ ରିପୋର୍ଟ ନେଗେଟିଭ୍ ଆସିବ କେବଳ ସେମାନେ ହିଁ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାର ସୁଯୋଗ ହାସଲ କରିବେ।

କିଛିଦିନ ତଳେ ଓସିଏ ଏକ ସିନିୟର ପୁରୁଷ ଆନ୍ତଃ ଜିଲା ଟି୨୦ ଲିଗ୍ ଆୟୋଜନ କରିଥିଲା। ଏଥିରେ ଓସିଏର ଅନୁବନ୍ଧିତ ୩୬ଟି ୟୁନିଟ୍ ଅଂଶଗ୍ରହଣ କରିଥିଲେ। ଏହି ଇଭେଣ୍ଟରୁ ଓସିଏର ସିନିୟର ଚୟନ କମିଟି ୯୩ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ଚୟନ କରିଥିଲା। ଏହି ଖେଳାଳିମାନେ ଏମ୍‌ଜିଏମ୍ ଓଡ଼ିଶା ଟି୨୦ କ୍ରିକେଟ ଲିଗ୍‌ରେ ଅଂଶଗ୍ରହଣ କରିବେ। ଖେଳାଳିମାନଙ୍କୁ ୬ଟି ଦଳରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଦଳ ପାଇଁ ୨ ଜଣ ସପୋର୍ଟ ଷ୍ଟାଫ୍, ଜଣେ କୋଚ୍ ଓ ଜଣେ ମ୍ୟାନେଜର ଦାୟିତ୍ୱରେ ରହିବେ।

ଡବଲ୍ ଲେଗ୍ ପର୍ଯ୍ୟାୟରେ ସବୁ ଦଳ ମ୍ୟାଚ ଖେଳିବେ। ବିନା ଦର୍ଶକରେ ବାରବାଟୀ ଷ୍ଟାଡିୟମରେ ଟୁର୍ନାମେଣ୍ଟର ସେମିଫାଇନାଲ ଓ ଫାଇନାଲ ସମେତ ୩୩ଟି ମ୍ୟାଚ ଖେଳାଯିବ। ଲିଗ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦିନ ୨ଟି ଲେଖାଏ ମ୍ୟାଚ ଖେଳାଯିବ। ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲରେ ପ୍ରବେଶ କରିବେ। ଶୀର୍ଷ ସ୍ଥାନରେ ଥିବା ଦଳ ତୃତୀୟ ସ୍ଥାନରେ ଥିବା ଦଳ ସହ ପ୍ରଥମ ସେମିଫାଇନାଲରେ ମୁକାବିଲା କରିବ। ସେହିପରି ଦ୍ୱିତୀୟ ସେମିଫାଇନାଲରେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳ ପରସ୍ପରକୁ ଭେଟିବେ। ଦୁଇ ସେମିଫାଇନାଲର ବିଜେତା ଫାଇନାଲ ମୁକାବିଲରେ ଅବତୀର୍ଣ୍ଣ ହେବେ। ଫାଇନାଲ ମ୍ୟାଚ ଜାନୁୟାରୀ ୧୩ରେ ଖେଳାଯିବ। ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ୧୧ ଜଣ ଅମ୍ପାୟର ଓ ୮ଜଣ ସ୍କୋରରଙ୍କୁ ନିଯୁକ୍ତି ଦିଆଯାଇଛି। 'ଫ୍ୟାନ୍‌କୋଡ୍' ଆପ୍‌ରେ ସବୁ ମ୍ୟାଚ୍‌ର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ଏହି ଇଭେଣ୍ଟ ରାଜ୍ୟରେ କ୍ରିକେଟ ସଂସ୍କୃତିକୁ ଆହୁରି ଦୃଢ଼ କରିବ ବୋଲି ଆଶା କରାଯାଉଛି। ଶନିବାର ଏ ନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଓ ସମ୍ପାଦକ ସଞ୍ଜୟ ବେହେରା ଟୁର୍ନାମେଣ୍ଟର ରୂପରେଖ ପ୍ରଦାନ କରିଥିଲେ।

**ଦଳ:** ଓଡ଼ିଶା ଲାୟନ୍ସ, ଓଡ଼ିଶା ଟାଇଗର୍ସ, ଓଡ଼ିଶା ଚିତାସ, ଓଡ଼ିଶା ଜାଗୁଆର୍ସ, ଓଡ଼ିଶା ପାନ୍ଥର୍ସ, ଓଡ଼ିଶା ପୁମାସ।

**ରବିବାର ମ୍ୟାଚ**
ପାନ୍ଥର୍ସ ବନାମ ପୁମାସ
ସମୟ: ଅପରାହ୍ନ ୩.୩୦
ଟାଇଗର୍ସ ବନାମ ଚିତାସ
ସମୟ: ସନ୍ଧ୍ୟା ୭.୩୦



ଖବରଦାତା ସମ୍ମିଳନୀରେ (ବାମରୁ) ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଓ କୋଷାଧ୍ୟକ୍ଷ ବିକାଶ ପ୍ରଧାନ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଗୁରୁଜଙ୍ଗରେ ରାତ୍ରି ଆଶ୍ରୟସ୍ଥଳୀ

**ଖୋର୍ଦ୍ଧା ଅଫିସ,୨୬।୧୨ :** ଖୋର୍ଦ୍ଧାରେ ଶୀତର ପ୍ରକୋପ ବୃଦ୍ଧି ପାଇଛି। ରାସ୍ତା କଡ଼ରେ ଶୀତ କାକରରେ ରହୁଥିବା ବୃଦ୍ଧା, ବୃଦ୍ଧଙ୍କ ପାଇଁ ପୌର ପରିଷଦ ପକ୍ଷରୁ ଗୁରୁଜଙ୍ଗ ପ୍ରାଥମିକ ବିଦ୍ୟାଳୟରେ ରାତ୍ରି ଆଶ୍ରୟସ୍ଥଳୀ ଆରମ୍ଭ ହୋଇଥିବା ନେଇ ଉପଜିଲାପାଳ ଅଶୋକ ବେହୁରିଆ ଟୁଇଟ କରି ଜଣାଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୩୦ଟି ଶଯ୍ୟା ବ୍ୟବସ୍ଥା କରାଯାଇଛି। କୋଭିଡ୍ ଦୃଷ୍ଟରୁ ପ୍ରତି କୋଠରିରେ ୧୦ଜଣଙ୍କ ରହିବା ଲାଗି ବ୍ୟବସ୍ଥା ହୋଇଛି। ବେଡ୍ ସହ କମ୍ବଳ ଦିଆଯାଇଛି। ଆଗକୁ ଆବଶ୍ୟକତା ଅନୁଯାୟୀ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯିବ ବୋଲି ପୌର ପରିଷଦ ପକ୍ଷରୁ କୁହାଯାଇଛି।

### ନୂଆବର୍ଷରେ କାଳିଜାଈ ପୀଠକୁ ଶ୍ରଦ୍ଧାଳୁଙ୍କୁ ମନା

**କୃଷ୍ଣପ୍ରସାଦ,୨୬।୧୨(ଡି.ଏନ୍.ଏ.):** ନୂଆବର୍ଷରେ ଚିଲିକାର ଅଧିଷ୍ଠାତ୍ରୀ ଦେବୀ ମା' କାଳିଜାଈଙ୍କ ଦର୍ଶନ ଶ୍ରଦ୍ଧାଳୁମାନେ କରିପାରିବେନି। କିନ୍ତୁ ବିଧି ମୁତାବକ ମା'ଙ୍କ ପୂଜାର୍ଚ୍ଚନା କରାଯିବ। ଏନେଇ କୃଷ୍ଣପ୍ରସାଦ ତହସିଲଦାର ଉଲ୍ଲାସ ଚନ୍ଦ୍ର ସେଠୀ ଚିଠି ନଂ.୧୮୨୬ରେ ତା.୨୩.୧୨.୨୦ ରେ ଏକ ନିର୍ଦ୍ଦେଶନାମା ମା' କାଳିଜାଈଙ୍କ ମାର୍ଫତଦାରଙ୍କୁ ଜାରି କରିଛନ୍ତି। ଏଥିସହ ପୁରୀ ଉପଜିଲାପାଳ ଓ ଏସ୍‌ଡିପିଓ ଏବଂ କୃଷ୍ଣପ୍ରସାଦ ଆଇଆଇସିଙ୍କୁ ଅବଗତ କରାଯାଇଛି। କୋଭିଡ୍-୧୯କୁ ଦୃଷ୍ଟିରେ ଏହି ନିଷ୍ପତ୍ତି ନିଆଯାଇଛି। ସୂଚନା ମୁତାବକ, ପ୍ରତିବର୍ଷ ନୂଆବର୍ଷରେ କାଳିଜାଈ ପୀଠରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ମତ୍ସ୍ୟଜୀବୀମାନେ ନୂଆବର୍ଷରେ ମା' ଙ୍କ ନିକଟରେ ଭୋଗ ଲାଗି କରି ପ୍ରାର୍ଥନା କରିଥାନ୍ତି। କରୋନା ଯୋଗୁ ଭକ୍ତଙ୍କ ଆଗମନକୁ ନେଇ ବାରଣ କରାଯାଇଛି। ଫଳରେ ଶ୍ରଦ୍ଧାଳୁ ଏବଂ ମତ୍ସ୍ୟଜୀବୀଙ୍କ ମନରେ ନୈରାଶ୍ୟ ଭାବ ଦେଖାଦେଇଛି।

### ୮୦୦ ଲିଟର ପୋଚ ନଷ୍ଟ

**ବେଗୁନିଆ,୨୬।୧୨(ଡି.ଏନ୍.ଏ.):** ବେଗୁନିଆ ଥାନା ଅଞ୍ଚଳରେ ଦିନକୁ ଦିନ ବେଆଇନ ଭାବେ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଅନେକ ସମୟରେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲେ ମଧ ସଫଳ ହୋଇ ନ ଥିଲା। ଏହି ଥାନା ଅଧୀନ ଏକଡ଼ାଲିଆ ଗ୍ରାମ ନିକଟ ଆମ୍ବ ବଗିଚାରେ ରନ୍ଧା ମଦ ପ୍ରସ୍ତୁତ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖବରପାଇ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଶନିବାର ଆମ୍ବ ବଗିଚାରେ ଚଢ଼ାଉ କରାଯାଇଥିଲା। ୮୦୦ଲିଟର ପୋଚ ନଷ୍ଟ କରାଯିବା ସହ ୩୦ଲିଟର ଦେଶୀ ରନ୍ଧାମଦ ଜବତ ହୋଇଛି। ପୋଲିସ ପହଞ୍ଚିବା ପୂର୍ବରୁ ରନ୍ଧାଳିମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୨୫୨/୨୦) ରୁଜୁ ହୋଇଛି।

### ପ୍ଲାଜ୍‌ମା ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ସମ୍ମିଳନୀ ଉଦ୍‌ଘାଟିତ

**କଟକ ଅଫିସ,୨୬।୧୨:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ତ୍ରୟୋଦଶ ପ୍ଲାଜ୍‌ମା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସମ୍ପର୍କିତ ଆନ୍ତର୍ଜାତିକ ସମ୍ମିଳନୀ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଭାବା ଆଣବିକ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ଅଜିତ ମହାନ୍ତି, ମୁଖ୍ୟବକ୍ତା ଭାବେ ଓଡ଼ିଶା ଉଚ୍ଚଶିକ୍ଷା ପରିଷଦର ଉପସଭାପତି ଡ. ଅଶୋକ କୁମାର ଦାସ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଭର୍ଚୁଆଲ ମୋଡ୍‌ରେ ଉକ୍ତ ସମ୍ମିଳନୀ ୩ ଦିନ ଧରି ଚାଲିବ।

### ବରିଷ୍ଠ କଂଗ୍ରେସ ନେତାଙ୍କ ପରଲୋକ

**ବାଲୁଗାଁ,୨୬।୧୨(ଡି.ଏନ୍.ଏ.):** ଚିଲିକା ନିର୍ବାଚନମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ତଥା ବାଲୁଗାଁ ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟୀ ଲକ୍ଷ୍ମୀଧର ବିଶ୍ୱାଳଙ୍କ ଶନିବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୨ବର୍ଷ ହୋଇଥିଲା। ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। କଂଗ୍ରେସ ଦଳର ସେ ଜଣେ ଆଗଧାଡ଼ିର ନେତା ଭାବେ ପରିଚିତ ଥିବା ବେଳେ ଚିଲିକା ବ୍ଲକ ଚେୟାରମ୍ୟାନ ଭାବେ କାର୍ଯ୍ୟ ତୁଲାଇଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ ପୁଅ ଅନଙ୍ଗଭୀମ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ।

# କାଠଚୋରଙ୍କ ଆଡ୍ଡାସ୍ଥଳୀ ବରବରା ଜଙ୍ଗଲ

**ବାଲୁଗାଁ,୨୬।୧୨(ଡି.ଏନ୍.ଏ.)**

- ଅବାଧରେ ଚାଲିଛି ଚୋରା କାଠ ଚାଲାଣ
- ନୀରବଦ୍ରଷ୍ଟା ସାଜିଛି ବନ ବିଭାଗ
- ସୁରକ୍ଷା କରା ନ ଗଲେ ସଉଦା ହରାଇବ



ଖୋର୍ଦ୍ଧା ଜିଲା ବାଲୁଗାଁ ବନବିଭାଗ ଅନ୍ତର୍ଗତ ବାଣପୁର ସଦରମହକୁମାର ୨୫କିଲୋମିଟର ଦୂରରେ ରହିଛି ବରବରା ଜଙ୍ଗଲ। ଭାରତରେ ଏହା ଗୋଟିଏ ଜଙ୍ଗଲ ଯେଉଁଠି କେନ୍ଦ୍ର ସରକାରଙ୍କ ପକ୍ଷରୁ ଯବାନମାନେ ନିୟୋଜିତ ହୋଇ ସୁରକ୍ଷା ଯୋଗାଉଥିଲେ। ୪ବର୍ଷ ପୂର୍ବେ ଏଠାରେ ନିୟୋଜିତ ୧୩୨ ଯବାନଙ୍କୁ ପ୍ରତ୍ୟାହୃତ କରିନିଆଯାଇଛି। ଏହା ପରିବର୍ତ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୩୦ଜଣ ଓଏସ୍‌ଏସ୍‌ଏଫ୍ (ଓଡ଼ିଶା ସ୍ପେଶିଆଲ୍ ଷ୍ଟ୍ରାଇକିଂ ଫୋର୍ସ)ଙ୍କୁ ନିୟୋଜିତ କରାଯାଇଛି। ଏବେ ଏହି ଜଙ୍ଗଲକୁ କମ୍ ସଂଖ୍ୟକ କର୍ମଚାରୀ ସୁରକ୍ଷା ଦେବା ଅସମ୍ଭବ ହୋଇପଡ଼ିଛି। ଫଳରେ କାଠଚୋରଙ୍କ ଆଡ୍ଡାସ୍ଥଳୀ ପାଲଟିଛି। କାଠ ମାଫିଆମାନେ ଅବାଧରେ ଗଛ କାଟି ଚାଲାଣ କରୁଛନ୍ତି। ବନ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆ ନ ଗଲେ ଶାଳ, ଶାଗୁଆନ ଭର୍ତ୍ତି ଏହି ଜଙ୍ଗଲ ଲୋପ ପାଇଯିବ ବୋଲି ଆଶଙ୍କା ଉପୁଜୁଛି।

ପ୍ରକାଶ ଯେ, ୬୦୦ ବର୍ଗ କିଲୋମିଟର ପରିବ୍ୟାପ୍ତ ଏହି ଜଙ୍ଗଲ ମଧ୍ୟରୁ ଶାଳ, ଶାଗୁଆନ ସଂରକ୍ଷିତ ୨୩୦ ବର୍ଗକିଲୋମିଟର ରହିଛି। ଏଥିସହ ବହୁ ମୂଲ୍ୟବାନ ଗଛ ସମେତ ୪୦୦ରୁ ଉର୍ଦ୍ଧ୍ୱ ପ୍ରକାରର ଔଷଧୀୟ ଗଛ ରହିଛି। ଏହା ବ୍ୟତୀତ ହରିଣ, ଶମ୍ବର, ବାର୍ହା, ମୟୂର, ହାତୀ ମଧ ଏଠାରେ ରହିଛନ୍ତି। ବ୍ରିଟିଶ୍ ସରକାର ପ୍ରାୟ ୧୦୦ବର୍ଷ ପୂର୍ବରୁ ବରବରା ଜଙ୍ଗଲକୁ ସଂରକ୍ଷିତ ଭାବେ ଘୋଷଣା କରିଥିଲେ। ଜଙ୍ଗଲଟି ଯେପରି ଧ୍ୱଂସ ଅଭିମୁଖେ ଗତି ନ କରେ ଓଡ଼ିଶା ସରକାରଙ୍କ ସୁପାରିସକ୍ରମେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୯୯୪ ମସିହାରେ ଏଠାରେ ୧୩୨ ସିଆରପିଏଫ ଯବାନଙ୍କୁ ନିୟୋଜିତ କରାଯାଇଥିଲା। ଯବାନଙ୍କ ପ୍ରହରା ଯୋଗୁ ଜଙ୍ଗଲରେ କାଠ ଚୋର କିମ୍ବା ପ୍ରାଣୀ ଶିକାରୀ ପଶିବାକୁ ସାହସ କରୁ ନ ଥିଲେ। ଫଳରେ ଜଙ୍ଗଲ ସୁରକ୍ଷିତ ରହିଥିଲା। ୪ବର୍ଷ ପୂର୍ବେ ଯବାନମାନଙ୍କୁ ଏଠାରୁ ପ୍ରତ୍ୟାହାର କରି ନିଆଯିବା ପରେ ମାତ୍ର ୩୦ଜଣ ଓଏସ୍‌ଏସ୍‌ଏଫଙ୍କୁ ଏହି ଜଙ୍ଗଲର ସୁରକ୍ଷା ଦାୟିତ୍ୱ ଦିଆଯାଇଥିଲା। ଅନ୍ୟପଟେ ବନପାଳ ୧୫ଜଣ ଆବଶ୍ୟକ ଥିବା ବେଳେ ୯ଜଣ ଅଛନ୍ତି । ସେହିପରି ବନରକ୍ଷୀ ୩୫ଜଣଙ୍କ ମଧ୍ୟରୁ ୨୧ଜଣ ଏବଂ ୱାଚର ୪୦ ପରିବର୍ତ୍ତେ ୩୦ଜଣ ସୁରକ୍ଷା ପାଇଁ ନିୟୋଜିତ ରହିଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି। କମ୍ ସଂଖ୍ୟକ କର୍ମଚାରୀ ଏହି ଜଙ୍ଗଲକୁ କିପରି ସୁରକ୍ଷା ଦେବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୁରକ୍ଷା ଅଭାବରୁ ଜଙ୍ଗଲ ଏବେ କାଠଚୋରଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସରକାର ଏହାର ସୁରକ୍ଷା ଦିଗରେ ପଦକ୍ଷେପ ନ ନେଲେ ଭବିଷ୍ୟତରେ ଜଙ୍ଗଲଟି ପଦା ହୋଇ ଭୌଗୋଳିକ ମାନଚିତ୍ରରୁ ନିଶ୍ଚିହ୍ନ ହେବାର ସମ୍ଭାବନା ରହିଛି। ଏ ସମ୍ପର୍କରେ ବାଲୁଗାଁ, ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି କହିଛନ୍ତି, ପୂର୍ବାପେକ୍ଷା ବର୍ତ୍ତମାନ ଜଙ୍ଗଲର ସୁରକ୍ଷା ନିମନ୍ତେ ବିଭାଗ ପକ୍ଷରୁ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି। ଜଙ୍ଗଲ ମଧ୍ୟରେ ବସବାସକରୁଥିବା ୧୦ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକଙ୍କୁ ନେଇ ଜଙ୍ଗଲ ସୁରକ୍ଷା କମିଟି ଗଠନ କରାଯାଇଛି। ଉକ୍ତ କମିଟି ବନ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି। ଜଙ୍ଗଲରୁ କାଠ ଚୋରି ହେଉଥିବା ନେଇ ସେ ଅସ୍ୱୀକାର କରିଛନ୍ତି।

# ଟାଙ୍ଗୀକୁ ଏନ୍‌ଏସି ମାନ୍ୟତା ଦାବି

**ଖୋର୍ଦ୍ଧା ଅଫିସ,୨୬।୧୨**

ଖୋର୍ଦ୍ଧା ଜିଲା ଟାଙ୍ଗୀକୁ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ଘୋଷଣା ଲାଗି ବିଭିନ୍ନ ମହଲରେ ଦାବି ଜୋର ଧରିଛି। ଏନ୍‌ଏସି ହେବା ଲାଗି ସମସ୍ତ ମାନଦଣ୍ଡ ଥିବା ସତ୍ତ୍ୱେ ପ୍ରଶାସନିକ ଅବହେଳା ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏଥିରେ ବାଧକ ସାଜିଛି ବୋଲି ଟାଙ୍ଗୀ ବିକାଶ ମଞ୍ଚ ଅଭିଯୋଗ କରିଛି। କମିଟି ଆବାହକ ଆଇନଜୀବୀ ମୁନା ସିଂଙ୍କ ନେତୃତ୍ୱରେ ଗଙ୍ଗାଧର ବେହେରା, ବସନ୍ତ ସେଠୀ, ଗିରିଶ ବେହେରା ପ୍ରମୁଖ ଶନିବାର ସ୍ଥାନୀୟ ବିଡିଓ ଅକ୍ଷୟ କୁମାର ରାଉତଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। କମିଟି ଆବାହକ ସିଂ କହିଛନ୍ତି, ଟାଙ୍ଗୀରେ ଥାନା, ମହାବିଦ୍ୟାଳୟ, ତହସିଲ, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସବଟ୍ରେଜେରି, ସବ ରେଜିଷ୍ଟ୍ରାର ଅଫିସ ସମେତ ବିଭିନ୍ନ ବ୍ୟାଙ୍କ, ଜିଲା କୃଷି କାର୍ଯ୍ୟାଳୟ ରହିଛି। ଏନ୍‌ଏସି ଗଠନ ଲାଗି ସମସ୍ତ ବ୍ୟବସ୍ଥା ସତ୍ତ୍ୱେ ଏଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଏନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ସେ କହିଛନ୍ତି।

# ଦଶମ ଶ୍ରେଣୀ ପରୀକ୍ଷା ଫି ଛାଡ଼ କରାଯାଉ



ଅନୁଷ୍ଠିତ ବୈଠକରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ।

**ଖୋର୍ଦ୍ଧା ଅଫିସ,୨୬।୧୨**

ଖୋର୍ଦ୍ଧା ଜିଲା ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) କାର୍ଯ୍ୟକାରୀ କମିଟିର ବୈଠକ ଶନିବାର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। କରୋନା ମହାମାରୀ ଯୋଗୁ ଅଭିଭାବକମାନେ ଆର୍ଥିକ ସ୍ଥିତି ଦେଇ ଗତି କରୁଛନ୍ତି। ତେଣୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫି' ଛାଡ କରିବାକୁ ଦାବି ହୋଇଛି। ଅନୁଦାନରୁ ବଞ୍ଚିତ ବିଦ୍ୟାଳୟକୁ ଅନୁଦାନ, ପେନ୍‌ସନ ସହିତ ଚାକିରି ସର୍ତ୍ତାବଳୀ, ସପ୍ତମ ବେତନ କମିଶନ, ଯୋଗ୍ୟତା ଭିତ୍ତିରେ ହିନ୍ଦୀ, ସଂସ୍କୃତ ଏବଂ କ୍ରୀଡା ଶିକ୍ଷକଙ୍କୁ ବେତନ, ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମସ୍ତ ସୁବିଧା, ପ୍ରତ୍ୟେକ ବର୍ଗର ବିଦ୍ୟାଳୟରେ ଖାଲି ପଡ଼ିଥିବା ପଦବୀ ପୂରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ସମସ୍ତ ଦାବି ପୂରଣ ନେଇ ସରକାରଙ୍କ ନିକଟରେ ନିବେଦନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ରାଜ୍ୟ କାର୍ଯ୍ୟକାରୀ ସଭାପତି ଭିକାରୀ ଚରଣ ସାହୁ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଯୁଗ୍ମ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ଜିଲା ସମ୍ପାଦକ ସୁଧାକର ମହାପାତ୍ର, ଶଙ୍କର ସୁବୁଦ୍ଧି, ମଧୁସୂଦନ ଦାଶ, ଜିଲା ଉପଦେଷ୍ଟା ଉପେନ୍ଦ୍ର ଦାସ, ଜିଲା କାର୍ଯ୍ୟକାରୀ ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ। ବେଗୁନିଆ ବ୍ଲକ ସମ୍ପାଦକ ରତିକାନ୍ତ ସିଂ ଧନ୍ୟବାଦ ଦେଇଥିଲେ।

# ବାଙ୍କୀକୁ ହରାଇ ନଁପୁଟ ସେମିରେ

**ବେଗୁନିଆ,୨୬।୧୨(ଡି.ଏନ୍.ଏ.)**

**ନୀଳକଣ୍ଠ-ପଦ୍ମଚରଣ ରାଜ୍ୟସ୍ତରୀୟ କପ୍ କ୍ରିକେଟ ଟୁର୍ନାମେଣ୍ଟ**



ଅତିଥିଙ୍କ ଠାରୁ ଆଇ.ଏସ. ଗିରି ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଧୀନ କଣ୍ଟାବାଡ଼ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ନୀଳକଣ୍ଠ-ପଦ୍ମଚରଣ କପ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଶନିବାର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ କ୍ରିକେଟ କ୍ଲବକୁ ୧୦୯ରନରେ ହରାଇ ନଁପୁଟ କ୍ରିକେଟ କ୍ଲବ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ନଁପୁଟ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୨୧୪ ରନ ସଂଗ୍ରହ କରିଥିଲା। ଜବାବରେ ବାଙ୍କୀ ଟିମ୍ ୧୭.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୦୫ରନ ସଂଗ୍ରହ କରିଥିଲା। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟପାଳ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜକିଶୋର ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ନଁପୁଟର ଆଇ.ଏସ୍.ଗିରିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଶ୍ରୀକାନ୍ତ ବାହିନୀପତି ଓ ସୌମ୍ୟରଞ୍ଜନ ଦାଶ ମ୍ୟାଚ ପରିଚାଳନା କରିଥିଲେ। ବଂଶୀଧର ପାଣିଗ୍ରାହୀ ମ୍ୟାଚ ରେଫରି ଏବଂ ମିଥୁନ ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

## କ୍ରିକେଟ: ବେରୋବୋଇ ସ୍ପୋର୍ଟିଂ କ୍ଲବ ଚାମ୍ପିୟନ

**ନିରାକାରପୁର,୨୬।୧୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ପାଣ୍ଡବପାଟଣା ଗ୍ରାମର ପ୍ରଗତି ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଭୁବନେଶ୍ୱରର ଆଇଆରସି ଭିଲେଜ କ୍ରିକେଟ କ୍ଲବକୁ ୧୧ରନରେ ହରାଇ ଡେଲାଙ୍ଗର ବେରୋବୋଇ ସ୍ପୋର୍ଟିଂ କ୍ଲବ ଚାମ୍ପିୟନ ହୋଇଛି। ଟସ୍ ଜିତି ବେରୋବୋଇ ନିର୍ଦ୍ଧାରିତ ୮ଓଭରରେ ୪୭ରନ ସଂଗ୍ରହ କରିଥିଲା। ଜବାବରେ ଆଇଆରସି ଭିଲେଜ ଟିମ୍ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୩୬ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବୈଦ୍ୟୁତିକ ଗଣମାଧ୍ୟମର ସମ୍ପାଦକ ପ୍ରକାଶ ରଥ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ନିରାକାରପୁର ସମିତି ସଭ୍ୟ ବିପିନ୍ କୁମାର ଜୟସିଂହ, ସୂର୍ଯ୍ୟମଣି ମହାନ୍ତି ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍ ଓ ରନର୍ସ ଟିମକୁ ଟ୍ରଫି ସହ ଟଙ୍କା ପ୍ରଦାନ କରିଥିଲେ। ଏହି ଉତ୍ସବରେ ଅନୁଷ୍ଠାନ ସଭାପତି ଶୁଭମ ଦାଶ, ପ୍ରକାଶ ମିଶ୍ର, ରାଜେଶ ବେହେରା, ପ୍ରଦ୍ୟୁମ୍ନ ମହାନ୍ତି, ଚନ୍ଦ୍ରକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ଦ କୋଠରିରୁ ଗଳିତ ମୃତଦେହ ଜବତ

**ଭୁବନେଶ୍ୱର,୨୬।୧୨(ବ୍ୟୁରୋ)**

ବଡଗଡ ଥାନା ଅଧୀନ ବ୍ରହ୍ମେଶ୍ୱର ପାଟଣା ଅଞ୍ଚଳର ଏକ ବନ୍ଦ ଘରୁ ଶନିବାର ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ କରାଯାଇଛି। ସେ ହେଲେ ବିଭୂତି ଭୂଷଣ ଦାନି(୪୮)। ବିଭୂତିଙ୍କ ଘରୁ ଦୁର୍ଗନ୍ଧ ଆସିବାରୁ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ଭିତରକୁ ପଶିଥିଲା। ଖଟ ଉପରେ ବିଭୂତିଙ୍କ ଗଳିତ ମୃତଦେହ ପଡିଥିଲା। ଘରସାରା ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହିଥିଲା। ପୋଲିସ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିବା ସହ ମୃତଦେହ ଜବତକରି ତଦନ୍ତ ଆରମ୍ଭ କରିଛି। ମୃତଦେହର ସ୍ଥିତିରୁ ୪ରୁ ୫ ଦିନ ପୂର୍ବରୁ ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଛି। ସ୍ଥାନୀୟ ଲୋକେ ହତ୍ୟା ସନ୍ଦେହ କରିଛନ୍ତି। ସେମାନଙ୍କ କହିବାନୁସାରେ, ବିଭୂତି ମାନସିକ ରୋଗୀ ଥିଲେ। ତାଙ୍କର ବିପୁଳ ସମ୍ପତ୍ତି ଥିବାବେଳେ କେହି ଉତ୍ତରାଧିକାରୀ ନ ଥିଲେ। ସମ୍ପତ୍ତି ଲୋଭରେ କେହି ଏପରି ଘଟଣା ଘଟାଇପାରିଥାନ୍ତି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଅଲେଖ ସାଧୁଙ୍କୁ ଗୋଡ଼ରେ କୃତ୍ରିମ ଅଙ୍ଗ ପ୍ରତିରୋପଣ

**କଟକ ଅଫିସ, ୨୬।୧୨**

କଟକ ଜିଲା ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାର ହସ୍ପିଟାଲରେ ଜଣେ ଅଲେଖ ସାଧୁଙ୍କ ଚିକିତ୍ସା କରାଯିବା ସହ କୃତ୍ରିମ ଅଙ୍ଗ ପ୍ରତିରୋପଣ କରାଯାଇଥିଲା। ପ୍ରାୟ ୪ ବର୍ଷ ପୂର୍ବେ ଦୁର୍ଘଟଣାରେ ଅଲେଖ ନିରଞ୍ଜନଙ୍କ ଡାହାଣଗୋଡ କଟି ଯାଇଥିଲା। ଗୋଟିଏ ଗୋଡରେ ସେ ଭିକ୍ଷାବୃତ୍ତି କରୁଥିଲେ। ଦିନେ ଉକ୍ତ ସାଧୁଙ୍କ ସହ କଟକ ନୂଆବଜାର ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ନେତାଜୀ ସୁବାସ ସେନାର ସଭାପତି ଅଜିତ୍ ଦାସଙ୍କ ସହ ସାକ୍ଷାତ ହୋଇଥିଲା । ସେ ସାଧୁଙ୍କର ଏପରି ଅବସ୍ଥା ଦେଖି କୃତ୍ରିମ ଅଙ୍ଗର ବ୍ୟବସ୍ଥା କରିବା ପାଇଁ ମନସ୍ଥ କରିଥିଲେ ।

**ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି (ଗଜପତି)**
**କପା ବିକ୍ରୟ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ଗଜପତି ଜିଲ୍ଲାର ଗୋଷାଣୀ, ଗୁମ୍ମା, ରାୟଗଡ଼ା ଓ କାଶୀନଗର ବ୍ଲକ ଅଧୀନରେ ଥିବା ସମସ୍ତ କପା ଚାଷୀ ଭାଇ ଓ ଭଉଣୀମାନଙ୍କୁ ଜଣାଇଦିଆଯାଉଅଛି ଯେ, ଚଳିତ ୨୦୨୦-୨୧ ବର୍ଷ ପାଇଁ ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି ଦ୍ୱାରା ଆସନ୍ତା ତା୦୯।୧୨।୨୦୨୦ରୁ କପା ବଜାର ପ୍ରାଙ୍ଗଣ, ପାରଳାଖେମୁଣ୍ଡିରେ ସରକାରଙ୍କ ଧାର୍ଯ୍ୟ ଦରରେ କପା CCI ମାଧ୍ୟମରେ କ୍ରୟ ପାଇଁ ବ୍ୟବସ୍ଥା କରାଯାଇଅଛି।

କପା ବିକ୍ରି ପାଇଁ ୨୦୨୦-୨୧ ବର୍ଷ ପାଇଁ ନିର୍ଦ୍ଧାରିତ କପାର ଗୁଣାତ୍ମକ ମାନ (FAQ FOR SEED COTTON) ଓ ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟ (କୁଇଣ୍ଟାଲ) ପ୍ରତି

| କ୍ର.ନଂ. | କିସମ | ତନ୍ତୁର ଲମ୍ବା (ମି.ମି.) | ମାଇକ୍ରନିୟର୍ ମାତ୍ରା | ଆର୍ଦ୍ରତା | ସମର୍ଥନ ମୂଲ୍ୟ |
|---|---|---|---|---|---|
| ୧ | ବନ୍ନି/ବ୍ରହ୍ମା | ୨୯.୫-୩୦.୫ | ୩.୫-୪.୩ | ୮% | ୫,୮୨୫/- |
| ୨ | ଏମ.ଇ.ସି.ଏଚ୍. | ୨୭.୫-୨୮.୫ | ୩.୫-୪.୭ | ୮% | ୫,୭୨୫/- |

ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି
ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି

# ସମୃଦ୍ଧ ଓଡ଼ିଶା ଗଠନ ନବୀନଙ୍କ ଲକ୍ଷ୍ୟ

**ଖୋର୍ଦ୍ଧା ଅଫିସ/ବାଲୁଗାଁ, ୨୬।୧୨(ଡି.ଏନ୍.ଏ.)**




ବେଗୁନିଆ ମିନି ଷ୍ଟାଡ଼ିୟମରେ ବିଜେଡି ପ୍ରତିଷ୍ଠା ଦିବସରେ ବିଧାୟକ ରାଜେନ୍ଦ୍ର ସାହୁ ଓ ଅନ୍ୟମାନେ।

ବିଜୁବାବୁଙ୍କ ସ୍ୱପ୍ନ ଥିଲା ସ୍ୱାଭିମାନ ଓଡ଼ିଶା। ତାହାକୁ ସଫଳ କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟ ଧାରା ଜାରି ରଖିଛନ୍ତି। ଏକ ସମୃଦ୍ଧ, ଉନ୍ନତ ରାଜ୍ୟ ଗଠନ ହେଉଛି ନବୀନଙ୍କ ଲକ୍ଷ୍ୟ ବୋଲି ଶନିବାର ବିଜେଡିର ୨୪ତମ ପ୍ରତିଷ୍ଠା ଦିବସ ଅବସରରେ ବେଗୁନିଆ ମିନି ଷ୍ଟାଡିୟମ ପରିସରରେ ବେଗୁନିଆ ନିର୍ବାଚନମଣ୍ଡଳୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଧାୟକ ରାଜେନ୍ଦ୍ର ସାହୁ ଏହା କହିଛନ୍ତି। ସେ ଆହୁରି କହିଥିଲେ, ମହିଳାଙ୍କ ପ୍ରଗତିରେ ସମାଜର ପ୍ରଗତି ବୋଲି ବିଜୁବାବୁ କହୁଥିଲେ। ନବୀନ ବାବୁ ଏହାକୁ କାମ କରି ଦେଖାଇଛନ୍ତି। ଜୀବିକା ମିଶନ ମାଧ୍ୟମରେ ମହିଳାଙ୍କୁ ବିଭିନ୍ନ କ୍ଷେତ୍ରରେ ଅଗ୍ରାଧିକାର ଦେବା ସହ ସ୍ୱାବଲମ୍ବୀ ହେବାର ମାର୍ଗ ପ୍ରଶସ୍ତ କରିଛନ୍ତି। ସଫଳ କୋଭିଡ୍ ପରିଚାଳନା ଲାଗି ଓଡ଼ିଶା ଅନ୍ତର୍ଜାତୀୟ ସ୍ତରରେ ଗୌରବ ହାସଲ କରିଛି। ସାଢେ ୪କୋଟି ଓଡ଼ିଆଙ୍କ ମଉଡମଣି ହେଉଛନ୍ତି ନବୀନ। ପ୍ରତି ସମୟରେ ଓଡ଼ିଶାବାସୀଙ୍କ କଥାକୁ ଚିନ୍ତା କରୁଛନ୍ତି। ସମସ୍ତଙ୍କ କଥାକୁ ଗୁରୁତ୍ୱ ଦେଉଛନ୍ତି। ନିଜ ସ୍ୱାର୍ଥକୁ ଛାଡ, ସମୁହ ସ୍ୱାର୍ଥ ଉପରେ ଗୁରୁତ୍ୱ ଦିଅ। ସେବା ମନୋଭାବ ନେଇ କାର୍ଯ୍ୟ କର। ଲୋକଙ୍କ ନିକଟତର ହୁଅ। ଲୋକଙ୍କ ସହଭାଗୀ ହେବାକୁ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବେଗୁନିଆ ଓ ବୋଲଗଡ଼ ବ୍ଲକର ଶତାଧିକ କର୍ମକର୍ତ୍ତା ସାମିଲ ହୋଇଥିଲେ।

ସେହିପରି ବିଜୁ ଜନତା ଦଳର ୨୪ତମ ପ୍ରତିଷ୍ଠା ଦିବସ ବାଲୁଗାଁ ଅଶୋକ ନଗରସ୍ଥିତ ବଣିକ ସଂଘ ଗୃହରେ ପାଳିତ ହୋଇଯାଇଛି। ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏନ୍‌ଏସି କାର୍ଯ୍ୟାଳୟ ନିକଟରୁ ଶୋଭାଯାତ୍ରାରେ ବାହାରି ବଣିକ ସଂଘଠାରେ ପହଞ୍ଚିଥିଲେ। ଏହି ଅବସରରେ ଏନ୍‌ଏସି ସଭାପତି ଜୟନ୍ତ ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ଜଗଦେବ କହିଥିଲେ, ଚିଲିକାର ସାମଗ୍ରିକ ବିକାଶ ମୋର ଲକ୍ଷ୍ୟ। ପ୍ରାଥମିକ ପର୍ଯ୍ୟାୟରେ ଏହି ଅଞ୍ଚଳର ଉନ୍ନତି ପାଇଁ ୩ଶହ କୋଟିର ମେଗା ପ୍ରକଳ୍ପ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଖୁବ୍‌ଶୀଘ୍ର ୫୫କୋଟି ଟଙ୍କା ବ୍ୟୟରେ ବାଲୁଗାଁ ଜେଟି ଠାରୁ ଜହ୍ନିକୁଦା ପର୍ଯ୍ୟନ୍ତ ଜନସାଧାରଣଙ୍କ ଯାତାୟାତ ନିମନ୍ତେ ଏକ ଭସାପୋଲର ଶୁଭାରମ୍ଭ ହେବ। ସ୍ଥାନୀୟ ସରଳସିଂହଠାରୁ ବଡ଼କୂଳ ପର୍ଯ୍ୟନ୍ତ ୪କୋଟି ଟଙ୍କା ବ୍ୟୟରେ ରାସ୍ତାର ପ୍ରଶସ୍ତୀକରଣ କରାଯିବ । ଏଥିସହିତ ବାଣପୁର ଅଞ୍ଚଳରେ ୧୦କୋଟି ଟଙ୍କା ବ୍ୟୟରେ ଏକ ନୂତନ ହସ୍ପିଟାଲ ନିର୍ମାଣର ଯୋଜନା କରାଯାଇଛି ବୋଲି ସେ କହିଛନ୍ତି। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଡ଼.ଦେବେନ୍ଦ୍ରନାଥ ମାନସିଂହ, ଚିଲିକା ବ୍ଲକ ଉପାଧ୍ୟକ୍ଷ ଉତ୍ପଳ ପାଇକରାୟ, ପୂର୍ବତନ ବ୍ଲକ ଚେୟାରମ୍ୟାନ ଅଶ୍ୱିନୀ କୁମାର ସେଣ, ପୂର୍ବତନ ବାଣପୁର ବ୍ଲକ ଅଧ୍ୟକ୍ଷ ମାନସ ପ୍ରଧାନ, ଯୁବନେତା ପ୍ରଭାସ ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

All India Tower Group
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍‌ରେ 4G, 5G ଟାୱାର ଲଗାନ୍ତୁ। ଅଗ୍ରିମ 90 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପ୍‌ଟପ୍। ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894677450
7325861595

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଝଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ। ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

GALLERY TOWER COMPANY
ଦ୍ୱାରା ନିଜର ଖାଲି
ଜମି / ଛାତ / କ୍ଷେତ / ପ୍ଲଟ୍
ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମହିଳା ସେଲ୍ସମ୍ୟାନଙ୍କୁ ମାଡ଼, ଯୁବକ ଗିରଫ

ନିମାପଡା, (ଡି.ଏନ୍.ଏ.): ନିମାପଡ଼ା ଥାନା ଅଧୀନ ବିଜିପୁର ସାମିଲଗୁଆତରା ଗ୍ରାମର ଜଣେ ମହିଳା ସେଲ୍ସମ୍ୟାନ ଶୁକ୍ରବାର ରାତିରେ କାର୍ଯ୍ୟସାରି ଘରକୁ ଫେରୁଥିବାବେଳେ ଗ୍ରାମ ଛକ ନିକଟରେ ଦୁର୍ବ୍ୟବହାର କରି ମାଡ଼ ମାରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏହି ଗ୍ରାମର ଦିପୁନା ଭୋଇ। ଏ ନେଇ ପୋଲିସ ଏକ ମାମଲା(ନଂ.୩୧୪/୨୦) ରୁଜୁ କରିଛି। ବିଜିପୁର ସାମିଲ ଗୁଆତରା ଗ୍ରାମର ଜଣେ ମହିଳା ଦୋଳବେଦୀ ଛକରେ ଥିବା ଏକ ଶୋରୁମରେ ସେଲ୍ସମ୍ୟାନ ଭାବେ କାର୍ଯ୍ୟ କରନ୍ତି। ତେବେ ଶୁକ୍ରବାର ସ୍କୁଟିରେ ଘରକୁ ଫେରୁଥିବାବେଳେ ଦିପୁନା ତାଙ୍କୁ ଦୁର୍ବ୍ୟବହାର କରିବା ସହ ମାଡ଼ ମାରି ଫେରାର ହୋଇଯାଇଥିଲେ।

### ସଂକ୍ଷେପରେ

## ଧାନ ଜମିରେ ହାତୀପଲ, ଲୋକେ ଭୟଭୀତ

କଣାସ,୨୬।୧୨ (ଡି.ଏନ.ଏ.); କଣାସର ଗଡ଼ଖାରଦ ପଞ୍ଚାୟତରେ ହାତୀ ଆତଙ୍କ। ପ୍ରାୟ ଦୁଇଦିନ ହେବ ନିରାକାରପୁର ସମେତ ଆଖପାଖ ଅଞ୍ଚଳରେ ହାତୀପଲ ପଶିଯିବାରୁ ଚାଷୀ ଓ ସାଧାରଣ ଲୋକେ ଭୟଭୀତ ଅଛନ୍ତି। ରାତିରେ ହାତୀପଲ ଧାନ ଜମିରେ ପଶି ଧାନ ଫସଲ ଖାଇବା ସହ ଧାନ ନଷ୍ଟ କରିଦେଉଛନ୍ତି। ସକାଳ ହେବା ପୂର୍ବରୁ ସେମାନେ ନିକଟସ୍ଥ ଚିତ୍ରକୁଟ ମୁଣ୍ଡିଆ କିମ୍ବା ପାଖ ଜଙ୍ଗଲକୁ ଚାଲିଯାଉଛନ୍ତି। ହାତୀ ଭୟରେ ଲୋକେ ରାତିରେ ଜମିରେ ଥିବା ପାଳରେ ନିଆଁ ଲଗାଇ ହାତୀଙ୍କୁ ଡରାଇବା ପାଇଁ ଚେଷ୍ଟା କରୁଛନ୍ତି। ଶୁକ୍ରବାର ରାତିରେ ହାତୀପଲ ଜଗନ୍ନାଥପୁରରୁ ବିରିତୋଇ ଗ୍ରାମ ଦେଇ କାଶୀପୁର ଜଙ୍ଗଲକୁ ଯାଇଥିବା ଅନୁମାନ କରାଯାଉଛି। ବିରିତୋଇ ଗ୍ରାମର ଅଭିମନ୍ୟୁ ପ୍ରଧାନ ଓ ଶରତ ସାହୁଙ୍କ ଜମିରେ ହାତୀପଲ ପଶି ଧାନ ଖାଇବା ସହ ଫିଙ୍ଗା ଫୋପଡ଼ା କରିଛନ୍ତି। ଶରତଙ୍କର ୨୫ଟା ଧାନବସ୍ତାରୁ ୧୦ଟି ଖାଇ ଦେଇଥିବା ସେ କହିଛନ୍ତି। ଅନ୍ୟ କିଛି ଚାଷୀଙ୍କର ମଧ୍ୟ ଧାନ ନଷ୍ଟ ହୋଇଛି। ଚାଷୀଙ୍କୁ କ୍ଷତିପୂରଣ ଦେବା ସହ ହାତୀଙ୍କୁ ଘଉଡ଼ାଇବା ପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି।

## ପାରିବାରିକ ହିଂସା, ୫ ଗିରଫ

ପୁରୀ ଅଫିସ,୨୬।୧୨: କୁମ୍ଭାରପଡ଼ା ଥାନା ଅଞ୍ଚଳରେ ୨ ପରିବାର ମଧ୍ୟରେ ପାରିବାରିକ ହିଂସା ହୋଇଥିବାରୁ ପୋଲିସ ଉଭୟ ପକ୍ଷରୁ ୫ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଦଇତାପଡ଼ା ସାହିର ଜଗନ୍ନାଥ ସାହୁ, ବିଶ୍ୱନାଥ ସାହୁ, କାଶିନାଥ ସାହୁ, ପ୍ରଶାନ୍ତ ସାହୁ ଓ ବଳରାମ ସାହୁ। ଏ ନେଇ ପୋଲିସ ପୃଥକ ଭାବେ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଜଗନ୍ନାଥଙ୍କ ଅଭିଯୋଗ ଅନୁଯାୟୀ, ସେ ନିଜ ପରିବାର ସହ ଶୁକ୍ରବାର ସନ୍ଧ୍ୟାରେ ଘରକୁ ଫେରୁଥିଲେ। ଘର ନିକଟରେ ପ୍ରଶାନ୍ତ ଓ ତାଙ୍କ ସହଯୋଗୀ ସୁଶାନ୍ତ ସାହୁ ଜଗନ୍ନାଥଙ୍କ ସାନ ପୁଅ କାଶୀନାଥଙ୍କ ଉପରେ କୌଣସି କାରଣକୁ ନେଇ ଅଚାନକ କଟୁରିରେ ଆକ୍ରମଣ କରିବା ସହ ପୂରା ପରିବାରକୁ ମାରି ଦେବାକୁ ଧମକ ଦେଇ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଜଗନ୍ନାଥ ତାଙ୍କ ପୁଅଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ଜଗନ୍ନାଥ ଏ ନେଇ ଥାନାରେ ଏକ ଅଭିଯୋଗ କରିଥିଲେ। ଅନ୍ୟପଟେ ଅଭିଯୁକ୍ତ ସୁଶାନ୍ତଙ୍କ ସ୍ତ୍ରୀ ମମତା ମଧ ଥାନାରେ ଏକ ପାଲଟା ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଜଗନ୍ନାଥ ଓ ତାଙ୍କର ଦୁଇ ପୁଅ କିଛିଦିନ ତଳେ ତାଙ୍କ ଘରକୁ ଆସି ସୁଶାନ୍ତ ଓ ପରିବାର ସଦସ୍ୟମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏହି ଅଭିଯୋଗ ଆଧାରରେ ପୋଲିସ ଉଭୟ ପକ୍ଷରୁ ପଚରାଉଚୁରା ପରେ ୫ଜଣଙ୍କ ଧରିଥିଲା।

# ମହାପ୍ରଭୁଙ୍କ ଖୋଲାଦର୍ଶନ ଅତୁଳନୀୟ



ପୁରୀ ଅଫିସ,୨୬।୧୨:

ଦୀର୍ଘ ୯ମାସ ପରେ ଭକ୍ତଙ୍କ ପାଇଁ ଖୋଲିଛି ଶ୍ରୀମନ୍ଦିର । ରତ୍ନବେଦୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେ ଅଲୌକିକ ଦୃଶ୍ୟକୁ ନିକଟରୁ ଦେଖିବାକୁ ଶନିବାରଠାରୁ ସୁଯୋଗ ପାଇଛନ୍ତି ଶ୍ରୀକ୍ଷେତ୍ରବାସୀ। ସକାଳୁ ଟୋକନ ଧରି ପୁରୀବାସୀ ଧାଡିରେ ଯାଇ ପ୍ରଭୁଙ୍କୁ ଦର୍ଶନ କରି ପରମତୃପ୍ତି ଲାଭ କରିଛନ୍ତି । ଶ୍ରୀକ୍ଷେତ୍ରରେ ଘର ଥାଇ ମଧ ମହାପ୍ରଭୁଙ୍କୁ ଦର୍ଶନ କରି ନ ପାରି ବ୍ୟାକୁଳ ହୋଇଥିବା ଭକ୍ତମାନେ କଟକଣା ଉଠିବା ପରେ ଯେପରି କ୍ଷଣିକ ଦର୍ଶନ ପାଇ ବେଶ୍ ଆନନ୍ଦିତ ହୋଇଛନ୍ତି । ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସହରରେ ବ୍ୟବସ୍ଥା କରାଯାଇଛି। କାଳିଆ ଠାକୁରଙ୍କ ଦର୍ଶନ କରି ସ୍ମୃତି ସାଉଁଟିଥିବା ଭକ୍ତଙ୍କ ମୁହଁରୁ କିଛି କଥାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା ।



ଜଗା ଦର୍ଶନ ପରେ ଅନେକ ଦିନର ଅସନ୍ତୋଷ ଅନ୍ତ ଘଟିଛି। ସଂସାରର ଭିତରେ ଛନ୍ଦି ହୋଇ ଅଣନିଃଶ୍ୱାସୀ ହୋଇପଡ଼ିଲେ ମହାପ୍ରଭୁଙ୍କ କଥା ମନେ ପଡ଼େ। ହେଲେ କରୋନା ସେସବୁ ଛଡ଼ାଇ ନେଇଥିଲା। ଶ୍ରୀଜଗନ୍ନାଥଙ୍କ ଦର୍ଶନ ବିନା ମନରେ ଶାନ୍ତି ନ ଥିଲା। ଶନିବାର ଦର୍ଶନ ପରେ ଆତ୍ମତୃପ୍ତି ମିଳିଲା। ମହାପ୍ରଭୁଙ୍କର ଏଭଳି ଖୋଲା ଦର୍ଶନ ଖୁବ୍ କମ୍ ସମୟରେ ମିଳେ। ଠାକୁରଙ୍କ ଦର୍ଶନ ପରେ ଯେଉଁ ଶାନ୍ତି ମିଳିଲା, ସେସବୁ ଶବ୍ଦରେ ବର୍ଣ୍ଣନା କରିପାରିବି ନାହିଁ। ମନରେ ଥିବା ଅଭିଯୋଗ ଓ ଅଭିମାନ ମହାପ୍ରଭୁଙ୍କୁ ଜଣାଇଛି।

**ସୁଲୋଚନା ମହାପାତ୍ର (ବାସେଳିସାହି)**



ମନ୍ଦିର ପାଖରେ ଘର ଥିଲେ ସୁଦ୍ଧା ୯ ମାସ ଧରି ମହାପ୍ରଭୁଙ୍କୁ ଦର୍ଶନ କରି ନ ଥିଲି। ସେବାୟତ ପ୍ରଥମେ ଦର୍ଶନ କରିବା କଥା ଶୁଣି ମନରେ ଅଭିମାନ ହେଲା। ହେଲେ ସବୁ ଅଭିମାନ ଆଜି ହିଁ ସରିଛି। ତାଙ୍କୁ ଦର୍ଶନ କରିବା ପରେ ଅନେକ ଦିନର ଇଚ୍ଛା ପୂରଣ ହୋଇଛି। ମୋ ଘରେ କିଛି ଦିନ ପୂର୍ବରୁ ଏକ ବିବାହ ଉତ୍ସବ ହୋଇଥିଲା। ଜଗନ୍ନାଥଙ୍କୁ ନିମନ୍ତ୍ରଣ ନିମନ୍ତେ ମୁଁ ନିଜେ ଯିବା ପାଇଁ ବହୁ ପୂର୍ବରୁ ଭାବିଥିଲି। ହେଲେ କରୋନା ଯୋଗୁ ନିମନ୍ତ୍ରଣ ପତ୍ରଟିଏ ଦେବା ପାଇଁ ସଶରୀରରେ ପହଞ୍ଚିପାରି ନ ଥିଲି। ସେ ଯାହା ବି ହେଉ, ମହାପ୍ରଭୁଙ୍କୁ ଖୋଲା ଦର୍ଶନ କରିବାର ସୁଯୋଗ ପାଇ ନିଜକୁ ଧନ୍ୟ ମନେ କରୁଛି।

**ଶକୁନ୍ତଳା ମହାପାତ୍ର (ବାସେଳିସାହି)**



ରତ୍ନବେଦିରେ ମହାପ୍ରଭୁଙ୍କୁ କେବେ ଦେଖିବୁ ସେଇ କଥା ଭାବି ଦିନ କାଟୁଥିଲୁ। ମୁଁ ପ୍ରତିଦିନ ମନ୍ଦିର ଆସେ। ହେଲେ ଶ୍ରୀମନ୍ଦିର ବନ୍ଦ ହେବା ପରେ ମହାପ୍ରଭୁ ଓ ମୋ ଭିତରେ ବାଡ଼ ପଡ଼ିଥିଲା। କର୍ମରୁ ଯିବା ପୂର୍ବରୁ ତାଙ୍କୁ ସବୁ ଦୁଃଖ, ସଂଘର୍ଷ ଓ ବେଦନା ଜଣାଇ ଦେଇ ଯାଏ। ହେଲେ ଆଜି ଦର୍ଶନ ପରେ ମୋ ଖୁସିର ସୀମା ନାହିଁ। ମହାପ୍ରଭୁଙ୍କ ଖୋଲା ଦର୍ଶନ ସତରେ ବଡ଼ ଅତୁଳନୀୟ। ପୂରା ପରିବାର ସହ ଜଗା ଦର୍ଶନ କଲି। କି ଅପୂର୍ବ ସେ କଳା ବଦନ, ସେସବୁ ବର୍ଣ୍ଣନା ପାଇଁ ଶବ୍ଦ ଯୋଗାଡ଼ିବାକୁ ମୁଁ କିଏ। ମୁଁ ଅତି ସାମାନ୍ୟ। ପୂରା ଜଗତକୁ ମହାପ୍ରଭୁ ଶାନ୍ତି ଦିଅନ୍ତୁ, ଏତିକି କାମନା କରୁଛି।

**ବିଶ୍ୱଭୂଷଣ ବାରିକ**



ବହୁତ ଖୁସି ଲାଗୁଛି ଯେ, ବାଇଶି ପାହାଚରେ ପାଦସ୍ପର୍ଶ କଲି। କେତେ ଦିନ ହେଲା ଏହି ଆଶା ମନ ଭିତରେ ଥିଲା। ପୁରୀଲୋକ ବୋଲି ସବୁବେଳେ ଗର୍ବ କରି କହୁ। ହେଲେ ଜଗାଦର୍ଶନ ନ ଥିଲେ, କାହା ପାଇଁ ଆଉ କ'ଣ ହେବ ସେ ଅଭିମାନ। ଏବେ ଲାଗୁଛି ମୋ ମହାପ୍ରଭୁ ମୋ ସହ ଅଛନ୍ତି। ବାହାର ବାଡ଼ ପାଖେ ଠିଆ ହୋଇ ଏତେ ସୁନ୍ଦର ଦର୍ଶନ କେବେ କରି ନ ଥିଲି। ପ୍ରଶାସନ ଓ ସେବାୟତ ଭାଇମାନଙ୍କୁ ହୃଦୟରୁ ଧନ୍ୟବାଦ।

**ଅରୁଣା ମିଶ୍ର**



ଅନେକଦିନ ପରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କଲି। ମନ୍ଦିର ଭିତରର ଯେଉଁ ଶାନ୍ତି ମନକୁ ପବିତ୍ର କରେ ତାହାକୁ ଅନୁଭବ କଲି। ମହାପ୍ରଭୁଙ୍କ ଏତେ ସୁନ୍ଦର ଦର୍ଶନ କେବେ ଏତେ ନିକଟରୁ ଦେଖି ନ ଥିଲି। ସାଧାରଣତଃ ଅଧିକାଂଶ ସମୟ ଗହଳି ଥାଏ। ହେଲେ ଆଜି ପୂରା ଖୋଲା ଦର୍ଶନ। ସେବାୟତ ଭାଇମାନେ ସବୁ ପ୍ରକାର ସହଯୋଗ କରୁଥିଲେ। ଠାକୁରଙ୍କୁ ସାମ୍ନାରୁ ଦେଖିବାରେ କୌଣସି ଅସୁବିଧା ହୋଇନି। ମନ୍ଦିର ପ୍ରଶାସନ ଓ ସେବାୟତ ଭାଇମାନେ ଶୃଙ୍ଖଳିତ ଭାବେ ନିଜ କାମ କରୁଛନ୍ତି।

**ଅଭିଷେକ ସାହୁ**

# ଗୋବଂଶ ରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ଜରୁରୀ



ଗୋବଂଶ ସୁରକ୍ଷା ଦାବି ନେଇ ସିଂହଦ୍ୱାର ସମ୍ମୁଖରେ ଧାରଣା ଦିଆଯାଇଛି ।

ପୁରୀ ଅଫିସ,୨୬।୧୨

ଦେଶରେ ପ୍ରତିଦିନ ଲକ୍ଷ ଲକ୍ଷ ଗୋରୁଙ୍କୁ ହତ୍ୟା କରାଯାଉଛି। ଗୋବଂଶ ସୁରକ୍ଷା ନେଇ ଅନେକ କମିଶନ ବସିଛି। କିନ୍ତୁ କମିଶନ କେବଳ କାଗଜକଲମରେ ଚାଲିଛି। ସ୍ଥଳବିଶେଷରେ କୌଣସି ପ୍ରଭାବ ପଡୁନି। ଏଣୁ ଗୋବଂଶ ହତ୍ୟା ନିଷେଧ ଆଇନ ପ୍ରଣୟନ କରାଯାଉ ବୋଲି ଭାରତୀୟ ଗୋବଂଶ ସେବା ସୁରକ୍ଷା ସଂରକ୍ଷଣ ସମ୍ବର୍ଦ୍ଧନ ପରିଷଦ ଓ ଶ୍ରୀ ଜଗନ୍ନାଥ ସେନା ପକ୍ଷରୁ ଶନିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ ଜରିଆରେ ଦାବି କରିଛନ୍ତି । ଏହି ଅବସରରେ ପରିଷଦର ମୁଖ୍ୟ ଆଇନଜୀବୀ ସଂଗ୍ରାମ କେଶରୀ ଶତପଥୀ କହିଛନ୍ତି ଯେ, ଗୁଜରାଟ ଓ ଉତ୍ତରପ୍ରଦେଶ ଭଳି ପ୍ରମୁଖ ରାଜ୍ୟ ସରକାର ଗୋହତ୍ୟା ନିଷେଧ ଦିଗରେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି। ମାତ୍ର ଓଡ଼ିଶାରେ ଏହି ଦିଗ ଉପରେ ଗୁରୁତ୍ୱ ଦିଆଯାଇ ନାହିଁ। ୨୦୧୫ ନବକଳେବର ସମୟରୁ ଏନେଇ କ୍ରମାଗତ ଭାବେ ଆନ୍ଦୋଳନ ଜାରି ରହିଥିଲେ ମଧ୍ୟ ସରକାରଙ୍କ ଉପରେ ଏହାର ପ୍ରଭାବ ପଡ଼ିନି। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ଧାରଣା ଦିଆଯାଇଥିଲା। ଗୋସମ୍ପଦ ରକ୍ଷା ପାଇଁ ସଂସ୍ଥା କେନ୍ଦ୍ର ସରକାରଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ଆଇନର ଦାବି କରିଛି।

## ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ଦାନ ସଂଗ୍ରହ ପ୍ରସ୍ତୁତି

ଡେଲାଙ୍ଗ, ୨୬।୧୨( ଡି.ଏନ.ଏ.)

ଅଯୋଧାରେ ଶ୍ରୀରାମ ମନ୍ଦିର ନିର୍ମାଣାର୍ଥେ ଗୋରଡିଆସ୍ଥିତ ଶ୍ରୀ ରାଧାମୋହନ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଡେଲାଙ୍ଗ ଖଣ୍ଡର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଇତିହାସ ସଂକଳନ କ୍ଷେତ୍ରୀୟ ସଂଗଠନ ସଚିତ ତଥା ପୁରୀ ଜିଲାପାଳକ କମଳେଶ ଦାସ ଏବଂ ପୁରୀ ଜିଲା ମହାବିଦ୍ୟାଳୟର ଶାଖା ପ୍ରମୁଖ ପ୍ରଭାତ କୁମାର ମହାପାତ୍ର ସମେତ ଡେଲାଙ୍ଗ ଖଣ୍ଡର ୨୧ଟି ପଞ୍ଚାୟତର ସ୍ୱୟଂସେବକମାନେ ଯୋଗଦେଇ ବୈଠକରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରତି ୨୧ଟି ପଞ୍ଚାୟତକୁ ୫ଟି ମଣ୍ଡଳ ଗଠନ କରାଯାଇଥିଲା। ପ୍ରତି ମଣ୍ଡଳରେ ୫ଟି ଲେଖାଏ ଟୋଲି ଗଠନ କରାଯାଇ ଟୋଲିର ପ୍ରମୁଖ ହିସାବରକ୍ଷକ ,ଜମାକର୍ତ୍ତା ସ୍ଥିର କରାଯାଇ ସେମାନଙ୍କର ନାମ ପୁରୀ ଜିଲାପାଳକଙ୍କୁ ପ୍ରଦାନ କରାଯାଇଥିଲା। ଡେଲାଙ୍ଗ ଖଣ୍ଡ ସମିତିର କିଶୋର ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। ପ୍ରତ୍ୟେକ ଗ୍ରାମରେ ଜଣେ ସ୍ୱୟଂସେବକ ରହି ଟୋଲି ଗଠନ କରି ଦାନ ସଂଗ୍ରହ କରିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା।

## ଟୋକନ୍ ଥାଇ ମିଳିଲାନି ଦର୍ଶନ

ପୁରୀ ଅଫିସ,୨୬।୧୨

### ପୁରୀବାସୀର ପରିଚୟପତ୍ର ନ ଥିବାରୁ ଫେରିଲେ ନବବିବାହିତା

ପୁରୀବାସୀ ପରିଚୟପତ୍ର ନ ଥିବାରୁ ବହୁ ନବବିବାହିତ ମହିଳା ଜଗାଦର୍ଶନରୁ ବଞ୍ଚିତ ହୋଇଛନ୍ତି। ପ୍ରଶାସନ ଓ ପୌରସଂସ୍ଥା ମଧ୍ୟରେ ସମନ୍ୱୟ ଅଭାବରୁ ଏଭଳି ଘଟିଥିବା କୁହାଯାଉଛି। ପ୍ରକାଶ ଯେ, ଶନିବାର ପୁରୀ ସହରବାସିନ୍ଦାଙ୍କ ପାଇଁ ଜଗନ୍ନାଥଙ୍କ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଏଥିପାଇଁ ପୌରପ୍ରଶାସନ ପକ୍ଷରୁ ପୂର୍ବରୁ ୱାର୍ଡୱାରି ପରିବାର ପିଛା ଟୋକନ ବ୍ୟବସ୍ଥା କରାଯାଇଥିଲା। ଏପରି କି କେଉଁ ୱାର୍ଡର ଲୋକେ କେଉଁଦିନ ଦର୍ଶନ କରିବେ ସେନେଇ ତାଲିକା ପ୍ରସ୍ତୁତ ହୋଇଥିଲା। ସେହି ଅନୁସାରେ ଶନିବାର ୱାର୍ଡବାସିନ୍ଦା ଟୋକନ୍ ଓ ପରିଚୟପତ୍ର ଧରି ଦର୍ଶନ ପାଇଁ ଆସିଥିଲେ। ନବବିବାହିତା ମହିଳାମାନେ ଟୋକନ ସହ ପୁରୁଣା ପରିଚୟ ପତ୍ର ଆଣିଥିଲେ। ହେଲେ ଯାଞ୍ଚ ସମୟରେ ସେମାନଙ୍କ ନିକଟରେ ପୁରୀ ବାସିନ୍ଦା ପରିଚୟପତ୍ର ନ ଥିବାରୁ ସେମାନଙ୍କୁ ଦର୍ଶନ ସୁଯୋଗ ମିଳି ନ ଥିଲା। ତେବେ ଏଠାରେ ପ୍ରଶ୍ନ ଉଠୁଛି, ପ୍ରଶାସନ ଯଦି ନବବିବାହିତାଙ୍କୁ ଦର୍ଶନ ଅନୁମତି ଦେବାକୁ ପ୍ରସ୍ତୁତ ନ ଥିଲା, ତେବେ ସେମାନଙ୍କୁ ଟୋକନ୍ ଦିଆଯାଇଥିଲା କାହିଁକି। ପୌରସଂସ୍ଥା ଟୋକନ୍ ବାଣ୍ଟିବା ବେଳେ ଏହି ଦିଗ ଉପରେ ଧ୍ୟାନ ଦେଲେ ନାହିଁ କାହିଁକି। ୯ ନମ୍ବର ୱାର୍ଡ ନିବାସୀ ଅର୍ଜୁନ ପ୍ରସାଦ ଗୁପ୍ତା ସ୍ତ୍ରୀଙ୍କ ସହ ଦର୍ଶନ କରିବାକୁ ଆସିଥିଲେ। ତାଙ୍କ ସ୍ତ୍ରୀ ଝାଡ଼ଖଣ୍ଡର ହୋଇଥିବାବେଳେ ଏବେ ବିବାହ କରି ପୁରୀରେ ରହୁଛନ୍ତି। ତାଙ୍କର ନୂଆ ପରିଚୟ ପତ୍ର ପ୍ରସ୍ତୁତ ହୋଇ ନ ଥିବାରୁ ଟୋକନ୍ ଥିବା ସତ୍ତ୍ୱେ ତାଙ୍କୁ ଦର୍ଶନ ସୁବିଧା ମିଳିପାରି ନ ଥିଲା ବୋଲି କହିଛନ୍ତି। ଏନେଇ ପ୍ରଶାସନର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## କୋଣାର୍କ ସାମ୍ବାଦିକ ସଂଘର ବେଳାଭୂମି ପଦଯାତ୍ରା




କୋଣାର୍କ,୨୬।୧୨(ଡି.ଏନ୍.ଏ.)

କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ଚନ୍ଦ୍ରଭାଗା ବେଳାଭୂମିଠାରୁ ଇକୋ ରିଟ୍ରିଟ୍ ପର୍ଯ୍ୟନ୍ତ ଏକ ବେଳାଭୂମି ପଦଯାତ୍ରା ଓ ସ୍ୱଚ୍ଛତା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଜ୍ୟୋତିରାଜ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋଣାର୍କ ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଡି. ମାଲେଶ୍ୱର ରାଓ, ମୁଖ୍ୟବକ୍ତା ଆୟୁଷ ଡା. ବିଧୁଭୂଷଣ ନାୟକ, ସମ୍ମାନିତ ଅତିଥି କୋଣାର୍କ ଥାନାଧିକାରୀ ରଞ୍ଜନ ମଲ୍ଲିକ, ଚନ୍ଦ୍ରଭାଗା ସାମୁଦ୍ରିକ ଥାନାଧିକାରୀ ନୀଳିମା ପଟ୍ଟନାୟକ, ଅଗ୍ନିଶମ ଅଧିକାରୀ ଜ୍ୟୋତିପ୍ରକାଶ ରଥ, ପଦ୍ମଚରଣ ବେଉରା, ମଧୁସୂଦନ ପ୍ରଧାନ ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅଧିକାରୀ ଲ୍ୟୁଟନାଣ୍ଟ ବିନୟଭୂଷଣ ମହାନ୍ତି ପ୍ରମୁଖ ଯୋଗଦେଇ ପଦଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସ୍ୱଚ୍ଛତା ହିଁ ଜୀବନ। ବେଳାଭୂମି ସ୍ୱଚ୍ଛତା ରହିଲେ ସାମୁଦ୍ରିକ ଜୀବଜନ୍ତୁ ସୁରକ୍ଷିତ ରହିବା ସହ ସୁସ୍ଥ ଓ ନିରୋଗ ପରିବେଶ ସୃଷ୍ଟି ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ଓ ସାମାଜିକ ଅନୁଷ୍ଠାନର ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ସଂଘର ମୁଖ୍ୟ ଉପଦେଷ୍ଟା ମାନସ ରଞ୍ଜନ ପାତ୍ର, ରାଜେଶ ମହାନ୍ତି, ଅକ୍ଷୟ ନାୟକ, ସମ୍ପାଦକ ମନୋରଞ୍ଜନ ପଣ୍ଡା, ଉପସଭାପତି ଭାଗୀରଥୀ ସ୍ୱାଇଁ, ପ୍ରଦୀପ ଛାଟୋଇ ସୁକାନ୍ତ ବିଶ୍ୱାଳ, ଗଣେଶ ବେହେରା, ପ୍ରମୋଦ ଗୋଛାୟତ, ପ୍ରତାପ କାଣ୍ଡି ପ୍ରମୁଖ ପରିଚାଳନା କରିଥିବା ବେଳେ ସବୁଜ ବାହିନୀର ସଂଯୋଜକ ରାମକୃଷ୍ଣ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଆଞ୍ଚଳିକ ଦଳ ସୃଷ୍ଟିର ଆବଶ୍ୟକତା ଜରୁରୀ

ବ୍ରହ୍ମଗିରି/ସାକ୍ଷୀଗୋପାଳ, ୨୬।୧୨(ଡି.ଏନ୍.ଏ.)

ନିଜ ରାଜ୍ୟର କୃଷକ, ବେକାରି ଓ ଦାରିଦ୍ରତା ଦୂର କରିବା ପାଇଁ ଆଞ୍ଚଳିକ ଦଳର ଆବଶ୍ୟକତା ରହିଛି। ଯେପରି ୧୯୩୬ ରେ ଭାଷାଭିତ୍ତିରେ ଓଡ଼ିଶା ପ୍ରଦେଶ ଗଠନ ଯେପରି ଐତିହାସିକ ଆବଶ୍ୟକତା ଥିଲା। ସେହିପରି ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥର ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରିବା ପାଇଁ ଆଞ୍ଚଳିକ ଦଳର ଆବଶ୍ୟକତା ରହିଥିଲା। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଜନତା ଦଳର ନେତୃତ୍ୱ ନେଇ ଆଜିକୁ ୨୪ ବର୍ଷରେ ପଦାର୍ପଣ କରିଛନ୍ତି ବୋଲି ଶନିବାର ବିଜେଡି ପ୍ରତିଷ୍ଠା ଦିବସ ପାଳନ ଅବସରରେ ବ୍ରହ୍ମଗିରି ବସଷ୍ଟାଣ୍ଡରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସ ବର୍ମା ଜନସାଧାରଣଙ୍କ ଉଦ୍ଦେଶ୍ୟରେ କହିଥିଲେ। ପରେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ସଭାରେ ଅନ୍ୟାନ୍ୟ ଅତିଥିଭାବେ ପୁରୀ ବିଜେଡି ଉପସଭାପତି ସୁର ପ୍ରସାଦ ମହାନ୍ତି, ବ୍ରହ୍ମଗିରି ସଭାପତି ବିଦ୍ୟାଧର ସ୍ୱାଇଁ, ଜିଲା ପରିଷଦ ସଭ୍ୟ କୈଳାସ ପରିଡା, ବିରଞ୍ଚି ଦାସ, ନଳିନୀ ପ୍ରଭା ବରାଳ, ସରପଞ୍ଚ ମଧୁସ୍ମିତା ସାହୁ, ସୁର ମଲ୍ଲିକ, ସଞ୍ଜୟ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସତ୍ୟବାଦୀର ପାନ୍ଥଶାଳାରେ ସତ୍ୟବାଦୀ ବିଜେଡି ସଭାପତି ପ୍ରମୋଦ ରାଉତରାୟଙ୍କ ସଭାପତିତ୍ୱରେ ପ୍ରତିଷ୍ଠା ଦିବସ ପାଳନ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ ୨୦୨୧ ସତ୍ୟବାଦୀ ବିକାଶର ବର୍ଷ ହେବ ବୋଲି କହିଥିଲେ। ଏଥିରେ ଜିଲା ଉପସଭାପତି ରାମଚନ୍ଦ୍ର ମହାନ୍ତି, ସତ୍ୟବାଦୀ ଓ କଣାସ ବ୍ଲକ ଚେୟାରମ୍ୟାନ ସସ୍ମିତା ପ୍ରଧାନ ଓ ସାଗର ବେହେରା, ଜିଲା ପରିଷଦ ସଭ୍ୟ ପ୍ରହଲ୍ଲାଦ ଘଟୁଆରୀ, ସୁନୀଲ ପଣ୍ଡା, ଜିଲା ସମ୍ପାଦକ ଦେବାଶିଷ ରାୟ, କନକଲତା ପଣ୍ଡା, ସତ୍ୟବାଦୀ ବାର ଆସୋସିଏଶନ ସଭାପତି ପ୍ରଶାନ୍ତ ନନ୍ଦ, ବିଜେଡି ଜିଲା ସାଧାରଣ ସମ୍ପାଦକ ଲିଙ୍ଗରାଜ ସ୍ୱାଇଁ, କଣାସ ବ୍ଲକ ଆମ୍ବ କମିଟି ଅଧ୍ୟକ୍ଷ ସଞ୍ଜୟ ଭୋଳ, ଯମୁନା ଦେଇ,ପ୍ରଭାସିନ ମିଶ୍ର, ଉଲ୍ଲାସ ସମାନ୍ତରାୟ ପ୍ରମୁଖ ସାମିଲ ଥିଲେ।

## ନାରୀ ସଶକ୍ତୀକରଣରେ ମୁଖ୍ୟମନ୍ତ୍ରୀଙ୍କ ଭୂମିକା ଉଲ୍ଲେଖନୀୟ




ବିଜେଡି ପ୍ରତିଷ୍ଠା ଦିବସ ଅବସରରେ ଦଳ ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରାଯାଉଛି ।

ପୁରୀ ଅଫିସ,୨୬।୧୨:

ବିଜୁ ଜନତା ଦଳ(ବିଜେଡି)ର ୨୪ତମ ପ୍ରତିଷ୍ଠା ଦିବସ ପୁରୀ କାର୍ଯ୍ୟାଳୟରେ ପାଳିତ ହୋଇଛି। ଏହି ଅବସରରେ ଏକ ବୈଠକ କରାଯାଇ ବିଜୁପଟ୍ଟନାୟକଙ୍କର ରାଜ୍ୟ ପ୍ରତିଥିବା ଅବଦାନ ଓ ମହାନତା ସମ୍ପର୍କରେ ଆଲୋକପାତ କରାଯାଇଛି। ବିଜେଡି କିଭଳି ଏକ ଆଞ୍ଚଳିକ ଦଳ ଭାବେ ସାରା ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ସେନେଇ ଆଲୋଚନା ହୋଇଥିଲା। ନାରୀ ସଶକ୍ତୀକରଣ କ୍ଷେତ୍ରରେ ନବୀନ ପଟ୍ଟନାୟକଙ୍କ ଭୂମିକାକୁ ଉଲ୍ଲେଖନୀୟ ବୋଲି ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲା ସଭାପତି ମହେଶ୍ୱର ମହାନ୍ତି କହିଛନ୍ତି। ତେବେ ବୈଠକ ଆରମ୍ଭରୁ ପ୍ରଦୀପ ପ୍ରଜ୍ୱଳନ କରାଯାଇ ବିଜୁ ବାବୁଙ୍କ ଫଟୋରେ ମାଲ୍ୟାର୍ପଣ ହୋଇଥିଲା। ପୁରୀ ସଦର ସଭାପତି ସବ୍ୟସାଚୀ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଶାନ୍ତିଲତା ପ୍ରଦାନ, ଭକ୍ତ ଚରଣ ଦାସ ଓ କୃଷ୍ଣଚରଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଦଳ ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରାଯାଉଛି । ବିଜେଡି ମୋ ପରିବାର ତରଫରୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଡ଼ିଶା ମୋ ପରିବାର ଜିଲା ସଂଯୋଜକ ତଥା ରାଜ୍ୟ ଯୁବ ବିଜେଡି ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଛି। ଶିବିରରେ ୧୦୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। କାର୍ଯ୍ୟକ୍ରମକୁ ରାଜ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ପଣ୍ଡା ଓ ଜିଲା ସଭାପତି ମହେଶ୍ୱର ମହାନ୍ତି ଉଦ୍‌ଘାଟନ କରିଥିବା ବେଳେ ପୂର୍ବତନ ନଗରପାଳ ସୁରେନ୍ଦ୍ର ଦାସ, ଗୌରହରି ପ୍ରଧାନ, ଭକ୍ତଚରଣ ଦାସ, ଭଗବାନ ପଡ଼ିଆରୀ ପ୍ରମୁଖ ଉପସ୍ଥିତ ଥିଲେ।